
# ବେଦାନ୍ତା

Spreading Knowledge Amongst Mankind....

ଅଗଷ୍ଟ-୨୦୧୮ AUGUST - 2018



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ଭାରତ ବିଭିନ୍ନତାର ଦେଶ। ବହୁ ପୁରାତନ କାଳରୁ ବିଭିନ୍ନ ଧର୍ମ, ସଂପ୍ରଦାୟ, ଜାତି ଓ ସଂସ୍କୃତିର ଲୋକ ଏଠାରେ ମିଳିମିଶି ବାସ କରୁଛନ୍ତି। ସହନଶୀଳତା ଭାରତୀୟ ସଂସ୍କୃତି ଓ ପରମ୍ପରାର ସ୍ୱଭାବଗତ ଚରିତ୍ର। ଯଦିଓ ଅତୀତରେ ଭାରତର ରାଜନୈତିକ ଏକତା ନଥିଲା, ତଥାପି ଏହାର ସାଂସ୍କୃତିକ ଓ ଭାବଗତ ଏକତା ସର୍ବଦା ରହିଥିଲା। ଇଂରେଜ ଶାସନ କାଳରେ ଭାରତ ରାଜନୈତିକ ଏକତା ଲାଭକଲା । କିନ୍ତୁ ବିଦେଶୀ ଶାସକ ଆମକୁ ଭାଗ ଭାଗ କରି ଶାସନ କରିବା ନୀତିରେ ଦୃଢ ଥିଲେ। ସେମାନେ ଯଦିଓ ଦେଶର ଭୌଗଳିକ ଏକତା ଆଣିଲେ, ତଥାପି ବିଭିନ୍ନ ସଂପ୍ରଦାୟ ଓ ରାଜ୍ୟର ଲୋକମାନଙ୍କ ମଧ୍ୟରେ ବିଭିନ୍ନତାର ମଞ୍ଜି ବୁଣିଦେଲେ। ଲୋକମାନଙ୍କ ମଧ୍ୟରେ ସ୍ୱତନ୍ତ୍ରତାର ମନୋବୃତ୍ତି ସୃଷ୍ଟି କଲେ। ଧର୍ମୀୟ ମନୋଭାବକୁ ଉଷକାଇବା ଥିଲା ସେମାନଙ୍କର କାମ। ଏହି ଭେଦ ବୁଦ୍ଧି ପ୍ରୟୋଗ କରି ଇଂରେଜମାନେ ଭାରତକୁ ଦୁଇଟି ଦେଶରେ ବିଭକ୍ତ କରିଦେଲେ। ସ୍ୱାଧୀନତା ପରେ ଭାରତ ଧର୍ମ ନିରପେକ୍ଷ ନୀତି ଗ୍ରହଣ କଲା।

ଭାରତ ସ୍ୱାଧୀନ ହେବାବେଳେ ଭାରତରେ ୫୨୦ଟି ରାଜ୍ୟ ଥିଲା। ଯେଉଁ ରାଜ୍ୟଗୁଡିକ ସ୍ଥାନୀୟ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା, ଇଂରେଜମାନେ ସେଗୁଡିକୁ ସ୍ୱାଧୀନ ବୋଲି ଘୋଷଣା କଲେ। କିନ୍ତୁ ସର୍ଦ୍ଦାର ପଟେଲଙ୍କ ବିଜ୍ଞନୀତି ଫଳରେ ସେ ରାଜ୍ୟଗୁଡିକ ଭାରତରେ ମିଶିଗଲେ। କାଶ୍ମୀରଠାରୁ କନ୍ୟାକୁମାରୀ ଏବଂ ଗୁଜୁରାଟ ଠାରୁ ଆସାମ ପର୍ଯ୍ୟନ୍ତ ଭାରତ ବର୍ତ୍ତମାନ ରାଜନୈତିକ ଓ ଭୌଗଳିକ ଦୃଷ୍ଟିରୁ ଏକ ହୋଇ ପାରିଛି।

ଏପରି ରାଜନୈତିକ ଏକତା ସତ୍ତ୍ୱେ ବେଳକୁ ବେଳ ଭାରତରେ ବିଚ୍ଛିନ୍ନତାବାଦୀ ଶକ୍ତିମାନେ ମୁଣ୍ଡ ଟେକୁଥିବାର ଆମେ ଦେଖିବାକୁ ପାଉଛେ। ଏହି ଜାତୀୟତା ବିରୋଧୀ ଶକ୍ତିମାନେ

ଦେଶର ଏକତାକୁ ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି । ସେମାନେ ଦେଶରେ ଅରାଜକତା ସୃଷ୍ଟି ଦିଗରେ ପାରଙ୍ଗମ । ଦେଶ ସ୍ୱାଧୀନ ହେବାପରେ ଆମେ ବହୁ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛେ । ଦେଶର ସ୍ୱାଧୀନତା ରକ୍ଷା ପାଇଁ ପାଞ୍ଚଟା ଯୁଦ୍ଧ ଲଢିଛେ । ଭାରତ ତାର ସ୍ୱାଧୀନତା ପ୍ରତି ଏ ସମସ୍ତ ବିପଦ ଅତିକ୍ରମ କରିଯାଇଛି । କିନ୍ତୁ ଏବେ ମଧ୍ୟ ଜାତୀୟ ସଂହତି ପଥରେ ବହୁ ପ୍ରତିବନ୍ଧକ ରହିଛି । ଭାବଗତ ସଂହତି ଓ ଜାତୀୟ ସଂହତି ଆଜି ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ ।

ଭାରତର ଜାତୀୟ ସଂହତି ପଥରେ ବହୁତ ପ୍ରତିବନ୍ଧକ ରହିଛି । ସାଂପ୍ରଦାୟିକତା, ଗୋଷ୍ଠୀବାଦ, ପ୍ରାଦେଶିକତା, ଭାଷାବାଦ ଓ ଜାତିପ୍ରଥା ସେଥିମଧ୍ୟରୁ କେତେକ । ଭାରତର ଏକତା ରକ୍ଷା କରିବାପାଇଁ ଏସବୁ ପ୍ରତିବନ୍ଧକ ଗୁଡିକୁ ଦୂର କରିବା ଉଚିତ୍ । ଅବଶ୍ୟ ଭାରତ ଏପର୍ଯ୍ୟନ୍ତ ତାର ଏକତା ଅକ୍ଷୂର୍ଣ୍ଣ ରଖିଛି । ଆମେ ନିଜକୁ ଭାରତୀୟ ବୋଲି ମନେକରିବା ଉଚିତ୍ । ଜାତିଆଣ ମନୋଭାବ ଓ ଭାଷାବାଦ ଇତ୍ୟାଦି ସମସ୍ୟାଗୁଡିକର ସମାଧାନ ଦିଗରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ । ଜାତୀୟ ସଂହତି ପାଇଁ ଆମେ ସାଂପ୍ରଦାୟିକ ଓ ବିଚ୍ଛିନ୍ନତାବାଦୀ ଦୃଷ୍ଟିଭଙ୍ଗୀ ପରିତ୍ୟାଗ କରିବା ଉଚିତ୍ । ସାମାଜିକ ନ୍ୟାୟ ସହିତ ସମସ୍ତଙ୍କୁ ଅର୍ଥନୈତିକ ନ୍ୟାୟ ମଧ୍ୟ ଦିଆଯିବା ଉଚିତ୍ । ଏହି ଉପାୟରେ ଆମେ ଶକ୍ତିଶାଳୀ ଓ ଅଖଣ୍ଡ ଭାରତର ମୂଳଦୁଆ ପକାଇପାରିବା ।

ଭାରତୀୟ ସଂସ୍କୃତିର ପତାକା ସମଗ୍ର ବିଶ୍ୱରେ ଉଡୁଥିଲା । ଏହା ନିର୍ଭଟ ସତ୍ୟ । ଏହାର ମୁଖ୍ୟ କାରଣ ଥିଲା ଏହି ଦେଶର ଲୋକ ସତ୍ୟ, ନ୍ୟାୟ, ଏବଂ ପ୍ରେମ ପ୍ରତି ନିଷ୍ଠାବାନ ଥିଲେ । ସେମାନେ ସଚ୍ଚୋଟତାକୁ ଭଗବାନ ବୋଲି ମାନୁଥିଲେ ଏବଂ ନିଜ ଝାଳବୁହା ଧନକୁ ଖର୍ଚ୍ଚକରି ସନ୍ତୁଷ୍ଟ ରହୁଥିଲେ । ଏହାର ଉଦାହରଣ ଅନେକ । ଏମିତି ଏକ ପ୍ରେରଣାପ୍ରଦ ପ୍ରସଙ୍ଗରେ ଭାରତର ଏକତା, ଐତିହ୍ୟ ଜୀବନ୍ତ ହୋଇପଡେ ।

ତକ୍ଷଶିଳା ଜିତିବା ପରେ ବାଦଶାହ ସିକନ୍ଦର ଏତେ କ୍ଳାନ୍ତ ହୋଇ ପଡିଥିଲେ ଯେ ସେ କିଛିଦିନ ପର୍ଯ୍ୟନ୍ତ ଆଗକୁ ଯାତ୍ରା କରିପାରି ନଥିଲେ । ବିଶ୍ରାମ ପାଇଁ ସେ ସେଠାରେ କିଛିଦିନ ଅଟକି ଗଲେ । ସିକନ୍ଦର ପୃଥିବୀର ସବୁଠାରୁ ବଡ ଲୁଣ୍ଠନକାରୀ ଥିଲେ ଏକଥା କିଏ ବା ନଜାଣେ । ଭାରତକୁ ସୁନାର ଚଢେଇ ବୋଲି କୁହାଯାଉଥିଲା । ସେତେବେଳେ ସମୃଦ୍ଧ ଭାରତକୁ ଲୁଣ୍ଠନ କରିବାକୁ ବହୁ ବିଦେଶୀ ଆକ୍ରମଣକାରୀମାନେ ଆକ୍ରମଣ କରୁଥିଲେ ।

ସିକନ୍ଦର ଭାରତକୁ ଶାସନ କରିବାକୁ ଚାହୁଁଥିଲେ । ଭାରତର ଲୋକଙ୍କ ମହାନତା ବିଷୟରେ ଜାଣିବା ଏବଂ ଭାରତ ଦର୍ଶନ କରିବା ପାଇଁ ତାଙ୍କର ଇଚ୍ଛା ଥିଲା ।

ସର୍ବଦା କ୍ରିୟାଶୀଳ ଥିବା ବାହାଦୂର ସିକନ୍ଦର ଚୁପଚାପ୍ ବସିପାରି ନଥିଲେ । ଭାରତବାସୀଙ୍କର ଜୀବନ ଦର୍ଶନର ଦୃଶ୍ୟ ଦେଖିବା ପାଇଁ ଦିନେ ଗୋପନରେ ଛଦ୍ମ ବେଶରେ ଗୋଟିଏ ଗ୍ରାମରେ ଯାଇ ପହଞ୍ଚିଲେ । ସେହିଦିନ ଗ୍ରାମର ଚଉପାଢୀରେ ଗୋଟିଏ ସଭା ବସିଥିଲା । ଅନେକ ଗ୍ରାମୀଣ କୃଷକ ସେହି ସଭାରେ ଏକତ୍ରିତ ହୋଇଥିଲେ । ଜଣେ ଲୋକ ଠିଆହୋଇ କହୁଥିଲା – ମୁଁ ଗ୍ରାମ ପଞ୍ଚାୟତର ପଞ୍ଚ ଏବଂ ପ୍ରଧାନ ପଞ୍ଚଙ୍କ ସମ୍ମୁଖରେ ଶପଥ ପୂର୍ବକ କହୁଛି, ଯେ ସେହି ସ୍ୱର୍ଣ୍ଣ କଳସ ମୋର ନୁହେଁ, ମୋର ଏହା ଉପରେ କୌଣସି ଅଧିକାର ନାହିଁ । ମୁଁ ତ ମୋର ଜମି ଏହି ପ୍ରତିବାଦୀଙ୍କୁ ବିକ୍ରୀ କରିଦେଇଛି ଏବଂ ସେଥିପାଇଁ ମୋର ଉଚତ୍ ମୂଲ୍ୟ ମଧ୍ୟ ମୁଁ ନେଇ ସାରିଛି । ତେଣୁ ସେହି ସ୍ୱର୍ଣ୍ଣ କଳସ ମୋ ପ୍ରତିବାଦୀଙ୍କର । ସିକନ୍ଦର ଏହି ରୋଚକ ପ୍ରସଙ୍ଗର ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ କୌତୁହଳ ବଶତଃ ସେହି ପଞ୍ଚାୟତରେ ଚୁପଚାପ ବସିଗଲେ । ସେ ଜାଣିବାକୁ ଚାହୁଁଥିଲେ ଯେ ଭାରତୀୟମାନଙ୍କ ମଧ୍ୟରେ ନ୍ୟାୟ କପରି ହୁଏ ।

ଦ୍ୱିତୀୟ ବ୍ୟକ୍ତି ଜଣଙ୍କ ଉଠି ଠିଆ ହେବାରୁ ସରପଞ୍ଚ ପଚାରିଲେ – "ଶ୍ରୀମାନ, ଆପଣ କଣ କହିବାକୁ ଚାହୁଁଛନ୍ତି ?" ବ୍ୟକ୍ତି ଜଣକ ବିନୟ ପୂର୍ବକ କହିଲା – ପଞ୍ଚାୟତର ପଞ୍ଚପରମେଶ୍ୱର ଧ୍ୟାନପୂର୍ବକ ମୋ କଥା ଶୁଣନ୍ତୁ ଏବଂ ଦୟାକରି ରାୟ ଦିଅନ୍ତୁ । ମୁଁ ଏହି ଜମି ମୋର ପ୍ରତିବାଦୀଙ୍କଠାରୁ କିଣିଅଛି ଏବଂ ତାହାକୁ ହଳ କରିବା ସମୟରେ ଜମି ଭିତରୁ ଲଙ୍ଗଳ ଫାଳରେ ଲାଗି ସ୍ୱର୍ଣ୍ଣମୁଦ୍ରାର ଏହି କଳସ ମୋତେ ମିଳିଲା । ମୁଁ ତ କେବଳ ଜମି କିଣିଥିଲି । ଏହି ସ୍ୱର୍ଣ୍ଣମୁଦ୍ରାକୁ ନୁହେଁ । ତେଣୁ ଏହା ମୋର ନୁହେଁ, ତାଙ୍କର । ମୁଁ ଏହି ପ୍ରାପ୍ତ ଧନ ଗ୍ରହଣ କରିବି ନାହିଁ । ଜମି ଭିତରେ ଲୁଚ ରହିଥିବା ବସ୍ତୁ ଉପରେ ମୋର କୌଣସି ଅଧିକାର ନାହିଁ ।

ଏହା ଶୁଣି ସିକନ୍ଦରଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଚାହାଁକଲେ ଦେଖିବା ପଞ୍ଚାୟତ କଣ ରାୟ ଦେଉଛି । ସେ ଦେଖିଲେ ଦୁଇଜଣଯାକ କୃଷକ ନିଜ ନିଜ ବାକ୍ୟରେ ଅଟଳ ଥିଲେ । ଏହି ଅଭିଯୋଗର ସମାଧାନ ଗ୍ରାମବାସୀମାନେ ମଧ୍ୟ ଉତ୍ସାହର ସହ ଦେଖୁଥିଲେ । ପଞ୍ଚାୟତ ପରସ୍ପର ବିଚାର କଲେ ଏବଂ ରାୟ ଦେଲେ । ଉଭୟ ବାଦୀ ଏବଂ

ପ୍ରତିବାଦୀ କେହିହେଲେ ଏହି ସ୍ୱର୍ଣ୍ଣମୁଦ୍ରାକୁ ନେବାପଇଁ ପ୍ରସ୍ତୁତ ନୁହନ୍ତି । ସେତେବେଳେ ଏହି ସମ୍ପତ୍ତି ସମଗ୍ର ଗ୍ରାମର । ଏହି ଅର୍ଥରେ ଏକ ଗୁରୁକୁଳ, ଅନାଥାଶ୍ରମ ଖୋଲିଦିଆଯିବ ଏବଂ ଯେ ପର୍ଯ୍ୟନ୍ତ ଏହା ସ୍ଥାପିତ ନ ହୋଇ ତାହାର କାର୍ଯ୍ୟକର୍ତ୍ତା ସ୍ଥିର ହୋଇନାହାନ୍ତି, ସେ ପର୍ଯ୍ୟନ୍ତ ତାହାର ସମସ୍ତ ବ୍ୟବସ୍ଥା ସେହି ଦୁଇଜଣ କୃଷକ ଦେଖିବେ । ଏହି ରାୟରେ ଉଭୟ କୃଷକ ସନ୍ତୁଷ୍ଟ ହେବା ସହିତ ସମଗ୍ର ଗ୍ରାମର ସନ୍ତୁଷ୍ଟି ଏବଂ ଉନ୍ନତି ପରିଲକ୍ଷିତ ହେଲା । ସିକନ୍ଦର ଭାବିଲେ ଯେଉଁ ଦେଶରେ ଲୋକମାନଙ୍କର ଧନ ପ୍ରତି ଆଦୌ ମୋହ ନାହିଁ, ଯେଉଁଠାରେ ପଞ୍ଚାୟତ ର ଲୋକମାନେ ସେବାକୁ ନ୍ୟାୟ ବୋଲି ଭାବନ୍ତି ସେପରି ନାଗରିକମାନଙ୍କର ସଚ୍ଚୋଟତା ଏବଂ ଧର୍ମକୁ କେହି ଏଡାଇ ଦେଇ ପାରିବେ ନାହିଁ । ଏହି ଘଟଣାରେ ପ୍ରଭାବିତ ହୋଇ ସିକନ୍ଦର ଭାରତ ଆକ୍ରମଣ କରିବାର ଆଶା ଛାଡିଦେଲେ ଏବଂ ଦ୍ୱିତୀୟ ଥର ପାଇଁ ଆକ୍ରମଣ ଏବଂ ଲୁଣ୍ଠନ କରିନଥିଲେ ।

ପ୍ରାଚୀନ ଭାରତ ଯେଉଁଠାରେ ଅନ୍ନ, ଧନ ଏବଂ ବିବିଧ ଭୌତିକ ସମ୍ପତ୍ତିର ଭଣ୍ଡାର ଥିଲା, ସେଥାରେ ଦିବ୍ୟ ନବରତ୍ନ ରୂପେ ଦେବମାନବଙ୍କ ସଂଖ୍ୟା ମଧ୍ୟ କେବେ କମ୍ ନଥିଲା । ଏଠାରେ ଘରେ ଘରେ ରତ୍ନମାନଙ୍କର ଖଣିଥିଲା । ପ୍ରତ୍ୟେକ ବର୍ଗରେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ଗୁଣବାନ, ବିଦ୍ୱାନ, ଆତ୍ମଜୟୀ, ବୀର ଯୋଦ୍ଧା ଭରି ରହିଥିଲେ । ଯେଉଁମାନଙ୍କର ଗୌରବଶାଳୀ ଅସ୍ତିତ୍ୱ ଦ୍ୱାରା ଭାରତମାତାଙ୍କ କୀର୍ତ୍ତି ଧ୍ୱଜା ଦଶଦିଗରେ ଉଡୁଥିଲା । ସେମାନଙ୍କର ଯଶ ଦ୍ୱାରା ଏବଂ ଭାରତର ଗୌରବ ଗାରିମା ସମ୍ମୁଖରେ ସମଗ୍ର ବିଶ୍ୱ ନତମସ୍ତକ ହେଉଥିଲା ।

ମନୁଷ୍ୟ ଜୀବନରେ ସୁଖ ଦୁଃଖ, ଏହିପରି କେତେକ ବିପରୀତ ପରିସ୍ଥିତି କେବେବି ଆସିପାରେ । ଯେପରି ରାତି ଏବଂ ଦିନ, ସମୟର ଦୁଇଟି ପାର୍ଶ୍ୱ, ସେହିପରି ସମ୍ପଦ ଏବଂ ବିପଦ, ସୁଖ ଏବଂ ଦୁଃଖ, ଜୀବନର ସତ୍ୟ, ଉଭୟ ପାଇଁ ମନୁଷ୍ୟକୁ ଧୈର୍ଯ୍ୟପୂର୍ବକ ପ୍ରସ୍ତୁତ ରହିବା ଉଚତ୍ । ସମ୍ପତ୍ତି ପାଇଁ ଗର୍ବରେ ଛାତି ଫୁଲାଇବା ଉଚତ୍ ନୁହେଁ । କଠିନ ସମୟରେ ମନୁଷ୍ୟର ସର୍ବଦା ଚାରିଟି ସାଥୀ ଥାଆନ୍ତି – ବିବେକ, ଧୈର୍ଯ୍ୟ, ସାହସ ଏବଂ ପ୍ରଯତ୍ନ । ଏହି ଚାରିସାଥୀକୁ ଧରି ରଖିଲେ ଖରାପ ସମୟ ଧୀରେ ଧୀରେ ଚାଲିଯାଏ ।

ସୁଖ ଏବଂ ଦୁଃଖ, ଉନ୍ନତି ଏବଂ ଅବନତି, ଉତଥାନ ଏବଂ ପତନର ଏକମାତ୍ର କାରଣ ହେଉଛି ମନୁଷ୍ୟର କର୍ମ । ଏହି କର୍ମରୂପୀ ବୃକ୍ଷର ଆଧାର ହେଉଛି ତାହାର ବିଚାରରୂପୀ

ବୀଜ । କର୍ମର ମୂଳ ଇଚ୍ଛାଯୁକ୍ତ ବିଚ୍ଚାର ବୋଲି ଗ୍ରହଣ କରାଯାଏ । ମନୁଷ୍ୟର ଆଶା, ଆକାଂକ୍ଷା ଅନୁରୂପ ଚିନ୍ତା ଶକ୍ତିର ଉତଥାନ ହୁଏ । ଏବଂ କର୍ମ ମଧ୍ୟ ସେହି ଅନୁସାରେ ସାଧନ ହୋଇଥାଏ । ଯେପରି କର୍ମ ଫଳ ମଧ୍ୟ ସେହି ଅନୁରୂପ । ଏକ ସମୟର ବୀଜ ଅନ୍ୟ ସମୟରେ ବିଶାଳ ବୃକ୍ଷ ହୋଇ ଆମ ସମ୍ମୁଖରେ ଦେଖାଦିଏ । ସେହିପରି ମନୁଷ୍ୟର ବିଚ୍ଚାର ଅନ୍ୟ ସମୟରେ କର୍ମ ଏବଂ ସେଥିରୁ ଉତ୍ପନ୍ନ ହେଉଥିବା ଭଲ- ମନ୍ଦ ଫଳରୂପେ ଆମକୁ ମିଳେ ।

ଭାରତୀୟ ସଂସ୍କୃତି ଖୁବ୍ ଉଦାର । ନିଜ ଦେଶରେ ଯେତେ ପ୍ରକାର ବିଚ୍ଚାରଧାରା ରହିଛି, ତାହାକୁ ସ୍ୱୀକାର କରିବା ଭାରତୀୟ ସଂସ୍କୃତିର ନିଜସ୍ୱ ଲକ୍ଷଣ । ବାହାରୁ ଆସିଥିବା ଅନେକ ବିଚ୍ଚାରଧାରାକୁ ମଧ୍ୟ ଭାରତୀୟ ସଂସ୍କୃତି ନିଜ ଭିତରେ ସହଜ ଭାବରେ ଗ୍ରହଣ କରିନିଏ । ଅନେକତା ମଧ୍ୟରେ ଏକତାର ସନ୍ଦେଶ ଭାରତୀୟ ସଂସ୍କୃତି ଯୁଗେ ଯୁଗେ ଦେଇ ଆସିଛି । ସମସ୍ତ ବିଚ୍ଚାର, ମତ, ଏବଂ ଧର୍ମର ଅଭିବୃଦ୍ଧି ପାଇଁ ଏଠାରେ ପୂର୍ଣ୍ଣ ଅବସର ରହିଛି ।

ଆଜିର ଯୁବା ପିଢ଼ି ମଧ୍ୟରେ ଉତକୃଷ୍ଟ ବିଚ୍ଚାର ସୃଷ୍ଟି ହେବା ସହିତ କୌଣସି ଉତ୍ତମ କାର୍ଯ୍ୟକ୍ରମ ଗ୍ରହଣ କରିବାର ଉତ୍ସାହ ବଢ଼ିବା ଉଚିତ୍ । ଏହାଦ୍ୱାରା ସ୍ଥାନୀୟ ନେତୃତ୍ୱ ଭାବନା ଜାଗ୍ରତ ହେବ ତଥା ସେମାନେ ରାଷ୍ଟ୍ରବ୍ୟାପୀ ସୁଧାର କାର୍ଯ୍ୟକ୍ରମର ନେତୃତ୍ୱ ନେଇପାରିବେ । ନିଜ ଗ୍ରାମ ଏବଂ ନଗରର ଉନ୍ନତି ସହିତ ଏଥିରୁ ଅନେକ ଲୋକଙ୍କୁ ମାର୍ଗଦର୍ଶନ ଏବଂ ପ୍ରେରଣା ମିଳିବ । ଆମେ ଭାବିବା ଉଚିତ୍ ଯେ ନୂତନ ବିକାଶର ଆଲୋକ ଆମର ଆଖପାଖରେ ବିସ୍ତାର ଲାଭ କରୁ ଏବଂ ସମଗ୍ର ଦେଶ ଦୁନିଆରେ ବ୍ୟାପିଯାଉ, ଏହାହିଁ ଏକ ସାର୍ଥକ ବିଚ୍ଚାର ।

ସ୍ୱାଧୀନତା ଦିବସ ଅବସରରେ ସମସ୍ତ ପାଠକବନ୍ଧୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

ଜୟ ଉତ୍କଳ, ଜୟ ଓଡିଶାବାସୀ

ମମତା ଦାଶ

# ଭିତର ପୃଷ୍ଠାରେ....


| | | |
|---|---|---|
| ଓଡିଆ ଶାସ୍ତ୍ରୀୟ ଭାଷା ଓ ସାହିତ୍ୟ ବିକାଶ ଯୋଜନା – ଏକ ଦୃଷ୍ଟିପାତ | ବରଦା ପ୍ରସନ୍ନ ଦାସ | ୧୧ |
| ମାଟି ମନ୍ଦାକିନୀ | ପ୍ରତିଭା ପ୍ରିୟଦର୍ଶିନୀ | ୨୫ |
| ଦେବସ୍ନାନ ପୂର୍ଣ୍ଣିମା | ଲିନା ମହାନ୍ତି | ୨୭ |
| ଆମେ କଣ ସତରେ ସ୍ୱାଧୀନ? | ନୃସିଂହ ଚରଣ ବେହେରା | ୨୮ |
| ନାଲି ଫ୍ରକ | ସୁବଳ ମହାପାତ୍ର | ୩୦ |
| କବିତା | ଭାସ୍କର ଚନ୍ଦ୍ର ଖଣ୍ଡା | ୩୭ |
| ବିଦାୟ | ସାଗରିକା ମହାନ୍ତି | ୩୮ |
| ମୁହୂର୍ତ୍ତ ର ସ୍ୱପ୍ନ | ସିପ୍ରା ନାମତା ( ନମ୍ରତା) | ୩୯ |
| ମହାଶାଳ ଗଛ ( ଶିମିଳିପାଳ ଜଙ୍ଗଲ) | ଅଶୋକ ବିଶ୍ୱାଳ | ୪୧ |
| ଜୀଇଁଯିବା ଆସ ମୂହୂର୍ତ୍ତ ସବୁକୁ | ଡ.ସୌମ୍ୟ ରଞ୍ଜନ ମିଶ୍ର | ୪୫ |
| ଅଭିମାନିନୀ | କାର୍ତ୍ତିକ ପାଣିଗ୍ରାହି | ୪୭ |
| ବ୍ୟବଧାନ | ଅନୁସୂୟା ମିଶ୍ର | ୪୯ |
| ବିଚନ୍ଦ୍ରା ମହିଳା ଆଶ୍ରମ | ଶାନ୍ତିଲତା ମିଶ୍ର | ୫୨ |
| ପହିଲି ବର୍ଷା | ଆଶୁତୋଷ ମେହେର | ୫୮ |
| ବାପା | ମଧୁଛନ୍ଦା ବେହେରା | ୫୯ |
| ସୁସ୍ୱାଗତମ | କବିତା ମହାନ୍ତି | ୬୧ |

| | | |
|---|---|---|
| ପିଲ୍ ପିଲି | ଡକ୍ଟର ବିଜ୍ଞାନୀ ଦାସ | ୭୩ |
| ଆନନ୍ଦ ସ୍ଫୁରଣ | ହିମାଂଶୁ ଶେଖର ବାରିକ୍ | ୭୪ |
| ରେଲୱେ ଷ୍ଟେସନ | ପ୍ରକାଶ ସାହୁ | ୭୬ |
| ସନ୍ତରଣ ବିଦ୍ୟା | ରାଜୀବ ଗୋପାଳ ସ୍ୱାଇଁ | ୮୧ |
| ଭିନ୍ନ ଏକ ବସୁନ୍ଧରା ପାଇଁ | ଅରୁଣ କୁମାର ପାତ୍ର | ୮୯ |
| କ୍ଷୁଦ୍ରଗଳ୍ପ- 'ଅନନ୍ତ ପ୍ରତିକ୍ଷା' | ବିନୟ ମହାପାତ୍ର | ୯୧ |
| ରଥ ଯାତରା | ଶ୍ରୀ ଡମ୍ବରୁଧର ବାଗ | ୯୬ |
| ପ୍ରେମିକା | ଶୈଳଜା ମିଶ୍ର | ୯୮ |
| କାଇଁ ତୁ କରିଦେଲୁ ପର | ସ୍ମିତା ତ୍ରିପାଠୀ | ୯୯ |
| ନଦୀର ନାଁ ନର୍ମଦା | ପ୍ରିୟବ୍ରତ ପାତ୍ର | ୧୦୨ |
| ନିରବ ସ୍ୱଭାବର ଠାକୁର | ପ୍ରଶାନ୍ତ କୁମାର ନାଥ | ୧୧୩ |
| ଜନ୍ମଦିନ ଶୁଭେଚ୍ଛା | ରାଜଶେଖର ସି. "ଚମା" | ୧୧୬ |
| ଯାଯାବର | ସରିତା ଷଡ଼ଙ୍ଗୀ ଦାଶ | ୧୧୮ |
| ବାତୁଳ | ଆଶା ସାହୁ ( ଆରତୀ) | ୧୧୯ |
| ତୁମେ ହିଁ ଠାକୁର | ବନ୍ଦିତା କର | ୧୨୪ |
| ରକ୍ଷକ | ସୌମ୍ୟ ରଞ୍ଜନ ପାଲ | ୧୨୫ |
| ସେମାନେ, ମୁଁ ଆପଣ | ସନାତନ ମହାକୁଡ | ୧୨୬ |
| ଅଷ୍ଟ୍ରିଆ - ଏକ ଅଭୁଲା ସ୍ମୃତି ( ଭ୍ରମଣ କାହାଣୀ) | ସୁଲୋଚନା ପଟ୍ଟନାୟକ | ୧୨୭ |
| ଶୂନ୍ୟତା | ବିଭୂତି ରଞ୍ଜନ ପାଣିଗ୍ରାହୀ | ୧୩୨ |
| ତୁମ ପାଇଁ | ଖଗେଶ୍ୱର ବାଗ | ୧୩୫ |
| ଆବିଷ୍କାର | ପୂର୍ଣ୍ଣଚନ୍ଦ୍ର ରଣା | ୧୩୬ |
| ଅତଏବ | ସୁଧାଂଶୁ ଦ୍ୱିବେଦୀ | ୧୩୯ |

| | | |
|---|---|---|
| ସମ୍ପର୍କ ଡୋର | ରମେଶ ଚନ୍ଦ୍ର ମଲିକ | ୧୪୩ |
| ତୋ ବିନା | ସଚ୍ଚିଦା ନନ୍ଦ ବାରିକ | ୧୪୪ |
| ଖୁସି ତମ ଅସରନ୍ତି ହସରେ | ରମ କଲତା | ୧୪୫ |
| ଅଣୁ ଗଳ୍ପ – ଦେଶୀ କୁକୁଡା ଝୋଳ | ଶଶଧର ମହାପାତ୍ର | ୧୪୬ |
| ଦୁଃଖୀ | ଜୟପ୍ରକାଶ ଦୁରିଆ( ରମଣ) | ୧୫୦ |
| ଏକାକାର | ସାଗର ପ୍ରଧାନ | ୧୫୨ |
| ନୀତି ଶିକ୍ଷା | କବି ପ୍ରସାଦ | ୧୫୩ |
| ବିଶ୍ୱାସର ଭିନ୍ନ ପାର୍ଶ୍ୱ | ଲିନା ରଣୀ ଧଳ ମଙ୍ଗରଜ | ୧୫୪ |
| ଡାକ ଡାକ ଗଲି ଥକ | ସନ୍ତୋଷ ପଟ୍ଟନାୟକ | ୧୫୬ |
| ମନର୍ ମାନସୀ | ଆର୍ତ୍ତତ୍ରାଣ ଖୁର୍ଡିଆ | ୧୫୮ |
| ଝକେର୍ ପାଏନ୍ | ଭରତ ମେହେର | ୧୬୦ |
| ଛୋଟ ମୋର ନାଆଟି ( ଧାରାବାହିକ) | ପ୍ରଫେସର ଅନନ୍ତ ପଣ୍ଡା | ୧୬୧ |
| କାଏଁଜେ | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୧୭୧ |
| ତମେ ଆଏତ କନ | ମୁରଲିଧର ଶିକା | ୧୭୨ |
| ମା ର ଆର୍ତ୍ତଚିତ୍କାର | ଶୁଭସ୍ମିତା ବେହେରା | ୧୭୪ |
| ସ୍ୱପ୍ନନାୟିକାର ଗପ | ରାଜେଶ ପୂଜାରୀ | ୧୭୫ |
| ସ୍ୱପ୍ନ | ସିପୁନୁ ଜେନା | ୧୮୨ |
| କାଲି ଭି ତୁମେ ଆଜି ଭି ତୁମେ | କନକନା ନାଗ | ୧୮୩ |
| ବାଘ ଶିକାର | ଅଶୋକ କୁମାର ସେଠୀ | ୧୮୪ |
| ଆସହେ ଅଗଷ୍ଟ ପନ୍ଦର | ଅନାମ ଚରଣ ସାହୁ | ୧୮୮ |
| ମନେପଡ | କାହ୍ନୁ ଚରଣ ସାହୁ | ୧୯୦ |

| | | |
|---|---|---|
| ମୋ ମନକଥା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୯୧ |
| ଧର୍ମ ସହିତ ବିଜ୍ଞାନର ସଂଘର୍ଷ | ବାଲ୍ମୀକ ନାୟକ | ୧୯୨ |
| ଭିକ୍ଷା ନୁହେଁ ଶିକ୍ଷା | ଏମ୍. ବିଜୟ କୁମାର | ୧୯୮ |
| ପୁସ୍ତକ ପରିଚୟ | ବେଦାନ୍ତୀ ପରିବାର | ୧୯୯ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୨୦୦ |


# ଶିଶୁ ବିଭାଗ


| | | |
|---|---|---|
| ମୋ ଦେଶ ହିନ୍ଦୁସ୍ଥାନ | ପ୍ରକାଶ ସାହୁ | ୨୦୩ |
| ରଥ ଯାତର୍ | ସତ୍ୟବ୍ରତ ସାହୁ | ୨୦୫ |
| କରିବାନ ଚଗଲ୍ମୀ | ପ୍ରଶାନ୍ତ କୁମାର ନାଥ | ୨୦୭ |
| ରଥଯାତ୍ରା କୁ ଯିବି | ପ୍ରେମଶିଲ୍ ରାଉତ | ୨୦୯ |
| ଶିଖରେ ପିଲେ ଶିଖ | ରାଜେଶ ପୂଜାରୀ | ୨୧୧ |
| କୁହୁ କୁହୁ କୋଇଲି | ରାଜଶେଖର ସି "ଚମା" | ୨୧୩ |
| ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୧୪ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୧୫ |
| ଆପଣଙ୍କ ମତାମତ | | ୨୧୬ |

# ଓଡିଆ ଶାସ୍ତ୍ରୀୟ ଭାଷା ଓ ସାହିତ୍ୟ ବିକାଶ ଯୋଜନା – ଏକ ଦୃଷ୍ଟିପାତ



ବରଦା ପ୍ରସନ୍ନ ଦାସ

"ଉଚ୍ଚ ହେବା ପାଇଁ କର ଯେବେ ଆଶା;
ଉଚ୍ଚ କର ଆଗ ନିଜ ମାତୃଭାଷା" – ସ୍ୱର୍ଗତ ଗଙ୍ଗାଧର ମେହେର

ଦେଶ ଯେପରି ଗର୍ବ କରେ ତାର ସଂସ୍କୃତି ଓ ଐତିହ୍ୟକୁ ନେଇ ସେହିପରି ଗର୍ବ କରେ ଓ ଗୌରବାନ୍ୱିତ ମନେକରେ ତାର ଜାତୀୟ ଭାଷାର ମର୍ଯ୍ୟାଦାକୁ ନେଇ । ମାତୃସ୍ତନ୍ୟ ସହିତ ଝରି ଆସିଛି ତାର ମାତୃଭାଷା, ଶିଶୁର କଥା କହିବା ଶକ୍ତି ଆସିବା ମାତ୍ରକେ ସେ ତାର ମାତୃଭାଷା କହେ ଏବଂ ମାତୃଭାଷାକୁ ହୃଦୟଙ୍ଗମ କରେ । ମାତୃଭାଷା ମାଧ୍ୟମରେ ଜଣେ ବ୍ୟକ୍ତି ଯେପରି ତାର ହୃଦୟର ଭାବକୁ ବ୍ୟକ୍ତ କରିପାରେ, ଅନ୍ୟ କୌଣସି ଭାଷାରେ ସେପରି ବ୍ୟକ୍ତ କରିପାରେ ନାହିଁ । ଜାତିର ଉନ୍ନତି ସାଧିତ ହୁଏ ତାର ମାତୃଭାଷାର ଉନ୍ନତିରେ । ପ୍ରତ୍ୟେକ ଜାତି ତାର ଭାଷା ଓ ସାହିତ୍ୟକୁ ନେଇ ଗର୍ବ କରେ ।

ସମାଜର ଅନ୍ତର୍ନିହିତ ଚେତନାକୁ ସାହିତ୍ୟ ଦ୍ୱାରା ହିଁ ପ୍ରକାଶ କରାଯାଇଥାଏ । ଅବଚେତନ ମନର ରହସ୍ୟକୁ ସାହିତ୍ୟ ଉଦଘାଟନ କରେ । ସତ୍ୟ, ଶିବ, ସୁନ୍ଦରର ବାଣିକୁ ଉଦାର କଣ୍ଠରେ ଘୋଷଣା କରେ ସାହିତ୍ୟ । ବ୍ୟକ୍ତିର ହୃଦୟରେ ସଂପ୍ରୀତି ସ୍ଥାପନ କରିବା, ପ୍ରେରଣା ଦେବା, ନ୍ୟାୟ ଓ ଅନ୍ୟାୟର ବିଚାର କରିବା, ପାପ ପୂଣ୍ୟର ବିଚାର କରିବା ପାଇଁ ସାହିତ୍ୟର ଭୂମିକା ଅନବିଦ୍ୟ । ସାହିତ୍ୟ ସମସ୍ତଙ୍କର । ସାହିତ୍ୟ ର ସମ୍ପର୍କ ମନୁଷ୍ୟର ଅନ୍ତର ସହିତ ଜଡିତ । ସାହିତ୍ୟ ଚିରନ୍ତନ । ସାହିତ୍ୟ ଉଦାର । ସାହିତ୍ୟ ସୁକୁମାର । ସାହିତ୍ୟ ସୃଷ୍ଟିକରେ ମନୁଷ୍ୟର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ଚେତନାକୁ । ସାହିତ୍ୟ ଜାଗ୍ରତ କରେ

ଅନ୍ତର୍ନିହିତ ଶକ୍ତିକୁ ଏବଂ ସାହିତ୍ୟ ପ୍ରକାଶ କରେ ଜୀବନର ଅନ୍ତର୍ନିହିତ ଭାବଧାରାକୁ । ଏହିହେତୁ ସମୟର ରଥଚକ୍ର ତଳେ ସାହିତ୍ୟ ନିଷ୍ପେସିତ ହୋଇଯାଏ ନାହିଁ । ମଣିଷ ଜୀବନକୁ ସାହିତ୍ୟ ଗଢିତୋଳେ କାନ୍ତ କୋମଳ ଓ କମନୀୟ କରି । କୁତ୍ସିତ ବସ୍ତୁ ମଧ୍ୟରେ ସାହିତ୍ୟ ଦେଖେ ଶାଶ୍ୱତ ସୌନ୍ଦର୍ଯ୍ୟକୁ । ନଗଣ୍ୟ ଓ ହେୟ ବସ୍ତୁ ମଧ୍ୟରେ ସେ ଦେଖାଇଦିଏ ଜଗତର ରହସ୍ୟକୁ । ସାହିତ୍ୟ ସାମାଜିକ ବ୍ୟକ୍ତିର ହୃଦୟରେ ରେଖାପାତ କରେ । ପ୍ରତ୍ୟେକ ବ୍ୟକ୍ତିକୁ ଆପଣାର କରେ ସାହିତ୍ୟ । ସାହିତ୍ୟ କ ଧନୀ କ ନିର୍ଦ୍ଧନ, ସମସ୍ତଙ୍କୁ ଉଦାର କଣ୍ଠରେ ସ୍ୱାଗତ ଜଣାଇ ଗାନ କରେ – "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସ୍ୟନ୍ତୁ ନିରାମୟଃ, ସର୍ବେ ଭଦ୍ରାଣୀ ପସ୍ୟାନ୍ତୁ, ମା କଶ୍ଚିତ ଦୁଃଖ ଭାଗଭବେତ" ।

ବିଜ୍ଞାନ ମଣିଷର ଜ୍ଞାନକୁ ବୃଦ୍ଧି କରେ । ଇତିହାସ ବ୍ୟକ୍ତିକୁ ଅତୀତର କାର୍ଯ୍ୟକରଣ ହେତୁ ସମନ୍ୱିତ କାଳକ୍ରମିକ ବିବରଣୀ ପ୍ରଦାନ କରେ । ଦର୍ଶନ ସୃଷ୍ଟି ରହସ୍ୟ ସମ୍ବନ୍ଧରେ ସୂଚନା ଦିଏ । ଅର୍ଥନୀତି ଦୈନନ୍ଦିନ ଜୀବନରେ ଅର୍ଥନୈତିକ ସମସ୍ୟା ସମ୍ବନ୍ଧରେ ଜ୍ଞାନ ସୃଷ୍ଟି କରେ । ଗଣିତ ହିସାବ ବୃଦ୍ଧିକୁ ମାର୍ଜିତ କରେ । ମାତ୍ର ସାହିତ୍ୟ ସମସ୍ତ ଭାବଧାରାକୁ ନିଜ ଭିତରେ ରଖି ଲୋକୋତ୍ତର ସତ୍ୟକୁ ପରିବେଷଣ କରେ । ସେ ବ୍ୟକ୍ତିକୁ ଆନନ୍ଦ ପ୍ରଦାନ କରେ । ସାହିତ୍ୟ ସହିତ ସମାଜର ସମ୍ପର୍କ ଅତି ନିବିଡ । ସମାଜକୁ ଛାଡି ସାହିତ୍ୟର ସ୍ଥାନ ନାହିଁ ବା ସାହିତ୍ୟକୁ ଛାଡି ସମାଜର ସ୍ଥାନ ନାହିଁ । ସମାଜର ଅନ୍ତର୍ନିହିତ ଚେତନାକୁ ସାହିତ୍ୟ ପ୍ରକାଶ କରେ । ଇତିହାସର ରଥ ଚକ୍ର ତଳେ କେତେ ସମାଜର ଉତଥାନ ହୋଇ ନିଷ୍ପେଷିତ ହୋଇ ଯାଇଛି । ମାତ୍ର ଦୀର୍ଘଦିନ ଧରି ବଞ୍ଚି ରହିଛି ସେହି ସାହିତ୍ୟ ଯୁଗ ଯୁଗ ଧରି ମଣିଷ ଜୀବନରେ ଉତଥାନ ପତନ, ହସ କାନ୍ଦ, ସଂଘର୍ଷ ଓ ସଂଘାତକୁ ସାହିତ୍ୟ ଯଥାର୍ଥ ଭାବରେ ପ୍ରକାଶ କରେ । ଜାତିର ପ୍ରାଣତନ୍ତ୍ରୀ ସହ ଜାତୀୟ ସାହିତ୍ୟର ସମ୍ପର୍କ ନିବିଡ ।

ଏ ସବୁ ଜାଣିଲା ପରେ ମଧ୍ଯ ଆମେ ଭୁଲି ଯାଉଛେ ଆମର ସେହି ମାତୃଭାଷାକୁ । ଯେହେତୁ ଆମେ ଏହି ଓଡିଶା ଧୂଳିମାଟିରେ ଜନ୍ମ ନେଇଛେ, ଏହି ଓଡିଶାର ପାଣି ପବନରେ ଆମର ଏହି ରକ୍ତ ମାଂସର ଶରୀରକୁ ନେଇ ବଞ୍ଚିଛେ ଏବଂ ଯେଉଁ ଓଡିଶାର ଠାକୁର ବଡ ଠାକୁର,

ନଦୀ ମହାନଦୀ, ସମୁଦ୍ର ମହୋଦଧି, ଦାଣ୍ଡ ବଡଦାଣ୍ଡ, ବୃକ୍ଷ କଳ୍ପବଟ, ପ୍ରସାଦ ମହା ପ୍ରସାଦ, ଯେଉଁମାନେ କ ସାର୍ ପୃଥିବୀରେ ପୂଜା ପାଇବା ପାଇଁ ଯୋଗ୍ୟ ବିବେଚତ, ସେହି ଓଡିଶାରେ ଜନ୍ମ ନେଇ ଆମେ ଆମ ମାତୃଭାଷାର ସାହିତ୍ୟକୁ ଭୁଲିଯାଇ ପ୍ରଥମେ ଅନ୍ୟାନ୍ୟ ଦେଶୀ ଓ ବିଦେଶୀ ଭାଷା ଓ ସାହିତ୍ୟ ପଛରେ ଧାଇଁଛେ । ଅନ୍ୟାନ୍ୟ ବିଷୟ ଅଧ୍ୟାପନା ଓ ଅନୁଶୀଳନ ଅପେକ୍ଷା ଓଡିଆ ଭାଷା ଓ ସାହିତ୍ୟ ଅନୁଶୀଳନର ଏକ ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି । ମନୁଷ୍ୟର ସହଜ ସ୍ୱଚ୍ଛନ୍ଦ ଭାବ ପ୍ରକାଶ ନିମନ୍ତେ ମାତୃଭାଷା ଅବଲମ୍ବନ ଅପରିହାର୍ଯ୍ୟ । ସେଇଥିପାଇଁ କବି ଗଙ୍ଗାଧରଙ୍କ ଭାଷାରେ : - "ମାତୃଭୂମି ମାତୃ ଭାଷାର ମମତା ଯା ହୃଦେ ଜନମି ନାହିଁ, ତାଙ୍କୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ ।"

ଏହି ରାଜ୍ୟରେ ପାଠ ପଢୁଆ ଇଂରାଜୀ ଶିକ୍ଷିତଙ୍କର ସଂଖ୍ୟା ଶତକଡା ୧୫ କିନ୍ତୁ ବାକି ୮୫ ଭାଗ ଲୋକଙ୍କର ଭାଷା ଓଡିଆ । ସେମାନେ କେବଳ ହିଁ ଓଡିଆ ଭାଷା ବୁଝନ୍ତି ଓ କହନ୍ତି । ସ୍ୱାଧୀନତା ପ୍ରାପ୍ତିର ବହୁ ବର୍ଷ ପରେ ଆମର ଜାତୀୟ ନେତୃବର୍ଗ ଦେଖିଲେ ଯେ ଦେଶର ଅଧିକାଂଶ ଜନସାଧାରଣ ଅଜ୍ଞାନ ଅନ୍ଧକାରରେ ବୁଡି ରହିଛନ୍ତି । ସେମାନେ ମାତୃଭାଷାର କବଚ ଜାଣନ୍ତି ନାହିଁ, ଦସ୍ତଖତଟିଏ ମଧ୍ୟ କରିପାରୁନାହାନ୍ତି । ସେତେବେଳେ ସେମାନଙ୍କର ନିଦ୍ରା ଭଙ୍ଗ ହୋଇଛି ଓ ଦେଶରେ ପୌଢଶିକ୍ଷାର ପ୍ରସାର ପାଇଁ ବର୍ତ୍ତମାନ ଚେଷ୍ଟା ଚାଲିଛି । ବର୍ତ୍ତମାନ ଭାରତର ଜାତୀୟ ସରକାର ଆଞ୍ଚଳିକ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଗଭୀର ଧ୍ୟାନ ଦେଇଅଛନ୍ତି ଯାହା ଫଳରେ ସର୍ବ ଭାରତୀୟ ପରୀକ୍ଷା ଗୁଡିକରେ ଆଞ୍ଚଳିକ ଭାଷାଗୁଡିକୁ ପ୍ରାଧାନ୍ୟ ଦେଇ ତହିଁରେ ଉଭୟ ଇଚ୍ଛାଧୀନ ଓ ବାଧ୍ୟତାମୂଳକ ଭାଷା ସାହିତ୍ୟ ପତ୍ର ଅନ୍ତର୍ଭୁକ୍ତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟରେ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡିଆ ଭାଷା ଓ ସାହିତ୍ୟ ଅଧ୍ୟୟନ ଓ ଅଧ୍ୟାପନର କ୍ଷେତ୍ର ମହତ୍ୱପୂର୍ଣ୍ଣ ଓ ଗୁଣାତ୍ମକ ହେବା ପ୍ରୟୋଜନୀୟ । ଭାରତର ଭାଷା ସମସ୍ୟା ଏକ ପ୍ରଧାନ ସମସ୍ୟା ହେଲେ ବି ରାଜ୍ୟ ସ୍ତରରେ ଆଞ୍ଚଳିକ ଭାଷାର ଉନ୍ନତିକୁ କଦାପି ଏଡାଇ ଦିଆଯାଇ ନପାରେ । ମାତୃଭାଷାକୁ ନେଇ ଜାତି

ବଞ୍ଚି ରହିଛି । ମାତୃଭାଷା ଓ ସାହିତ୍ୟର ଉନ୍ନତିରେ ଜାତିର ସ୍ୱାତନ୍ତ୍ର ଓ ପ୍ରଗତି ନିହିତ ବୋଲି କହିବା ବାହୁଲ୍ୟ ମାତ୍ର ।

ଦୈନିକ ସଂବାଦପତ୍ର ତା ୫/ ୪/ ୮୧ରେ ସରକାରୀ କ୍ଷେତ୍ରରେ ଓଡିଆ ଭାଷା ପ୍ରଚଳନ ବିଷୟରେ ପ୍ରକାଶିତ ସଂବାଦ ଏଠାରେ ଉଲ୍ଲେଖ କରାଗଲା । ଓଡିଆ ଭାଷାକୁ ସରକାରୀ ଭାଷା ରୂପେ ରାଜ୍ୟରେ ପ୍ରଚଳନ କରିବାରେ ରହିଥିବା ଅସୁବିଧା ଗୁଡିକ କପରି ଦୂର କରାଯାଇପାରିବ, ସେଥିପାଇଁ ଓଡିଶା ସରକାର ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି କରିଥିଲେ । ଓଡିଆ ଭାଷା ଆଇନ ୧୯୫୪ ମସିହାରେ ବିଧାନ ସଭାରେ ଗୃହିତ ହୋଇଥିଲା । ଏହି ଆଇନକୁ କାର୍ଯ୍ୟକାରି କରିବା ଦିଗରେ ନିମ୍ନ ଲିଖିତ ପଦକ୍ଷେପ ନିଆଯାଇଛି ବୋଲି ମୂଖ୍ୟମନ୍ତ୍ରୀ ଜଣାଇଥିଲେ ।

୧. ରାଜ୍ୟ ସରକାରଙ୍କର ବିଜ୍ଞପ୍ତି ନମ୍ବର ୮୧୮୯ ତା ୧୪/ ୪/ ୧୯୬୬ ବଳରେ ରାଜ୍ୟରେ ଗ୍ରାମ ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତିରାଜ, ରାଜସ୍ୱ, ଆଦିବାସୀ ଓ ଗ୍ରାମ ମଙ୍ଗଳ, ଶିକ୍ଷା ଓ ଜଙ୍ଗଲ ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟ କେତେକ ସ୍ତରରେ ପତ୍ରାଳାପ ଓ ନଥିପତ୍ର ଓଡିଆ ଭାଷାରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

୨. ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ନମ୍ବର ୭୧୧୩ ତା ୬.୪.୧୯୬୮ ବଳରେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ ବ୍ୟତୀତ ପ୍ରାୟ ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର ଏବଂ ସେମାନଙ୍କ ଅଧିନରେ ଥିବା କାର୍ଯ୍ୟାଳୟ ମାନଙ୍କରେ ଓଡିଆ ଭାଷା ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

୩. ରାଜ୍ୟ ସରକାରଙ୍କ ଆଇନ ବିଭାଗ ବିଜ୍ଞପ୍ତି ନମ୍ବର ୬୪୬୫ ତା ୬.୬.୧୯୭୨ ଅନୁଯାୟୀ ଓଡିଆକୁ ସମସ୍ତ ଜିଲ୍ଲାରେ ଅଦାଲତର ଭାଷା ରୂପେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

୪. ରାଜ୍ୟର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ଯେ କୌଣସି ବିଚାରପତି ଓଡିଆ ଭାଷାରେ ମକଦ୍ଦମା ରାୟ ଲେଖିପାରିବେ । କିନ୍ତୁ ସେଗୁଡିକ ସର୍ବୋଚ୍ଚ ନ୍ୟାୟାଳୟକୁ

ପୁନର୍ବିଗ୍ଭର ପାଇଁ ଆବଶ୍ୟକସ୍ଥଳେ ଯାଉଥିବା ହେତୁ ସେହି ଓଡିଆ ଗ୍ରନ୍ଥର ଏକ ଇଂରାଜୀ ଅନୁବାଦ ନଥିରେ ରଖିବାର ବ୍ୟବସ୍ଥା କରାଯାଇଛି ।

୫. ଦେଶରେ ପ୍ରଚଳତ ଥିବା ଆଇନ ଓ ତତସମ୍ପର୍କିୟ ନିୟମାବଳରେ ଓଡିଆ ଅନୁବାଦକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଓଡିଶା ସରକାରୀ ଭାଷା ବ୍ୟବସ୍ଥାପକ କମିଟି ଓ ଅନୁବାଦ ଉପ- ବିଭାଗ ଗଠନ କରିଅଛନ୍ତି । ଏ ଦୁଇଟି ସଂସ୍ଥା କେନ୍ଦ୍ର ଓ ରାଜ୍ୟର ଆଇନ ଗୁଡିକର ଅନୁବାଦ କରିବା ପାଇଁ କ୍ଷୀପ୍ର ପଦକ୍ଷେପ ନେଉଛନ୍ତି ।

୬. ସରକାର ଓଡିଆ ଭାଷାକୁ ସରକାରୀ ଭାଷା ରୂପେ ପ୍ରଚଳନ କରିବା ନିମନ୍ତେ ବଦ୍ଧପରିକର । ସରକାରୀ ସ୍ତରରେ ଜନସାଧାରଣଙ୍କ ଓ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ଅନ୍ୟାନ୍ୟ ନିମ୍ନ ଦପ୍ତର ପାଇଁ ଉଦ୍ଦିଷ୍ଟ ସମସ୍ତ ଚଠିପତ୍ର ବିଜ୍ଞପ୍ତି, ଗେଜେଟ ଆଦି ଓଡିଆ ଭାଷାରେ ହେବାପାଇଁ ସରକାର ସ୍ଥିର କରୁଛନ୍ତି ଏବଂ ସରକାରଙ୍କ ପୂର୍ବବର୍ତ୍ତୀ ସିଦ୍ଧାନ୍ତମାନ କେତେଦୂର କାର୍ଯ୍ୟକାରୀ କରାଯାଉଛି ଓ ଏ ସଂପର୍କରେ ଥିବା ଅସୁବିଧାମାନ କପରି ଦୂର କରାଯାଇପାରିବ, ତାହା ଅନୁଧାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ନିଯୁକ୍ତି ପାଇଁ ସରକାର ନିଷ୍ପତି ନେଇଛନ୍ତି ।

ରାଜ୍ୟ ସରକାର ତାହା ଅନୁଧାନ କରି ରିପୋର୍ଟ ଦେବା ପାଇଁ ସରକାର ଗତ ୧୭.୬.୮୧ ତାରିଖରେ କମିଟି ଗଠନ କରିଥିଲେ । ଉକ୍ତ କମିଟି ୬ ମାସ ମଧ୍ୟରେ ତାଙ୍କର ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେବାଲାଗି ସ୍ଥିର ହୋଇଥିଲା । ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ ନ ହୋଇପାରିବାରୁ କମିଟିର କାର୍ଯ୍ୟକାଳ ୧୭.୧.୧୯୮୨ ତାରିଖଠାରୁ ଆଉ ୬ ମାସ ବୃଦ୍ଧି କରାଯାଇଥିଲା ।

ମଣିଷର ମାନସିକ ଶକ୍ତିର ବିକାଶ ପାଇଁ ସାହିତ୍ୟ ଏକାନ୍ତ ଆବଶ୍ୟକ । ଆଧୁନକ ଜୀବନର ସମସ୍ତ ଚିତ୍ର ଆଜି ସାହିତ୍ୟ ମାଧ୍ୟମରେ ପ୍ରକାଶ ପାଉଛି । ଏ ପ୍ରସଙ୍ଗରେ ଓଡିଶାର ପତ୍ର ପତ୍ରିକାର କଥା ଚନ୍ତା କଲେ ମନ ଭିତରେ ଦୁଃଖ, କ୍ଷୋଭ ଜାତ ହେବା ସ୍ୱାଭାବିକ । ଓଡିଶାର ପତ୍ର ପତ୍ରିକା ଆଜି ବହୁ ବାଧାବିଘ୍ନର ସମ୍ମୁଖୀନ । ଲେଖକ ମାନଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି

ହୋଇଥିବା ବେଳେ ପାଠକମାନଙ୍କ ସଂଖ୍ୟା କମିବାରେ ଲାଗିଛି । ତେଣୁ ଆଜି ସମସ୍ତ ସାହିତ୍ୟପ୍ରେମୀ ଲେଖକ, କବି, ବୁଦ୍ଧିଜୀବୀ କଚ୍ଛି ପତ୍ରିକା କଣି ପାଠକ ସଂଖ୍ୟା ବୃଦ୍ଧି କରିବା ଉଚତ । ସରକାର ମଧ୍ୟ ଓଡିଆ ପତ୍ର ପତ୍ରିକା ଉପରୁ ସମସ୍ତ କଟକଣା ଉଠାଇଦେଇ ସୁବିଧା ସୁଯୋଗ ସହାନୁଭୂତିର ସହ ଯୋଗାଇ ଦେବା ବିଧେୟ । ତାହାହେଲେ ଓଡିଶାରେ ପତ୍ର ପତ୍ରିକାରେ ବିକାଶ ସମ୍ଭବ ହୋଇପାରିବ । ମାତୃଭାଷାରେ ବିଭିନ୍ନ ଲେଖାମାନ ପଢିବା ଦ୍ୱାରା ଜୀବନର ଦୁର୍ଗମ ବନ୍ଧୁର ପଥରେ ଯାତ୍ରା କରିବା ନିମନ୍ତେ ମଣିଷ ଏଥିରୁ ବହୁ ଉପାଦେୟ ଉପଦେଶ ସଂଗ୍ରହ କରିଥାଏ ଓ ସହଜରେ ମଣିଷ ଜୀବନର ମୂଲ୍ୟ ବୁଝିବା ନିମନ୍ତେ ସମର୍ଥ ହୁଏ । ଫଳରେ ମଣିଷ ମଣିଷକୁ ଚହ୍ନିବାରେ ଟିକଏ ହେଲେ ଭୁଲ ହୁଏନାହିଁ ଓ ଉଦଭ୍ରାନ୍ତ ଚନ୍ତାଧାରା ମନରୁ ଦୂର ହୋଇଯାଏ ।

ଏହାଛଡା ପୁସ୍ତକ ପ୍ରକାଶକ ମାନେ ବହୁ ପରିମାଣରେ ଉପାଦେୟ ପୁସ୍ତକମାନ ପ୍ରକାଶ କରି ଓଡିଆ ପୁସ୍ତକର ଅଭାବ ଦୂର କରିବା ପାଇଁ ଉଦ୍ୟମ କରିବା ବାଞ୍ଛନୀୟ । ଏ ପ୍ରସଙ୍ଗରେ ସେତେବେଳର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ପୂର୍ବ ରାଷ୍ଟ୍ରପତି ଜ୍ଞାନୀ ଜୈଲସିଂହଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ପ୍ରକାଶ ପାଇଥିଲା ଯେ, ପ୍ରତିବର୍ଷ ସର୍ବ ଭାରତୀୟ ଚାକରିରେ ନିଯୁକ୍ତି ପାଇଁ ହେଉଥିବା ଲିଖିତ ପ୍ରତିଯୋଗିତାରେ କେତେକ ବିଷୟକୁ ସମ୍ବିଧାନ ସ୍ୱୀକୃତ ମାତୃଭାଷାରେ ପରୀକ୍ଷା ଦେବାପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ବହୁ ଛାତ୍ରଛାତ୍ରୀ ଇଂରାଜୀ ଭାଷାରେ ପରୀକ୍ଷା ଦେଉଛନ୍ତି । ଏଥିରୁ ଯାହା ଜଣାପଡୁଛି ସେମାନଙ୍କ ମାତୃଭାଷାରେ ପୁସ୍ତକର ଅଭାବର ପରିଲକ୍ଷିତ ହେଉଛି । ତେଣୁ ଓଡିଆ ଭାଷାର ଲେଖକ ଲେଖିକା ଓ ପ୍ରକାଶକମାନେ ଏହାର ଅଭାବ ଯଥାସମ୍ଭବ ଦୂର କରିବା ଆବଶ୍ୟକ । ଏତଦବ୍ୟତୀତ ବର୍ତ୍ତମାନ ଦେଖାଯାଉଛି ଯେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଓଡିଆରେ ଉଚ୍ଚ ଶିକ୍ଷା ପ୍ରାପ୍ତି ପରେ ସେମାନଙ୍କ ପାଇଁ ଓଡିଶାରେ ସରକାରୀ ବା ବେସରକାରୀ ସ୍ତରରେ କୌଣସି ଚାକରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ବହୁ ଯୁବକ ଯୁବତୀଙ୍କ ମନରେ ଓଡିଆ ଭାଷା ପ୍ରତି ନୈରାଶ୍ୟ ଭାବ ସୃଷ୍ଟି ହେଉଛି । ସେମାନେ ବେକାର ହୋଇ ବୁଲୁଛନ୍ତି । ଓଡିଆ ଭାଷା ଓ ସାହିତ୍ୟରେ ଉଚ୍ଚତର ଶିକ୍ଷା ଲାଭ କରୁଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତିରେ ସୁବିଧା ମିଳଲେ ଏହି

ଶିକ୍ଷା ଲାଭ କରିବା ପାଇଁ ମେଧାବୀ ଛାତ୍ରମାନେ ଆଗ୍ରହ ପ୍ରକାଶ କରିବ ଏବଂ ଭବିଷ୍ୟତରେ ଓଡିଆ ଭାଷା ଓ ସାହିତ୍ୟର ବିକାଶ ମଧ୍ୟ ହେବ । କେବଳ ଘୃଣା କଲେ, ଓଡିଆରେ କଛି ନାହିଁ କହିଲେ, ସମସ୍ୟାର ସମାଧାନ ହେବ ନାହିଁ ।

ଭାରତୀୟ ସ୍ତରର ଭାଷା ଓ ସାହିତ୍ୟ ଶିକ୍ଷା ସହିତ ସମନ୍ୱୟ ସ୍ଥାପନ କରି ଓଡିଆ ଭାଷା ଓ ସାହିତ୍ୟ ଶିକ୍ଷା କରିବା ଉଚତ । ସେଥିପାଇଁ ସମସ୍ତେ ସଜାଗ ହେବା ଉଚତ । ଏ ଦାୟିତ୍ୱ କେବଳ ଓଡିଆ ବିଭାଗର ନୁହେଁ, ମାତ୍ର ଏହା ସମଗ୍ର ଜାତିର ।

ଏହି କଥାକୁ ଯେକେବଳ ଆଜି ଉପଲବ୍ଧ କରାଯାଉଛି ତା ନୁହେଁ, ଏଭଳ ସମସ୍ୟାକୁ ଦିନେ ଉତ୍କଳମଣି ଗୋପବନ୍ଧୁ ଦାସ ମଧ୍ୟ ନଜେ ହୃଦୟଙ୍ଗମ କରି ଲେଖିଥିଲେ – ଯେ କୌଣସି ଜାତିର ଶିକ୍ଷା ସେହି ଜାତିର ନଜ ଭାଷାରେ ନ ହେବାଯାଏ ତାହା ଜାତୀୟଭାଷା ନୁହେଁ। ଭାଷା ଭାବ ପ୍ରକାଶର ଉପାୟ ମାତ୍ର ସତ, କନ୍ତୁ ଯେଉଁ ଭାଷା ମନୁଷ୍ୟର ନଜ ଭାଷା, ଯେଉଁ ଭାଷାର ବେଷ୍ଟନୀ ମଧ୍ୟରେ ସେ ଜନ୍ମଦିନୁ ଲାଳତ ପାଳତ, ସେ ଭାଷାରେ ଭାବ ଯେପରି ସୁବୋଧ ହୁଏ, ଅନ୍ୟ ଭାଷାରେ ସେପରି ହୁଏ ନାହିଁ। ନଜ ଭାଷାରେ ଉନ୍ନତ ଜ୍ଞାନ ଲାଭ କଲାପରେ ବିଦେଶୀୟ ଭାଷା ପଢି ଭାବ ଅବବୋଧ କରିବା ଅପେକ୍ଷାକୃତ ସହଜ । ମାନବୀୟ ମନୋବୃତ୍ତି ବିକାଶ ନମନ୍ତେ ଜ୍ଞାନ ଲାଭର ଏହା ହେଉଛି ନୈସର୍ଗିକ ପନ୍ଥା। ଯେ କୌଅସି ଆଡୁ ଦେଖିବେ ଶିକ୍ଷା କାର୍ଯ୍ୟରେ ମାତୃଭାଷାର ପ୍ରୟୋଜନୀୟତା ସୁସ୍ପଷ୍ଟ ହେବା ଏହା ଅବଶ୍ୟ ଏକ ଗୁରୁତର ସମସ୍ୟା। ଏହାର ସୁମୀମାଂସା ଉପରେ ଭାରତର ଭବିଷ୍ୟତ ନର୍ଭର କରେ ।

ଓଡିଶାର ଚନ୍ତାନାୟକଗଣ ଏବଂ ବୌଦ୍ଧିକ ଗୋଷ୍ଠୀ ଏଥିପ୍ରତି ବିଶେଷ ସଚେତନ ହେବା ଉଚତ । ସେମାନେ ଉପରୋକ୍ତ ଦିଗ ପ୍ରତି ଦୃଷ୍ଟି ନକ୍ଷେପ କରି ସେଗୁଡିକର ବିହିତ ପ୍ରତିକାର କରିବା ସଙ୍ଗେ ସଙ୍ଗେ କର୍ତ୍ତୃପକ୍ଷ ନଜେ ସୁବିଚାର କରି ଯଥା ଶୀଘ୍ର ସମସ୍ୟା ଗୁଡିକର ସମାଧାନ କଲେ ଜାତିର ମଙ୍ଗଳ, ସମାଜର ମଙ୍ଗଳ ଏବଂ ଦେଶର ମଧ୍ୟ । କେବଳ ସେଇମାନଙ୍କ ଦ୍ୱାରା ହିଁ ସମାଜରେ ବା ରାଜ୍ୟରେ ଯେ କୌଣସି ପରିବର୍ତ୍ତନ ହୋଇଥାଏ । ତେଣୁ ଭାଗବତରେ କୁହାଯାଇଛି:-

ମହତେ ଯାହା ଆଚରିବେ
ଇତରେ ତାହାହିଁ କରିବେ
ଯେ ଯାହା ପ୍ରମାଣ କରିବେ ।
ଲୋକେ ସେ ପଥେ ପ୍ରବର୍ତ୍ତୀବେ ॥

ଅତଏବ ଏଥିପାଇଁ ଦେଶର ଭବିଷ୍ୟତ ଯୁବକ ଯୁବତୀମାନେ ଆଜିଠାରୁ ଜାଗ୍ରତ ହୁଅନ୍ତୁ । ୧୯୦୩ ମସିହାରୁ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆହ୍ୱାନରେ ଦୀର୍ଘ ୩୩ ବର୍ଷ ଧରି ବହୁ ଜଣାଶୁଣା ନେତୃବର୍ଗଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ କ୍ରମାଗତ ଭାବେ ଯେଉଁ ଆନ୍ଦୋଳନ କରିଥିଲା, ତାହା ଫଳରେ ୧୯୩୬ ମସିହାରେ ଓଡିଆ ଭାଷାଭାଷି ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହୋଇ ପାରିଥିଲା । ଏଥିପାଇଁ ମଧୁସୂଦନ ଦାସଙ୍କ ଲେଖାନରୁ ଝଙ୍କୃତ ହୋଇଥିଲା:

"ଏଇ ସମ୍ମିଳନୀ ଜାତି ପ୍ରାଣସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ
ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ
ଡେଉଁପଡି ସିନ୍ଧୁନୀରେ ।"

ଅତୀତର କଳଙ୍ଗ, ଉତ୍କଳ, ତୋଷାଳ ଉଡ୍ର ବା ଓଡ୍ର ଇତ୍ୟାଦି ଆଦି ନାମରେ ଅଭିହିତ ହୋଇଥିବା ରାଜ୍ୟ ବିଶେଷାଙ୍କ ସମାହାରରେ ଆଧୁନକ ଓଡିଶା ଗଠିତ ହୋଇଛି ବୋଲି ଅନେକ ଅନୁମାନ କରିଥାନ୍ତି । କଳା ଓ ସଂସ୍କୃତିରେ ଶ୍ରେଷ୍ଠ ଆସନ ଲାଭ କରିଥିଲା ବୋଲି ଏ ରାଜ୍ୟ ଉତ୍କଳ । ଆଉ କେତେକଙ୍କ ମତରେ ଉତ୍କୃଷ୍ଟ କଳନା ଯୋଗେ ଉତ୍କଳ ନାମକରଣ ହୋଇଛି । ଯେତେବେଳେ ସାରା ବିଶ୍ୱର ମାନବସମାଜ ଅଜ୍ଞାନ, ଅନୁନ୍ନତ ଥିଲା, ସେତେବେଳେ ଓଡିଆ ପୁଅ ଜ୍ଞାନ ବିଜ୍ଞାନ ଠାରୁ ଆରମ୍ଭ କରି ନୌଯାତ୍ରା ଓ ବହୁର୍ବାଣିଜ୍ୟ ପର୍ଯ୍ୟାପ୍ତ କରୁଥିଲେ । ସେମାନଙ୍କର ଏହି ସୁଦୂରପ୍ରସାରି କଳ୍ପନାରୁ ହିଁ ଉତ୍କଳ ନାମର ସୃଷ୍ଟି – ତାହା ଇତିହାସ । ସମଗ୍ର ପୃଥିବୀରେ ଦେଶ ମାନଙ୍କ ମଧ୍ୟରେ ଭାରତ ଶ୍ରେଷ୍ଠ ଏବଂ ଭାରତର ରାଜ୍ୟମାନଙ୍କ ମଧ୍ୟରେ ଉତ୍କଳ ଶ୍ରେଷ୍ଠ ବୋଲି କପିଳ ସଂହିତା କହିଛି ।

"ବର୍ଷାଣାମ ଭାରତ ଶ୍ରେଷ୍ଠ
ଦେଶନାମ ଉତ୍କଳୋ ସୃତ,
ଉତ୍କଳସ୍ୟ ସମୋଦେଶହ
କୁତ୍ର ନାସ୍ତି ମହିତଳେ ।"

କେଉଁ ଏକ ଧ୍ୟାନମୟ ଯୁଗର ଏ ବାଣୀ । ଏହି ଓଡିଶା ମାଟିର ଜଗନ୍ନାଥ ଆଜି ସାରା ବିଶ୍ୱବାସୀଙ୍କ ଆରାଧ୍ୟ ଦେବତା । ଓଡିଶା କୋଣାର୍କର କଳା ଭାସ୍କର୍ଯ୍ୟ ପୃଥିବୀରେ ଅଦ୍ୱିତୀୟ । ଓଡିଆ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କାଳଦାସ, ଜୟଦେବ, ଫକୀରମୋହନ ଆଦି ଆଜି ପୃଥିବୀର ଯେକୌଣସି ପ୍ରସିଦ୍ଧ କବି ବା ଲେଖକଙ୍କ ସମକକ୍ଷ ହୋଇପାରିଛନ୍ତି । ଶୂଦ୍ର ମୁନି ସାରଳା ଦାସ ଏଇ ଉତ୍କଳ ଭୂମିରେ ବସି ସମୁଦାୟ ଭାରତର ଚିତ୍ର ଦେଇଦେଲେ ଓ ସର୍ବସାଧାରଣ ଲୋକେ କହିଲେ – "ଯାହା ନାହିଁ ଭାରତେ ତାହା ନାହିଁ ମରତେ ।"
ପୂର୍ବ ଐତିହ୍ୟ ଓ ଗୌରବର ସ୍ମରଣ ଅଧ୍ୟୟନ ତଥା ଗବେଷଣା କଲେ କଥାଟା ହେବ – "ଯାହା ନାହିଁ ଉତ୍କଳେ ତାହା ନାହିଁ ଭୂତଳେ ।" ଏହିପରି ଏକ ରାଜ୍ୟ ହେଉଛି ଓଡିଶା । ଜାତୀୟ ଅଗ୍ରଗତିରେ ଓଡିଆ ଭାଷା ଓ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜାତି ତାର ଭାଷାକୁ ନେଇ ପରିଚିତ । ଯେଉଁ ଜାତିର ଭାଷା ଯେତେ ଉନ୍ନତ, ସେ ଜାତି ସେତେ ଉନ୍ନତ । ସାମାଜିକ ଓ ଅର୍ଥନୈତିକ ସ୍ତରରେ ମଧ୍ୟ ଉନ୍ନତି ପାଇଁ ତାର ସମୃଦ୍ଧ ଭାଷା ଲୋଡା । କାରଣ ମଣିଷ ତାର ଭାଷାର ଯେତେ ଶବ୍ଦ ଜାଣେ ସେହି ଅନୁଯାୟୀ ତାର ଚିନ୍ତାଧାରା ଗତିକରେ । ଭାଷା କେବଳ ହେତୁବାଦୀ ପ୍ରସଙ୍ଗର ପରିବାହକ ନୁହେଁ, ଏହା ଆଭ୍ୟନ୍ତରୀଣ ଅନୁଭୂତିର ବାହ୍ୟ ପ୍ରକାଶ ମଧ୍ୟ । ଭାଷା ଭାବର ପରିପ୍ରକାଶ ଓ ଚିନ୍ତାର ମାଧ୍ୟମ ହୋଇଥିବାରୁ ମଣିଷ ନୂଆ ନୂଆ ଚିନ୍ତା କରିବା ପାଇଁ ତା ପାଖରେ ସେହିଭଳି ନୂଆ ନୂଆ ଶବ୍ଦମାନ ଲୋଡା । ଏହି ପରିପ୍ରେକ୍ଷିରେ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୯ ଅପ୍ରେଲ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ର ସଭାପତି ରୂପେ ଘୋଷଣା କରି କହିଥିଲେ କି ଭାରତରେ ଯଦି ଗୋଟିଏ ଲିପି ଓ ଗୋଟିଏ ଭାଷା ଗୃହିତ ଓ ପ୍ରଚ୍ଚରିତ ହୋଇପାରିବ ତେବେ ମୁଁ ଓଡିଆ ଭାଷାକୁ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ଅଛି । କାରଣ ଭାଷା ଓ ସାହିତ୍ୟ ଭିତ୍ତିରେ ଯେ କୌଣସି ଜାତିର ରାଷ୍ଟ୍ର ତିଷ୍ଠି ରହିପାରେ ମାତ୍ର ଯେ ପର୍ଯ୍ୟନ୍ତ ଏହା ସମ୍ଭବ ନ ହୋଇଛି ସେ

ପର୍ଯ୍ୟନ୍ତ ପ୍ରାନ୍ତୀୟ ଭାଷା ଗୁଡିକ ତଥା ବିଚ୍ଛିନ୍ନାଞ୍ଚଳ କଥିତ ଓ ବ୍ୟବହୃତ ଓଡିଆ ଭାଷା ସାହିତ୍ୟର ସୁରକ୍ଷା ଓ ବିକାଶ ଆମର କର୍ତ୍ତବ୍ୟ । ଏଇ ଅବକାଶରେ ମଧୁବାବୁଙ୍କ ବାଣୀ ମନେପଡେ:

ଜାତି ପ୍ରେମ ବହ୍ନି ପ୍ରଜ୍ଜ୍ୱଳତ କର
ସ୍ୱାର୍ଥକୁ ଦିଅ ଆହୁତି
ସ୍ୱାର୍ଥମେଧ ଯଜ ଗୃରିଆଡେ ନାଚ
ଛାତିକି ମିଶାଇ ଛାତି

ବହୁ ବର୍ଷ ପରେ ଗତ ୧୯୮୨ ମସିହା ଅପ୍ରେଲ ମାସରେ ରାଉରକେଲାଠାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ "ସମାଜ"ର ସମ୍ପାଦକ ଡଃ ରାଧାନାଥ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଠାରେ ପ୍ରଚାର ପତ୍ରରେ ଲେଖା ଥିଲା: "ଓଡିଆ ଭାଷା ରହିବ ଜିଇ, ପଢିବା ଯଦି ଓଡିଆ ବହି" ।

ପୃଥିବୀର ଅନ୍ୟ ଭାଷା ତୁଳନାରେ ଓଡିଆ ଏକ ସମୃଦ୍ଧ ଭାଷା ହୋଇଥିଲେ ହେଁ ନିଜକୁ ଓଡିଆ ବୋଲି କହିବାକୁ ଆମକୁ ଘୃଣା ଲାଗୁଛି । ଆମର ଏ ନ୍ୟୁନ ଭାବ ଦେଖି ଅଣଓଡିଆ ଭାଷୀମାନେ ଆମକୁ ବେଶୀ ଘୃଣା କରୁଛନ୍ତି ଏବଂ ସେମାନଙ୍କ ଘୃଣାକୁ ଡରି ଆମେ ଓଡିଆ ସଂସ୍କୃତି ଓ ସାହିତ୍ୟରୁ ଆହୁରି ଦୂରେଇ ଯାଉଛୁ । ଏହା ହିନମନ୍ୟତାର ପରିଚୟ ନୁହେଁ କି? ଓଡିଆ ଭାଷାକୁ ସବୁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବାଧତାମୂଳକ ଭାବେ ପ୍ରଚଳନ ପାଇଁ ଆଇନଗତ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲେ ହେଁ ପୁଣି ରାଜ୍ୟବାସୀଙ୍କୁ ସାନ୍ତ୍ୱନା ସ୍ୱରୂପ ଏହାର ପ୍ରଚଳନ ପାଇଁ ନିଯୁକ୍ତ ହୋଇଥିବା ବିଶେଷଜ୍ଞମାନେ ସେହି ଅନୁଧ୍ୟାନ କମିଟି ଭିତରେ ବହୁଦିନରୁ ତାହା ଅନୁଧ୍ୟାନ କରୁଛନ୍ତି । ଭାଷାର ପ୍ରସାର ନହେଲେ ସାହିତ୍ୟର ପ୍ରସାର ଅସମ୍ଭବ ଏବଂ ପାଠକର ସ୍ୱଳ୍ପତାରେ ସଂସ୍କୃତିର ସ୍ରୋତ ମଧ୍ୟ ସଙ୍କୁଚିତ ହୋଇପଡେ । ଓଡିଆ ଭାଷାକୁ ଓଡିଶାରେ ସବୁ କ୍ଷେତ୍ରରେ ପ୍ରଚଳନ ପାଇଁ ଏବଂ ପୂର୍ବ ସିଦ୍ଧାନ୍ତକୁ କାର୍ଯ୍ୟକାରି କରିବାପାଇଁ ଓଡିଶା ହାଇକୋର୍ଟରେ ଗତ ୧୯୮୩ ମସିହା ଡିସେମ୍ବର ମାସରୁ ଏକ ରିଟ୍ ମଧ୍ୟ ଦାଏର୍ ହୋଇଥିଲା ।

ସାହିତ୍ୟର ଧର୍ମ ହେଲା ସମ୍ୟକ ଭାବେ ମାନବର ତଥା ସମାଜର ହିତ ସାଧନ କରିବା । ଯେ କୌଣସି ବିଷୟକୁ ସାହିତ୍ୟ ମାଧ୍ୟମରେ ପ୍ରକାଶ କରାଯାଇପାରେ । ଏ ସମ୍ପର୍କରେ ବହୁ ତଥ୍ୟ ଗତ ୧୯୮୨ ମସିହା ଡିସେମ୍ବର ୫ ତାରିଖ ଓ ୧୯୮୩ ମସିହା ଫେବୃୟାରୀ ୬ ତାରିଖ "ସମାଜ" ସାପ୍ତାହିକ ସାହିତ୍ୟ ଆଲୋଚନା ପୃଷ୍ଠାରେ ପ୍ରକାଶିତ ହୋଇଛି । କେତେକଙ୍କ ହିନ ଚକ୍ରାନ୍ତ ଫଳରେ ୧୯୪୮ ମସିହା ବେଳକୁ ଉତ୍କଳ ବିଶ୍ୱବିଦ୍ୟାଳୟ ବାଧ୍ୟତାମୂଳକ ଓଡିଆ ଉଠାଇଦେବା ପାଇଁ ନିଷ୍ପତ୍ତି ନେବାରେ ଏକ ଆନ୍ଦୋଳନ ତେଜୀ ଉଠିଲା । ଫଳରେ ପୁଣି ଉକ୍ତ ବିଷୟ ସିଲାବସରେ ରହିଲା । ଓଡିଆ ଭାଷା ଓ ସାହିତ୍ୟରେ ଉଚ୍ଚ ଶିକ୍ଷା ପ୍ରବର୍ତ୍ତନ ପାଇଁ ୧୯୪୭- ୪୮ ମସିହାରେ ରେଭେନସା କଲେଜରେ ଓଡିଆ ଏମ.ଏ. ଶ୍ରେଣୀ ଖୋଲିଗଲା । ତା ପୂର୍ବରୁ କଲିକତା ବିଶ୍ୱାବିଦ୍ୟାଳୟରେ ଓଡିଆରେ ଏମ.ଏ. ଶ୍ରେଣୀ କଛି ବର୍ଷ ପାଇଁ ଖୋଲା ଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ, ବିଶ୍ୱ ଭାରତୀ, ରାଞ୍ଚି, ଦିଲ୍ଲୀ, ଆନ୍ଧ୍ର, ଗୌହାଟି ଆଦି ବିଶ୍ୱବିଦ୍ୟାଳୟରେ ଓଡିଆ ସାହିତ୍ୟ ଗବେଷଣା ଏବଂ ଏମ୍.ଏ. ଶିକ୍ଷାଦାନର ବ୍ୟବସ୍ଥା ଅଛି । ଦୀର୍ଘ ସମୟ ଅତିବାହିତ ହେବା ପରେ ୧୯୬୯ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓ ପ୍ରାୟ ସେହି ସମୟରେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡିଆରେ ଏମ୍.ଏ. ଶ୍ରେଣୀ ଖୋଲାଯାଇଥିଲା । କ୍ରମେ ଏଥିରେ ବହୁ ଛାତ୍ର ଶିକ୍ଷା ଗ୍ରହଣ କରି ଆସୁଛନ୍ତି । କନ୍ତୁ ପରିତାପର ବିଷୟ ଏହିକ, ଓଡିଆ ଭାଷା ଓ ସାହିତ୍ୟରେ ଯେଉଁମାନେ ଉଚ୍ଚ ଅଧ୍ୟୟନ କରୁଛନ୍ତି ସେମାନଙ୍କ ଭବିଷ୍ୟତ ପାଇଁ ଓଡିଶାରେ କୌଣସି ବ୍ୟବସ୍ଥା ନାହିଁ । ଅନ୍ତତଃ ଯେଉଁସବୁ ସ୍ଥାନରେ ଜଣେ ଓଡିଆ ସାହିତ୍ୟ ଓ ଭାଷାବିତ ବ୍ୟକ୍ତିର ଏକାନ୍ତ ପ୍ରୟୋଜନ ଅଛି, ସେସବୁ ସ୍ଥାନରେ ମଧ୍ୟ ଅନ୍ୟମାନଙ୍କୁ ରଖାଯାଇଛି । ଷ୍ଟେଟ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ବହୁ ବର୍ଷ ଧରି ଓଡିଆ ଏମ୍.ଏ. ଡିଗ୍ରୀ ଧାରି ବ୍ୟକ୍ତିମାନେ ନାମ ରେଜିଷ୍ଟ୍ରୀ କରିଥିଲେ ହେଁ, ଓଡିଶାରେ ସେମାନେ ଏ ପର୍ଯ୍ୟନ୍ତ କୌଣସି ନିଯୁକ୍ତି ପାଇଁ କଲ୍ ଲେଟର ପାଇ ନାହାନ୍ତି । କନ୍ତୁ ଓଡିଶାରେ ବିଶେଷତଃ ଓଡିଆ ସାହିତ୍ୟରେ ଉଚ୍ଚ ଅଧ୍ୟୟନ କରିଥିବା ବ୍ୟକ୍ତିମାନଙ୍କ ପାଇଁ ଅର୍ଥ ଉପାର୍ଜନର ସେପରି କୌଣସି ସୁବିଧା ନାହିଁ । ଏହାଦ୍ୱାରା ମେଧାବୀ ଛାତ୍ରମାନେ ଓଡିଆ ସାହିତ୍ୟରେ ଶିକ୍ଷା ନେବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ଏବଂ ଓଡିଆ ବିଭାଗରେ ଅଧ୍ୟୟନ ଅରୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ

ନୈରାଶ୍ୟ ଭାବ ସୃଷ୍ଟି ହୋଇଛି ଓ ଭବିଷ୍ୟତ ବଂଶଧରମାନେ ଓଡିଆ ଭାଷା ଓ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରୁ ଦୂରେଇ ଯିବେ, ଏଥିରେ ସନ୍ଦେହ ନାହିଁ। ଫଳରେ ଏମିତି ଏକ ସମୟ ଆସିବ ଓଡିଆ ଭାଷା କ୍ରମେ ଲୋପ ପାଇଯିବ କିମ୍ବା ଓଡିଆ ଭାଷା ଓ ସାହିତ୍ୟର କ୍ରମ ବିକାଶ ଅନ୍ୟାନ୍ୟ ଭାଷା ଓ ସାହିତ୍ୟର ବିକାଶ ତୁଳନାରେ ଖୁବ୍ ପଛରେ ପଡିଯିବ। ଏହାଛଡା ଓଡିଆ ସାହିତ୍ୟର ଗବେଷଣା ପଇଁ ଆଗ୍ରହୀ ବ୍ୟକ୍ତି ମାନଙ୍କର ନିମନ୍ତେ ସରକାରଙ୍କ ତରଫରୁ ଓଡିଶାର କୌଣସି ସୁବିଧା ସୁଯୋଗର ବ୍ୟବସ୍ଥା ନାହିଁ।

ଓଡିଆ ଲେଖକ ଲେଖିକାମାନେ ଅତି ଦରିଦ୍ର। ସେମାନେ ପାରିଶ୍ରମିକ ମୂଲ୍ୟ ପାଇବା କଥା ଦୂରେ ଥାଉ, ପ୍ରକାଶକମାନଙ୍କ ପାଖରେ ଲେଖକ ବେଶ ଗୁମଗୁଗିରି କରିବା ପଇଁ ବାଧ୍ୟ ହୋଇ ପଡୁଛନ୍ତି। ପ୍ରାଚୀନ ପାଣ୍ଡୁଲିପି ଓ ଉଚ୍ଚମାନର ଅପ୍ରକାଶିତ ଲେଖାଗୁଡିକର ପ୍ରକାଶନ ପାଇଁ ଅର୍ଥର ଅଭାବ ହେଉଥିବାବେଳେ ଗତ ସାହିତ୍ୟ ଏକାଡେମୀର ରଜତ ଜୟନ୍ତୀ ମହୋତ୍ସବର ସାହିତ୍ୟର ଏକ ପ୍ରଭାବଶାଳି ବିଭାଗ ନାଟକକୁ ବାଦ ଦେଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଏପରି ଆଡମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମ ଅପବ୍ୟୟ ଓ ଦୁର୍ନୀତିର ଏକରକମ ସୋପାନ ନୁହେଁ କି? ଓଡିଆ ଭାଷା ଓ ସାହିତ୍ୟର ବିରାଟ ମନ୍ଦିର ହଜାର ହଜାର ବର୍ଷ ସଂସ୍କୃତିର ଦୃଢ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ। ସମଗ୍ର ପୃଥିବୀରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଯୁଗଯୁଗ ଧରି ଏକକ ସ୍ଥାନ ଅଧିକାର କରିଛି। ସମୟ ଆସିପାରେ, ଶ୍ରୀ ଜଗନ୍ନାଥ ଦେଶର ସାହିତ୍ୟ ଭାଷା ଅତି ପବିତ୍ର ଓ ଗୌରବମୟ ଭାଷା ଭାବରେ ପୃଥିବୀରେ ପ୍ରତିଷ୍ଠା ଲାଭ କରିପାରେ। ଶେଷରେ କହିଲେ କୁଳ କୁଟୁମ୍ବକୁ ଲାଜ, ନକହିଲେ କୁଳ ଭାସି ଯାଉଛି- ଆଜି କେତେକ ଓଡିଆ ପରିବାରରେ ସନ୍ତାନ ସନ୍ତତିମାନେ ପିତାମାତାଙ୍କୁ ଡାଡି ମମି ବୋଲି ସମ୍ବୋଧନ କରୁଛନ୍ତି। ଯେଉଁ ରାଜ୍ୟକୁ ବେଦେଶୀୟମାନେ ଆସି ଶ୍ରୀକ୍ଷେତ୍ରରେ ସେମାନଙ୍କର ସାରା ଜୀବନ ଉତ୍ସର୍ଗ କରୁଛନ୍ତି, ସେଇ ପବିତ୍ର ଭୂମିରେ ଜନ୍ମ ନେଇ ଡାଡି ମମିର ଶବ୍ଦର ବ୍ୟବହାର କେତେ ଦୂର ସଙ୍ଗତ ତାହା ବିଚାର୍ଯ୍ୟ। ଏହା କଣ ଗଣତାନ୍ତ୍ରିକ ଅଧିକାର ନା ବୈମାତୃକ ବା ବିଜାତୀୟତାର ପରିଚୟ? ସମସ୍ତ ନଦନଦୀ ପ୍ରବାହିତ ହୋଇ ଆଜି ସାଗରର ଲବଣ ଜଳରେ ମିଶି ନିଜର ସୁଗୁଣ ପରିତ୍ୟାଗ କରିବା ପରି ଏହିଠାରେ ଧର୍ମ ଓ

ମତବାଦର ମିଳନ ଘଟିଛି । ଯୁଗେଯୁଗେ ଶ୍ରୀକ୍ଷେତ୍ର ମଧ୍ୟ ସେ ସବୁକୁ ନିଜ ବକ୍ଷରେ ସ୍ଥାନ ଦେଇଛି । ଏହି ଶ୍ରୀକ୍ଷେତ୍ର ଯୋଗୁ ଉତ୍କଳ ବିଶ୍ୱରେ ବିଦିତ ଓ ପୂଜିତ । କିନ୍ତୁ ତାର ଭାଷା ଓ ସାହିତ୍ୟ.....? ? ?

ବିଗତ ଦୁଇ ବର୍ଷ ଧରି, ବିଶେଷତଃ ଓଡିଆ ଶାସ୍ତ୍ରୀୟ ଭାଷା ରୂପେ ସ୍ୱୀକୃତି ଲାଭ କରିବା ପରେ ଓଡିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଓ ପ୍ରସାରଣ ପାଇଁ ବିଭିନ୍ନ ମଞ୍ଚରେ ହୋଇଥିବା ଆଲୋଚନା ଓ ପର୍ଯ୍ୟାଲୋଚନାକୁ ସମ୍ମାନ ଦେଇ ସରକାର କିଛି ନୂତନ ପଦକ୍ଷେପ ନେଇଛନ୍ତି । ଡେସେମ୍ବର ୨୦୧୭ ରେ ଗଠିତ ହୋଇଛି ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ । ପର୍ଯ୍ୟଟନ ବିଭାଗଠାରୁ ସଂସ୍କୃତିକୁ ଅଲଗା କରି ଭାଷା ଓ ସାହିତ୍ୟକୁ ମିଶାଇ ଏକ ସ୍ୱତନ୍ତ୍ର ବିଭାଗ ଗଠନ ସରକାରଙ୍କ ଏକ ମହତ ପ୍ରଚେଷ୍ଟା । ସ୍ୱତନ୍ତ୍ର ବିଭାଗ ଗଠନ ସହିତ ଏକ ହେରିଟେଜ କ୍ୟାବିନେଟ ଗଠନ ବହୁଦୃଷ୍ଟିରୁ ଏକ ସମୟୋପଯୋଗୀ ପଦକ୍ଷେପ । ରାଜ୍ୟର ଭାଷା, ସଂସ୍କୃତି ଓ ସାହିତ୍ୟର ଉପଯୁକ୍ତ ସଂରକ୍ଷଣ ଓ ବିକାଶ ପାଇଁ ହେରିଟେଜ କ୍ୟାବିନେଟ ବିଶେଷଭାବେ ଦୃଷ୍ଟି ଦେଇ ପାରିବ । ଓଡିଶାର ସମୃଦ୍ଧି ସାଂସ୍କୃତିକ ଇତିହାସ ପରିପ୍ରେକ୍ଷୀରେ ଏହି କ୍ୟାବିନେଟ ଏକ ଅଭିନବ ପରିକଳ୍ପନା । ବିଭିନ୍ନ ସରକାରୀ ପ୍ରତିଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ର ନାମ ଫଳକ ଓଡିଆରେ ଲେଖାଯିବା ପାଇଁ ନିର୍ଦ୍ଦେଶ ଏବଂ ଏ ନେଇ ଆବଶ୍ୟକୀୟ ଆଇନଗତ ବ୍ୟବସ୍ଥା ଦ୍ୱାରା ଭବିଷ୍ୟତରେ ଏ ଦିଗରେ ସଚେତନତା ସୃଷ୍ଟି ହେବ ଏବଂ ଓଡିଆ ଭାଷା ପ୍ରତି ସବୁ ସ୍ତରରେ ଆଗ୍ରହ ପ୍ରକାଶ ପାଇବ । ପ୍ରତି ପାଞ୍ଚ ବର୍ଷରେ ଥରେ ବିଶ୍ୱ ଓଡିଆ ସମ୍ମିଳନୀର ଆୟୋଜନର ଲକ୍ଷ୍ୟ ସରକାରଙ୍କ ଏକ ଅଭିନବ ଯୋଜନା । ଓଡିଆ ଭାଷା ଓ ସାହିତ୍ୟର ଗବେଷଣା ପାଇଁ ଅଧିକ ଆର୍ଥିକ ପ୍ରୋତ୍ସାହନ, ଓଡିଆ ଭାଷା କମିଶନ ଗଠନ, ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମ ଓ ଉତ୍ସବ ଓଡିଆରେ ଅନୁଷ୍ଠିତ କରାଇବା, ଏସବୁ ଗୋଟିଏ ଗୋଟିଏ ଉପାଦେୟ ପଦକ୍ଷେପ । ପ୍ରଥମ ଓଡିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଲ ଗୃହିତ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପ୍ରତିବର୍ଷ ପୁସ୍ତକ ମେଳାର ଆୟୋଜନ, ଓଡିଆ ଭାଷା ଓ ସାହିତ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ର ଛାତ୍ରୀଙ୍କ ପାଇଁ ଫୀ ଛାଡ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଓଡିଆ ପ୍ରଫେସର ପଦବୀ ସଂଖ୍ୟା

ବୃଦ୍ଧି, ୟୁଜିସି ଢାଞ୍ଚାରେ ଓଡିଆ ଭାଷା ଓ ସାହିତ୍ୟର ଗବେଷଣା ପାଇଁ ପ୍ରୋତ୍ସାହନ, ଶିଶୁ ସାହିତ୍ୟରେ ଗବେଷଣା ଭିତ୍ତିକ ରଚନା, ଓଡିଆ ୱେବସାଇଟ୍ ବ୍ୟବସ୍ଥା, ସବୁ ବିଦ୍ୟାଳୟରେ ପାଠାଗାର ପ୍ରତିଷ୍ଠା ଓ ଅନ୍ୟ ଭାଷାର ସାହିତ୍ୟ ରଚନାକୁ ଓଡିଆରେ ଅନୁବାଦ, ପ୍ରବାସୀ ଓଡିଆଙ୍କ ପାଇଁ ଓଡିଆ ଭରଚୁଆଲ ଏକାଡେମି ପ୍ରତିଷ୍ଠା, ଗାଁ ଗହଳରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଆଦି ନୂଆ ପଦକ୍ଷେପ ସ୍ୱାଗତଯୋଗ୍ୟ ।

ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ମାଟି ମନ୍ଦାକିନୀ



ପ୍ରତିଭା ପ୍ରିୟଦର୍ଶିନୀ

ହେ ମୋର ଜନନୀ
ପ୍ରିୟ ମାତୃଭୂମି
ପାଦେ ତୋ ପ୍ରଣତି ବାଢେ,
ଏ ବିଶ୍ୱ ବ୍ରହ୍ମାଣ୍ଡେ
ଥାଏ ଯେଉଁ ସ୍ଥାନେ
ତୋ ନାମରେ ଚହ୍ଲାପଡେ । ୧ ।

ଗଙ୍ଗା, ଗୋଦାବରୀ,
ନର୍ମଦା, କାବେରୀ,
ଆଦି ପୂଣ୍ୟତୋୟା ଜଳେ,
ପ୍ରକୃତି ସୁନ୍ଦରୀ
ମୋ ମା'ର ଚରଣ
ଆନନ୍ଦେ ନିତ୍ୟ ପଖାଳେ । ୨ ।

ତୁଙ୍ଗ ହିମାଳୟ
ଠାରୁ କୁମାରିକା,
କଛ ଠାରୁ କାମରୂପ,
ପ୍ରତି ଜନପଦେ
ନୁଆ ନୁଆ ଭାଷା,
ଭିନ୍ନ ସଂସ୍କୃତିର ଛାପ । ୩ ।

ସୁଜଳା ସୁଫଳା
ମୋ ଦେଶର ଭୂମି
ମାଟି ତା'ର ମନ୍ଦାକିନୀ,
ଅଇରି, ବଇରୀ,
ଡରୁଥାନ୍ତି ଜେଣୁ
ମୋ ମା' ବୀର ପ୍ରସବିନୀ । ୪ ।

ଯୋଗ ରୁ ଆଧ୍ୟାତ୍ମ୍
ବେଦ ଓ ପୁରାଣ
ଗଣିତ, ସାହିତ୍ୟ ଆଦି,
ପ୍ରତିଟି କ୍ଷେତ୍ରରେ
ଉତ୍କର୍ଷ ଆମର
ନାହିଁ କେହି ପ୍ରତିବାଦୀ । ୫ ।



କଙ୍କର କଙ୍କର
ଶଙ୍କର ଏହାର
ପ୍ରତି ଶିଳା ଶାଳଗ୍ରାମ,
ଭାରତ ମାତାର
ଅଙ୍ଗ ମଣ୍ଡିଛନ୍ତି
କେଶବ, ପୁରୁଷୋତ୍ତମ । ୬ ।

ସଗର୍ବେ ତ୍ରିରଙ୍ଗା
ଉଡୁ ଫର ଫର
ନଷ୍ଟ ହୋନ୍ତୁ ଶତ୍ରୁଗଣ,
ଦେଶ ମାତୃକାର
ଗୌରବ ଅକ୍ଷୁଣ୍ଣ
ରଖିବାକୁ କରେ ପଣ । ୭ ।


ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

# ଦେବସ୍ନାନ ପୂର୍ଣ୍ଣିମା



ଲିନା ମହାନ୍ତି

ସ୍ନାନ ମଣ୍ଡପରେ ଦେଖ ଦିଅଁ ଆଜି
ସ୍ନାନ ହେବେ ଆଜି ଭକ୍ତ ଆଗରେ,
ଧାଇଁ ଆସିଛନ୍ତି କାହିଁ କେତେ ଦୂରୁ
ଦିଅଁ ସ୍ନାନ ଟିକେ ଦେଖିବେ ଥରେ ॥
ପର କରିଛନ୍ତି ରତ୍ନ ସିଂହାସନ
ଏକାଠି ହେବେ ସେ ଭକ୍ତ ମେଳରେ,
ପଣ୍ଡା ସେବାୟତ ଲାଗି ପଡିଛନ୍ତି
ଭାବ ବିହ୍ୱଳରେ ତାଙ୍କ ସେବାରେ ॥
ସୁବର୍ଣ୍ଣ କଳସୀ ଜଳ ଭରା ହୋଇ
ଆସିଅଛି ଆଜି ତୁମରି ପାଇଁ,
ସ୍ନାନ ହେବେ ଆଜି ଜଗତର ନାଥ
ସାଥେ ସୁଦର୍ଶନ ଭଉଣୀ ଭାଇ ॥
ଗଜ ବେଶ ହେବ ଦୁଇ ଭାଇ ଆଜି
କରିଦେବ ପୂରା ଭକ୍ତଙ୍କ ଇଛା,
କରୁଥାଅ ପୂରା ସର୍ବ ମନୋକାମ
ତୁମ ବିନା କେହି ନାହିଁ ଭରସା ॥



ଜଗତସିଂହପୁର, ଓଡିଶା

# ଆମେ କଣ ସତରେ ସ୍ୱାଧୀନ?



ନୃସିଂହ ଚରଣ ବେହେରା

ଆସିଛିରେ ଆଜି ଅଗଷ୍ଟ ପନ୍ଦର
ନେଇ ମନେ ଅସୁମାରୀ ହରଷ,
ତ୍ରିରଙ୍ଗା ପତକା ଉଡେ ଫର ଫର
ଖୁସିରେ ନାଚଇ ଭାରତ ଦେଶ ॥

ସ୍ୱାଧୀନ ହୋଇଛୁ ବୋଲି ଆମ ଗର୍ବ
ସ୍ୱାଧୀନ ଦେଶର ଆମେ ଜନତା,
ସ୍ୱାଧୀନତା ପାଇଁ ଯିଏ ଜୀବନ ଦେଲେ
ଭାବୁଛେ କି ଥରେ ତାଙ୍କରି କଥା ॥

ତାଙ୍କଠାରୁ ଆମେ ଜନମ ନେଇଛେ
ଏ କଥାକୁ କିଏ ମିଛ କହିବ?
ତାଙ୍କର ଆଦର୍ଶ ତ୍ୟାଗକୁ ଭୁଲିକି
ଆମେ ଦେଖାଉଛୁ ମିଛ ଗରିବ ॥

ଦେଶ ପାଇଁ ବୀରଙ୍କର ବଳିଦାନ
ସତେକି ପାଶୋରି ଯାଇଛୁ ଆଜି,
ସେଥିପାଇଁ ଦେଶ ପ୍ରଗତି କଲେ ବି
ଅଧୋଗତି ତାର ହୋଇଛି ଆଜି ॥



ସ୍ୱାଧୀନ ହୋଇବି ସ୍ୱାଧୀନ ଭାବରେ
ନିର୍ଭୟରେ କଣ ଆମେ ପାରୁଛେ ଚାଲି?
ଧନ ଜନ ନିଜକୁ ଅସହାୟ ମଣେ
ବିଶୃଙ୍ଖଳା ଏଠି ଯାଏରେ ବଳି ॥

ସ୍ୱାଧୀନତାର ଏତେ ବର୍ଷ ପରେ ଆଜି
ଯଦି ଭାବିବା ଥରଟେ ଆମେ,
ସତରେ କଣ ସ୍ୱାଧୀନ ଆମେ?
ସ୍ୱାଧୀନ ଭାବରେ ବଞ୍ଚିବା ଦିନେ? ....

୨୧୭, ୟୁନିଟ- ୯( ଫ୍ଲାଟ) , ବାୟାବାବା ମଠ ଲେନ, ଭୁବନେଶ୍ୱର- ୨୨

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ନାଲି ଫ୍ରକ....



ସୁବଳ ମହାପାତ୍ର

ଶନିବାର ସକାଳୁ ଅଫିସ ଖୋଲୁ ଖୋଲୁ ଆକାଉଣ୍ଟ ସେକ୍ସନ ପାଖକୁ ଆସି ଖୁଜୁରୁ ବୁଜୁରୁ ହେଲା ରଥୀଆ।

ଚନ୍ଦ୍ରମୟୀ ଦେବୀଙ୍କ ଅଫିସ ର ପିଅନ ସେ। ଚନ୍ଦ୍ରମୟୀ ଦେବୀ ସେ ଅଫିସ ର ଆକାଉଣ୍ଟାଣ୍ଟ। ଦି ଜଣଙ୍କ ଘର ଆଖ ପାଖ ଗାଁ ରେ କିନ୍ତୁ ଅଫିସ ଟି ଭୁବନେଶ୍ୱର ରେ। ଚନ୍ଦ୍ରମୟୀ ଦେବୀ ଅବିବାହିତା। ବୟସ ପାଖାପାଖି ଘ୍ନଳଶ ହେବ। ଛୋଟ ବେଳୁ ବହାହେବାକୁ କେମିତି ଗୋଟେ ଅଲଗା ଦୃଷ୍ଟି ରେ ଦେଖନ୍ତି ସେ। ଘରର ବଡ ଝିଅ ହେଲେ ବି, ସାନ ଭାଇ ଦୁଇଜଣଙ୍କୁ ପାଠ ପଢେଇ ବାହା ସାହା କରି, ଏବେ ନିଜେ ଜଣେ ଏକା ଏକା କର୍ମଜୀବୀ ମହିଳା ହିସାବରେ ଜୀବନ ବଞ୍ଚୁଛନ୍ତି। ଗାଁ ରେ, ମା ଆଉ ଭାଇ ଭାଉଜ। ସବୁ ଶନିବାର ସନ୍ଧ୍ୟା ବସ ରେ ଗାଁ କୁ ଯାଆନ୍ତି ସେ। ସବୁବେଳେ ରଥୀଆ ବି ସାଙ୍ଗରେ ଯାଏ ସେଇ ଏକା ବସ ରେ। ଖୋଜି ଖୋଜି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସିଟ ରେ ଜାଗା ରଖି ଆସିଥାଏ ସେ ଷ୍ଟାଣ୍ଡ ରୁ ଚନ୍ଦ୍ରମୟୀ ଦେବୀଙ୍କ ପାଇଁ। ଏକା ବସ ରେ ଗଲେ ଆଗ ପଡେ ରଥୀଆ ର ଗାଁ ତା ପରେ ଚନ୍ଦ୍ରମୟୀ ଦେବୀଙ୍କ ଗାଁ, ପାଖାପାଖି ପାଞ୍ଚ ଛଅ କିଲୋମିଟର ପରେ।

ଚନ୍ଦ୍ରମୟୀ ଦେବୀ ରଥୀଆ କୁ ଠିଆ ହୋଇଥିବା ଦେଖି ପଚ୍ଚରିଲେ, "କଣ ହେଲା କିରେ? "

-- ନାହିଁ କିଛିନାହିଁ ଦିଦି, ବୋଲି କହି ଠିଆ ହୋଇ ରହିଲା ସେ।

- - କରେ କଣ ହେଇଛି କହୁନୁ?
- - ଦିଦି, ଟିକେ ଟଙ୍କା ଆଡ଼ଭାନସ ଦରକାର ଥିଲା ।
- - କାହିଁକି?
- - କାଲି ଝିଅ ର ଜନ୍ମ ଦିନ, ଗାଁ କୁ ଯିବି ତ, ଫ୍ରକଟିଏ ନେଇଥାନ୍ତି।
- - ଏ ମାସରେ ଦରମା ପାଇନୁ କି?
- - ଆଉ ଅଛି, କେବେଠୁ ସଲାଣି ନା।
- - ହଉ, ବଡ଼ବାବୁ ଆସନ୍ତୁ, ସେ ବିଷୟରେ କଥା ହୋଇଯିବୁ। ଦରଖାସ୍ତ ଟିଏ ରଖିଥା।

ହଉ କହି ରଥୀଆ ଚାଲିଗଲା। ଗଲା ବେଳେ ହଜାରେ ଚନ୍ତା ତା ମୁଣ୍ଡକୁ ପଶୁଥାଏ। ଟଙ୍କା ଚାରିହାଜର ଦରମା ତା'ର। ଘରେ ତିନ ପ୍ରାଣୀ କୁଟୁମ୍ବ। ସ୍ୱାମୀ, ସ୍ତ୍ରୀ, ଝିଅ। ଏ ମାସର ଦରମା ତ ଶୀଘ୍ର ସରିଗଲା। ଭୁବନେଶ୍ୱର ପରିକା ଜାଗାରେ ଟଙ୍କା ହଜାରେ ରେ ଚଳବା କଷ୍ଟ । ବସ୍ତି ରେ ସେମାନେ ଚାରିଜଣ ଲୋକ ଏକାଠି ଗୋଟିଏ ଘରେ ମେସ କରି ରହୁଛନ୍ତି ବୋଲି ପଇସା ବାଧୁନ। ମାସକୁ ଶହେ ଘରଭଡା । ଖାଇବା ନଜେ ଆଣି ରୋଷେଇ କରି ଖାଉଛନ୍ତି ବୋଲି ଚଳ ଯାଉଛି, ନହେଲେ ଏ ହୋଟେଲ ବାଲା ଯାହା ପଇସା ହାଙ୍କୁଛନ୍ତି ନକହିବା ଭଲ । ଘରୁ ଚାଉଳ ଗଣ୍ଡାକ ଆସୁଛି ବୋଲି ରକ୍ଷା । ନହେଲେ ଟଙ୍କା ହଜାରେ କଣ? ସେପଟେ ବାକ ପଇସା ଗାଁ କୁ ପଠେଇଲେ, ସେମାନେ ଦୁଇ ପ୍ରାଣୀ ଚଳବେ, ଚାଷବାସ ହେବ। ଏ ମାସରେ ରଜ ପାଇଁ ଆଉ ଚାଷବାସ ପାଇଁ ପଇସା ଟିକେ ଅଧିକ ଦରକାର। ରଜ ପାଇଁ ପଇସା ତକ ପଠେଇ ଦେଇଥିଲା ଆଗରୁ । ଏବେ ଆଉ ନାହିଁ ପଇସା । କାଲି ସନ୍ଧ୍ୟାରେ ଝିଅ ଫୋନ କରିଥିଲା, "ବାପା, କାଲି ମୋ ଜନ୍ମଦିନ। ଆଜି ଆସିଲା ବେଳେ ମୋ ପାଇଁ ନୂଆ ଫ୍ରକ ଟେ ଆଣିବ" । ଚନ୍ତା ରେ ପଡି ଯାଇଥିଲା ରଥୀଆ। ରଜ ରେ ତା ପାଇଁ ଫ୍ରକଟିଏ ବି କରି ହେଲାନ। ସେଇ ପୁରୁଣା ଫ୍ରକଟି ପିନ୍ଧି ସବୁଆଡେ ବୁଲିଲା ବିଚାରି। ଯାହା ହେଲେବି, ଏଇ ଦି ହଜାର ଟଙ୍କା ରୁ ତା ପାଇଁ ଫ୍ରକ ଟିଏ ନେଇକ ଯିବାକୁ ପଡ଼ିବ। ନାଲି ଫ୍ରକ ତା'ର ଭାରି ପସନ୍ଦ, ଦେଖିଲେ ଭାରି ଖୁସି ହୋଇଯିବ। କନ୍ତୁ ପଇସା କାଇଁ? ଆଡ଼ଭାନ୍ସ ନେଲେ ଅବା ଆରମାସରେ କଟିବ ଦରମା ରୁ। କଟୁ ପଛେ,

ପଇସା ତ ଏବେ ଦରକାର । ନାଲି ଫ୍ରକ ପିନ୍ଧି ଝିଅ ର ହସ ହସ ମୁହଁଟି ଦିଶିଯିବାରୁ ଖୁବ ଖୁସି ହୋଇଗଲ୍ ସେ । ଏପଟେ ପଇସା ନଅଣ୍ଟ କୁ ସେପଟେ ଗୃଷ ପାଇଁ ବିହନ ବି ଆଣିବାକୁ ପଡିବ । ନହେଲେ ବର୍ଷ ସାଗ୍ ଖାଇବେ କଣ? ହଉ, ବାବୁ ଆସନ୍ତୁ, ଦେଖିବା ।

ପଇସା ଦେବେ କ ନଦେବେ ଏହି ଆଶଙ୍କାରେ ବାବୁ ଆସିବାର ଅଧଘଣ୍ଟେ ପୂର୍ବରୁ ତାଙ୍କ କେବିନ ଆଗରେ ଠିଆ ହୋଇଥାଏ ରଥୀଆ । ବାବୁ ଆସିଲେ, ନଦେଖିଲ୍ ପରି କେବିନ ଭିତରକୁ ଗ୍ଲିଗଲେ । କଛି ସମୟ ପରେ ରଥୀଆ କୁ ଡାକଲେ କେବିନ ଭିତରକୁ । ରଥୀଆ ପଶୁ ପଶୁ ଆରମ୍ଭ ହୋଇଗଲ୍ ଗାଳ, "କଣ ଭ୍ବିଛ ତୁମେମାନେ? ଏଠି ପଇସା ଗଛ ଲ୍‌ଗିଛି? ଯିଏ ଯେତେବେଳେ ଆସିଲ୍ ମୁଁ ତୋଳ କ ଦେଇଦେବି? ପଇସା ତ କମ୍ପାନୀ ରେ ନାହିଁ, ତୁମକୁ କୁଆଡୁ ଦେବ? ଯା ଆଉଦିନେ ଆସିବୁନ ପଇସା ପାଇଁ । ମାସ ଶେଷହେଲେ ଦରମା ମିଳଯିବ ।" କାନ୍ଦୁଣ୍ଡୁ ମାନ୍ଦୁଣ୍ଡୁ ହୋଇ ନେହୁର୍ ହେଲେ ବି ଶୁଣି ନଥିଲେ ବଡବାବୁ । ଯା ଏଠୁ, ବୋଲି କହି ହାତଦେଖେଇ ଏକ ରକମ ଅଫିସ ଭିତରୁ ବାହାର କରିଦେଲେ । ଆଖି ପୋଛି ପୋଛି ବାହାରକୁ ଆସିଲ୍ ସେ ।

ରଥୀଆ ବାହାରୁ ବାହାରୁ ଦେଖାହେଲେ ଚନ୍ଦ୍ରମୟୀ ଦିଦି । ପଗ୍ଚରିଲେ, "କଣ ହେଲ୍"? ରଥୀଆ କଣ କହିବ ଭ୍ବୁ ଭ୍ବୁ ପାଟିରୁ ବାହାରି ଗଲ୍, "ହଁ, କହିଛନ୍ତି ଦେବେ ବୋଲି କନ୍ତୁ ଟିକେ ଲେଟ ହେବ" ।

ସନ୍ଧ୍ୟା ରେ ଗାଁ ବସ ରେ ଚଢ଼ିଲ୍‌ବେଳକୁ ସବୁଥର ପରି ଏଥର ବି ସିଟ ନେଇକ ଆସିଥିଲ୍ ରଥୀଆ । ହସ ହସ ମୁହଁରେ ସିଟ ଉପରୁ ରୁମାଲ ଖଣ୍ଡିକ ଉଠେଇଦେଲ୍ ସେ । ଚନ୍ଦ୍ରମୟୀ ଦେବୀ ସିଟରେ ବସିଲେ । ରଥୀଆ ଆଡକୁ ଗ୍ହିଁ ହସିଦେଲେ । ମନେ ମନେ ଧନ୍ୟବାଦଟିଏ ଦେଲେ । ରଥୀଆ ଅଛି ବୋଲି ସିନା ଏ ଗାଁ ବସ ରେ ସେ ସିଟ ଖଣ୍ଡିକ ପାଉଛନ୍ତି । ନହେଲେ ଗାଁ ବସ ଯେଉଁ ଭିଡ, ଭୁବନେଶ୍ୱର ରୁ ବାହାରିଲ୍ ପରେ ଭିତରେ ତ

ଛାଡ଼, ବସ ଉପରେ ବସିବାକୁ ଜାଗା ନଥାଏ। ଲୋକମାନେ ପଛ ରଡ଼ ଧରି ଏକରକମ ଓହଳ କ ଯାଆନ୍ତି । ଭିଡ ଭିତରେ ଠିଆ ହୋଇଥିବା ମହିଳାଙ୍କ କଥା ନକହିବା ଭଲ। ଜାଗା ଅଜାଗା ରେ ଲୋକ ଜାଣି ଜାଣି ବାଡେଇ ହୁଅନ୍ତି । ବେଳେବେଳେ କଣ୍ଡକ୍ଟର ବି ଆଗକୁ ପଛକୁ ଯିବା ବାହାନାରେ ଘଷି ହୁଏ। ସିଟ ରେ ବସି ସବୁ ଦେଖନ୍ତି ସେ। କନ୍ତୁ ଠିଆହେବା ଲୋକର ବି ମୁହଁ ଖୋଲିବାକୁ ଯୁ ନଥାଏ, ସେ କଣ କହିବେ। କହିଲେ ବି ଶୁଣିବ କଏ? ଭିଡ ର ଦ୍ୱାହି ଦେଇ ସବୁ ଖସିଯିବେ। ଏମାନେ ବି କରିବେ କଣ। ଗାଁକୁ ତ ସନ୍ଧ୍ୟା ରେ ଗୋଟିଏ ବସ, ନ ଆସି ଆଉ ଗ୍ଟର୍ ଅଛି? ରଥୀଆଟି ଅଛି ବୋଲି ସିନା। ନହେଲେ ସେ ବି ତ ଏମିତି ହଇରାଣ ହୁଅନ୍ତେ। ଆଜିକାଲି ଦିନ କାଳ ଯାହା, ଆଉ କଛି ନହେବ ବୋଲି କଏ କହିବ?

ଗାଁ ପାଖ ହେଲାରୁ "ଦିଦି ଆସୁଛି" କହି ଓଲ୍ଲେହି ଗଲା ରଥୀଆ। ମନରେ ଦୁଃଖ ଆଉ ଚନ୍ତା ମାଡି ବସିଲେ ତାକୁ। ଝିଅ କୁ କଣ କହି ବୁଝେଇବ? ଛଅ ବର୍ଷର ଝିଅ କଣ ବୁଝିବ ବାପର ଅସହାୟତା କୁ? ଚନ୍ତା ସହ ନଜକୁ ଧିକ୍କାର କରୁଥାଏ ସେ। ଝିଅ କେବେ କଛି କହେନ, ଆଜି ପାଟି ଖୋଲି ଫ୍ରକ ଟିଏ ପାଇଁ କହିଥିଲା। ସେତିକ ବି ଦେବା ଅବସ୍ଥା ରେ ନାହିଁ ସେ। ଧିକ ତା ବାପା ପଣିଆଁ କୁ। ଆଖିରେ ଆଖିଏ ଲୁହ ନେଇ ଗାଁ ମୁଣ୍ଡ ଚଉତରା ଉପରେ ବସି ରହିଲା ସେ। ଝିଅ ଶୋଇ ପଡିଲେ ଘରକୁ ଯିବ। ନହେଲେ ଝିଅ ରଖେଇ ବସେଇ ଦେବନ। କଣ କହିବ ସେ? ବାପା ପାଖରେ ପଇସା ନାହିଁ ବୋଲି ଫ୍ରକ ଟିଏ ବି ଆଣି ପାରିଲାନ। ଏକ ନମ୍ବର ହାଟ ରେ କେତେ ପଡ଼ିଥାନ୍ତା ଫ୍ରକ ଟିଏ? ଟଙ୍କା ଶହେ କ ଦେଢ଼ଶହ କନ୍ତୁ ସେତିକ ଦେବାର ସାମର୍ଥ୍ୟ ନାହିଁ ତାର। ଛି....

ରାତି ନଅଟା ପରେ ଆସ୍ତେ ଆସ୍ତେ ଘରମୁହାଁ ହେଲା। ସ୍ତ୍ରୀ ନୀଳ, ଦାଣ୍ଡ ରୁ ବାଡ଼ି, ବାଡ଼ି ରୁ ଦାଣ୍ଡ ହେଉଥାଏ। ଗେରସ୍ତ ଆଜି ଆସିବ କ ନାହିଁ ଜାଣିପାରୁ ନଥାଏ ସେ। ରଥୀଆ କୁ ସେ ରୁହିଁବସେ ସବୁ ଶନବାର। ରଥୀଆ ବେଳେ ବେଳେ ଆସେନ। ଅଧିକ ରାତି ହେଲେ ଜାଣେ ଯେ ଗେରସ୍ତ ଆଉ ଆସିବନ। କନ୍ତୁ ଝିଅ ଫୋନ କରିଥିଲା ମାନେ ଆସିବେ ତ ନଶ୍ଚିତ।

ଏବେ ଯାଏଁ ପହଞ୍ଚି ନାହାନ୍ତି । ବାଟରେ କଛି ଅସୁବିଧା ହେଲାକ? ମନରେ ପାପ ଛୁଉଁଥାଏ ତାର । ମଝିରେ ମଝିରେ ସେ ଜିଭ କାମୁଡି ଦେଉଥାଏ। ଦାଣ୍ଡରେ ରଥୀଆ କୁ ଦେଖି ଜୀବନ ପଶିଲା ତା'ର । ଏତେ ରାତିଯାଏଁ କେଉଁଠି ଥିଲ ବୋଲି ପଚାରୁ ପଚାରୁ ତା ପାଟିରେ ହାତ ଦେଇଦେଲା ରଥୀଆ । ରହ, ଝିଅ ଉଠି ପଡ଼ିବ। ଯାଡେ ଆ।

ରାତିରେ ଭାତ କଂସା ପାଖରେ ବସିଲା ବେଳକୁ ଖାଉ ଖାଉ ଆଖିରୁ ଲୁହ ବୋହିଯାଉଥାଏ ତା'ର। କଣ ହୋଇଛି ବୋଲି ନୀଳ ପଚାରିଲା। କଛିନାହିଁ କହି, ଅଧାଖିଆ ରୁ ଉଠିଗଲା ସେ। ଦୁଆର ମଝିରେ ପଡିଥିବା ଦଉଡ଼ିଆ ଖଟରେ ଗଡୁ ଗଡୁ ସାଇକେଲଟି ଉପରେ ନଜର ପଡିଲା । ସକାଳୁ ସକାଳୁ ପଧାନଘରେ ସାଇକେଲ ବନ୍ଧାଦେଇ ପଇସା ଆଣିବ ବୋଲି ମନେ ମନେ ଠିକ କଲା ସେ। କନ୍ତୁ ସାଇକେଲ ନଥିଲେ ସେ ଚଳବ କେମିତି? କନ୍ତୁ ନା, ଆଉ କଛି ବୁଦ୍ଧି ଦେଖାଯାଉ ନଥିଲା ତାକୁ। ଯାହାଯେମିତି ଚଳ ଯିବ ପଛେ, ଆଗ ଝିଅ ପାଇଁ ଫ୍ରକ ଆଣିବ। ଭାବି ଭାବି ଶୋଇ ପଡ଼ିଲା ସେ।

ବଡିଭୋର ରୁ ହଳ ନେଇ ବିଲକୁ ଗଲା। ସଅଳ ଫେରିଲେ ପୁଣି ସାଇକେଲ ବନ୍ଧା ଦବ, ପଇସା ଆଣି ବଜାରକୁ ଯାଇ, ଝିଅ ପାଇଁ ଫ୍ରକ ଆଣିବ ବୋଲି ମନେରଖି ଶୀଘ୍ର ଶୀଘ୍ର କାମ ସାରି ହଳ ବଳଦ ଧରି ବିଲରୁ ଫେରିଲା ସେ। ଛକ ପାଖରୁ ଦେଖିପାରୁଥିଲା, ଝିଅ ତାର ନାଲି ଫ୍ରକ ଟିଏ ପିନ୍ଧି ଡେଇଁ ଡେଇଁ ଘର ଆଗରେ ଖେଳୁଥିଲା। ଆଖି ଜାଲୁଜାଲୁଆ ହେଇ ଆସିଲା ତା'ର। ଆଖି ପୋଛି ପୁଣି ଥରେ ଚାହିଁଲା ସେ। ସତରେ ଝିଅ ତା'ର ନାଲି ଫ୍ରକ ଟିଏ ପିନ୍ଧିଥିଲା। ବହୁତ ସୁନ୍ଦର ଦେଖାଯାଉଥିଲା। ହାତରେ ବଡ ଚକଲେଟ ଟିଏ ଧରିଥାଏ ସେ। ଘର ବାରଣ୍ଡା ରେ ଚନ୍ମୟୀ ଦିଦିଙ୍କୁ ଦେଖି ଆଉ ବୁଝିବାକୁ ବାକ ନଥିଲା ଯେ, ଫ୍ରକ ଟି ଦିଦି ଆଣିଥିବେ ବୋଲି। ମନେ ମନେ ଠାକୁର ଙ୍କୁ ଶହେ, ଦିଦିଙ୍କୁ ଦୁଇଶହ ମୁଣ୍ଡିଆ ମାରି ପକେଇଲା ସେ। ପାଖକୁ ଆସୁ ଆସୁ ପଚାରିଲା, "ଦିଦି ଇଆଡ଼େ କୁଆଡେ? "

- ଏଇ ପାଖରେ ଗୋଟିଏ ସାଙ୍ଗ ର ଘର, ସେ ବାହାରେ ରହେ। ଏବେ ଗାଁ କୁ ଆସିଛି ତ, ତାକୁ ଦେଖା କରିବାକୁ ଆସିଥିଲି।

ଗଲାବେଳେ ଚନ୍ମୟୀ ଦିଦି, ତା ହାତରେ ପାଞ୍ଚ ଶହ ଟଙ୍କିଆ ନୋଟ ଗ୍ବରିଖଣ୍ଡ ଗୁଞ୍ଜିଦେଇ ସାନଭାଇ ର ସ୍କୁଟର ପଛରେ ବସୁ ବସୁ କହିଲେ, "ସୁବିଧା ହେଲେ ଫେରେଇବୁ, ଏବେ ରଖ। ଇଆଡ଼େ ଆସିଥିଲି ତ ଝିଅ ର ଜନ୍ମଦିନ ବୋଲି କହୁଥିଲୁ, ସେଥିପାଇଁ ତା ପାଇଁ ଏ ଫ୍ରକ ଟି ଆଣିଥିଲି। ହଉ, ମୁଁ ଯାଏ।"

ମୁହଁର ହାବଭାବରୁ ସେ ଠିକ ଠଉରେଇ ପାରୁଥିଲା ଯେ ଦିଦି ମିଛ କହୁଛନ୍ତି। ସାଙ୍ଗ ପାଖକୁ ନୁହେଁ, ସେ ଝିଅ ପାଇଁ ଫ୍ରକ ଓ ପଇସା ଦେବାକୁ ଆସିଥିଲେ। ବୋଧହୁଏ, ଠିକ ସେମିତି ତା ମୁହଁ ର ହାବଭାବ ରୁ କାଲି ଦିଦି କଛି ଠଉରେଇ ପାରିଥିବେ।

ଏବେ ତା ଆଖିରୁ କୃତଜ୍ଞତା ର ଲୁହ ବୋହି ଆସୁଥିଲା।

ଖଲାରୀ, ଅନୁଗୁଳ, ଓଡିଶା
Subal.mohapatra@gmail.com



# କବିତା



ଭାସ୍କର ଚନ୍ଦ୍ର ଖଣ୍ଡା

କେତେ ଗୁଡିଏ ଶବ୍ଦର ସଂଯୋଗରେ
ସୃଷ୍ଟି ହୁଏ ସିଏ
କଳ୍ପନାର ରୂପ ମାଧୁରୀରେ
ଶିଳ୍ପୀର ନିହାଣ ମୁନରେ
ଏକ ସୁନ୍ଦର ନାରୀ ପ୍ରତିମା
ଜନ୍ମ ନେଲା ପରି  |1|

ଅବା ସେଇ ନାରୀ
ସଜାଇବ ତା ରୂପକୁ
ସତେ ଯିବ ବୁଲି ବାହାରକୁ
ପାଦରେ ଅଳତା ଆଖିରେ କଜଳ
ଗୋଲାପି ଓଠରେ
ନାଲି ରଙ୍ଗ ଭରି  |2|

ପରଖୁଛି ନିଜ ରୂପ
କଳ୍ପନାର ସେ ଛବିରେ
ନିଜ ମନ ଆଇନାରେ
ରହିଗଲା ଅବା କିଛି ଊଣା
ଭରିଦେବ ସତେ ତାକୁ
ଆଉଥରେ ତୁଳୀ ଧରି  |3|

ଭାବନାର ସେ ସ୍ୱଇଜେ
ଯାଇ ସପନରେ ହଜି
ଗାଲିଛି ସେଇଠି ଖୋଜି
ଲଭିବ ସାନ୍ନିଧ ତା'ର
ସେ ଛନ୍ଦ ନାୟିକା ସତେ
ଆସିବକି ତା ସପନ ପରୀ ।4 ।

ନେବ ସିଏ କବିତାର ରୂପ
ସୃଷ୍ଟି ହେବ ପ୍ରତିବିମ୍ବ
ସପନର ସେ ନାୟିକା
ରହସ୍ୟମୟ ଭାବନାର ଛନ୍ଦ
ଲିଓନାର୍ଡୋ ଡା ଭିନ୍ସିଙ୍କ ସେଇ ସୃଷ୍ଟି
ମୋନାଲିସା ହସ ପରି ।5 ।

ଭାସ୍କର ଚନ୍ଦ୍ର ଖଣ୍ଡା
ଆଲ୍ହାବାଦ ବ୍ୟାଙ୍କ, ଭୁବନେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ସେପ୍ଟେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ଅଗଷ୍ଟ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

# ବିଦାୟ



ସାଗରିକା ମହାନ୍ତି

ତୁମ ବିଦାୟର କଛି ଆକ୍ଷରିକ ଅର୍ଥ ନଥିଲା ।
ନହେଲେ ତ ସମ୍ପର୍କର ପାଣ୍ଡୁଲିପିଟିକୁ ସାଇତି
ରଖିଥାନ୍ତି ବସନ୍ତର ଉପେକ୍ଷିତ ମୁହୂର୍ତ୍ତ ଗୁଡିକରେ ।

ପ୍ରିତୀର ଗଣ୍ଠିରେ ବାନ୍ଧି ରଖିଥାନ୍ତି ସୂର୍ଯ୍ୟାସ୍ତ ସାଥେ
ଫିକା ପଡିଯାଉଥିବା ରକ୍ତିମ ଆଭାକୁ ।

ମାଟିରୁ ଆକାଶ ଯାଏ ବୁଣି ଦେଇଥାନ୍ତି ସ୍ମୃତିର
ଅଗଣିତ ତାରାଫୁଲ ସବୁ ।

ମେଘ ଡମ୍ବରୁର ତାଳେ ତାଳେ ଡେଇଁ ଯାଇଥାନ୍ତି
ସବୁ ସୀମା ସରହଦକୁ,
ଯେଉଁଠି ଆଞ୍ଜୁଳାଏ ମାଟିରେ, କାମନାର ବୃକ୍ଷ
ପତ୍ରଡାଳ ମେଲି ଛିଡା ହେଇଯାଏ ବିନା
ସଙ୍କୋଚରେ ।

ଅଦ୍ଭୁତ ଏ ପ୍ରେମର କ୍ରମାଙ୍କ ।
ବାଟ ଓଗାଳ ମଉଛବ କଲାବେଳେ ବଞ୍ଚି ରହିବାର
ଅଧିକାରଟିକୁ ଶୁନ୍ୟହସ୍ତରେ ତୋଳ ଧରିଥାଏ ।
ପୁଣି ଏକ ନରାପଦ ଦୂରତାରୁ ରହି ଛେଡେଇ ନଏ
"ଉଫ୍" କରିବାର ସୁନ୍ଦର ଅବସରଟିକୁ ।

ନବୀ ମୁମ୍ବାଇ, ମହାରାଷ୍ଟ୍ର

# ମୁହୂର୍ତ୍ତ ର ସ୍ୱପ୍ନ



ସିପ୍ରା ନାମତା ( ନମ୍ରତା)

ଚାଲ, ଅସହାୟ ମୁହୂର୍ତ୍ତ କୁ ସାଉଁଟି ଆଣିବା
ବାର ହାତ ଶାଢ଼ୀ ପଣତ ଓ ଦଶ ହାତ ଧୋତି ର ଧଡି ରେ
ବାସ୍ତବିକତାର ମଧୁର ବନ୍ଧନ ରେ
କେବେ ନ ଫିଟିବା ର ଗଣ୍ଠି ଟିଏ ଦେବା
ହୃଦୟ ର ଅଳନ୍ଦ ନୀଳୟ ର
ସୁକ୍ଷ୍ମ ଧମନୀ ଓ ଅସଂଖ୍ୟ ସ୍ନାୟୁ କୋଷିକା ର
ଶିର୍ ପ୍ରଶିର୍ ରେ,
ଚାଲ ସମ୍ପର୍କ ର ଅଣୁ ପରମାଣୁ ତିଆରି କରିବା ।।

ଚାଲ, ଆକାଶର ଅଗଣା ରେ ଗଢ଼ିଦେବା
ବଉଦ ର ଭସା ବାଲି ରେ,
ବେଦନା ର ସିମେଣ୍ଟ ଦେଇ ବିଶ୍ୱାସ ର ମାଟିରେ
ଦୁଇହାତ ଆଙ୍ଗୁଳ ମିଶାଇ
କାନ୍ଥ ପରେ କାନ୍ଥ ଯୋଡି
ଅଭଙ୍ଗା ଘର ଟିଏ ତୋଳ
ହଜିଯାଇଥିବା ଦିନ ସବୁ ଖୋଜି ଆଣିବା
ପ୍ରେମ ତଟିନୀ ର କୁଳୁକୁଳୁ ଶବ୍ଦ ରେ
ସବୁ କୋହ ଲୁହ ଭସେଇ,
ଓଠ ରେ ହସ ଚେନାଟିଏ ଆଙ୍କିଦେବା ।।

ଗୁଳି, ବନ୍ଧୁକ ର ବାରୁଦ ବାସ୍ନା କୁ ଶୁଙ୍ଘିନେବା
ଯେ, ବାସ୍ନାରେ ସୀମନ୍ତ ର ସିନ୍ଦୁର ହଜେ ,
କୋଳ ଶୁନ୍ୟ ହୁଏ
ଉଗ୍ର ବାଦ ର ଜ୍ୱାଳା ରେ
ଆଖି ଅନ୍ଧ ହୁଏ
ସନ୍ତ୍ରାସବାଦ ର ଲାଲ ମାଟି କୁ ଯାଇ
ଅଙ୍ଗୁଳିମାଳ ର କଥା କହି ଶାନ୍ତି, ମୈତ୍ରୀ,
ପ୍ରୀତିର ପରଶ ଦେଇ ନିର୍ବାଣ ପଥ ରେ
ପୁଣି ଥରେ ଫେରାଇଆଣିବା ସାମ୍ୟବାଦ ର
ପ୍ରଚ୍ଛର କରି ମାନବବାଦ ର ଜୟଗାନ କରିବା ।।

ତୁଳସୀଚଉରା, ପୋ- ବାରିପଦା, ମୟୁରଭଞ୍ଜ, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ
ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।
ଆମକୁ ସଂପର୍କ କରିବାର ଠିକଣା ହେଲା:
vedantimagazine@gmail.com & editor.vedantimagazine@gmail.com.
Whatsapp & Mobile: ୯୫୯୪୯୯୩୭୩୩/ ୮୮୨୮୨୧୩୭୩୩

# ମହାଶାଳ ଗଛ
# ( ଶିମିଳିପାଳ ଜଙ୍ଗଲ)



ଅଶୋକ ବିଶ୍ୱାଳ

ଆମ୍ଭେମାନେ ଫେରୁଥିଲୁ । ହଠାତ୍ ଆମର ଗାଡି ଗୋଟିଏ ବିଶାଳ ଗଛ ପାଖରେ ରହିଗଲା। ବିଶାଳ ମହାଶାଳ ଗଛ ଠିଆ ହୋଇଥିଲା ସେଇ ଜଙ୍ଗଲରେ । ଗୁଡୁଗୁଡିଆରୁ ଯଶିପୁର ଯିବାର ରାସ୍ତାରେ ଅଛି ଏକ ମହାବିଶାଳ ଶାଳ ଗଛ, ଗଣ୍ଡି ସିଧା ହୋଇ ଆକାଶକୁ ଚାଲିଯାଇଛି । ଖୁବ୍ ଉଚ୍ଚରେ ଡ଼େଣା ମେଲିଛି ଲାଗୁଛି ଯେମିତି ଏକ ଛତା । ପତଳା ସରୁଆ ଫଟା ଗାର ସବୁ ଗଛର ଛେଲି ଉପରେ ଅଛି, ଗୋଟିଏ ଅନ୍ୟ ସହିତ ସମାନ୍ତରାଳ ଭାବରେ। ଗଛର ଧୂସର ମାଟିଆ ରଙ୍ଗର ଛେଲିରେ ଅଛି କଳା ରଙ୍ଗର ଚହ୍ନ, ଆଉ ମଝିରେ ମଝିରେ ଧଳା ରଙ୍ଗର । ଏହି ଗଛ ଅନ୍ୟ ଶାଳ ଗଛ ଠାରୁ ଭିନ୍ନ ଲାଗୁଥିଲା, ତଳେ ଟିକଏ ବଟ୍ରେସେସ ହୋଇଯାଇଥିଲା ତଳର ଢାଲୁ ଆଡକୁ । ମହାଶାଳ ଘଛ ସାମନ୍ୟ ଢାଲୁଆ ଜାଗାରେ ଠିଆ ହୋଇଥିଲା । ଏହି ବିଶାଳ ଗଛଟି ଚାରିପଟେ ଥିଲା ଆଉ ଅନେକ ବଡ ଶାଳଗଛ । କିନ୍ତୁ ସେମାନଙ୍କର ଗଣ୍ଡି ଏହା ଠାରୁ ବହୁତ ପତଳା ଥିଲା, ଲାଗୁଥିଲା ଏକ ବିଶାଳ ଦୈତ୍ୟ ଆଗରେ ଛୋଟ ଛୋଟ ଶିଶୁ । ସେମାନେ ଉପରକୁ ଲମ୍ବି ଯାଇଥିଲେ କିନ୍ତୁ ଏଇ ଗଛର ଶୀର୍ଷ ଠାରୁ ବହୁତ ତଳେ ଥିଲେ । ଶିମିଳିପାଳ ଜଙ୍ଗଲର ମହାରାଜା ନିଜର ମନ୍ତ୍ରୀମାନଙ୍କ ସହ ବସିଛନ୍ତି । ତଳେ ଅନେକ କଳା ପଥର ମାଟି ଉପରୁ ମୁଣ୍ଡ କାଢିଥିଲେ। ପାଖରେ ପଡିଥିଲା ପତ୍ର ସବୁ ଆଉ ସବୁଜ ଶିଉଳୀ ସବୁ କଳା ପଥର ଉପରେ ମାଡିଯାଇଥିଲା ଏଇ ଓଦାଳିଆ ବାତାବରଣରେ ।

ମୁଁ ସେଦିନ ଯାତ୍ରାରେ ଏକା ନଥିଲି । ସେ ଶାଳ ଜଙ୍ଗଲ ମଧରେ ସେଇ ଶାଳ ଜଙ୍ଗଲର ଆତ୍ମାକୁ ଜାଣିବା ପାଇଁ ମୁଁ ଚାହୁଁଥିଲି ମୋ ସାଙ୍ଗରେ କିଏ ଜଣେ ଥାଉ ଯିଏ ମତେ କହିବ

ଏହି ଜଙ୍ଗଲର କାହାଣୀ; ଆଉ ସେଦିନରେ ମୋ ସାଙ୍ଗରେ ଯେଉଁ ବ୍ୟକ୍ତି ଥିଲେ ସେ ୩୦ ପହଁଞ୍ଚି ନାହାନ୍ତି ବୟସରେ । ସେ ଦୂର ଦିଗବଳୟକୁ ଅନାଇଲେ । ସେଠି ରଙ୍ଗର ପରିବର୍ତ୍ତନ ଆଲୁଅର ପରିବର୍ତ୍ତନ । ଶିମିଳପାଳ ଜଙ୍ଗଲ ତାଙ୍କୁ ଅନାଇ ରହିଛି । ପବନର ଶବ୍ଦ, ବୋହି ଯାଉଥିବା ପାଣିର ଶବ୍ଦ ଆମର କାନକୁ ଭରି ଯାଉଥିଲା । ସେଇଠି ସେ କହିଲେ ଜଙ୍ଗଲର ଆତ୍ମାର କଥା । ଶାଳ ଜଙ୍ଗଲର  ସଙ୍ଗୀତ ଆମ କାନକୁ ଭରି ଦେଉଥିଲା, ପ୍ରତି କୋଣରୁ ଭାସିଆସୁଥିଲା ଶାଳ ଜଙ୍ଗଲର ସଙ୍ଗୀତ ମୋ କାନକୁ । ସେ ତାଙ୍କର ଆଖି କିଛି ସମୟ ପର୍ଯ୍ୟନ୍ତ ବନ୍ଦ କଲେ । ତା ପରେ ଅନାଇଲେ ଆଗରେ ଥିବା ସେହି ମହାଶାଳ ଗଛକୁ, ମୁଁ ସେହି ସମୟରେ ମୋ ଆଖିକୁ ବନ୍ଦକରି ଦେଇଥିଲି । ସେହି ବିଶାଳ ଜଙ୍ଗଲର ଆତ୍ମାକୁ ଯେମିତି ନିଜ ଭିତରେ ଅନୁଭବ କରୁଥିଲି ।

"ଏହି ମହାବିଶାଳ ମହାଶାଳରେ ରହେ ଶିମିଳପାଳର ଆତ୍ମା,  ଶିମିଳପାଳର ଦେବୀ । ସମସ୍ତେ ଏମିତି ବିଶ୍ୱାସ କରନ୍ତି ଆଉ ସେଇଠୁ କାହାଣୀ ଆରମ୍ଭ ହୋଇଛି ।" ଏତିକି କହି ସେ ରହିଗଲେ । ଉପରୁ ଝରି ଆସୁଥିବା ଆଲୋକର ତୀବ୍ରତା ବଢିଯାଇଥିଲା । ଶିମିଳପାଳ ଜଙ୍ଗଲର ଦେବତାଙ୍କ ଉଜ୍ଜ୍ୱଳତା ବଢିଯାଇଥିଲା । ତାଙ୍କ ମୁଣ୍ଡ ଉପରେ ଥିବା ଆକାଶରୁ ଯେମିତି ହୀରାମାନ ଚମକୁଥିଲେ ପତ୍ରର ଫାଙ୍କ ଦେଇ, ତାଙ୍କର ଶକ୍ତି ତାଙ୍କର ମହାନତାକୁ ବର୍ଣ୍ଣନା କରୁଥିଲେ ।

"ଏଠିକାର ମୂଳ ଆଦିବାସୀ ଲୋକମାନେ ଶାଳ ଗଛକୁ କାଟନ୍ତି ନାହିଁ । ଏହା ହେଉଛି ଦେବତାମାନଙ୍କର ବାସସ୍ଥଳୀ । ଗ୍ରାମର ଦେବତାମାନେ ଶାଳ ଜଙ୍ଗଲରେ ରହନ୍ତି । ଜଣେ ଅନେକ ମାଟିର ମୂର୍ତ୍ତି ପାଇବ, ଘୋଡା ପାଇବ, ଏମିତି ସବୁ ପାଇବ । ଏଠି ମଣିଷ ଆଉ ପ୍ରକୃତି ସହ ଅଗାଢ ବନ୍ଧନ ଦେଖିବ । ପଥରରେ ନୁହେଁ କିନ୍ତୁ ଭାବନାରେ, ବିଶ୍ୱାସରେ ଏମାନଙ୍କ ସରଳ ବିଶ୍ୱାସରେ ।" ସେ କହୁଥିଲେ, ମୁଁ ଆଶ୍ଚର୍ଯ୍ୟଚକିତ ହୋଇଯାଉଥିଲି । ମୁଁ ଜାଣିନଥିଲି କାହିଁକି ଏମିତି ସେ କହୁଥିଲେ । ମୁଁ ସେ ବିଶାଳ ବୃକ୍ଷକୁ ପ୍ରଂଶସା କରୁଥିଲି । ମୁଁ ନିଶ୍ଚିତ ଭାବରେ କହିବି, ସେତେବେଳେ  ମୁଁ ସେହି ଗଛର ମୂଲ୍ୟାଙ୍କନ କରୁଥିଲି ।

ସେଥିରୁ କେତେ କାଠ ବାହାରିବ । ଆଉ ଗଛଟି ପାକଳ ହୋଇଯାଇଛି । ଏହାର ମୂଲ୍ୟ ସୁନା ସହିତ ସମାନ ।

ଦୁଇଜଣ କାଠ କଟାଳୀ ଥିଲେ । ସେମାନେ କାଠ କାଟନ୍ତି ଜଙ୍ଗଲରୁ । କାଠ ବିକନ୍ତି କାଠ ବେପାରୀମାନଙ୍କୁ । ଆଗରୁ ସେମାନେ ଶୁଖିଲା ଗଛ କାଟୁଥିଲେ । ସେଦିନ ସେମାନେ ଭାବିଲେ ବଡ ଗଛ କାଟିବେ । ତେଣୁ ପାହାଡ ଚଢିଗଲେ । ଜଙ୍ଗଲରେ ବହୁତ ଗଛ ଥିଲା । ବଡ ଛୋଟ ସବୁ ପ୍ରକାର । କିନ୍ତୁ ସେମାନେ ଚାହୁଁଥିଲେ ସବୁଠାରୁ ବଡ ଗଛ । ସେମାନେ ଏକା ଦିନରେ ଧନୀ ହେବା ପାଇଁ ଚାହୁଁଥିଲେ । ତେଣୁ ସମାଜର ନିୟମକୁ ଭାଙ୍ଗିବାକୁ ଚାହିଁଲେ । ତାଙ୍କ ସମାଜର ନିୟମ ଥିଲା ଜୀବନ୍ତ ଗଛକୁ ନକାଟିବା ପାଇଁ କିନ୍ତୁ ଲୋଭ ନିୟମକୁ ଜୟ କଲା । ତା ପରେ ସେମାନେ ମହାଶଳ ଗଛକୁ ଦେଖିଲେ । ଶିମିଳପାଳ ଜଙ୍ଗଲର ସର୍ବବୃହତ ଗଛ, ରହେ ସେଠି ଶିମିଳପାଳର ଦେବତା । ସେମାନେ ନିଜର କରତକୁ ଠିକ୍ କଲେ । ତାପରେ ଗଛ କାଟିବାକୁ ଆରମ୍ଭ ଭାବିଲେ । ତାପରେ ନିଜର କରତକୁ ନେଇ ସେଇ ବିଶାଳ ଗଣ୍ଡି ଉପରେ ରଖିଦେଲେ ।" ଏତିକ କହି ସେ ରହିଗଲେ। ଉପର ଆକାଶରୁ ଆଲୋକର ତୀବ୍ରତା ହଠାତ୍ କମିଗଲା ସେହି ସମୟରେ, ପବନ ଜୋରରେ ବୋହିବା ଆରମ୍ଭ କଲା । ଶିମିଳପାଳର ଦେବତା କିଛି କହୁଥିଲେ ଯେମିତି ।

"ତା ପରଦିନ ଅନ୍ୟ ଗ୍ରାମବାସୀମାନେ ସେମାନଙ୍କୁ ଦେଖିଲେ । ସେହି କାଠ କଟାଳୀମାନେ ମରିଯାଇଥିଲେ । ସେମାନଙ୍କର କରତ ସେମିତି ମହାଶବଖ ଗଛରେ ଲାଗି ରହିଥାଏ । ଦେବତାଙ୍କର କ୍ରୋଧ ତାଙ୍କ ଉପରେ ପଡିଥିଲା । ସେମାନେ ରକ୍ତ ବାନ୍ତି କରି ସେଇଠି ପଡି ମରିଯାଇଥିଲେ ।" ଏତିକ କହି ସେ ଲମ୍ବା ନିଶ୍ୱାସ ନେଲେ । ମୁଁ ଏମିତି ଏକ କାହାଣୀରେ ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲି । ଏତେ ସମ୍ମାନ ଶାଳ ଜଙ୍ଗଲ ପାଇଁ ଏତେ ସ୍ନେହ, ପ୍ରେମ ସେ ଜୀବନ୍ତ ଗଛ ପାଇଁ । ଆମେ ଅନ୍ୟ ସ୍ଥାନକୁ ଚାଲି ଗଲୁ । ସେଇ ବଡ ଗଛଟି ସେଇ ସ୍ଥାନରେ ରହିଥିଲା । ଶିମିଳପାଳ ଦେବାଦେବୀ ସେଇଠି ବିଶ୍ରାମ ନିଅନ୍ତୁ କେହି ତାଙ୍କୁ ବିରକ୍ତ ନକରନ୍ତୁ ।

## କାଳୀଆଣି ପବନ

ଆମେ ଫେରି ଆସିଲୁ, ସେଇ ଲମ୍ବା ପାହାଡ଼ର ଧାରେ ଧାରେ, ନଈର କୂଳେ କୂଳେ । ଲମ୍ବା ପାହାଡ଼ ସବୁ ସବୁଜ ପୋଷାକ ପିନ୍ଧି କେଉଁ ଆକାଶରେ ଲୀନ ହୋଇଯାଇଥିଲେ । ପବନରେ ସେ ପୋଷାକ ଗୁଡିଏ ଯେମିତି ହଲୁଥିଲା । ସଂନ୍ଧ୍ୟା ଶିମିଳପାଳର ଘୋର ଅରଣ୍ୟରେ ଜଲଦି ଆସିଯାଏ । କାଳୀଆଣି ପବନ, ଶିମିଳପାଳର ସେ ଥଣ୍ଡା ପବନ, ସେମାନେ କହନ୍ତି ଶିମିଳପାଳ ଥଣ୍ଡା ପବନରେ ଅଛି ହୃଦୟର ସ୍ପନ୍ଦନ, ଏହା ଖଇରୀ ଭଣ୍ଡନ ନଦୀର ପବନ ନୁହେଁ । ମୁଁ ଯାହାକୁ ପ୍ରଥମେ ଭାବୁଥିଲି ନଈର ପବନ, ଏଇ ପବନ ବୋହି ଆସେ ଶିମିଳପାଳର ଘୋର ବନସ୍ତ ମଧ୍ଯରୁ । ଥଣ୍ଡା ପବନ ବହୁ ଜୋରରେ ବୋହୁଥିଲା, ଆମେମାନେ ଥଣ୍ଡାରେ ଥରିଯାଇଥିଲୁ, ସେତେବେଳେ ଓଡ଼ିଶାର ଅନ୍ୟ ଅଂଶ ତଥାପି ଗରମର ପ୍ରକୋପରେ । ସେମାନେ ବିଶ୍ୱାସ କରନ୍ତି ଶିମିଳପାଳର ପବନ, କାଳଆଣି ପବନ ଯଶିପୁର ଆଡକୁ ତାର ଯାତ୍ରା ଆରମ୍ଭ କରେ ଘୋର ବନସ୍ତ ମଧ୍ୟରେ ଥିବା ଏକ ଗୁମ୍ଫାରୁ, ନଈ ଉପର ଦେଇ ବୋହିଯାଏ, ଦୁଇ ପଟେ ଥାଏ ବଡ ବଡ ସବୁଜ ପାହାଡ । ଏହି ଥଣ୍ଡା ପବନ ଯେମିତିକି ରକ୍ତକୁ ଜମାଟ ବାନ୍ଧିଦେଇଥାଏ । ମୁଁ ଥରି ଯାଉଥିଲି । ସେଦିନ ସଂନ୍ଧ୍ୟାରେ ଆଲୋକର ରେଖା ଅନ୍ଧାରର ଗଭୀରତାକୁ କୋଠରୀରେ ବଢାଇ ଦେଇଥିଲା । ରାତିର ଶବ୍ଦ ଆମର ମେରୁଦଣ୍ଡକୁ ଥରାଇ ଦେଉଥିଲା । ସେଇ ରାତିରେ ମୁଁ ମୋର ଅନୁଭୂତିକୁ ମନେ ପକାଇଲି । ଜାଣିନ କ'ଣ ପାଇଁ ବିଶାଳ ବାଘମାନେ ମୋ ମନକୁ ଆସିଗଲେ । ସେମାନେ କଳା ଆକାଶରେ ଆସିଯାଇଥାନ୍ତି । ଶିମିଳପାଳ ଜଙ୍ଗଲର ରାଜାମାନେ ପ୍ରତିଟି କଳା କଣରେ ଘୂରି ବୁଲୁଛନ୍ତି । ଗର୍ଜନ କରୁଛନ୍ତି ଆଉ କୋଠରୀ ଭରି ଯାଉଛି ।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

# ଜୀଇଁଯିବା ଆସ ମୂହୂର୍ତ୍ତ ସବୁକୁ



ଡ.ସୌମ୍ୟ ରଞ୍ଜନ ମିଶ୍ର

ତୁମ ଆଲିଙ୍ଗନରେ ନାହିଁ ଆଉ
ପୂର୍ବର ଉଷ୍ଣତା
ଯେବେ ସେକ ହେଉଥିଲା ଦେହ
ଜଳୁଥିଲା ମନ
ଚରମତ୍ୱ ଲଭୁଥିଲା ଆତ୍ମା ।

ହେଇ ଦେଖ ଫିକା ଦିଶିଲାଣି
ତୁମ ପ୍ରେମର ରଙ୍ଗ
ମରୀଚିକା ପଛେ ଧାଇଁ
ଶୋଷ କେବେ ମେଣ୍ଟେନାହିଁ
ବାସ୍ତବକୁ ଫେରିଆସ
ହେଉ ମୋର ଭଙ୍ଗ ।



ଭଙ୍ଗା ଖପରାକୁ ସାଇତୁ ସାଇତୁ
ପାଇବନି ବେଳ
ଆଉଟ୍ ହୋଇଯିବା ଥୟ ଏଠି
ବଲ୍ ପରା ଧରିଅଛି କାଳ ।
ବାହୁ ବନ୍ଧନରେ ଛନ୍ଦିଛାନ୍ଦି ହୋଇ
ଜୀଇଁଯିବା ଆସ ସବୁ ମୂହୂର୍ତ୍ତକୁ
ପୁରୁଣା ପ୍ରୀତି ସାଉଁଟିବା
ଅଣ୍ଡାଳିବା ଥଣ୍ଡା ଅତୀତକୁ ।

ମଧୁଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା, ଓଡିଶା

# ଅଭିମାନିନୀ



କାର୍ତ୍ତିକ ପାଣିଗ୍ରାହି

ତୁମେ କୃଷ୍ଣ
ମୁଁ କୃଷ୍ଣା
ତୁମେ ପୂଣ୍ୟର ଜଳଧି
ମୁଁ କେନ୍ତୁ ତୃଷ୍ଣା
ତୁମେ ସର୍ବ ଯଜ୍ଞର ପୁର୍ଣ୍ଣହୁତୀ
ମୁଁ ଯାଜ୍ଞସେନୀ
ଏ ସୃଷ୍ଟି ତୁମ ସୃଷ୍ଟି ସତ
ତମେ କେନ୍ତୁ ମୋ ପାଖରେ ଋଣୀ
ମୁଁ ଆଜି ଯାଏ ଜାଣି ପାରିନି
ତୁମେ ଅବିବେକୀ,
ନା ମୁଁ ବୋକୀ....?
ବାରମ୍ବାର ମୁଁ ଲଜ୍ଜିତ ଲାଞ୍ଛିତ
ଅପମାନିତ ହେଲେ ବି
କାହିଁକି ହରାଇ ପାରୁନି ତୁମଠାରୁ ଆସ୍ଥା
ଯଦିଓ ମୁଁ ଜାଣିଛି
ତୁମ ଇଚ୍ଛା ବିରୁଦ୍ଧରେ ପତ୍ର ବି ହଲେନା
ହେ କେଶବ.....!

କେହି ନ ଜାଣିଲେ ବି ତୁମେ ତ ଜାଣ
କାହାର ଯୋଗ୍ୟା ମୁଁ ଥିଲି
କାହାର ଭୋଗ୍ୟା ମୁଁ ହେଲି...? ?
ବାଳୁତ ପଣରେ ମାଗି ଦେଇଥିଲି
ସର୍ବଗୁଣ ସଂପୂର୍ଣ୍ଣ ସାଥୀଟିଏ ବୋଲି
ଆଶାକୁ ମୋ ବାଣ୍ଟିଦେଲ ଭାଗ ଭାଗ କରି
ହେ ମାଧବ....
ଅର୍ଜୁନକୁ ଯଦି କରିବାର ଥିଲା
ମୋ ଠାରୁ ଅନ୍ତର
କାହିଁକି ଆସୁଥିଲ ତୁମେ
ଧନଞ୍ଜୟ ରୂପେ ସାମ୍ନାକୁ ମୋହର....?
ସତ କୁହତ କି ଲାଭ ପାଉଥିଲ
ଏତେ ଦହଗଞ୍ଜ କରି...?
ହେ କୃଷ୍ଣ...
ତମେ ପରା ଆସିଥିଲ ଧର୍ମ ସଂସ୍ଥାପନେ
ସେଥିପାଇଁ ମୋତେ ଅସ୍ତ୍ର କରିବା
କଣ ନହାତି ଜରୁରୀ ଥିଲା...
ମହାଭାରତର ନାୟିକା ସଜାଇବା
କଣ ସମିଚୀନ ଥିଲା....?
ଅନ୍ତର୍ଦାହର ନିଆଁରେ
ଅହରହ ଜଳୁଥିବା ମହାଦାନୀ କର୍ଣ୍ଣଙ୍କ ପ୍ରତି
ମୋର ସହାନୁଭୂତି କଣ ଅନୁଚତ ଥିଲା...?

ହେ କେଶବ...!!

ଏବେ ତ ମାନଯାଅ

ତୁମ ମହତ୍ୱାକାଂକ୍ଷାର

ଆମେ ସବୁ କ୍ରିଡାନକ ବୋଲି...

ମୁଁ ଜାଣେ ତୁମେ

କହାତି ସ୍ୱାର୍ଥପର

ଯାହା ବି କରୁଥିଲ

ତୁମ ପାଇଁ କରୁଥିଲ

ଯାହା ବି ଦେଉଥିଲ

ସେଥିରେ ବି ତୁମ ସ୍ୱାର୍ଥ ହିଁ ଥିଲା....

ତୁମେ କୃଷ୍ଣ ହୋଇପାର

କିନ୍ତୁ କେବେ କୃଷ୍ଣା ହୋଇନପାର

ହେ ସଖା ମୁଁ ତୁମକୁ

ସ୍ନେହ ତ କରେ

ପ୍ରେମ ତ କରେ

ଏବଂ ପୂଜା ବି କରେ...

କିନ୍ତୁ ଅଭିମାନରେ

***



# ବ୍ୟବଧାନ



ଅନୁସୂୟା ମିଶ୍ର

ତୁମ ଦୁନିଆରୁ
ଏବେ ଆଉ ସ୍ପଷ୍ଟ ଦେଖାଯାଏନି ମୁଁ।
ତୁମକୁ ଦୁରେଇ ଦେଇଛି
କି ତୁମଠୁ ଦୁରେଇ ଯାଇଛି
ଘଟଣାଚକ୍ରକୁ ଘାଣ୍ଟିଚକଟି
ନିଜକୁ ଛିନ୍ନଭିନ୍ନ କରେନି ମୁଁ ଆଉ
ତୁମେ ବି
ଏମିତି ବାରମ୍ବାର ବଢ଼ାଅନି ହାତ,
ପାଇବନି, ଜାଣିରଖ।

ରାଗ ରୁଷା ମାନ ଅଭିମାନ ଯେତେ
ପିଲାଖେଳ ପରି ଲାଗେ ଆଜି,
ଆଖିତଳ କଳାଦାଗର ଅର୍ଥ
ସ୍ୱପ୍ନର ଅପହଞ୍ଚତା ନୁହେଁ,
ଇପ୍ସିତ ଏକ ଆଲୋକର ଅନୁସନ୍ଧାନ
ଅସରନ୍ତି ଅନ୍ଧକାରକୁ ଭେଦି।

କପାଳର ରେଖାସବୁ ବି

ବୟସର ଛାପ ନୁହେଁ

ଅସମୟକୁ ଆଦରିନେବାର

ବାସ୍ତବ କଛି ଦୃଷ୍ଟିଭଙ୍ଗୀ ।

ଛାଡ଼....

ନା ତୁମେ ବୁଝିବ

ନା ମୁଁ ବୁଝେଇ ପାରିବି କଛି।

ଭାଷା ତୁମ ମୋ ପାଇଁ ଅବୋଧ

ଭାବ ମୋର ବି ତୁମ ପାଇଁ ଅସ୍ପୃଶ୍ୟ ଆଜି ।

କହିଥିଲି ନା, ତୁମର ପ୍ରତିଟି ଦିର୍ଘଶ୍ୱାସ

ମୋ ଆତ୍ମାକୁ ବିଦାରି ଦେବ,

ତେଣୁ ଖୁସିରେ ରହିଥିବ

ଯେଉଁଠି, ତୁମେ ଯେମିତି ବି ଥିବ !

ମୋ କଥା କଣ ଶୁଣ.... !

ଏଇ ଦେଖ,

କେତେ ସଂଘର୍ଷର ଚହ୍ନ

ମୋ ଦୁନୟାଟାଯାକ ।

ତଥାପି,

ନଜର ପରିଧିଟି

ସଙ୍କୁଚତ ହୋଇଗଲା ପରେ

ନଜକୁ ଖୁବ ନକଟରୁ ଦେଖିହୁଏ ଆଜି।

କୋଳାହଳର ଅପେକ୍ଷା ନାହିଁ

କ ନର୍ଜନତାର ବିଳାପ,

ତୁମର ସୁରକ୍ ନାହିଁ

କ ତୁମର ଅଭାବ,

ପରିସ୍ଥିତିର ଅଚହ୍ନାପଣକୁ ନେଇ ଝଡ଼ର ବି ପ୍ରଶ୍ନ ନାହିଁ,

ମନେହୁଏ ଯେମିତି

ପ୍ରଶାନ୍ତିର ମୁକ୍ତ ଏକ ଉପତ୍ୟାକାରେ

ଡେଣା ମେଲି ଉଡ଼ିବୁଲେ ମୁଁ ଆଜି,

ତୁମଠୁ ଅନେକ ଦୂର

ପୁଣି ପ୍ରତିଟି ଚନ୍ତା ଓ ଚେତନାରେ

ତୁମକୁ ନେଇକ।

ଶତାବ୍ଦୀ ନଗର, ୟୁନଟ୍- ୮, ଭୁବନେଶ୍ୱର

**"ବେଦାନ୍ତୀର ସେପ୍ଟେମ୍ବର ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଅଗଷ୍ଟ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:vedantimagazine@gmail.com"**

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

# ବିଚନ୍ଦ୍ରା ମହିଳା ଆଶ୍ରମ



ଶାନ୍ତିଲତା ମିଶ୍ର

ଅଦା, ତେଜପତ୍ର, ଗୁଜୁରାତି ଆଉ ଗାଢା କ୍ଷୀର ଦିଆ ସକାଳ ର ଚା ପିଆଟା ଏବେ ତ ଅଭ୍ୟାସରେ ପଡିଗଲାଣି । ଆଉ ରମା ବି ଭଲ ଚା ତିଆରି କରେ ଖାସ କରି ତାଙ୍କ ପାଇଁ। ସେ ଚା କେବେ ବି ଚାରି ଢୋକରେ ସରି ଯାଉଥିବା କପ୍ ରେ ପିଅନ୍ତିନି, ବଡ କଫି ମଗ୍ ରେ ପିଅନ୍ତି । ତା ସାଙ୍ଗରେ ଦି ଟା କୁକି ଆଉ କିଛି ମିକ୍ସଚର ସାଙ୍ଗକୁ ଖବର କାଗଜ ପଢା। ତାପରେ ତାଙ୍କ ଦିନ ଆରମ୍ଭ ହୁଏ ଅନ୍ୟାନ୍ୟ କାମ ପାଇଁ ।

କିନ୍ତୁ ଆଜିର ଖବର କାଗଜ ଟା ସ୍ୱତନ୍ତ୍ର ଏକ ସମ୍ବାଦ ନେଇ ଆସିଛି ତାଙ୍କ ପାଇଁ । ସେଥି ପାଇଁ ସେ ସକାଳୁ ବହୁ ଶିଘ୍ର ଆଜି ଉଠି ଅପେକ୍ଷା କରିଥିଲେ ଖବର କାଗଜ ପାଇଁ । କାରଣ ଏଥିରେ ଆଜି ତାଙ୍କ ସହିତ ହୋଇଥିବା ଦୁଇ ଦିନ ପୂର୍ବର କିଛି ଇଣ୍ଟରଭିୟୁ ଉପରେ ଲେଖା ବାହାରିବାର ଥିଲା । ସମ୍ବାଦିକଙ୍କ ଅନେକ ପ୍ରଶ୍ନର ଉତ୍ତର ସେ ଦୁଇ ଧାଡିରେ ଦେଇଥିଲେ କିନ୍ତୁ ଗୋଟିଏ ପ୍ରଶ୍ନ ଥିଲା ଯୋଉଟା କ କହି ବସିଲେ ରାମାୟଣ ମହାଭାରତରୁ କମ ହେଇ ନଥାନ୍ତା । ତଥାପି ସେ ତାକୁ ଏକ ଛୋଟ ଉପନ୍ୟାସରେ ଶେଷ କରିଦେଲେ । ଆଶ୍ଚର୍ଯ୍ୟ, ପ୍ରାୟ ସବୁ ଖବର କାଗଜରେ ଛାପି ଦେଇଛନ୍ତି ।

ପ୍ରଶ୍ନ ଥିଲା କାହିଁକି, କଣପାଇଁ, କାହା ପ୍ରେରଣାରେ ଏ ଆଶ୍ରମର ଉତ୍ପତି । ଉତ୍ତର ସହଜ ଥିଲେ ବି ବ୍ୟାଖ୍ୟା କରିବା ଭାରି କଠିନ ଥିଲା । ବହୁ ବର୍ଷ ତଳକୁ ତାଙ୍କୁ ଫେରି ଯିବାକୁ ହେଲା । ଯଦିଓ ସ୍ମୃତି କିଛି ଫିକା ପଡି ନଥିଲା । ତଥାପି ଯନ୍ତ୍ରଣାର ଏକ ବିରାଟ ସମୁଦ୍ର ଅହରହ ସେଠି ଅଶାନ୍ତ ଢେଉ ସୃଷ୍ଟି କରି ଚାଲୁଥିଲା ।

ବାପା ଗୋଟେ ଫ୍ୟାକ୍ଟ୍ରି ରେ ସେତେବେଳେ କାମ କରୁଥିଲେ । ସେତେବେଳେ ତାଙ୍କ ବୟସ ମାତ୍ର ଆଠ ବର୍ଷ । ତୃତୀୟ ଶ୍ରେଣିରେ ଗାଁ ସ୍କୁଲରେ ପାଠ ପଢୁଥିଲେ । ଭଲ ବି ପଢୁଥିଲେ । କ୍ଲାସରେ ପ୍ରଥମ ସ୍ଥାନ ରଖୁଥିଲେ ।

ସେଦିନ ବାପା କହିଥିଲେ ତାଙ୍କ ପାଇଁ ଏକ ସୁନ୍ଦର ଡ୍ରେସ୍ ଆଣିଦେବେ ଯଦି ସେ ପୁଣି କ୍ଲାସ ରେ ପ୍ରଥମ ହେବେ । ସେ ପ୍ରଥମ ହେଲେ, କିନ୍ତୁ ବାପା ସେଦିନ ଆଉ ଘରକୁ ଫେରି ନ ଥିଲେ । ଚାହିଁ ଚାହିଁ ଦୁଇ ଦିନ ଚାଲିଗଲା । ଘରେ ବୋଉ ଆଉ ଜେଜେ ମା ଆର ଛୋଟ ତିନି ଭାଇ ଭଉଣିଙ୍କୁ ତାଙ୍କ ପାଖେ ଛାଡି ଦେଇ ବାପାଙ୍କୁ ଖୋଜିବାକୁ ବାହାରିଲେ । ସମସ୍ତଙ୍କୁ ଏଣେ ତେଣେ ଯାଇ ପଚାରୁଥାନ୍ତି । ଫ୍ୟାକ୍ଟ୍ରିକୁ ବି ଗଲେ । ଘରେ ଏକ ବର୍ଷ, ତିନି ବର୍ଷ, ପାଞ୍ଚ ବର୍ଷର ଭାଇ ଭଉଣୀ ଙ୍କୁ ତାଙ୍କ ଜିମା ଦେଇ ଯାଇଛନ୍ତି । ସେମାନଙ୍କୁ ସମ୍ଭାଳିବା ବଡ କଷ୍ଟ । ତା ଉପରେ ବାପା ଙ୍କ ବୋଉ ଙ୍କ ଜେଜେ ମା କେହି ଫେରୁ ନାହାଁନ୍ତି । ସବୁଠୁ ଦୁଃଖ ପୂର୍ଣ୍ଣ ତାଙ୍କ ନୂଆ ଡ୍ରେସ ଟା ବାପା ଆଣିଲେନି ।

ଫ୍ୟାକ୍ଟ୍ରି ରେ ସେଦିନ ମାଲିକ ସଙ୍ଗେ କିଛି ଝଗଡା ଲାଗିଥିଲା ବୋଲି କିଛି ଦେଖିଥିବା ଅନ୍ୟ କର୍ମଚାରୀମାନେ କହିଥିଲେ । ତାପରେ କଣ ହେଲା କେହି ଜାଣନ୍ତିନି । ବୋଉ ଜେଜେ ମା ନିରାସରେ ଫେରିଥିଲେ । ବର୍ଷକର ସାନ ଭଉଣୀ କାନ୍ଦି କାଟି ଘରେ ଅଥୟ । ବୋଉ ତାକୁ କୋଳକୁ ନବା ବଦଳରେ ଦୂରକୁ ପେଲି ଦେଇଥିଲା । ସୁନି ର ଅସହ୍ୟ ହୋଇଥିଲେ ମଧ୍ୟ ଘରର ଏ ପରିସ୍ଥିତି ଦେଖି ଅଗତ୍ୟା ସାନ ଭଉଣି କୁ ପୁଣି ଥରେ ଅନିଚ୍ଛା ସତ୍ୱେ କୋଳକୁ ଉଠେଇ ନେଲେ । ସେଦିନର କୋଳକୁ ନେବାଟା ଯେ ସବୁଦିନ ପାଇଁ ହେଇ ଯିବ ସେତେବେଳେ ଜଣା ନଥିଲା ।

ଦି ମାସ ଅପେକ୍ଷା ପରେ ବି ବାପାଙ୍କର ଦେଖା ନାହିଁ । କେତେ କଥା ଗାଁରେ ଗୁଜବ ଉଠିଲା । କିଏ କହିଲା ତାଙ୍କ ମାଲିକ ତାଙ୍କୁ ଜେଲରେ ପୁରେଇ ଦେଇଛି, କିଏ କହିଲା ମାରି ଦେଇଛି । ବୋଉ ଏ ସବୁ ଶୁଣି ଶୁଣି ତାର ମୁଣ୍ଡ ଖରାପ ହେବାକୁ ଲାଗିଲା । ଶେଷରେ ପାଗଳୀଙ୍କ ପରି

ଦି ବର୍ଷ ପରେ ମରିଗଲା । ଜେଜେ ମା ବିଗ୍ଧ୍ୟ ଗୁରି ନାତୀ ନାତୁଣୀଙ୍କ ମୋହ ରେ ନା ମରି ପାରୁଥାଏ ନା ବଞ୍ଚି ପାରୁଥାଏ । ନଅ ବର୍ଷର ସୁନ ର କାନ୍ଧ ଏତେ ବିଗ୍ରଟ ବୋଝ ସମ୍ଭାଳବା ପରି ଶକ୍ତ ହୋଇ ନଥାଏ ।

ବିଗ୍ଧ୍ୟ ଜେଜେ ମା ଯାହା ଯେମିତି ଜମି ବାଡି ଥିଲା ଦି ବର୍ଷରେ ସବୁ ବିକ ଗ୍ଧଙ୍ଗି ଖାଇ ସାରିଲେଣି । ଘରର ବାସନ କୁସନ ଆଦି ବି ବିକ୍ରିବଟା ସରିଗଲାଣି । ଏବେ ବାଧ୍ୟ ହୋଇ ଜେଜେ ମା ଗାଁକୁ ଯାଇ ମାଗି ଯାଚ ଆଣି ସେମାନଙ୍କ ପେଟକୁ ଦଉଛି ଖାଇବା ଯୋଗାଇ ଗ୍ଧଲିଛି । ଏବେତ ରିତିମତ ସବୁଦିନ ଗାଁ ଗାଁ ଯାଇ ଭିକ ମାଗିବା ଆରମ୍ଭ କରି ଦେଇଛି । ବୁଢୀ କୁ ଦୁର୍ବଳ ଶରୀର, ତେଣୁ ବେଶୀ ଗ୍ଧଲି ପାରେନା । ଦିନ କ ଚଳବା ପରି ଗଣ୍ଡାଏ ଗ୍ଧଉଳ ଡାଲି ମିଳଗଲେ ସେ ଘରକୁ ଫେରି ଆସେ ।

ସୁନ ପାଠରେ ଡୋରି ବାନ୍ଧି ଘରେ ରହି ଗ୍ଧଇ ଭଉଣି କ ସମ୍ଭାଳେ । ଦିନ ସାଗ୍ଧ ଚେନାଏ ମାଟି ଦୁଆରରେ କଞ୍ଚା ଲଙ୍କା, କଖାରୁ, ଲାଉ, କଲଗ୍ଧ, କାକୁଡି, ଭେଣ୍ଡି ଗଛ ଲଗେଇ ତାର ଯତ୍ନ ନେଉଥାଏ । ଗ୍ଧଇଭଉଣୀ ମାନେ ବି ସାହାଯ୍ୟ କରନ୍ତି । ଜେଜେ ମା ଆଣିଥିବା ଗ୍ଧଉଳ ଗଣ୍ଡାକ ପାଇଁ ବି ଅପେକ୍ଷା କରି ରହିଥାଏ । ସେ ଆସିଲା ମାନେ ସେ ଗୋଟେଇ ରଖିଥିବା କାଠ ପତ୍ରରେ ନିଆଁ ଧରେଇ ଭଙ୍ଗା ହାଣ୍ଡିରେ ଗ୍ଧେଷେଇ ଆରମ୍ଭ କରେ । ଗ୍ଧଇ ଭଉଣୀ ମାନେ ଭଙ୍ଗା ଚେପେଟା ଥାଳ ଧରି ତାକୁ ଘେରି ବସି ଥାନ୍ତି ଖାଇବା ଗଣ୍ଡାଏ କେତେବେଳେ ମିଳବ ।

ଆଠ ବର୍ଷ ଏମିତି ରେ ବିତିଗଲା । ସୁନ କୁ ସତର ବର୍ଷ, ଅନ୍ୟ ଗ୍ଧଇ ଭଉଣୀ ବି ବଡ ହୋଇ ଗଲେଣି । ନିଜ କାମ ନିଜେ କରିବା ସଙ୍ଗେ ସଙ୍ଗେ ଘର କାମରେ ବି ସାହାଯ୍ୟ କରନ୍ତି । ପାଖ ଗାଁରେ ଥିବା ଗୋପୀନାଥ ବାବୁଙ୍କର ସ୍ତ୍ରୀ ଦଶ ବର୍ଷ ତଳେ ଗ୍ଧଲି ଯାଇଥିଲେ । ସେ ସନ୍ତାନ ହୀନ ଓ ଅଗ୍ଧଳ ଅଚଳ ସଂପତ୍ତୀର ମାଲିକ । ଘରେ କେହି ଖାଇବାକୁ ନଥିଲେ ସଂପତ୍ତି ତ ନଷ୍ଟୟ ବଳବ । ଜେଜେ ମା ଯେତେବେଳେ ତାଙ୍କ ଘରକୁ

ଯାଏ ଭିକ ମାଗିବାକୁ ସେ କେତେଥର କହିଲେଣି ସୁନ କୁ ତାଙ୍କ ସଙ୍ଗେ ବିବାହ କରେଇଦେ। ଆସି ସବୁଦିନ ପାଇଁ ତାଙ୍କଘରେ ଆସି ସମସ୍ତେ ରୁହ । ଏମିତି ବାର ଦୁଆର ହେଇ ଆଉ କେତେ ଭିକ ମାଗୁଥିବୁ । ମରିବାକୁ ବସିଲୁଣି । ସବୁଦିନ ଧକୋଉଛୁ ।

ଜେଜେ ମା କହି କହେନ, କିନ୍ତୁ ମନ ଭିତରେ ଏ ପ୍ରସ୍ତାବରେ ସେ ମୋଟେ ରାଜି ନୁହେଁ । ପଚାଶ ଉପରେ ହେଲାଣି ଲୋକଟାକୁ । ତାଙ୍କର ଏଡେ ସୁନ୍ଦର ନାତୁଣୀ ଟାକୁ ଦେଇଦେବେ। ଦେହ ସହିବନ । ଦେଖିବେ ଯଦି ତାକୁ କେହି ନ ମିଳବେ ପାଞ୍ଚ ବର୍ଷ ଭିତରେ ତେବେ ଏ ପ୍ରସ୍ତାବ ବିଷୟରେ ଭାବିବେ । କିନ୍ତୁ ଭାଗ୍ୟ ପାଖରେ ମଣିଷ କେତେ ଅସହାୟ। ଜେଜେ ମା ଦେହ ଖରାପରେ ପଡିଗଲା । ଆଉ ଉଠିବାର ଶକ୍ତି ରହିଲାନ । ବାଧ୍ୟ ହୋଇ ସୁନ କୁ ଗୋପୀ ବାବୁଙ୍କ ପ୍ରସ୍ତାବ ବିଷୟରେ ସବୁ କହି ଆଖି ବୁଜିଲା ।

ବଞ୍ଚିବାର ଏବେ ସେଇ ଗୋଟିଏ ମାତ୍ର ରାସ୍ତା ହୋଇଗଲା । ଶେଷରେ ସେ ଗୋପୀବାବୁଙ୍କ ପ୍ରସ୍ତାବରେ ରାଜି ହୋଇ ସେଇ ଦିନ ଠୁ ଆସି ଏ ମହଲରେ । ଖାଇବା ପିନ୍ଧିବା ପ୍ରଚୁର । ଅୟସ ଆରାମ ବି ସ୍ୱପ୍ନାତୀତ । ଭାଇ ଭଉଣୀ ବି ବେଶ୍ ଖୁସି । ଘରେ ଟ୍ୟୁସନ ମାଷ୍ଟ୍ର ରଖି ସମସ୍ତେ ପଢା ପଢି ବି ଆରମ୍ଭ କରିଦେଲେ । ବିବାହର ପନ୍ଦର ବର୍ଷ ପରେ ଗୋପୀବାବୁ ଆଖି ବୁଜିଲେ। ସବୁ ସଂପତ୍ତି ବାଡି ସୁନ ନାମରେ ଲେଖି ଦେଇ ଯାଇଥିଲେ ।

ଏହା ଭିତରେ ସେ ସବୁ ଭାଇ ଭଉଣୀ ମାନଙ୍କର ବିବାହ ସାରି ସେମାନଙ୍କୁ ସେଟଲ କରି ଦେଇଥିଲେ । ଦିନେ ଏକାକୀ ଛାତ ଉପରେ ଠିଆ ହୋଇ ଦାଣ୍ଡକୁ ଚାହିଁ ଥିବା ସମୟରେ ଜଣେ ବୃଦ୍ଧା ମହିଳା ଅନତୀ ଦୂରରେ ଥିବା ଏକ ପଡୋଶୀ ଘରେ ଭିକ୍ଷା ପାତ୍ର ଧରି ଖାଇବାକୁ ମୁଠେ ଦବା ପାଇଁ ବଡ ବିକଳ ହୋଉ ଅନୁରୋଧ କରୁଥିଲେ। କିନ୍ତୁ ଘରର ମାଲିକ ତାଙ୍କୁ କୁ ଭାଷାରେ ବିଦା କରିଦେଲେ । ଆଖିରେ ତାଙ୍କର ଜେଜେ ମାର ଦୃଶ୍ୟ ଭାସିଗଲା । ଜେଜେ ମା ବି ଏମିତି ଦୁଆର ଦୁଆର ବୁଲି କେତେ ଭର୍ତ୍ସନା ବାକ୍ୟ କେତେ

କାହାଠୁ ଶୁଣି ସେମାନଙ୍କ ପାଇଁ ଖାଇବା ମୁଠାଏ ଯୋଗାଡ କରୁଥିବ । ସେତେବେଳେ ଛୋଟ ପିଲାଥିଲେ, ବୁଝୁ ନଥିଲେ ।

ତାଙ୍କର ମନେ ଅଛି ଦିନେ ଜେଜେ ମା କହିଥିଲା ଯଦି ଭବିଷ୍ୟତରେ ତୁମ ମାଙ୍କ ଘରେ ଖାଇବା ଥିବ ଏବଂ ଯଦି କେହି ଆସି ତୁମର ଦ୍ୱାରସ୍ଥ ହୋଇ ଗଣ୍ଡାଏ ଖାଇବା ପାଇଁ ମାଗେ ତେବେ କେବେବି ମନା କରିବନ କ ଅସମ୍ମାନତ କଥା କହି ବିଦା କରି ଦେବନ । ପେଟ କଷ୍ଟ ଠାରୁ ସେ କଷ୍ଟ ଠାରୁ ଆହୁରି ଅଧିକ । କଲିଜା କୁ କାଟି ଛିନଭିନ କରିଦିଏ ।

ସୁନ ଦେବି ଛାତ ଉପରୁ ତଳକୁ ଆସିଲେ । ବୃଦ୍ଧା ଜଣଙ୍କ ସେତେବେଳକୁ ତାଙ୍କ ଦୁଆରକୁ ଆସି କଛି ଖାଇବାକୁ ମାଗୁଥିଲେ। କନ୍ତୁ ଭିମା ଗୃକର ତାକୁ ମୁଠାଏ ଗୃଉଳ ଦେଇ ବିଦା କରି ଦେଉଥିବା ସମୟରେ ସେ ଆସି ପଛରୁ ଡାକଲେ । ବୃଦ୍ଧାଙ୍କୁ ଘରେ ଆଣି ବସେଇବାକୁ କହିଲେ । ଏବଂ ଘରେ ଯାହା ଭଲ ଭଲ ଖାଇବାକୁ ଅଛି ଦବାକୁ କହିଲେ । ବୃଦ୍ଧାଙ୍କ ଖୁସି କହିଲେ ନସରେ । କେତେ ଆର୍ଶୀବାଦରେ ପୋତି ଦେଲେ । ଆନନ୍ଦାଶ୍ରୁ ରେ ସୁନଙ୍କ ପାଦ ବାରମ୍ବାର ଧରିବାର ପ୍ରୟାସ କରୁଥିଲେ । ମା ତୁମେ ଲକ୍ଷ୍ମୀ ଶହେ ବର୍ଷ ବଞ୍ଚିଥାଅ । ଦୁଇ ଦିନ ହେବ କଛି ଖାଇ ନଥିଲି ପାଦେ ଗୃଲିବାକୁ ବି ଶକ୍ତି ନଥିଲା ମା । ଏ ଦୟା ବଦଳରେ ଭଗବାନ ଙ୍କ ପାଖରେ ତୁମର ସର୍ବ ମଙ୍ଗଳ କରିବେ ସବୁଦିନ କହି ବିଦାୟ ନେଇଥିଲା ।

କ୍ଷୁଧାର ଯନ୍ତ୍ରଣା କଣ ସେ ଜାଣନ୍ତି । ସେଦି ଜେଜେ ମାକୁ ମନେ ପକେଇ ସେ କେତେ କାନ୍ଦିଥିଲେ ତାର ଠିକଣା ନାହିଁ । ସେଇ ବୃଦ୍ଧାଙ୍କ ଭିତରେ ସେ କେବଳ ଜେଜେ ମା ଙ୍କୁ ଦେଖି ପାରୁଥିଲେ । ତାଙ୍କର ଶେଷ କଥା ବି ମନେ ପଡୁଥିଲା । କାହାକୁ କଟୁକ୍ତି ପୂର୍ଣ୍ଣ କଥାରେ କେବେ ବି ଖାଲି ହାତରେ ଫେରେଇ ଦେବନ । ସେମାନଙ୍କ କ୍ଷୁଦା ଯୋଉମାନେ ତାଙ୍କ ବାଲ୍ୟ ଅବସ୍ଥା ରେ ପୂର୍ଣ୍ଣ କରିଛନ୍ତି ସେ ସମସ୍ତଙ୍କ ପାଖରେ ଋଣି । ଏବେ ଶୁଝିବାର ସମୟ ଆସି ଯାଇଛି ।

ବହୁ ଭାବନା ପରିକଳ୍ପନାରେ ସେଦି ରାତି ପାହିଥିଲା । ତା ପର ଦିନ ଦୁଇ ଭାଇଙ୍କୁ ଡକେଇ ଏକ ଆଶ୍ରମ ଖୋଲି ଏହି ପରି ଅଶହାୟ ବୃଦ୍ଧା ମହିଳା ମାନଙ୍କ ପାଇଁ ଖାଇବାର ଆୟୋଜନ କରିବା ପାଇଁ କହିଲେ ।

ତାଙ୍କ ଇଚ୍ଛା ଅଚରେ ପାଳନ ହୋଇଥିଲା । ଏବଂ ସେଇ ଆଶ୍ରମ ନାମ ଜେଜେ ମା ର ନାମ ଅନୁସାରେ 'ବିଚନ୍ଦ୍ରା ମହିଳା ଆଶ୍ରମ'' ନାମରେ ନାମିତ କରା ହୋଇଥିଲା ।

ସେ ଇଣ୍ଟରଭ୍ୟୁରେ ଯାହା ସବୁ କହିଥିଲେ ଗୋଟି ଗୋଟି କରି ସବୁ ଛାପି ଦେଇଛନ୍ତି ସଂପାଦକ ମହାଶୟ, କିଛି ଛାଡି ନାହାଁନ୍ତି । ଏ ଆଖି ବହୁତ ଥର ଓଦା ହେଇଛି କିନ୍ତୁ ଆଜିର ଓଦା ଟିକେ ନଆରା ଥିଲା ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା



# ପହିଲି ବର୍ଷା



ଆଶୁତୋଷ ମେହେର

( ୧)
ପହିଲି ବର୍ଷାର ସ୍ୱର
କାନରେ ମୋର
ସୁମଧୁର,
କେଉଁ ଏକ ଅଜଣା ପକ୍ଷୀ
ହୃଦୟ ର' ମଧୁତାନ ।।



( ୨)
ପହିଲି ବର୍ଷାର ବାସ୍ନା
ନାକରେ ମୋର
ମହମହ,
କେଉଁ ଏକ ଅଜଣା ମୁଲକର
ମାଟି ର' ମହକ ।।

( ୩)
ପହିଲି ବର୍ଷାର ସ୍ପର୍ଶ
ଦେହରେ ମୋର
ସର୍ ସର୍,
ସତେ ପ୍ରଥମ ଛୁଆଁ ପ୍ରେମିକା
ହାତ ର' ଶିହରଣ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର


# ବାପା



ମଧୁଛନ୍ଦା ବେହେରା

ବାପା ଶବ୍ଦ ଥରୁଟିଏ କଲେ ଉଚ୍ଚାରଣ
ନିମିଷକେ ପୁଲକିତ ହୁଏ ମନ ପ୍ରାଣ।
ବାପା! ତୁମ ପାଇଁ ଲେଖିବା
ତୁମକୁ ନେଇ ଲେଖିବା
ମୋ ପାଇଁ ଅସମ୍ଭବ
କୋଉଠୁ ପାଇବି ମୁଁ ଶବ୍ଦ
ତୁମେ ତ ଗ୍ରନ୍ଥ, ତୁମେ ତ ବେଦ
ତଥାପି ଲେଖୁଛି ! ବାପା
ମୋ ହୃଦୟର କଥା
ବାପା ତୁମେ ଥିଲେ ପାଖେ ମୋର
ମୃତ୍ୟୁକୁ ଭି ନାହିଁ ଡର,
ତୁମେ ପାଖେ ଥିଲେ ମୋର
ହୀରା ଲିଲା ମାଣିକ ମୋ ନାହିଁ ଦରକାର।
ବାପାଙ୍କ ହୃଦୟ ପରା ଆକାଶ ଠୁ ବଡ
ସେ ଆକାଶ ତଳେ ଥିଲେ,
ଛୁଇଁ ପାରେ ନାହିଁ କେଉଁ, ବତାସ କି ଝଡ।
ବାପା ତୁମେ ମୋର ଗୁରୁ ପୁଣି
ତୁମେ ପ୍ରିୟ ବନ୍ଧୁ,

ତ୍ୟାଗ ବଳଦାନର ଯେ
ତୁମେ ସାତ ସିନ୍ଧୁ ।
ତୁମ ସ୍ନେହ ଆଦର ରେ
ପେଟଯାଏ ଭରି
ତୁମେ ହସିଦେଲେ ବାପା
ଦୁଃଖ ଯାଏ ସରି।
ଆଲୋକର ଶିଖା ହୋଇ
ପାଖେ ପାଖେ ଥାଅ
ଅନ୍ଧାର ଆସିଲେ ତୁମେ
ବାଟ କଢି ନଅ।
ସନ୍ତାନ ର ସୁଖ ପାଇଁ
ତୁମେ ସବୁ ସହିଯାଅ,
ଯେତେ ଦୁଃଖ ଆସୁପଛେ
ନା ପଛଘୁଞ୍ଚା ଦିଅ।
ତୁମ ପରି "ବାପା"
ଦୁନିଆରେ, କେହି ନାହିଁ
ସାକ୍ଷାତ ଇଶ୍ୱର ତୁମେ
ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ।



କଟୱାରିଆ ସରାଇ, ନୂଆ ଦିଲ୍ଲୀ

# ସୁସ୍ୱାଗତମ



କବିତା ମହାନ୍ତି

ସୁସ୍ୱାଗତମ ହେ ବାରିଦ ବାନ୍ଧବ
ଅବତର ଏ ଭୂମିରେ
ସୁବାସିତ କର ସବୁଜିମା ଭର
ଊଷର ଉର୍ବୀ ଉପରେ
ସଂପ୍ରୀତିର ସେହି ସମ୍ଭାବନା ଆଶା
କାନନେ କୁସୁମ ଫୁଟୁ
ସୁସମୟେ ଆସୁ ମୌସୁମୀ ସମୀର
ପ୍ରାଣ ଯେ ଉଲ୍ଲସି ଉଠୁ ।
ସୁମିଷ୍ଟ ପିୟୁଷ ପରସି ଦିଅ ଗୋ
ମେଘପୁଷ୍ପ ପଡୁ ଝରି
ସୁଶୀତଳ ଅମ୍ବୁ ହୁତାଶନ ନାଶୁ
ତପତ ଯନ୍ତ୍ରଣା ହରି ।
ସରୋବରରେ ଖେଳୁ ନୀଳ ଜଳରାଶି
ଜଳଜୀବ କ୍ରୀଡାରତ
ସରୋଜ, କୁମୁଦ ସୁଷମା ସୁଦୃଶ୍ୟ



ପ୍ରକୃତି ଶିରୀ ଶୋହିତ ।

ସରିତରେ ନୃତ୍ୟ ରତୁ ବୀଚମାଳା

ତରଣୀ ବାହୁ ନାବିକ

ସଙ୍ଗୀତର ସ୍ୱରେ ତଟ ଜନ ମଚନ

ମୂର୍ଚ୍ଛନା ତୋଳୁ ପୁଲକ ।

ସବୁଜ ପର୍ଣ୍ଣରେ ଢଳ ଢଳ ମୁକ୍ତା

ଦୂର୍ବାଦଳ ସଜୀବିତ

ସାନନ୍ଦ ବଦନେ କୃଷି କାର୍ଯ୍ୟକରୁ

କୃଷକ ଜଗତ ମିତ ।

ପ୍ରଧାନ ଶିକ୍ଷୟିତ୍ରୀ, ସାଇଲେଖାରପଡା ଉପ୍ରା ବିଦ୍ୟାଳୟ କଣ୍ଟାପଡା, କଟକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପିଲାପିଲି



ଡକ୍ଟର ବିଜ୍ଞାନୀ ଦାସ

ମମତାଙ୍କୁ ଏବେ କୁଆଡେ ଯିବାକୁ ମାଡିପଡୁଛି । ଯିଏ ଦେଖୁଛି, ପଚାରୁଛି, "ପୁଅର କିଛି ପିଲାପିଲି ହେଲେଣି ?" କଣ ବା' ଉତ୍ତର ଦେବେ ମମତା ? ପୁଅ ଦଶବର୍ଷ ହେଲା ବାହାହେଲାଣି । ବୋହୂର ପିଲାପିଲି କିଛି ହୋଇନ । କେତେ ଆଉ କହିବେ ବୋହୂକୁ ? ବାରମ୍ବାର ପରୋକ୍ଷରେ ଆଉ ପ୍ରତ୍ୟକ୍ଷରେ କହିକହି ସିଏ ନିଜେ ବି ଧୈର୍ଯ୍ୟ ହରାଇଦେଲେଣି । ଏବେ ପୁଅ ଖବର ପଠେଇଛି, ବୋହୂ ଯିବ ଆଫ୍ରିକାକୁ । ସେଠି ଦରିଦ୍ର ଲୋକମାନଙ୍କ ପାଇଁ ଘର ତିଆରି କରିବାରେ ସାହାଯ୍ୟ କରିବ । ମନେମନେ ରାଗିଲେ ମମତା । ନିଜ ଘର ଯିଏ ଗଢି ଶିଖିନ, ସିଏ ପୁଣି ଯିବ ଆଉ କାହା ଘର ଗଢିବାକୁ ? ଆଜିକାଲିଆ ପିଲାମାନଙ୍କର ଇଏ ସବୁ ସେମିତି ଫେଶନ୍; ବେଳେବେଳେ ଏମିତି କଥା କହିବେ, ଯେମିତି ସାରା ଦୁନିଆଟାର ଦାୟିତ୍ୱ ନେଇ ସମ୍ଭାଳି ପକେଇବେ । ଏଣେ ନିଜର ରୋଜଗାର ନାହିଁ, ନିଜର ସ୍ଥାୟିତ୍ୱ ନାହିଁ, ସେଥିପାଇଁ କିଛି ଚିନ୍ତା ନାହିଁ; କୌଣସି କାମରେ ଧ୍ୟାନ ନ ଦେବାଟା ବି ଆଜିକାଲି ଯୁଗର ଫେଶନ୍ ।

ସକାଳେ ଏମିତି ଭାବିଭାବି ମୁଣ୍ଡଟା କାହିଁକି ବିନ୍ଧିଲା । ମମତା ବିଛଣାରେ ଗଡୁଗଡୁ ନିଦ ଲାଗିଗଲା । କବାଟରେ ଖଟ୍‌ଖଟ୍ ହେଲା । ଡାକୁଥିଲା ନନ୍ଦିନୀ, ଉପର ମହଲାରେ ଭଡା ରହୁଥିବା ପରେଶବାବୁଙ୍କ ସ୍ତ୍ରୀ । ମମତା ବିଛଣାରୁ ଉଠି କବାଟ ଖୋଲିଲେ । ନନ୍ଦିନୀ ଘରକୁ କ୍ଷୀରଦେବାକୁ ଆସେ ଜଣେ ସ୍ତ୍ରୀ ଲୋକ; ତା' ବୋହୂର କଣ ପିଲାପିଲି ହେବ । ସିଏ ଆସି ସକାଳୁ ସକାଳୁ ତା ବୋହୂକୁ ନେଇ ହାଜର । ମମତା ତାକୁ କିଛି ସମୟ ଅପେକ୍ଷା କରିବାକୁ କହି କବାଟ ବନ୍ଦକଲେ । ଭିତରେ ଅଧଘଣ୍ଟାଏ ଭିତରେ ନିତ୍ୟକର୍ମ ସାରି ପ୍ରସ୍ତୁତ ହୋଇଗଲେ । ଏଇ ସମୟରେ କିଛି ଖାଇଦେବା ଉଚିତ । ନହେଲେ ତଳ ରୋଗୀଦେଖା

ରୁମ୍‌କୁ ଗଲିଗଲେ, ଧୀରେଧୀରେ ଗୋଟିଏ ପରେ ଗୋଟିଏ ରୋଗୀ ଆସି ଜମା ହେବେ । ଆଉ ତାଙ୍କୁ ସକାଳ ଭୋଜନ ପାଇଁ ସମୟ ମିଳବନ । ବାସି ରୁଟି ଦୁଇଟା ଥିଲା । ଫ୍ରିଜ୍‌ରୁ ଅମୃତଭଣ୍ଡା ତରକାରି ବାହାର କରି ସିଏ ସେ ବାସି ରୁଟି ଦୁଇଟି ସହିତ ମିଶାଇ ଖାଇଲେ ଓ ତଳ ମହଲାର ରୋଗୀଦେଖା ରୁମ୍‌କୁ ଗଲେ ।

ମମତା ଡାକ୍ତରାଣୀ । ଏମିତି କୌଣସି ବିଷୟରେ ବିଶେଷଜ୍ଞ ନହେଲେ ବି ଅଭିଜ୍ଞତା ବଳରେ ସିଏ ଜଣେ ସୁଦକ୍ଷ ଡାକ୍ତରାଣୀ । ମୁହଁ ଦେଖି ଦେହପୀଡା ସିଏ ଜାଣିଦେବେ । ସେଥିପାଇଁ ଏ ଜାରକା ଅଞ୍ଚଳରେ ତାଙ୍କର ବହୁତ ଖ୍ୟାତି । ତାଙ୍କଠାରୁ ଅଧିକ ଡିଗ୍ରୀପ୍ରାପ୍ତ ଡାକ୍ତର ଥିଲେ ବି ବେଶି ରୋଗୀ ଆସନ୍ତି ମମତାଙ୍କ ପାଖକୁ । ମମତାଙ୍କର ତିନମହଲା ଘର । ଉପର ମହଲା ସିଏ ଭଡା ଦେଇଛନ୍ତି; ମଝି ମହଲାରେ ସିଏ ରୁହନ୍ତି ଓ ତଳ ମହଲାଟି ରୋଗୀଦେଖା ରୁମ୍ ଭାବେ ବ୍ୟବହାର କରନ୍ତି ।

ସେ କ୍ଷୀରବାଲିର ବୋହୂ ଲାଜଲାଜ ହୋଇ ଚେୟାର ଉପରେ ବସିଲା । ମମତା ତାକୁ ଭିତର ରୁମ୍‌କୁ ନେଇ ଚେକ୍ କରି ଦେଖିଥିଲେ । ସବୁ ଭଲ ଅଛି । ଗତ ବର୍ଷ ବାହା ହୋଇଛି; ପ୍ରଥମ ପିଲା । ସେଥିପାଇଁ ଟିକେ ଡରିଯାଇଛି । ମମତା ତାକୁ ପ୍ରବୋଧନା ଦେଲେ, "ଜମା ଡରନ, ଦୁନିଆ ସାରା ଲୋକଙ୍କର ପିଲା ହେଉଛି ନା, କଣ ଖାଲି ତୋର ହେବ ? ଏଥିରେ ଡରିବାର କଣ ଅଛି ?"

ସିଏ ଟିକେ ଆଶ୍ୱସ୍ତ ହେଲା । ପଚାରିଲା, "ଦିଦି, ସମସ୍ତେ କହୁଛନ୍ତି, ସିଜରିଆନ୍ ହେଲେ ଭଲ, କଷ୍ଟ ଏତେ ପଡିବନ । ମୋ ଭାଉଜ ବି ସିଜରିଆନ୍ କରିବାକୁ କହୁଛି । ତା ପୁଅଟା ସିଜରିଆନ୍ ହୋଇ ଜନ୍ମ ହୋଇଛି । ଆପଣ କଣ କହୁଛନ୍ତି ?"

"ଡେଲିଭରି ପାଇଁ ତ ଆଉ ଦିମାସ ଅଛି । ସେତେବେଳେ ଦେଖାଯିବ । ହେଲେ ତୋର ତ ସବୁ ଠିକ୍ ଅଛି । ମତେ ଲାଗୁଛି ତୋ ପିଲା ନର୍ମାଲ୍ ହୋଇ ଜନ୍ମ ହେବ । ସିଜରିଆନ୍ ଦରକାର ପଡିବନ ।"

ତା' ଶାଶୁ ସେଇଠି ବସିଥିଲା । ସିଏ ତା' ମତାମତ ଦେଲା । "ସେଇଆ ତ ମୁଁ କହୁଛି ଦିଦି । ହେଲେ କଏ ତାକୁ କଣ କହି ଡରେଇ ଦେଇଛି ଯେ ପିଲା ଜନ୍ମ କରିବା ଭାରି କଷ୍ଟ । ସେଇଥିପାଇଁ ତ ସିଏ ଖାଲି ସେ ପେଟକଟା ଅପରେସନ୍ କରିବାକୁ ଗୋଡତେକି ବସିଛି । କହୁନାହାନ୍ତି ଦିଦି, ମୁଁ ତ ପୁଣି ଛଅଟି ଛୁଆ ବିନା ଅପରେସନରେ ଜନ୍ମ କରିଥିଲି । ସେତେବେଳେ ତ ଡାକ୍ତରଖାନା ନାଁ ବି ଶୁଣିନଥିଲି । ଆଉ ଇଏ ଆଜିକାଲିକା ପିଲା, ଖାଲି ଟିକେ କଣ ହେଲେ ଡାକ୍ତରଖାନା, ପୁଣି ଏବେ ଗୋଟିଏ ଫେଶନ୍, କଣନା ଅପରେସନ୍ କରେଇ ପିଲା ଜନ୍ମ କରିବ । ତାକୁ ଟିକେ ବୁଝାନ୍ତୁ ଦିଦି ।"

ମମତା ସେ ବୋହୂଟିକୁ ଚାହିଁଲେ । ନିଜ ବୋହୂ କଥା ମନେପଡିଗଲା । ଏ ବୋହୂଟି ଜମା ବର୍ଷେ ହେଲା ବାହାହୋଇଛି, ବୟସ ତେଇଶି । ସିଏ ମା' ହେବ, ହେଲେ ତାଙ୍କ ନିଜର ବୋହୂ ଏକଥା ଚିନ୍ତା କରୁନି । ନିଜ ବୋହୂ କଥା ଭାବି ଏ ବୋହୂଟି ପ୍ରତି ତାଙ୍କର ସ୍ନେହ ଆସିଗଲା । ତେଣୁ ତାକୁ ଆଦରରେ ବୁଝାଇଲେ, "ଦେଖେ, ତୋର ସବୁ ଭଲ ଅଛି । ତାପରେ ମୁଁ ତ ଅଛିନା, ତୁ ଡେଲିଭରି ପାଇଁ କିଛି ଚିନ୍ତା କରନା । ମୋ ଉପରେ ଛାଡିଦେ । ଯା ଏବେ ଘରକୁ । ଭିଟାମିନ୍ ସବୁ ଠିକ୍ ସମୟରେ ଖାଉଥିବୁ ଆଉ ମନକୁ ଖୁସି ରଖିବୁ ।"

ବାହାରେ ଧୀରେଧୀରେ ରୋଗୀଙ୍କ ଭିଡ ଜମିଲାଣି । ମମତା ଚାହିଁଲେ ଏ କାମରୁ ବିରତି ନେଇପାରନ୍ତେ, ହେଲେ କାହିଁକି କେଜାଣି ସେକଥା ସିଏ କରିପାରୁନାହାନ୍ତି । ସରକାରୀ କାର୍ଯ୍ୟରୁ ବିରତି ନେଇଛନ୍ତି, ହେଲେ ଘରେ ରୋଗୀ ଦେଖିବା ତଥାପି ବଜାୟ ରଖିଛନ୍ତି । ନହେଲେ କରିବେ କଣ ? ସରକାରୀ କାର୍ଯ୍ୟରୁ ବିରତି ନେବାପରେ ଦକ୍ଷିଣ ଭାରତ ଯାଇ କିଛି ସ୍ଥାନ ବୁଲିଆସିଥିଲେ । ଉତ୍ତର ଭାରତ ମଧ୍ୟ ଯାଇଥିଲେ । ତାପରେ ମାସେ ଯାଇ ପୁଅ ପାଖରେ ଆମେରିକାରେ ବି ବୁଲିଆସିଥିଲେ । କେତେ ଆଉ ବୁଲିବେ ? ସତ କହିବାକୁ ଗଲେ, ରୋଗୀଙ୍କ ପାଖରେ ହିଁ ସିଏ ନିଜ ଜୀବନର ମୂଲ୍ୟ ଦେଖନ୍ତି । ପୁଅ ଯୁକ୍ତି କରେ, "ତମେ ତ ରିଟାୟାର୍ଡ କଲ, ଛ ମାସେ ଆମେରିକାରେ ରହିଗଲେ କଣ ହୋଇଯିବ ? ଛ ମାସ ନହେଲା ନାହିଁ, ତିନି ମାସ ତ ରୁହ । ତମର ତ ସେ ରୋଗୀ ଦେଖା ଛାଡିବନି ।"

ମମତା ପୁଅକୁ କୁହନ୍ତି, "ତୋର ପିଲାଟିଏ ହେଲେ ମୁଁ ଆସି ଛ ମାସେ ରହିବି ।"

ଏକଥା କହିଲେ ବୋହୂ ଅସନ୍ତୁଷ୍ଟ ହୁଏ । "ମା, ତମେ ଖାଲି ପିଲ୍‌ପିଲ୍ ହେଉଛ । ହେଲେ ସୋନାଦିଦିଙ୍କର ତ ପିଲ୍ ହେଇନ । ତାଙ୍କୁ କିଛି କହୁନ ?"

ମମତା ମନେମନେ ଭାବନ୍ତି, "ସୋନାଦିଦି ସାଙ୍ଗରେ ନିଜକୁ ତୁଳନା କରୁଛୁ କେମିତି ? ସିଏ ତ ଜଣେ ପ୍ରଫେସର୍ । ପି.ଏଚ୍.ଡି. ସାରି କଲେଜରେ ପଢାଉଛି । ଆଉ ତୁ ଘରଟାରେ ଖାଲିଟାରେ ବସିଛୁ, ନା ପାଠ ପଢୁଛୁ, ନା ଚାକରି କରୁଛୁ, ସେଥିରେ ସୋନାଦିଦି ସହିତ ନିଜକୁ ତୁଳନା କରୁଛୁ ?"

ଏମିତି ଭାବନ୍ତି ସିନା, ବୋହୂକୁ କିଛି କୁହନ୍ତିନ । ଏବେ ତ ସୋନାର ବି ପୁଅଟିଏ ହେଲାଣି, ବର୍ଷେ ପୂରିବ ତା' ପୁଅକୁ । ସେ ବୋହୂଟାକୁ ପୁଣି କହିବେ କ ? ବୋହୂଟାର ଆଉ କିଛି ଦୋଷ ନାହିଁ ତ ? ତେବେ ଡାକ୍ତର ପରାମର୍ଶ କରନ୍ତା । ଆଜିକାଲି ଲୋକ ଚାଳିଶି, ପଚାଶ, ବର୍ଷରେ ବି ପିଲ୍ ଜନ୍ମ କରୁଛନ୍ତି, ବିଜ୍ଞାନର ଚମତ୍କାରିତା ପାଇଁ । ବୋହୂର ଯଦି କିଛି ଦୋଷଥାଏ, ତେବେ ସେ କଣ ଠିକ୍ ହୋଇ ପାରିବନି ? ପୁଅକୁ ଆଉ କହିବେ କ ମମତା? ହେଲେ ପୁଅ ତ ତା' କାମରେ ଏତେ ବ୍ୟସ୍ତ ଯେ, ତାକୁ ନିଃଶ୍ୱାସ ନେବାକୁ ସମୟ ମିଳେନି । ସବୁବେଳେ, ଚାଇନା, ଜାପାନ କଣ କଂପାନୀ କାମରେ ବୁଲୁଥାଏ ।

ସେ କ୍ଷୀରବାଲି ବୋହୂକୁ ନେଇ ଯାଉଯାଉ ପଚାରିଦେଲା, "ଆଉ ଦିଦି, ଆପଣଙ୍କ ପୁଅର କିଛି ପିଲ୍‌ପିଲି ହେଲେଣି ?"

ମମତା କହିଲେ, "ନା"

"ଆପଣ ତ ଦିଦି ନିଜେ ଡାକ୍ତରାଣୀ, ବୋହୂର ଯଦି କିଛି ଦୋଷ ଥାଆନ୍ତା ତ ଆପଣ ଠିକ୍ କରିଦେଇଥାଆନ୍ତେ । ହେଲେ ବାହାଘର ତ ଏତେଦିନ ହେଲାଣି, କାହିଁକି ଛୁଆପିଲ୍ ହେଉନି ?"

ସେ କ୍ଷୀରବାଲି ଏମିତି କହି ଚାଲିଗଲା । ମମତାଙ୍କ ହୃଦୟରେ ଚୋଟଟିଏ ଲାଗିଲା । ନାଁ, ଆଜି ସିଏ ନିଶ୍ଚୟ ପୁଅକୁ ଡାକି ଏକଥା କହିବେ ।

ସେଦିନ ରୋଗୀଦେଖା ସରୁସରୁ ଦିନ ୨ଟା ବାଜିଲା । ଘରେ କାମ କରୁଥିବା ଝିଅ ଲକ୍ଷ୍ମୀ ଭାତ, ତରକାରି ରାନ୍ଧି ସାରିଥିଲା । ଲୁଗା ବଦଳେଇ ଆଉଥରେ ଗାଧୋଇଲେ ମମତା । ରୋଗୀ ଦେଖି ଘରକୁ ଫେରିଲେ ସିଏ ସବୁବେଳେ ଗାଧାନ୍ତି । ଲକ୍ଷ୍ମୀ ବାଢିଦେଲା । ଖାଇସାରି ଟିକେ ଗଡପଡ ହେବାକୁ ବାହାରିଛନ୍ତି ତ, ଫୋନ୍ ଆସିଲା । ପ୍ରଥମେ ଭାବିଲେ ଫୋନ୍ ଧରିବେନି, ହେଲେ ପୁଣି କଣ ଭାବି ଫୋନ୍ ଧରିଲେ ଯେ, ଗଲା, ଶୋଇବା ସେଇଠି ରହିଲା । ଫୋନ୍ କରିଥିଲା ସୁଜାତା ଅପା । କହିଲା, "ମମି, ମୁଁ ଆସି ତୋ ବସାରେ ଅଧଘଣ୍ଟାଏ ଭିତରେ ପହଞ୍ଚୁଛି । ତତେ ସକାଳେ ଡାକଥିଲି, ହେଲେ ତୁ ତ ଫୋନ୍ ଜମା ଧରିଲୁନି । ହୁଏତ ତଳେ ରୋଗୀ ଦେଖୁଥିବୁ । ଆଚ୍ଛା, ଏବେ ଘରେ ଅଛୁ ତ? "

ଇଚ୍ଛା ହେଉଥିଲା କୁହନ୍ତେ, "ନା, ମୋର ବାହାରକୁ ଯିବାର ଅଛି ।" ହେଲେ କହିପାରିଲେନି ମମତା । ଭାବନାକୁ କାବୁ କରି କହିଲେ, "ହଁ, ମୁଁ ଘରେ ଅଛି । ତୁ ଆସେ ।"

ଏମିତି ମମତାଙ୍କର ଜୀବନ । ପରିବାରଠାରୁ ଆରମ୍ଭ କରି ବନ୍ଧୁ ବାନ୍ଧବ ଯେତେ ସବୁ ଉଭୟ ରୋଗୀ ଓ ଅତିଥି ହୋଇ ଆସିବେ । ସେମାନଙ୍କୁ ଅତିଥି ରୂପେ ଚର୍ଚ୍ଚା ବି କରିବାକୁ ପଡିବ ଆଉ ରୋଗୀ ରୂପେ ଯତ୍ନ ମଧ୍ୟ ନେବାକୁ ପଡିବ । ଏସବୁ ମମତା ବାହାହେବା ଦିନରୁ କରିଆସୁଛନ୍ତି । ଏବେ କିନ୍ତୁ ବୟସ ବଢିଲାଣି । ଏତେ ଦାୟିତ୍ୱ ନେଇହେଉନି । ହେଲେ ସମସ୍ତଙ୍କର ସେମିତି ଅଭ୍ୟାସ ରହିଯାଇଛି । ଯାହାର ଦେହ କିଛି ଖରାପ ହେଲା, ସିଏ ଆସି ଘରେ ହାଜର । ଏବେ ଆଉ ଶୋଇବେ କଣ, ଏ ଅପା ପାଇଁ କିଛି ଜଳଖିଆର ବ୍ୟବସ୍ଥା କରିବାକୁ ପଡିବ । ମମତା ଲକ୍ଷ୍ମୀକୁ ଡାକଲେ, "ଲକ୍ଷ୍ମୀ, ଆଜି ସୁଜି ମାଉସୀ ଆସିବେ, ଟିକେ ଦେଖିଲୁ କଣ ସବୁ ପରିବାପତ୍ର ଅଛିନା ଘରେ, ନହେଲେ ଟିକେ ଯାଇ ବଜାରରୁ ନେଇଆସିବୁ ।"

ଲକ୍ଷ୍ମୀ ପଚାରିଲା, "ଏବେ ଆଣିବି ନା ମା, ନା, ମାଉସୀ ଆସିଲା ପରେ ଆଣିବି ।"

"ତୁ ଏବେ ଯା । କିଛି ସିଙ୍ଗଡା ଓ ମିଠା ନେଇଆ । ଆଉ ପରିବା ଭିତରେ ଆଳୁ, ବାଇଗଣ, ଟମାଟୋ ନେଇଆ । ତାପରେ ଦେଖିବା ।"

ଲକ୍ଷ୍ମୀ ଗ୍ଲିଗଲା । ମମତା ଶୋଇବା ଘର ସଜାଡ଼ିବାରେ ଲାଗିଲେ । ଏହି ସମୟରେ କଲିଂବେଲ୍ ବାଜିଲା । କବାଟ ଖୋଲି ଦେଖିଲା ବେଳକୁ ସୁଜି ଅପା । ତା ସାଙ୍ଗରେ ପତଳା ହୋଇ ୨୦- ୨୨ ବର୍ଷର ଝିଅଟିଏ । ଭାରୀ ଦୁଃଖୀ ଜଣାପଡୁଥାଏ । ବୋଧହୁଏ କାନ୍ଦୁଥିଲା । ସିଏ ମମତାଙ୍କୁ ଜୁହାର ହେଲା । ମମତା ପଚାରିଲେ, "ଇଏ କଏ କ ଅପା ? "

ସୁଜାତା କହିଲା, "ସିଏ ମୋ ଝିଆରୀ, ଦିଅରର ଝିଅ, ତା' ନାଁ ମନ । ଭିତରକୁ ଚାଲେ, ତତେ ସବୁ କହିବି ।"

ଭିତରକୁ ଆସି ସିଏ କାନ୍ଦିଲେ । "ନାଁ ପକେଇଛି ଏ ଝିଅ । ଏବେ ପେଟରେ ଅଛି । ତୋ ପାଖକୁ ଆଣିଛି ଟିକେ ପିଲା ଖସେଇଦେ । ନହେଲେ ଘରର ଇଜ୍ଜତ ମହତ ଯିବ ।"

ମମତା ସେ ଝିଅଟିକୁ ଚାହିଁଲେ । ଏତେ ନରୀହ ଦିଶୁଥିବା ଝିଅଟି ଏମିତି କାଣ୍ଡ କରିଛି । ହଠାତ୍ କଣ ହେଲା କେଜାଣି, ମମତାଙ୍କ ହାତ ଉଠିଗଲା । "ମଲୁନ ତୁ ଏମିତି କଥା କରିବା ପୂର୍ବରୁ । ଏବେ କଣ ଏ ଛୁଆ ଜନ୍ମ କରି ଦା'ରେ ବୁଲିବୁ ? ବଦ୍‌ମାସ୍ ଝିଅ । କାହା ସାଙ୍ଗରେ ଏମିତି ଭାସିଗଲୁ ? "

ଏମିତି ଘଟଣା ହେଲେ ମମତାଙ୍କର ହୋସ୍ ରହେନ । ସିଏ ଖୁବ୍‌ଶୀଘ୍ର ରାଗିଯାଆନ୍ତି । ସେ ଝିଅଟି କାନ୍ଦିଲା । "ମୋର ଭୁଲ୍ ହେଇଯାଇଛି ମାଉସୀ । ହେଲେ ମୁଁ କଣ କରିଥାନ୍ତି ? ମତେ ଜବରଦସ୍ତ...... ।" ଆଉ କିଛି କହିପାରିଲାନ ସେ ଝିଅ । ପୁଣି କାନ୍ଦିଲା ।

ସୁଜାତା କହିଲେ, "ସିଏ କଟକରେ କୋଉଠି ଭଡାନେଇ ଆଉ ତିନଝିଅଙ୍କ ସହିତ ରହି କଲେଜରେ ପଢୁଥିଲା । କଏ ଗୁଣ୍ଡାଦଳ ଜବରଦସ୍ତ ପଶି ଏମିତ କାଣ୍ଡ କାରଖାନା କଲେ ।"

ମମତା - "ପୋଲିସକୁ ଜଣେଇଥିଲ ନା ନାହିଁ ? "

ତାପରେ ସେ ଝିଅଟିକୁ ପଚାରିଲେ, "ସେ ପିଲାକୁ ଚହ୍ନିଛୁ ତୁ ? "

ସୁଜାତା - "ପୋଲିସ୍‌କୁ କଣ ଆଉ କହିବୁ । ସେ ଶଳା ତ ଧମକ ଦେଇ ଯାଇଥିଲା, କିଛି କହିଲେ ଜୀବନରେ ମାରିଦବ, ସାରା ପରିବାରକୁ ବି ମାରିଦବ । ସେଥିପାଇଁ ତା ପଢାପଢି

ବନ୍ଦ କରି ତାକୁ ମୋ ପାଖକୁ ନେଇଆସିଥିଲି । ହେଲେ ଦେଖୁଦେଖୁ ଏମିତି କଥା । କଣ କରିବି, ମୁଣ୍ଡରେ କଛି ପଶିଲାନ । ସେଇଥିପାଇଁ ତୋ ପାଖକୁ ଆସିଛି ।"

ମମତା ଥକ୍କା ହୋଇ ବସିଗଲେ । କଣ କରିବେ, କଣ କହିବେ କଛି ବୁଝିପାରିଲେନ । ପୁଅଟିର ପିଲାପିଲି ହେଉନ ବୋଲି ସିଏ କେତେ ଝୁରି ହେଉଛନ୍ତି; ଆଉ ଏ ଝିଅଟିର ପିଲା ହେବ, ତାକୁ ଏମିତି ଭାବେ ଶେଷ କରିବାକୁ ପଡିବ । ରକ୍ଷା, ଆଦିତ୍ୟ ନାହାନ୍ତି । ସିଏ କେମିତି କଣ ପ୍ରତିକ୍ରିୟା କରିଥାନ୍ତେ, କଏ ଜାଣେ । ଏମତି କେସ୍ ଆସିଲେ, ସିଏ ବହୁତ ପ୍ରତିକ୍ରିୟା କରନ୍ତି । ସେଥିପାଇଁ କୌଣସି ଗର୍ଭପାତ କେସ୍ ମମତା ନଜ ହାତକୁ ନଅନ୍ତିନ । ଜଣାଶୁଣା ଅନ୍ୟ ଡାକ୍ତରମାନଙ୍କୁ ରିଫର୍ କରି ପଠେଇଦିଅନ୍ତି । ହେଲେ ଏ ଝିଅଟି ବନ୍ଧୁବାନ୍ଧବ । ଆଉ କେଉଁଆଡେ ପଠେଇଲେ, ସମସ୍ତେ ଜାଣିବେ । ସୁଜାତା ଅପାର ପରିବାରର ବଦନାମ ହେବ ।

ସେ ଝିଅଟି ସେମିତି ଗୋଟିଏ କଣରେ ବସିଥାଏ । ମମତା ନଜକୁ ପ୍ରକୃତିସ୍ଥ କଲେ । ତାପରେ ସୁଜାତା ଅପାକୁ ଓ ମନକୁ ହାତମୁହଁ ଧୋଇ ଆସି କଛି ଜଳଖିଆ ଖାଇବାକୁ କହିଲେ । ଲକ୍ଷ୍ମୀ ସେତେବେଳକୁ ବଜାରରୁ ଫେରିଆସିଥାଏ । ତା ସାମନାରେ ବେଶି କଛି ଆଲୋଚନା ନକରି ସିଏ ସେମାନଙ୍କୁ ଜଳଖିଆ ଖୁଆଇଲେ । ମନ ଖାଉନଥିଲା । ତାକୁ ଗାଳିଦେଇ ଖୁଆଇଲେ । ତାପରେ ଲକ୍ଷ୍ମୀକୁ ଦ୍ୱେଷେଇ କରିବାପାଇଁ ପ୍ରସ୍ତୁତି କରିବାକୁ ବରାଦ କରି ସିଏ ମନକୁ ନେଇ ତଳମହଲା ପେସେଣ୍ଟ ରୁମ୍‌କୁ ଗଲେ । ସେଠି ଜଣାପଡିଲା ଗର୍ଭ ତିନମାସର । ଆଉ ଟିକଏ ଡେରି ହୋଇଥିଲେ, ହୁଏତ ଗର୍ଭପାତ କରାଇବା ମୁସ୍କିଲ୍ ହୋଇଥାନ୍ତା । ରକ୍ଷା ଯେ ଆଦିତ୍ୟ ତିନଦିନ ପରେ ଫେରିବେ । ନହେଲେ ଏଭଳ କଥା କେମିତି ହ୍ୟାଣ୍ଡଲ୍ କରିବାକୁ ପଡିଥାନ୍ତା କଏ ଜାଣେ ?

ଉପରକୁ ଆସିଲେ ମମତା । ସୁଜାତା ଅପା ଲକ୍ଷ୍ମୀ ସହିତ ମିଶି ରାତି ଦ୍ୱେଷେଇ ପ୍ରସ୍ତୁତିରେ ମିଶି ଯାଇଥିଲେ । ସେଥିରୁ ଜଣାପଡୁଥିଲା ସିଏ ଆଜି ଏଠି ରହିବେ । ମନର ବ୍ୟବସ୍ଥା କରିବାକୁ ବି ତ ସମୟ ଦରକାର । ଲକ୍ଷ୍ମୀ ଦ୍ୱେଷେଇବାସ କରି ସନ୍ଧ୍ୟାବେଳକୁ ତା' ଘରକୁ

ଫେରିଯାଏ । ମମତା ଭାବୁଥିଲେ, ଅତି ସକାଳୁ ସିଏ ପ୍ରୋସିଡିଓର୍ କରିବେ । ତାହେଲେ ଲକ୍ଷ୍ମୀ ଅନ୍ତତଃ ଜାଣିବନି ।

ଲକ୍ଷ୍ମୀ ଗଲାପରେ ସିଏ ସୁଜାତା ଅପା ସହିତ ଆଲୋଚନା କଲେ । ଗର୍ଭ ତିନମାସର ବୋଲି ଜଣେଇଲେ । ମନକୁ ପଚାରିଲେ, "ତୋର କଣ ଏ ଛୁଆଟି ରଖିବାକୁ ଇଚ୍ଛା ହେଉଛି ? "

ସିଏ କହିଲା "ନା ! କେଉଁ ଗୁଣ୍ଡାର ରକ୍ତ ସେଥିରେ ମିଶିଥିବ । ସେ ପିଲା ବି ସେମିତି ଗୁଣ୍ଡା ହେବ । ମୋର ଦରକାର ନାହିଁ ଏମିତି ପିଲା ।"

ସୁଜାତା ଅପା ବି ସେଇଆ କହିଲା । ସେଇଦିନ ରାତିରେ ହିଁ ମମତା ମନର ଗର୍ଭପାତ କରାଇଦେଲେ ।

ମନ ଦେହରୁ ବହୁତ ରକ୍ତସ୍ରାବ ହୋଇଥିଲା ଓ ସେ ଦୁର୍ବଳ ଥିଲା । ତାକୁ ଔଷଧ ଦେଇ ଜଣିକିଆ ଖଟରେ ଶୁଆଇଦେଲେ ମମତା । ତାପରେ ଶୋଇବାକୁ ଗଲେ । ମନ ଭଲଲାଗୁନଥାଏ । ଏମିତି କାମ କରିବାକୁ ତାଙ୍କ ବିବେକ ବାଧାଦିଏ । ଇଏ କେବଳ ଗୋଟିଏ ପରିବାରର ମହତ ରଖିବା କଥା, ଆଉ ଦ୍ୱିତୀୟରେ ସେ ଝିଅଟିର ମାନ ରଖିବା କଥା, ଯାହାକୁ ଅନ୍ୟ ଜଣେ ବ୍ୟକ୍ତିର କୁକର୍ମ ପାଇଁ ସାରା ଜୀବନ ଯାତନା ଭୋଗିବାକୁ ପଡିବ । ନିଜ ଝିଅର ଛବି ଦେଖିଲେ ସିଏ ସେ ଝିଅଟି ଭିତରେ । ସେଥିପାଇଁ ଏମିତି କଲେ । ହେଲେ ତାଙ୍କ ବିବେକ ସବୁବେଳେ ତାଙ୍କୁ କହି ଖରାପ କାର୍ଯ୍ୟ କରିବାକୁ ବାଧା ଦିଏ । କାଳେ ନିଜର ଖରାପ କର୍ମ ନିଜ ପିଲାମାନଙ୍କ ଉପରେ ପଡିବ, ସେମିତି ଚିନ୍ତା କରି ସିଏ ବିବ୍ରତ ହୋଇଯାନ୍ତି ଓ ଖରାପ କାର୍ଯ୍ୟରୁ ନିଜକୁ ଦୂରେଇ ରଖନ୍ତି । ଆଜିକାଲି ଡାକ୍ତରମାନେ କେତେ ଉପାୟରେ ରୋଗୀଙ୍କୁ ଶୋଷନ୍ତି; କେତେବେଳେ ରୋଗ ବଢେଇ ତ କେତେବେଳେ ଦରକାର ନଥିବା ଟେଷ୍ଟ ଓ ପ୍ରୋସିଡିଓର୍ ପାଇଁ ରେଫର୍ କରି । ହେଲେ ମମତା ସେମାନଙ୍କଠାରୁ ସ୍ୱତନ୍ତ୍ର । ସେଥିପାଇଁ ତାଙ୍କର ଏତେ ନାଁ, ଏତେ ସୁନାମ । ପେସେଣ୍ଟ ଦେଖିବା ରୁମ୍ ଆଗରେ ପରଦିନ ରୋଗୀଦେଖିବା ବନ୍ଦରହିବ ବୋଲି ନୋଟିସ୍ ଲଗେଇଦେଲେ ଓ ସେଦିନଟା ମମତା ବିଶ୍ରାମ ନେବାକୁ ଇଚ୍ଛାକଲେ । ରାତିରେ ସ୍ୱପ୍ନ

ଦେଖିଲେ, ତାଙ୍କ ବୋହୂର ତିନିମାସର ଗର୍ଭ ହଠାତ୍ ନଷ୍ଟ ହୋଇଗଲା ଓ ବୋହୂ କାନ୍ଦିକାନ୍ଦି ତାଙ୍କୁ ଫୋନ୍ କରି ଏ ଖବର ଜଣାଉଥିଲା । ନିଦରେ ହଠାତ୍ ଚିତ୍କାର କରିଉଠିଲେ ମମତା। ସୁଜିଅପା ଆର ଘରେ ଶୋଇଥିଲା । ଉଠିଆସି ପଚାରିଲା, "କଣ ହେଲାକି ମମି, କଣ ଖରାପ ସ୍ୱପ୍ନ ଦେଖିଲୁ ? "

ମମତା କିଛି କହିଲେନି କି ଶୋଇପାରିଲେନି । ଏବେ ପୁଅକୁ ଫୋନ୍ କରିପାରନ୍ତେ । ହେଲେ ରାତିଟାରେ ଯାହା କହିବେ, ତାକୁ ସୁଜି ଅପା ଓ ସେ ଝିଅ ମନ ଶୁଣିବେ । ନିଜ ଘରେ ବି ନିଜର ପ୍ରାଇଭସି ନାହିଁ ତାଙ୍କ ପାଖରେ । ଛାତି ଦକ୍ ଦକ୍ ହେଉଥାଏ । ପୁଅଟା ହେଲେ ଟିକେ ଫୋନ୍ କରନ୍ତା । ହେଲେ ସିଏ ତ ଜାଣିଛି ଏବେ ରାତି ହୋଇଥିବ ଓ ମା ଶୋଇଥିବ । ସିଏ କାହିଁକି ଏ ଅସମୟରେ ଡାକିବ ?

ପରଦିନ ଗାଧୋଇପାଧୋଇ ସକାଳୁ ଠାକୁରଙ୍କ ପାଖରେ ବିନୀତ ହୋଇ କ୍ଷମାପ୍ରାର୍ଥନା କଲେ। ଗୋଟିଏ ସୃଷ୍ଟିକୁ ପୃଥିବୀର ଆଲୋକ ଦେଖିବା ପୂର୍ବରୁ ଏମିତି ନିର୍ମମ ଭାବେ ହତ୍ୟା କରିଦେବାର ଅପରାଧରୁ ତାଙ୍କୁ କ୍ଷମା କରିଦେବାକୁ ଗୁହାରିକଲେ ।

ସକାଳୁ ମନ ଭଲଥିଲା । ସୁଜାତା ଅପା କହିଲେ, "ମୁଁ ତେବେ ମନକୁ ନେଇ ଘରକୁ ଯାଉଛି। କିଛି ଅସୁବିଧା ହେବନି ତ ? "

"ନାଁ । ମୁଁ କିଛି ଔଷଧ ଦେବି । ଇନ୍ଫେକ୍ସନ୍ ଯେମିତି ନହୁଏ, ସେଥିପାଇଁ ଟିକେ ଯତ୍ନଶୀଳ ରହିବ । ହେଲେ ତୋ ଘରେ ତ ଭାଇ ଓ ତୋ ପିଲାମାନେ ଥିବେ । ଏକଥା ଯଦି ଜଣାପଡିଯାଏ ? "

"ନାଁ, ତୋ ଭାଇ ଯାଇଛନ୍ତି କଲିକତା, ମାସକ ପରେ ଫେରିବେ । ଆଉ ମୋ ପିଲାମାନେ ତ, କିଏ କଣ ଘରେ ରହୁଛି ଯେ, ଏକଥା ଜାଣିବ । ପୁଅ, ଝିଅ ଦୁଇଜଣଯାକ ବାଙ୍ଗାଲୋରରେ। ସେଇଥିପାଇଁ ତ ମୁଁ ଏହି ସମୟରେ ତୋ ପାଖକୁ ଚାଲିଆସିଲି ।"

ସୁଜାତା ଅପା ଫେରିଗଲା । ମନ ବି ଫେରିଗଲା । ଯିବା ପୂର୍ବରୁ ଅତି ମିନତି ହୋଇ କହିଗଲା, "ଆପଣ ମୋର ଦେବୀ ମାଉସୀ, ମୋର ସମ୍ମାନ ରକ୍ଷା କରି ମୋ ଜୀବନ ରକ୍ଷାକଲେ ।"

ସେମାନେ ଯିବା ପରେ ମମତା ପୁଅକୁ ଫୋନ୍ ଲଗେଇଲେ । ପୁଅ, ବୋହୂ ଦୁଇଜଣଯାକ ଭାରି ଖୁସିଥାନ୍ତି । ସେ ଫୋନରେ ଭିଡିଓ ଚାଟ୍ ଲଗେଇ ଦୁଇଜଣ ଯାକ, ଚମୁଟାଚମୁଟି ହେଉଥାନ୍ତି । ପୁଅ କହୁଥାଏ ବୋହୂକୁ, "ତୁ କହ ।" ବୋହୂ କହୁଥାଏ ପୁଅକୁ, "ନା, ତମେ କୁହ ।" ମମତା ପଚାରିଲେ, "ଆରେ କଣ କହିବାକୁ ଚାହୁଁଛ ଯେ ଏତେ ଗୌରଚନ୍ଦ୍ରିକା କରୁଛ ? କିଏ ଜଣେ ତ କୁହ ।"

ଶେଷରେ ବୋହୂ କହିଲା, "ମୋର ଆଫ୍ରିକା ଯିବା ଏବେ ପକ୍କା ହୋଇଗଲା । ମୁଁ ସେଠି ଦୁଇମାସ ରହିବି ।"

ମମତାଙ୍କର ଇଚ୍ଛାହେଲା ସେଇଠି ଫୋନ୍‌ଟାକୁ କଚାଡିଦିଅନ୍ତେ । ଅନ୍ତତଃ ଗୋଟିଏ କଥା ଭଲ ଯେ ସେମିତି କିଛି ଅଶୁଭ ଖବର, ଯେଉଁଟା ସିଏ ସ୍ୱପ୍ନ ଦେଖିଥିଲେ, ସେମିତି ହୋଇନ । ତା ବୋଲି ନିଜ ସ୍ୱାମୀକୁ ଛାଡି ଆଫ୍ରିକା ଯିବ, ସେଥିରେ ସିଏ ଏତେ ଖୁସି ?

ପାଞ୍ଚମାସ ପରର କଥା । ମନର ବାହାଘର ଠିକ୍ ହୋଇଯାଇଛି । ସୁଜାତା ଅପା ଫୋନ୍ କରି ଜଣେଇଥିଲା । ପୁଅ ବମ୍ବେରେ ଚାକରି କରେ । ବାହାଘର ସେଇଠି ହେବ । ମନର ମାମୁଁ ସେଠି ରୁହନ୍ତି । ସିଏ ସବୁ ଯୋଗାଡ କରିଛନ୍ତି । ମମତା ଯଦି ବାହାଘରରେ ଯୋଗ ଦେଇପାରନ୍ତା, ବହୁତ ଭଲହୁଅନ୍ତା ବୋଲି ସିଏ ଅନୁରୋଧ କରୁଥିଲା । ମମତା ଖୁସିହେଲେ । ଯାହାହେଉ, ଝିଅଟାର ଭାଗ୍ୟ ତ ଖୋଲିଯିବ । ନହେଲେ ଏମିତି ଅକାଳରେ ସୁନ୍ଦର ଜୀବନଟିଏ ଛିନ୍‌ଭିନ୍ ହୋଇ ସଂସାରର ଚାପରେ ଭାଙ୍ଗିପଡିଥାନ୍ତା ।

ମମତା ମନର ବାହାଘରରେ ଯାଇପାରିନଥିଲେ । ହେଲେ ଦୁଇବର୍ଷପରେ ମନ ଆସିଥିଲା ପୁଅଟିଏ ଧରି, ମମତାଙ୍କଠାରୁ ଆଶୀର୍ବାଦ ନେବାପାଇଁ । ସୁଜାତା ଅପା ବି ସାଙ୍ଗରେ ଆସିଥିଲା । ସେପର୍ଯ୍ୟନ୍ତ ମମତାଙ୍କ ପୁଅର କିଛି ପିଲାପିଲି ହୋଇନଥିଲେ । ମମତା ଏବେ

ନିଜର ସେ କର୍ମପାଇଁ ଅନୁତାପ କରୁନଥିଲେ; ବରଂ ଖୁସିଥିଲେ ଯେ ସିଏ ଗୋଟିଏ ଜୀବନକୁ ସଜାଡି ପାରିଥିଲେ ।

ବହୁତ ଖୁସିରେ ମନକୁ ଓ ସୁଜାତା ଅପାକୁ ଅଟକାଇଦେଲେ ସିଏ ସେଦିନ । ରାତିରେ ଖାଉଖାଉ ସୁଜାତା ପଗ୍ଚରିଦେଲେ, "ଆରେ, ଆମ ବାପୁର କିଛି ପିଲାପିଲି ହେଲେଣି ନା ନାହିଁ ?"

ମମତା କହିଲେ, "ନା ।"

ସୁଜାତା ଆଶ୍ଚର୍ଯ୍ୟ ହୋଇ ମତଦେଲେ, "ତା' ବାହାଘର ତ ୧୨ ବର୍ଷ ପୁରିଗଲାଣି । କାହାର କିଛି ଦୋଷ ନାହିଁ ତ ? ବୋହୂର କି ପୁଅର ? ତୁ ତ ଡାକ୍ତରାଣୀ । ମୁଁ କଣ ଜାଣିଛି ?"

ମମତା କହିଲେ, "ସେମାନେ ବାପା, ମା ହୋଇ ଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହଁନ୍ତି ।"

ମମତାଙ୍କ କଣ୍ଠ ଉଦାସ ଥିଲା । ମନର ପୁଅଟି ହଠାତ୍ କାହିଁକି କେଜାଣି ମମତାଙ୍କ କୋଳକୁ ଆସିବାକୁ ଗ୍ଚହିଁଲା । ମମତା ତାକୁ କୋଳକୁ ଆଣିଲେ । ଏହି ସମୟରେ ପୁଅର ଫୋନ୍ ଆସିଲା । ମମତା ଭାବୁଥିଲେ ସେମିତି ନିତିଦିନିଆ କଥା; କଣ ଖାଇଲ, କୁଆଡେ ଗଲ, ଆଉ ଆଫ୍ରିକାରେ ଘର ହେଲା, ଆମେରିକାରେ ସ୍କୁଲରେ ଗୁଳି ଫୁଟିଲା, ଏମିତି ସବୁ ।

ନା, ଏଥର କଥା ଅଲଗା ଥିଲା । ପୁଅ କହିଲା, "ମା, ଏବେ ପ୍ରସ୍ତୁତ ହୋଇଯାଅ, ଆମେରିକା ଆସି ୬ ମାସ ରହିବ । ତମ ବୋହୂ ପ୍ରେଗ୍ନାଣ୍ଟ ଅଛି । ଏଇଟା ଗ୍ଚରିମାସ ଗ୍ଚଲିଲା ।"

ମମତା ନିଜ କାନକୁ ବିଶ୍ୱାସ କରିପାରିଲେନି । ଏବେ ତାଙ୍କ ପୁଅର ପିଲାପିଲି ହେବ । ସେ ଖୁସି ତାଙ୍କ ଶରୀର ଓ ମନର ପ୍ରତି କୋଣରେ ଏକ ଅବର୍ଣ୍ଣନୀୟ ସୁଖସ୍ରୋତ ବୁହାଇଦେଇଥିଲା । ମନର ପୁଅ ତାଙ୍କ କୋଳରେ କଣପାଇଁ କେଜାଣି ହସୁଥିଲା । ସିଏ ଅତି ପ୍ରଗଲ୍ଭ ହୋଇ ପିଲାଟିର ଚିବୁକରେ ଚୁମ୍ବନଟିଏ ଆଙ୍କିଦେଲେ ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଆନନ୍ଦ ସ୍ଫୁରଣ



ହିମାଂଶୁ ଶେଖର ବାରିକ୍

ମୋ ମାନସ ପଟେ     କାହା ପ୍ରତିଛବି
ଭାସିଉଠେ ବାରମ୍ବାର
ନୁହଁଇ ତ ସ୍ପଷ୍ଟ     ଦିବ୍ୟ ପ୍ରତିବିମ୍ବ
କରଇ ଚିତ୍ତ ଅଧୀର ॥
କ୍ଷଣିକ ଉନ୍ମାଦ ଦେଇ ଚାଲିଗଲା
ଆସୁନାହିଁ ଆଉ କାହିଁ
ତା ବିନା ବଞ୍ଚିବା     ଜଟିଳ ହେଲାଣି
ସେ ତ ଦେଖା ଦେଉ ନାହିଁ ॥
ସ୍ମରି ସେ ସ୍ଫୁରଣ     ଉଲ୍ଲସିତ ମନ
ପରମାନନ୍ଦେ ନିମଗ୍ନ
ଅଳକ ସଂସାର     ଲାଗଇ ଅସାର
ତା ବିନା ବ୍ୟର୍ଥ ଜୀବନ ॥
ଖୋଜିଲି ତାହାକୁ     କାନନେ ପର୍ବତେ

ତରଙ୍ଗିଣୀ ତରଙ୍ଗରେ

ମାୟା ନଗରୀର ରୂପ ମାଧୁରୀରେ

ପାଇଲିନ କେଉଁଠାରେ ॥

ମୋ ମନ କହଇ ନିକଟରେ ରହି

ଲାଗଇ ସେ ବହୁ ଦୂର

ମିନତି ମୋହର ଶୁଣିବ କି ସିଏ

ଦେଖା ଦେବେ ଏକବାର ॥

ତାହାର ମୋହର ସଂପର୍କର ଡୋର

ଅଟେ ନିତ୍ୟ ନିରନ୍ତର

ଅବଶ୍ୟ ମିଳନ ହେବ ଏକ ଦିନେ

ପାର ହେବି ଭବ ନୀର ॥

ନିଉ ଏ.ଜି. କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ରେଲୱେ ଷ୍ଟେସନ



ପ୍ରକାଶ ସାହୁ

ବ୍ରିଜ ପାର ହେଲା ପରେ,
ପାଇପ ଲାଇନ ଆଉ ମାଲକାପୁରମ ,
କ୍ରସ କରିଲା  ପରେ,
ଆସେ ରେଲୱେ ଷ୍ଟେସନ।
କର୍ମ କ୍ଷେତ୍ର ଠୁ ମାତ୍ର ଦୁଇ କୋଷ ଦୂର।
ଅନେକ ଦିନ ର ଅପେକ୍ଷା ପରେ,
ଆସେ ସେ ଦିନ ରେଲୱେ ଷ୍ଟେସନ ଯିବାକୁ,
ଖୁସି ର ସୀମା ନ ଥାଏ।
କାରଣ ଟା କାହାକୁ ଅଜଣା ନ ଥିବ।

ତଥାପି ପଗୁରି ପାର ଯଦି,
ମନ ରେ ଦ୍ୱନ୍ଦ ରହିଥାଏ ସେହି ପୁଅ କୁ,
ବାପା କୁ ଅବା ଭାଇ କ ସ୍ୱାମୀ କୁ।
ଷ୍ଟେସନ ରେ ବାରମ୍ବାର ଏନାଉନସମେଣ୍ଟ
ଚା ବାଲା, ଫେରି ବାଲା, ଠେଲା ଗାଡି
ସମସ୍ତେ ତତ୍ପର ପ୍ଲାଟଫର୍ମ,
ହୋଇଉଠେ ଚଳ ଚଞ୍ଚଳ,
ଟ୍ରେନ ଚଢ଼ିବା ପାଇଁ ସମସ୍ତେ ବ୍ୟସ୍ତ।

ସାଙ୍ଗ ରେ ଥାଏ କଛି ବ୍ୟକ୍ତିଗତ ଜିନଷ,
ଘର ଲୋକ ଙ୍କ ପାଇଁ କଛି କପଡା,
ଦାଦା ଙ୍କ କୁନ ଝିଅ ପାଇଁ କଛି ଗ୍ଲେକଲେଟ,
ବୁଢ୍ଢୀ ମା ପାଇଁ ରେଶମ କପଡା ଏମିତି କଛି ଥାଏ।
ଆଉ କାହା କଥା ଭାବୁଛନ୍ତି କ?

ଓଃ ବୁଝିଲି ତା ପାଇଁ,
ସେ ତ ପ୍ରତି ମୁହୁର୍ତ ଆଉ ପ୍ରତି ଦିନ,
ପ୍ରଶ୍ନ କରେ ଆସିବା ର ନର୍ଦ୍ଦିଷ୍ଟ ଦିନ ବିଷୟରେ
ମୁଁ ପହଞ୍ଚି ଗଲେ ଯଥେଷ୍ଟ।
ମୋତେ ଆଖି ପୁରେଇ ଦେଖିନେଲେ,
ଖୁସି ରେ ଆତ୍ମହରା ହୋଇଯାଏ ସେ।

ହଠାତ ପାଦ ପଡେ ରେଲୱେ ଷ୍ଟେସନ ରେ,
ଶିହରଣ ଖେଳିଯାଏ ଦେହ ସାରା।
ପଛ କୁ ଛାଡି ଆସେ କର୍ମ କ୍ଷେତ୍ର ର,
ସମସ୍ତ ବ୍ୟଥା, ଚନ୍ତା ଆଉ ବ୍ୟସ୍ତତା,
ଫେରି ଆସେ ମୋର ସେହି ଗାଁ ର,
ପରିବେଶ କୁ ଯେଉଁଠି ନ ଥାଏ,
ସିଟି ପରି ଗାଡି ର ଅପ୍ରୀତିକର ଶବ୍ଦ
କ ପ୍ରଦୂଷିତ ଜଳବାୟୁ,
ଅନେକ କଛି ଭାବନା ଆସିଯାଏ ଆପେ ଆପେ
ମନକୁ ଠିକ ଫୁଲ ପାଖୁଡା
ଭଅଁର କୁ ଆକୃଷ୍ଟ କଲା ପରି।

ଲମ୍ବା ହର୍ଣ ମାରି ପହଞ୍ଚିଯାଏ ,
ଟ୍ରେନ ଷ୍ଟେସନ ରେ ଦୋହଲି ଯାଏ।


ପୁରା ପ୍ଲାଟଫର୍ମ ଦୁଆର ମୁହଁ ରେ,
ଭିଡ଼ ଚଢ଼ିବା ଆଉ ଓହ୍ଲାଇବା ପାଇଁ।
ଏଥର ବିଦାୟ ନଏ ମୋ ବନ୍ଧୁ ଙ୍କ ଠାରୁ
ଆସିଥାନ୍ତି ମୋ ସହିତ
ଏହି ଷ୍ଟେସନ ଯାଏ।
ଘରେ ପହଞ୍ଚି କଲ ଟିଏ ଅବା ଭଟ୍ସପ୍ପ
ରେ ମେସେଜ ଟେ ଦେବାକୁ,
ପ୍ରତିଶ୍ରୁତି ଦିଏ ସେମାନଙ୍କୁ।

ବସିଯାଏ ବଗି ର ଗୋଟେ କୋଣ ରେ।
ଅନେକ ଅଚହ୍ନା ଆଉ ଅଜଣା,
ମଣିଷ ଙ୍କ ସହିତ ସତେ ଯେପରି
କୋଣସି ବିଷୟ ରେ କ୍ଲାସ ଚ୍ଲିଛି।
ଆଉ ମୁଁ ବିଳମ୍ବ ରେ ପହଂଚଛି।
ସମସ୍ତ ଙ୍କ ନଜର ମୋ ଉପରେ।

ନିଜ କୁ ଠିକ ଭାବେ ବସାଇ,
ଆଖି ବୁଲାଇ ଦିଏ ବଗି ଆଡେ।
କାହା ମୁହଁ ରେ ସୁଖ।
ଆଉ କାହା ମୁହଁ ରେ ଦୁଃଖ।
କଏ ଲୁହା ଝରକା ରେ ବାହାର ପ୍ରକୃତି କୁ
ଉପଭୋଗ କରୁଛି ଆଉ କଏ,
ବିତିଯାଇଥିବା ଖୁସି ର ମୁହୁର୍ତର
ଫୋଟୋ କୁ ମୋବାଇଲ ରେ ଦେଖୁଛି
କଏ ମାଗାଜିନ ଟେ ଧରି ପଢୁଛି।

ଏମିତି ଦୃଶ୍ୟ ଦେଖୁ ଦେଖୁ,
ମୋ ମନ ରେ ଅନେକ ପ୍ରଶ୍ନ ବସା,
ବାନ୍ଧିଛି କଏ ଫେରିଛି ତା,
ଦୂର ଦେଶ ରୁ ଠିକ ମୋ ପରି,
ଦେଖିବ ପ୍ରିୟା ର ମୁହଁ ଗୃହିଁଥିବ ।
ସେ ଘଣ୍ଟା ର ମିନଟ କଣ୍ଟା କୁ,
କେବେ ପହଞ୍ଚିବ ତାର ପ୍ରିୟ ।

କଏ ପ୍ରଥମ ଥର ପାଇଁ ଗାଁ ଛାଡି ,
ଯାଉଛି ସୁଦୂର ସୁରଟ କ ବାଙ୍ଗାଲୋର
କଛି ଅର୍ଥ ଯୋଗାଡ଼ କରିବା ପାଇଁ,
ସାନ ଭଉଣୀ ର ବାହାଘର ପାଇଁ
ପରିବାର ର ବୋଝ କୁ ନଜ ମୁଣ୍ଡ କୁ,
ନେଇ ଗୃଲି ଆସିଛି ସେ ଆଖି ରେ,
ଲୁହ ଆଉ ଛାତି ର କୋହ,
ଲୁଗୃଇବାକୁ ଚେଷ୍ଟାରତ ସେ ।



ବୃଦ୍ଧା ବାପା ପାଇଁ କଏ ବ୍ୟାକୁଳ,
ଯେତେ ଶୀଘ୍ର ପହଞ୍ଚିବ ଘରେ ।
ବୁଢା ବାପା ମା ଙ୍କ ସହିତ,
ଦୁଇ ପଦ କଥା ହେବ ତାଙ୍କ
ସୁଖ ଦୁଃଖ କଥା ବୁଝି,
ନଶ୍ଚିନ୍ତ ରହିବ ସେ ।

କହିଥିଲ ସେ ଆସିବ,
କେତେ ମନ ନେଇ ଗୃହିଁଥିବ,
ଆଖି ରେ ଆଖି ମିଶିବ,

କେଉଁ ରେଷ୍ଟୁରାଣ୍ଟ ଅବା ପାର୍କ ରେ।
ଭାବି ଭାବି ଛାଡିଲା ସେ ଷ୍ଟେସନ,
ଦୁରତା ତାକୁ ବାଧୁଛି,
ମନ ବି ଅଥୟ ତାର।

ହସ୍ପିଟାଲ କୁ ଯିବାକୁ ହେବ,
ମେଡିସିନ ୱାର୍ଡ ରେ ଭାଇ କୁ ଦେଖା କରିବ
ବାରମ୍ବାର ପ୍ରଭୁ ଙ୍କୁ ଗୁହାରି,
ଭାଇ ତାର ଭଲ ରେ ଥାଉ,
ଝଟପଟ ରିକ୍ସା ଖୋଜିବ,
ମୁଲଚାଲ ନ କରି ଫିକ୍ସ ରେଟ ରେ
ରିଜର୍ଭ କରି ଚାଲିଯିବ ବେଗି।

ବ୍ୟାଗ ରେ ଗୁଡାଏ ବହି,
ବାଟ ସାରା ପଢି ପଢି କଏ ବା ହାଲିଆ,
ଦିନ ଦଶଟା ରେ ଇଣ୍ଟରଭିଉ,
ଛାତି ଧଡ଼ ଧଡ଼।
ମୋର ବି ହୋଇଛି ଏମିତି ଅନୁଭବ।
ସୁଲଭ ଶୌଚାଳୟ ବା ହୋଟେଲ ରେ,
କାମ ସାରି ହେବ ସେ ସଜବାଜ,
କ୍ଲୋକ ରୁମ ରେ ଜିନଷ ରଖି,
ଠିକ ସମୟ ରେ ପରିକ୍ଷ୍ୟା ରେ ପହଞ୍ଚିବ।

ଶେଷ ରେ ସମସ୍ତ ଆଶା କୁ,
ଏକାଠି କରି ଟ୍ରେନ ଛାଡେ ଷ୍ଟେସନ।
ଝରକା ବାଟେ ବନ୍ଧୁ ଙ୍କୁ,
ହାତ ହଲାଇ ଏଥର ବିଦାୟ ନଏ।

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ସନ୍ତରଣ ବିଦ୍ୟା



ରାଜୀବ ଗୋପାଳ ସ୍ୱାଇଁ

ସଂକ୍ଷିପ୍ତ ପରିଚୟ: ରାଜୀବ ଗୋପାଳ ସ୍ୱାଇଁ

ଠିକଣା: ମାତୃକୁଟୀର, କୁରୁଣ୍ଟି, ମେରାମଣ୍ଡଳୀ, ଢେଙ୍କାନାଳ- ୭୫୯୧୨୧

ସମ୍ମାନ :୨୦୦୪ ଭୁବନେଶ୍ୱର ପୁସ୍ତକ ମେଳା( ରବି ପଟ୍ଟନାୟକ ଗଳ୍ପ ସମ୍ମାନ) , ଶ୍ରେଷ୍ଠ ଗଳ୍ପ- ୨୦୦୯ ଗଳ୍ପପାଠୋତ୍ସବ, ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଓ ଭାରତୀୟ ଜନସଞ୍ଚାର ସଂସ୍ଥାନ, ଢେଙ୍କାନାଳ

ପ୍ରକାଶିତ ପୁସ୍ତକ: ସତ ସ୍ୱପ୍ନ ର ରାତି( ଗଳ୍ପ ସଂକଳନ) , ସାଗର ପକ୍ଷୀ ( କବିତା ସଂକଳନ) , ବିଷ( ଗଳ୍ପ ସଂକଳନ)

ବସନ୍ତ ଭଲ ସନ୍ତରଣ ଜାଣିଥିଲା । କେବଳ ଜାଣିଥିଲା କହିଲେ ଭୁଲ୍ ହେବ, ସେ ଏଥିରେ ଦକ୍ଷ ମଧ୍ୟ ଥିଲା । ବଡ ବଡ ଲହଡି କୁ ସହଜରେ ପାରି ହୋଇ ପାରିବାର କଳା ଓ କୌଶଳରେ ସେ ଥିଲା ପାରଙ୍ଗମ । ତେଣୁ ସେ କେବେ ଡରି ନ ଥିଲା, ହାରି ନଥିଲା ।

ଯେଉଁ ମାନେ ବସନ୍ତର ଶୈଶବକୁ ଦେଖିଛନ୍ତି, ସେମାନେ ସହଜେ ବିଶ୍ୱାସ କରିପାରନ୍ତି ନାହିଁ ବସନ୍ତର ବର୍ତ୍ତମାନ କୁ ଦେଖି । କାରଣ ସମୟର ବ୍ୟବଧାନ ସହିତ ସାମାଜିକ ସ୍ଥିତିରେ ଥିଲା ବହୁତ ବଡ ବ୍ୟବଧାନ, ଆଉ ସେହି ବ୍ୟବଧାନଟି ବସନ୍ତର କଠୋର ପରିଶ୍ରମ ଓ ଭଗବାନଙ୍କ ଆର୍ଶୀବାଦ ଦ୍ୱାରା ହିଁ ହୋଇଯାଇଥିଲା ସମ୍ଭବ ।

ବସନ୍ତକୁ ବହୁ କଷ୍ଟରେ ତା'ବାପା ଫାର୍ମାସୀ ଡିଗ୍ରୀଟିଏ ଧରେଇ ଥିଲେ, ଆଉ ଆଶା ଥିଲା ବସନ୍ତ କଛି ନ ହେଲେ ନାହିଁ ନଜର ସାର୍ଟଫିକେଟ ଖଣ୍ଡରେ ଚଳଯିବ । ଠିକ୍ ସେମିତି ହିଁ ହୋଇଥିଲା । ବସନ୍ତ ନାଁରେ ଚାଲିଥିଲା ଔଷଧ ଦୋକାନ ଯୋଉଟା ତା'ନଜର ନ ଥିଲା । ସେହି ହିସାବରେ ମାସକୁ ମାସ କଛି ଅର୍ଥ ମିଳ ଯାଉଥିଲା । ପ୍ରତି ମାସ ଶେଷରେ ସେଇ ଟଙ୍କାଟିକୁ ବାପା ଯାଇ ନେଇ ଆସୁଥିଲେ ଆଉ ସେଥିରେ ହିଁ ଚଳୁଥିଲା ଘର ।

ଗୋଟେ ବେସରକାରୀ ସଂଗଠନରେ କାର୍ଯ୍ୟକରୁଥିବା ବସନ୍ତ ସେହି ସମୟରେ ନିଜ ଜୀବନକୁ ସଜାଡିବା ଓ ଦିଗ ଦେବାରେ ଥିଲା ବ୍ୟସ୍ତ । ବେତନ ହିସାବରେ ମିଳୁଥିବା ଟଙ୍କାଟା କୋଉ ମାସରେ କ କୋଉ ତାରିଖରେ ମିଳବ ସେଥିରେ ନ ଥିଲା କିଛି ସ୍ଥିରତା । ଆଉ ଠିକ ସେତିକ ବେଳେ ହିଁ ସେ ଶିଖିଥିଲା ସନ୍ତରଣ । ହଁ ସନ୍ତରଣ ନୁହେଁତ ଆଉ କଣ? ତାହା ଥିଲା ଜୀବନ ମହୋଦଧିରେ ସନ୍ତରଣ ।

ଜୀବନ ସମୁଦ୍ରରେ ପହଁରିବାଟା କଣ ଏତେ ସହଜ ହୋଇଛି? ଯୋଉଠି ସଠିକ ପହଁରି ଶିଖି ନ ଥିଲେ ବୁଡି ଯିବାର ସମ୍ଭାବନା ଅଧିକ ଥାଏ ।

ବସନ୍ତକୁ ସେଇ ପହଁରିବା କଳାଟିକୁ ଭଲଭାବରେ ଶିଖାଇଥିଲେ ଡାକ୍ତର ସତ୍ୟନାରାୟଣ । ଅଳ୍ପ ସମୟ ପାଇଁ ହେଉ ପଛେ ଯେତେବେଳେ ଡାକ୍ତର ସତ୍ୟ ବସନ୍ତ ଥିବା ଅନୁଷ୍ଠାନରେ ଯୋଗ ଦେଲେ ସେତେବେଳୁ ହିଁ ତାଙ୍କର କାହିଁକି ନା କେଜାଣି ବସନ୍ତ ପ୍ରତି ଗୋଟେ ସ୍ୱତନ୍ତ୍ର ଭାବନା ସୃଷ୍ଟି ହୋଇଯାଇଥିଲା । ବସନ୍ତ ଭିତରେ ଦେଖିଥିବା ମଣିଷ ଟିକୁ ସେ ଯଥା ମାନ୍ୟ ଦେବାପାଇଁ ଚେଷ୍ଟା କରିଥିଲେ ।

ଫଳ ଏୟା ହୋଇଥିଲା । ଯେତେବେଳେ ସତ୍ୟ ବାବୁ ନିର୍ମଳା ସେବାସଦନ ନାମକ ଘରୋଇ ନର୍ସିଂହୋମରେ ଅର୍ଥୋପେଡିକ୍ ସର୍ଜନ ଭାବରେ ଯୋଗଦେଲେ ସେତେବେଳେ ସେ ବସନ୍ତକୁ ନିଜ ପାଖକୁ ନେଇ ଆସିଲେ । ସେଇଠି ବସନ୍ତ ଜୀବନର ଗତିପଥ ବଦଳିଗଲା ।

ଌଌଌଌଌଌ

ନିର୍ମଳା ସେବା ସଦନକୁ ଲାଗି ଗୋଟିଏ ଭଡାଘର ନେଲା ବସନ୍ତ । ସେଇଠି ଆରମ୍ଭ ହେଲା ଚରକ ମେଡିସିନ ଷ୍ଟୋର । ଏଥିରେ ବି ସତ୍ୟ ବାବୁଙ୍କ ପୃଷ୍ଠ ପୋଷକତା ରହିଲା ।

ହେଇପାରେ ସତ୍ୟବାବୁ ବି ବସନ୍ତ ଜରୀୟାରେ ଅନେକ ଅର୍ଥ ରୋଜଗାର କରୁଥିଲେ । କିନ୍ତୁ ଏକଥା ସତ ଯେ, ବସନ୍ତ ଭାଗ୍ୟାକାଶରେ ଉଠିଥିବା ଏ'ତେଜୋଦୀପ୍ତ ରବିଙ୍କ ଆଗରେ ଅନ୍ୟ ସବୁକଥା ତୁଚ୍ଛ ଥିଲା ।

ଡାକ୍ତର ସତ୍ୟଙ୍କ ସହିତ ଓ ନିର୍ମଳା ସେବାସଦନର କେଉଁ ପ୍ରକାର ଅଲିଖିତ ଚୁକ୍ତି ହୋଇଥିଲା ପଥ ଜାଣିବା ଥିଲା ଅସମ୍ଭବ । ଏ ବିଷୟରେ କେବେବି ମୁହଁ ଖୋଲୁନଥିବା ବସନ୍ତକୁ ସେହି ଆଡକୁ ଇଙ୍ଗିତ କରି କିଛି ପଚାରିଲେ ଖୁବ ଚତୁରତାର ସହିତ ସେ କଥା ଗୁଡିକୁ ଏଡାଇ ଯାଏ । ହସି ଦେଇ ଶୂନ୍ୟକୁ ଚାହିଁ ଓ ହାତ ଯୋଡି ପ୍ରାର୍ଥନା କରିବା ଭଙ୍ଗୀରେ ଦୀର୍ଘ ଶ୍ୱାସ ଛାଡେ । ଏଥିରୁ ହିଁ ଆଗରେ ଥିବା ଲୋକଟି ବୁଝି ପାରେ ବସନ୍ତ ଭିତରେ ଡାକ୍ତର ସତ୍ୟଙ୍କ ପ୍ରତି ଥିବା ଭାବନାତ୍ମକ ସମ୍ପର୍କକୁ.......... ।

କିଛି ବର୍ଷ ଭିତରେ ବଦଳି ଯାଇଥିଲା ଦୃଶ୍ୟ ପଟ । ବସନ୍ତ ସହରର ଜନଗହଳି ଅଞ୍ଚଳ ରେ ଓ ସହର ଉପକଣ୍ଠରେ ଯଥାକ୍ରମେ ଦୁଇଟି ପ୍ଲଟ କିଣିବାକୁ ସମର୍ଥ ହୋଇପାରେ । ଚଢିପାରେ ଚାରିଚକିଆ ଯାନ । ଗାଁରେ ଥିବା ଘରର ଢାଞ୍ଚା ବଦଳି ତା' ସ୍ଥାନରେ ଠିଆ ହୋଇପଡେ ଦୁଇ ମହଲାର ସୁଦୃଶ୍ୟ ଅଟ୍ଟାଳିକା । ଜୀବନ ପ୍ରତି ଦୃଷ୍ଟି କୋଣ ଓ ଦୈନ ଦିନ ଜୀବନର ପରିଭାଷାରେ ଆସିଯାଏ ବହୁତ ବଡ ପରିବର୍ତ୍ତନ ।

ଲୋକମାନଙ୍କ ପେଟ ଭିତରର କଥା ପେଟରେ ମରିଯାଏ, ନତୁବା ପଶ୍ଚାତ ଭାଗରେ ଭୁଟ୍ ଭାଟ୍ ସହିତ ଶେଷ ହୋଇଯାଏ । ସାହସ କୁଳାଇ ନଥାଏ ମଣିଷ, ବସନ୍ତ କୁ ତା'ର ଏହି ପ୍ରଗତି ବା ଉତ୍କର୍ଷତା ସମ୍ବନ୍ଧରେ ପଚାରି ଦେବା ପାଇଁ । କୁହୁଳୁ ଥିବା ମନ ତଳ କଥାଟି ଧୂଆଁ ହୋଇ ବାହାରି ନ ପାରିଲେ ବି ବୁଝି ହୁଏ ଯେ, ବସନ୍ତର ଏହି ସଫଳତା ପାଇଁ ଅନେକଙ୍କ ଆଖିରେ ତୀବ୍ର ଈର୍ଷାର ଚମକଟିଏ ଖେଳ ବୁଲୁଛି ।

ଏହା ଭିତରେ ବସନ୍ତ ର ବିବାହ ଭଲ ଘର ଓ ପାତ୍ରୀ ଦେଖି ଶେଷ ହୋଇ ସାରିଥାଏ ଓ ବସନ୍ତ ଦୁଇଟି ଝିଅଙ୍କ ବାପା ବି ହୋଇ ସାରିଥାଏ ।

ମୋଟା ମୋଟି ଉପରେ ଗୋଟେ ସାଧାରଣ ପରିବାରରୁ ଆସିଥିବା ଝିଅଟିଏ ତା'ର ସାଧାରଣ ଜୀବନରୁ ଲମ୍ଫ ପ୍ରଦାନ କରି ଗୋଟେ ନୂଆ ଆୟାମରେ ପହଁଚୁଥିଲା ବେଳେ ସଫଳତା ଚାଟୁଥାଏ ତା' ପାଦ ।

ଆଉ ଏହି ସାମଗ୍ରୀକ ସଫଳତା ପଛରେ ଅଭୟ ବରଦାନ ଦେଇଥିବା ଡାକ୍ତର ସତ୍ୟଙ୍କ ଛବିଟି ଶ୍ରଦ୍ଧାର ସହିତ ସ୍ୱତଃ ଭିବରେ ଆସି ଯାଉଥାଏ ।

ଙଙଙଙଙଙ

ନିର୍ମଳା ସେବାସଦନ, ହାଡ ଗୋଡ କ ଅନ୍ୟ କୌଣସି ହାଡଭଙ୍ଗା ସମସ୍ୟା ପାଇଁ ଗୋଟିଏ ଉତ୍କୃଷ୍ଟ ଚିକିତ୍ସାଳୟ ପାଲଟି ଥାଏ । ଏହି ସଫଳତା ପଛରେ କେବଳ ଥାଏ ଡାକ୍ତର ସତ୍ୟଙ୍କ ନିର୍ଭୁଲ ତଥା ସମୟପଯୋଗୀ ଚିକିତ୍ସା । କୌଣସି ଲୋକ ନିଜର କ ଆତ୍ମୀୟ ସ୍ୱଜନଙ୍କର ଏପରି କିଛି ସମସ୍ୟାକୁ ନେଇ ନିର୍ମଳା ସେବାସଦନ ପହଞ୍ଚିଲେ, ସେ ଆଦୌ ନିରାଶ ହୁଏ ନାହିଁ ।

ଡାକ୍ତର ସତ୍ୟଙ୍କର ଯେ କେବଳ ଏଇ ଗୋଟିଏ ଚିକିତ୍ସାଳୟ ସହିତ ସମ୍ପର୍କ ଥିଲା ତାହା ନୁହେଁ । ଏହି ପରି ଅନେକ ଚିକିତ୍ସାଳୟକୁ ବି ସେ ଯାଉଥିଲେ । ତେବେ ନିର୍ମଳା ସେବାସଦନ ପଛପଟେ ଯେଉଁ ନାଁ ଟି ଥିଲା ତାହା କେବଳ ଡାକ୍ତର ସତ୍ୟଙ୍କର ହିଁ ଥିଲା ।

ଯେ କୌଣସି ଚିକିତ୍ସାଳୟରେ କୌଣସି ରୋଗୀର ଅସ୍ତ୍ରୋପଚାର ପାଇଁ ସେ ନିର୍ଦ୍ଧାରିତ ସମୟରେ ହିଁ ପହଞ୍ଚି ଯାଉଥିଲେ । ବେଳେ ବେଳେ ପନ୍ଦର ରୁ କୋଡିଏ କିଲୋମିଟର ପରିଧି ଭିତରେ ଥିବା ଚିକିତ୍ସାଳୟରେ ଅଳ୍ପ ଅଳ୍ପ ସମୟ ବ୍ୟବଧାନରେ ଅନେକ ଗୁଡିଏ ରୋଗୀଙ୍କ ଅସ୍ତ୍ରୋପଚାର କରିବାର ଚମତ୍କାରିତା ସେ' ହାସଲ କରିପାରିଥିଲେ ।

ଲୋକ ମାନେ ହତବାକ୍ ହୁଅନ୍ତି । ଏପରି କେମିତି ସେ କରିପାରୁଛନ୍ତି ବୋଲି କୁହା କୁହି ହୁଅନ୍ତି । ନିଶ୍ଚେତକ ଦେଇ ରୋଗୀକୁ ଅପରେସନ୍ ଥିଏଟରକୁ ନେବାପାଇଁ ଡାକ୍ତର ପହଞ୍ଚି ନ ଥାନ୍ତି । ରୋଗୀର ପରିଜନ ଭଗବାନ୍ ଙ୍କୁ ଡାକିବା ଭିତରେ ସାରଙ୍କ ଗାଡି ଲାଗେ, ଆଉ ସେ ସିଧା ଚାଲି ଯାଆନ୍ତି ଅସ୍ତ୍ରୋପଚାର କରିବା ପାଇଁ । ରୋଗୀ ଭଲ ହୁଏ । ଡାକ୍ତରଙ୍କର ବାହା ବାହାରେ ପ୍ରକମ୍ପିତ ହୁଏ ଚଉଦିଗ ।

ଥରେ ବସନ୍ତକୁ ଏମିତି ଏକ ହାଲୁକା ମୁହୁର୍ତ୍ତରେ ପଗ୍ଚରିଥିବା ପ୍ରଶ୍ନ ର ଉତ୍ତର ରେ ଆମକୁ ଏହି ଚମତ୍କାରିତା ସମ୍ବନ୍ଧରେ ସୂଚନା ମିଳଥିଲା ।

- ହାଡ ଗୋଡ ଭଙ୍ଗା ରୋଗୀ ମାନଙ୍କର କେସ୍ କୁ ପ୍ରଥମରୁ ଭଲ ରୂପେ ସାର୍ ଦେଖି ସାରିଥାନ୍ତି । ସେମାନଙ୍କର ରିପୋର୍ଟ ବନ ସାରିଥାଏ । ଦିନ ଧାର୍ଯ୍ୟ ହୋଇ ସାରିଥାଏ ଅସ୍ତ୍ରୋପଗ୍ଚରର । ତୁମେମାନେ ତ ଜାଣିଛ ଏ ଜିଲ୍ଲାର ଡାକ୍ତରଖାନାରେ ଜଣେ ମାତ୍ର ନଶ୍ଚେତକ ବିଶେଷଜ୍ଞ ଅଛନ୍ତି । ଆମ ସମସ୍ତଙ୍କର ଯୋଗାଯୋଗ ତାଙ୍କରି ସହିତ । ସାର୍ ଯେଉଁ ସ୍ଥାନରେ ଅସ୍ତ୍ରୋପଗ୍ଚର କରିବେ ସେ ସବୁ ଚକିତ୍ସାଳୟରେ ନଶ୍ଚେତକ ବିଶେଷଜ୍ଞ ପୂର୍ବରୁ ପହଞ୍ଚି ସାରିଥିବେ । ତେଣୁ ଅସ୍ତ୍ରୋପଗ୍ଚରର ସମୟ, ଗାଡିର ବେଗ, ଗୋଟିଏ ଚକିତ୍ସାଳୟରୁ ଅନ୍ୟ ଚକିତ୍ସାଳୟର ଦୂରତା ଓ କେସ୍ ର ଜଟିଳତା ଆଧାରରେ ଗୋଟେ ଟେନ୍ଟେଟିଭ୍ ସମୟ ନର୍ଦ୍ଧାରିତ ହୁଏ । ସେହି ସମୟକୁ କେସ୍ ସମୟ ମାନ ଟେଲିଫୋନ୍ ଯୋଗେ ସବୁକଥାକୁ ନୟନ୍ତ୍ରଣ କରିଥାନ୍ତି ସାର୍ । ତାଙ୍କ ଗାଡିର ବେଗ ଓ ତା'ଉପରେ ନୟନ୍ତ୍ରଣ ନଦେଖିଲେ ବିଶ୍ୱାସ ଆସିବନ ।

ଏତେ କଥାକୁ ଶୁଣିବା ପରେ ଡାକ୍ତର ସତ୍ୟ ଉଠାଇଥିବା ରିସ୍କ ଫ୍ୟାକ୍ଟରକୁ ନେଇ ଯେକେହିବି ଚନ୍ତିତ ହୋଇ ପଡିବା କଥା । ଏମିତି ବି ହୋଇପାରେ ଡାକ୍ତର ଗୋଟେ ଅସ୍ତ୍ରୋପଗ୍ଚର ସମୟରେ ଅନୁମେୟ ଜଟିଳତା ଠୁଁ ଅଧିକ ଜଟିଳତାର ସମ୍ମୁଖୀନ ହୋଇପାରନ୍ତି, କମ୍ବା ଗୋଟିଏ ସ୍ଥଳରୁ ଅନ୍ୟ ସ୍ଥଳକୁ ଗଲାବେଳେ ତାଙ୍କର ଗାଡି ଖରାପ ହୋଇପାରେ, ହୋଇପାରେ ଦୁର୍ଘଟଣାଗ୍ରସ୍ତ । ଟ୍ରାଫିକ ଜାମରେ ଫସି ପାରନ୍ତି ଡାକ୍ତର । ଆହୁରି ଅନେକ କଥାବି ହୋଇପାରେ । ତେବେ ଏତେ ସବୁ ଭିତରେ ରୋଗୀକୁ ନଶ୍ଚେତକ ଦେଇ ଅସ୍ତ୍ରୋପଗ୍ଚର କକ୍ଷରେ ପୁରାଇ ଦେବା କେତେ ଦୂର ଯଥାର୍ଥ ହୋଇପାରେ । ଗୋଟେ ଜିଲ୍ଲାରେ ଜଣେ ମାତ୍ର ନଶ୍ଚେତକ ବିଶେଷଜ୍ଞ ଥିଲାବେଳେ କେମିତି ଗ୍ଚଲୁଛି ସ୍ୱାସ୍ଥ୍ୟସେବା.......! ଅନ୍ୟ ବିଭାଗୀୟ ରୋଗୀମାନଙ୍କୁ ନେଇ ଗୋଟେ ଜଟିଳ ପରିସଂଖ୍ୟାନ କୁ ସେ କେମିତି ସାମ୍ନା କରୁଥିବେ! ସ୍ୱାସ୍ଥ୍ୟ ସେବା ଉପରେ ଥିବା ଆସ୍ଥା ଟିକକ ଦୋହୁଲୁଥିଲା ।

ତେବେ ଡାକ୍ତର ସତ୍ୟଙ୍କ ନାମରେ ଚାଲୁଥିବା ସଂସ୍ଥାମାନଙ୍କ ବେପାର ବଞ୍ଚୁଥିବା ଅନେକ ମେଡିସିନ୍ ବିକ୍ରେତା, ପାଥୋଲାବ୍, ଟେକ୍ନିସିଆନ୍, ଝାଡୁଦାର୍, ଧୋବା, ଭଣ୍ଡାରୀଙ୍କ କଥା ପ୍ରସିଦ୍ଧ ଫିଲ୍ମି ନାୟକ କାନ୍ଧରେ ଚାଲୁଥିବା କୋଟି କୋଟି ଟଙ୍କାର ବେପାର କଥାକୁ ମନେ ପକାଇ ଦେଉଥିଲା ।

ఆఆఆఆఆఆ

ଏକ ଅଳସ ଅପରାହ୍ନ । ଛୁଟି ଯୋଗୁଁ ମୁଁ ଘରେ ଥାଏ । ଟିଭି ଚ୍ୟାନେଲ ଚେଞ୍ଜ କରି କରି ପିଲ୍ମ କମ୍ବା ନଉଜ୍ ଦେଖୁଥାଏ । ହଠାତ୍ ଗୋଟେ ଓଡିଆ ନ୍ୟୁଜ୍ ଚ୍ୟାନେଲର ତଳେ ଆସୁଥିବା ବ୍ରେକଙ୍ଗ ନ୍ୟୁଜ୍ ଉପରେ ମୋର ନଜର ପଡିଗଲା । ସଡକ ଦୁର୍ଘଟଣାରେ ଡାକ୍ତରଙ୍କ ମୃତ୍ୟୁ । ଡାକ୍ତର ସତ୍ୟ, ଜଣାଶୁଣା ଅସ୍ଥିଶଲ୍ୟ ବିଶେଷଜ୍ଞ ଆଉ ନାହାନ୍ତି ।

ମୋ ସର୍ବାଙ୍ଗ ଥରି ଉଠିଲା । ମୁଁ ବସନ୍ତକୁ ଫୋନ୍ କଲି । ବ୍ୟସ୍ତ ଆସୁଥିଲା ତା ଫୋନ୍ । ଅନେକ ସମୟ ଚେଷ୍ଟା କରିବା ପରେ ଲାଗିଲା । ଘଟଣାଟି ସତ୍ୟ ବୋଲି ବହୁ ଉଦାଶ କଣ୍ଠରେ କହୁଥିଲାବେଳେ ରିତ୍ ମତ୍ କାନ୍ଦି ଉଠିଲା । ମୁଁ ଜାଣିଥିଲି ବସନ୍ତର ଏହି କାନ୍ଦିବା ପଛରେ ଲୁଚ ରହିଥିବା କାରଣ କୁ........!!

ନର୍ମଳା ସେବାସଦନ ଯେ ସବୁଦିନ ପାଇଁ ବନ୍ଦ ହେବାକୁ ଯାଉଛି, ତାହା ମୋତେ ଅଛପା ନଥିଲା । ତା'ସହିତ ଯୋଡି ହୋଇଥିବା ସବୁ ବ୍ୟବସାୟ ବି ଭୋଗିବାକୁ ଯାଉଥିଲେ ସମଦଶା । ବସନ୍ତର ନର୍ମଳା ସେବାସଦନ ସହ ଥିବା ଭବିଷ୍ୟତଟି ଠେଲି ହୋଇ ସାରିଥିଲା ଅନ୍ଧକାରର ଅନ୍ଧଗଳକୁ.........!! ସେଥିପାଇଁ ସେ କାନ୍ଦୁଥିଲା । ଆଶ୍ୱାସନା ଦେଲାବେଳେ ତା କର୍ମ ଉପରେ ବିଶ୍ୱାସ ରଖିବା ପାଇଁ କହୁଥିଲି । ଯଦି ଓ ମୁଁ ଜାଣିଥିଲି ଯେ, ଏ ଭିତରେ ବସନ୍ତ ପାଇଁ ଯେଉଁ ପ୍ରତିଦ୍ୱନ୍ଦି ଓ ସମଧର୍ମୀ ବ୍ୟାପାର ଥିବା ଶତ୍ରୁମାନେ ଠିଆ ହୋଇଛନ୍ତି ସେମାନେ କେବେ ହେଲେ ବି ତାକୁ ଠିକରେ ଚାଲିବାକୁ ଦେବେନାହିଁ ।

ଡାକ୍ତର ସତ୍ୟଙ୍କ ଥିବା ସମୟରେ ଯେଉଁ ଔଷଧ ବିକ୍ରେତା, ପାଥୋଲାବ୍, ଡାକ୍ତର କ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନ ଉପକୃତ ନହୋଇ ବରଂ ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହୋଇ ଆସିଥିବେ, ସେମାନେ କେବେ ହେଲେବି ଡାକ୍ତର ସତ୍ୟଙ୍କ ସହିତ ସଂପର୍କିତ ପ୍ରଫେସ୍ନାଲ୍ ମାନଙ୍କୁ ଗ୍ରହଣ କରିବେ ନାହିଁ । ପରୋକ୍ଷରେ ବସନ୍ତ ତା ନୂତନ ଭାଗ୍ୟୋଦୟ ପରେ ଅନୁଭବି ଥିବା ସବୁ ଠୁଁ ଭଲଦିନର ବସନ୍ତକୁ ପଛକୁ ଛାଡି ସାରିଥିଲା । ଏବେ ଆଉଥରେ ବସନ୍ତ ପରି ଅନେକଙ୍କ ପରୀକ୍ଷାର ଘଡି ।

ଈଈଈଈଈଈ

ସମୟ ଏମିତି ହିଁ ବଦଳେ ଆକସ୍ମିକ, ବିନା ଖବରରେ....... ଆଉ ପୋଛିଦିଏ ଅନେକ ଭାବନାକୁ, ସୃଷ୍ଟି କରିପାରେ ନୂତନ ଅଧ୍ୟାୟ, ଆଶା, ନଚେତ୍ ସଂମ୍ଭାବନା କମ୍ବା ଭାଙ୍ଗି ଦେଇପାରେ ମନ ଭିତରେ ଭାବି ରଖିଥିବା କଥା ସମୂହକୁ ।

ଏ କଥାର........

ଅନେକ ଦିନପରେ ସେଇ ପାଖଦେଇ ଯାଉଥିଲି । ଭାଙ୍ଗି ପଡିଥିବା ନିର୍ମଳା ସେବାସଦନର ବୋର୍ଡ ଉପରେ ନଜର ପଡିଲା । ଭିତରଟା ଆହୁରି ଖରାପ୍ ରଙ୍ଗହୀନ, ପଲସ୍ତରା ଛାଡି ବିବର୍ଣ୍ଣ ଦିଶୁଥାଏ । ଅଗଣାରେ ଅରମା ଜଙ୍ଗଲ । ମୋଟା ମୋଟି ଶ୍ରୀହୀନ ପରିବେଶ । ସେଦିନ ଆଉ ଆଜି ଭିତରେ ଥିବା ପାର୍ଥକ୍ୟ କୁ ଆକଳନ କରୁଥିଲି । ହଠାତ୍ ନଜର ପଡିଲା ପାଖରେ ଥିବା ବସନ୍ତର ଚରକ ମେଡିସିନ ଷ୍ଟୋର ଉପରେ । ଏବେ ବି ଅଛି । ନିଜର ଅସ୍ତିତ୍ୱକୁ ଜାହିର କରିବା ପାଇଁ ବସନ୍ତ ସେଇଠି ବସିଛି । ପାଖକୁ ଗଲି । ଭଲ ମନ୍ଦ ପଚାରିଲି- କେମିତି ଅଛୁ? ସବୁ କେମିତି ଚାଲିଛି?

ବସନ୍ତ ନମସ୍କାର ହେଲା ବେଶ ଶୁଷ୍କ ହସଟିଏ ହସି କହିଲା- ଆଗ ବେପାର ଆଉ ନାହିଁ । ସାର୍ ଗଲାଦିନୁ ଏପାଖକୁ ରୋଗୀ ଆସିବାଟା ବ୍ରେକ୍ ଠୋକ୍ ବନ୍ଦ ହୋଇଗଲା । ଏ' ନର୍ସିଂହୋମ ଟା ସାରଙ୍କର ଥିଲା କହିଲେ ଚଳେ । ତାଙ୍କ ଯିବା ପରେ ସମସ୍ତେ ମୁହଁ

ଫେରାଇ ଦେଲେ । ଅନ୍ୟ ଅର୍ଥୋପେଡିକ ସର୍ଜନ ଙ୍କ ସହିତ ଯୋଗାଯୋଗ କରିଥିଲୁ, ହେଲେ କେହି ରାଜି ହେଲେନ । ଆଗରୁ ତାଙ୍କର ପତିଆରାରେ କ୍ଷତି ସହିଥିବା ଚକସ୍ରକ କ ବ୍ୟକ୍ତି କାହିଁକି ବା ଶୁଣିଥାନ୍ତେ । ଫଳରେ ନିର୍ମଳା ସେବାସଦନ ସବୁଦିନ ପାଇଁ ବନ୍ଦ ହେଲା । ଜାଗାଟା ସାରଙ୍କ ସ୍ତ୍ରୀଙ୍କ ନାମରେ ଅଛି.......... । ଏଠି ଆଉ କଛି ହେବା ସମ୍ଭବ ନୁହେଁ । ସେତେବେଳେ ଦିନକର ବେପାର ଏବେ ମାସ ସାରା ଜଗିଲେ ବି ମିଳୁନାହିଁ । ସେଥିପାଇଁ ଗୋଟେ ଦୁଇଟା ସ୍ଥାନରେ ପାର୍ଟ ଟାଇମ ପାଥୋଲୋଜିଷ୍ଟ କାମ କଲିଣି । ଦୋକାନ ଟାଇମରେ ବି ପରିବର୍ତ୍ତନ କରିଛି ଆଉ ଫୁଲ ଟାଇମ ଖୋଲୁନ କ ଖୋଲିଲେ ବି ପାରିବିନ । ଧୀରେ ଧୀରେ ପିଲାମାନେ ବଡ ହେଉଛନ୍ତି । ଝିଅ ଦି'ଟା ତେଣୁ ସେମାନଙ୍କ ପାଇଁ ଖଟିବା କଥା ।

ତା'କାନ୍ଧରେ ହାତ ରଖି ତା'ଦମ୍ଭକୁ ପ୍ରଶଂସା କରି । ଦୋକାନ ଭିତରକୁ ମୋ ଦୃଷ୍ଟି ଗଲିଗଲା ଜାଣିପାରିଲି ଯେ, ବସନ୍ତର ଅବସ୍ଥା ଭଲ ନାହିଁ । ତେବେ ସେ ପୂର୍ବରୁ ରୋଜଗାର କରିଥିବା ଅର୍ଥ ଯୋଗୁଁ ବିଶେଷ ଅସୁବିଧା ବି ଭୋଗିବନ.....କନ୍ତୁ ଜୀବନ ନଦୀରେ ସନ୍ତରଣର କଳା ଶିଖିବା ସହିତ ଜୀବନର ଗତି, ଦିଗ ଓ ଗଭୀରତାକୁ ବି ଯେ ମାପିବା ଦରକାର ତାହା ମୁଁ ଅନୁଭବ କରୁଥିଲି । ହୁଏତ ବସନ୍ତ ବି ଏହା ଭଲ ଭାବରେ ଜାଣିଥିଲା ।

ମାତୃକୁଟୀର, କୁରୁଣ୍ଟି, ମେରାମଣ୍ଡଳୀ, ଢେଙ୍କାନାଳ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଭିନ୍ନ ଏକ ବସୁନ୍ଧର୍ ପାଇଁ



ଅରୁଣ କୁମାର ପାତ୍ର

ମୁଁ "କଳା ପାହାଡ଼"
ଭଙ୍ଗି ଲୁହାବାଡ଼ ଠିଆ ହୋଇଛି ।
ତୁମେ ଆସ ..
ହାତ ଧର୍‌ଧରି ହୋଇ ଗ୍ଳଲିଯିବା ଆମେ
'ଗୀତା'କୁ ପଛରେ ପକାଇ ।
ଦୂରକୁ .. ବହୁ ଦୂରକୁ ..
ବାଲି ଘର ଭଙ୍ଗି ..
ପାହାଚ ପରେ ପାହାଚ ଅତିକ୍ରମ କରି
ଭିନ୍ନ ଏକ ବସୁନ୍ଧର୍ ପାଇଁ ..
ତୁମେ ଆଉ ମୁଁ । ୧ ।

ତୁମେ ଆସ ..
ଅଂଧ ଗଳ ଡ଼େଇଁ ଡ଼େଇଁ
ଭଂଗାଇଟା ଯୋଡ଼ି ଯୋଡ଼ି ଶକ୍ତ ଏକ
ପ୍ରାଚୀର ତୋଳବା
ତା'ରି ଭିତରେ ନୂଆ ନୂଆ କବିତା ଲେଖି
ପଢ଼ି ଶୁଣାଇବା ।

ଏ ମାଟି ଆଉ ଆକାଶକୁ
ଜହ୍ନ ଆଉ ଜାହ୍ନବୀକୁ, ପାଣି ଆଉ ପବନକୁ
ଖାସ୍ ନିଜ ଗାଁ ଲୋକପରି
ଭିନ୍ନ ଏକ ବସୁନ୍ଧରା ପାଇଁ ..
ତୁମେ ଆଉ ମୁଁ । ୨।

ଶୋଇ ପଡ଼ିବା ତା'ରି ଉପରେ
ନୂଆ ନୂଆ ହୋଇ ଉଠିଥିବା
ଘାସ ଗାଲିଚାରେ ।
ପାଖା ପାଖି ହୋଇ
ଓଠରେ ଓଠ ଲଗାଇ
ମୁହଁ ଗୁହାଁ ଚୁହିଁ ହୋଇ
ଡ଼ରିବାନି ଏ କୁତ୍ସିତ ଦୁନିଆର
ନାଲି ଆଖିକୁ
ଫେରିବାନି ଆଉ ପଛକୁ
ଗଢ଼ିବାର ଆଶା ନେଇ ଚାଲିଯିବା ଆମେ
ଆଗକୁ .. ଆଗକୁ ..
ଭିନ୍ନ ଏକ ବସୁନ୍ଧରା ପାଇଁ ..
ତୁମେ ଆଉ ମୁଁ । ୩।

ଯେଉଁଠି ନ ଥିବ
ମୁଠା ମୁଠା ଯଉତୁକ

ଶ୍ରାବଣୀର ଟୋପା ଟୋପା ଲୁହ

ଶୁଭୁ ନଥିବ ଯେଉଁଠି

ଜରୀହା ବଧୂର ବୁକୁ ତଳୁ ଉଠୁଥିବା

ଅମାନିଆ କୋହ ।

ତୁମେ ଆସ ଗ୍ଳଲିଯିବା ସେଠିକି

ଭିନ୍ନ ଏକ ବସୁନ୍ଧର୍ା ପାଇଁ

ତୁଟାଇ ଦେଇ ଏ

ସମାଜର ସବୁକଛି ମୋହ ।

ଭିନ୍ନ ଏକ ବସୁନ୍ଧର୍ା ପାଇଁ ..

ତୁମେ ଆଉ ମୁଁ । ୪ ।

ଶିକ୍ଷକ, କେନ୍ଦୁପଦର,
ଫୁଲବାଣୀ – ୭୬୨୦୦୧, କନ୍ଧମାଳ ( ଓଡ଼ିଶା)

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# କ୍ଷୁଦ୍ରଗଳ୍ପ

# 'ଅନନ୍ତ ପ୍ରତିକ୍ଷା'



ବିନୟ ମହାପାତ୍ର

ପ୍ରତିବର୍ଷ କ୍ୟାଲେଣ୍ଡର ବଦଳୁଛି, ମାସ ଶେଷରେ କ୍ୟାଲେଣ୍ଡରର ପୃଷ୍ଠା ବଦଳ ଯାଉଛି । ବହୁତ କଛି ବଦଳ ଯାଉଛି ଗୋଟିଏ ଗୋଟିଏ ଦିନରେ । କନ୍ତୁ ତୁମର ଫଟୋଟି ଯୋଉଁଠି ଲାଗିଥିଲା ଠିକ୍ ସେଇଠି ସେମିତି ଲାଗିଛି । ଫୁଲମାଳଟି ସୁଖି ସୁଖି ଦିନେ ଛିଣ୍ଡି ଆପଣାଛାଏଁ ଖସି ପଡିଲା । ତା ପରେ ଆଉ ସାହାସ ଜୁଟେଇ ପାରୁନ ନୂଆ ମାଳଟିଏ ଲଗାଇବି ବୋଲି। ତୁମେ ମଲ୍ଲି ଫୁଲକୁ ବହୁତ ପସନ୍ଦ କରୁଥିଲ, ଗଭାରେ ଖୋସିଦେଲେ ବହୁତ ଖୁସି ହୋଇ ଯାଉଥିଲ । ଆଜିବି ମନେ ଅଛି, ତୁମ ଜନ୍ମଦିନରେ ଥରେ ଗୋଲାପ ତୋଡାଟିଏ ଆଣି ଦେଇଥିଲି । ତୁମେତ ଖୁସି ହୋଇଯାଇଥିଲ ହେଲେ ଉତ୍ସୁକ ଆଖିରେ ଅନେଇ ରହିଗଲ ମୋତେ, ଯେମିତି ଆଉକଛି ଖୋଜୁଥିଲ ! ମୁଁ ପଚାରିଲି ଭଲ ଲାଗିଲାନ ଗୋଲାପ ଫୁଲର ତୋଡାଟା? ତୁମେ ଟିକେ ହସିଦେଇ କହିଲ, ଖୁବ୍ ସୁନ୍ଦର ହୋଇଛି ଗୋଲାପ ଗୁଡିକ, ହେଲେ ମୁଁ ଭାବିଥିଲି ତୁମେ ମଲ୍ଲି ମାଳଟିଏ ଆଣିବ, ତୁମ ନଜ ହାତରେ ମୋ ଗଭାରେ ବାନ୍ଧିଦେବ ବୋଲି । ସେଇଦିନ ମୁଁ ଜାଣିଗଲି ମଲ୍ଲିଫୁଲ ପ୍ରତି ତୁମର ଦୁର୍ବଳତା । ଏବେବି କେବେ ବଜାର ଗଲେ କଣି ଆଣୁଚ ମଲ୍ଲିମାଳ ତୁମ ଜୁଡାପାଇଁ । ହେଲେ ତୁମ ଫଟୋରେ ତୁମ ଜୁଡାଟା ତ ଦିଶୁନ, କେମିତି ବାନ୍ଧିଦେବି ? ଏଇ ଟେବୁଲ ଉପରେ ଏମିତି ପଡିପଡି ମାଳସବୁ ସୁଖି ଯାଉଛି ସିନା ତୁମ ଫଟୋରେ ମାଳାଟିଏ ଚଢେଇବାର ସାହାସ ଏକାଠି କରି ପାରୁନ । ବିଶ୍ୱାସ ହୁଏନ ତୁମେ ଆଉ ନାହଁ ବୋଲି ।

ନଇତି ସକାଳେ ଉଠିଲେ ବାଆଁପଟ ଶେଜ ଆଡକୁ ଦେଖେ, ତୁମକଥା ଭାବେ। ଲାଗେ ତୁମ ଯେପରି ସକାଳୁ ଉଠି ରୋଷେଇଘରେ ମୋ ପାଇଁ ଗ୍ରହା ତିଆରି କରୁଛ । ଏବେ ଏବେ

ଗରମ ଗରମ ଚାହା କପ୍ ଟେ ନେଇ ଆସିବ । ପାଖ ଟେବୁଲରେ ରଖି ମୋ ଚାଦର ଉଠେଇ ନେବ ଆଉ କହିବ, ଆରେ ଉଠମ, ସକାଳ ହୋଇ ସାରିଲାଣି କେତେବେଳୁ । ହେଲେ ଆଜିକାଲି କେହି ଉଠାଏନ ମୋତେ । ଏବେ ସକାଳୁ ସକାଳୁ ଆପେ ଆପେ ନିଦ ଭାଙ୍ଗିଯାଉଛି । ସକାଳୁ କେହି ଚାହା କପେ ବେଡପାଖକୁ ନେଇଆସୁନ । ସକାଳୁ ଉଠି ଡାଇନଂ ଟେବ୍ଲ ପାଖରେ ଯାଇ ଦେଖୁଚ, ପିଲାଏ ଉଠିଲେଣି କି ନାହିଁ । ପିଲାଏ ତ ଡେରିରେ ଉଠନ୍ତି । ନିଜେ ରୋଷେଇ ଘରେ ପଶି ଚାହା କରିବାକୁ ଇଚ୍ଛାବି ହେଉନ । ତୁମେ ଥିଲାବେଳେ କେତେଥର ତୁମ ସାଙ୍ଗରେ ଟିକେ ସମୟ ବିତେଇବାକୁ ମୁଁ ଚାହା କରିବା ବାହାନାରେ ରୋଷେଇଘରକୁ ଯାଉଥିଲି, ଚାହା ତିଆରି କରିବାକୁ ଚେଷ୍ଟା ବି କରୁଥିଲି । ହେଲେ ସବୁଥର ତୁମେ ମୋତେ ଅଟକେଇ ଦିଅ, କୁହ, ରୁହ ମୁଁ ତିଆରି କରିଦେଉଛି । ହେଲେ ଆଜିକାଲି ରୋଷେଇଘରର ସେ ଆକର୍ଷଣ ମୋ ପାଇଁ ଆଉ ନାହିଁ । ରାତିରେ ସେମିତି ଶେଜକୁ ଗଲେ, ଶେଜରେ ପଡିପଡି ତୁମକୁ ଅପେକ୍ଷାକରେ । ଲୁଗାକାନିରେ ହାତ ପୋଛୁ ପୋଛୁ ତୁମେ ଏବେ ଆସିବ, ଏବେ ଆସିବ, ହେଲେ ତୁମେ ଆଉ କେବେବି ଆସନା। ଏମିତି ଅପେକ୍ଷା କରୁ କରୁ କେତେବେଳେ ଆଖି ନଇଁଆସେ ଜାଣି ପାରେନ । ତୁମେ ନାହଁ, ଏକଥା ବିଶ୍ୱାସ ହୁଏନା । କେମିତି ଭୁଲିଯିବି ସେଇ ପଚଷବର୍ଷକୁ, ସାଥିହୋଇ ବିତେଇଥିବା ପ୍ରତିଟି ମୁହୂର୍ତ୍ତକୁ । କେତେ ଦୁଃଖ ସୁଖ ହସ କାନ୍ଦର ମୁହୂର୍ତ୍ତ ସବୁକୁ । ତୁମେ କେବଳ ମୋର ଆବଶ୍ୟକତା ନଥିଲ, ତୁମେତ ମୋର ଅଭ୍ୟାସ ହୋଇଯାଇଥିଲ । ତୁମେ ମୋର ଅଧା ଅଙ୍ଗ, ଅଧାପ୍ରାଣ ଥିଲ । ଏକାତ୍ମ, ଅନ୍ତରଙ୍ଗ ଥିଲ । ତୁମେ ଆଜିବି ମୋ ସାଙ୍ଗରେ ସେମିତି ଅଛ, ଟିକେ କଣ ଅଭିମାନ କରି ତୁମ ଭାଇଙ୍କ ପାଖକୁ ଯାଇଛ ଯେପରି। ତୁମେ ଫେରିଆସିବ, ନିଶ୍ଚୟ ଆସିବ ଦିନେ । ତୁମପାଇଁ ମୁଁ ସବୁଦିନ ସବୁ ମୁହୂର୍ତ୍ତରେ ଏମିତି ଅପେକ୍ଷା କରିଥିବି ।

ତୁମେ ଆସିବବୋଲି କେବେ ସିନା କଥା ଦେଇନଥିଲ, ହେଲେ ମୁଁ ମୋ ଅଭ୍ୟାସକୁ ବଦଳେଇ ଦେଇ ପାରୁନ ଆଜିଯାଏ । ତୁମେ ଫଗୁଣକୁ ଭଲପାଅ, ହୋଲିର ରଙ୍ଗକୁ ଭଲପାଅ ସେଥିପାଇଁ ଭାବିଥିଲି ତୁମ ଫଗୁଣରେ ନିଶ୍ଚୟ ଆସିବ । ତୁମେ ଆସିବ ବୋଲି,

ପ୍ରତିଥର ପରି ଏଥରକ ବି ବସନ୍ତକୁ ଡାକଥିଲି, ମଳୟକୁ ଆଉ କୋଇଲିକୁ ବି ଡାକଥିଲି । ହେଲେ ତୁମେ ଆସିଲନ । କଛି କଥାନାହିଁ, ତୁମେ ଆସିଲନ ବୋଲି କଛି ଦୁଃଖ ବି ନାହିଁ । ତୁମେ ଆସିଲନ ତ ଆସିଲନ, କଣ ବା ବିଗିଡିଗଲା !

ବସନ୍ତ ତା ସମୟରେ ଆସିଗଲା, ସବୁଦିଗରେ ତାର ରଙ୍ଗ ବିଛାଡି ଦେଲା । ମୋ ଅଗଣାର ଗୋଲାପ ଗଛରେ ଆଉ ରାସ୍ତାକଡ କୃଷ୍ଣଚୁଡା ଗଛକୁ ବି ନାଲି ଓଢଣୀ ଦେଇଗଲା ଏବଂ ଶୋରିଷ ଖେତକୁ ହଳଦିଆ ଶାଢୀରେ ଢାଙ୍କିଦେଲା । ଆଉ ତ ଆଉ, ଆମ୍ବ ଗଛରେ ବଉଳ ଆସିଲା, ମହୁଲ ଫୁଲ ଫୁଟିଲା, ମଳୟରେ ତାର ବାସ ମହକ ଗଲା । କୋଇଲି କୁହୁ କୁହୁ ଗାଇଲା, ପ୍ରେମୀମାନଙ୍କର ହୃଦୟକୁ ରୋମାଞ୍ଚିତ କରିଗଲା । ବନ, ଉପବନ, ତରୁ, ଲତା ଆଉ ପବନ ସବୁ କଛି ପ୍ରେମର ରଙ୍ଗରେ ସତେ ଯେମିତି ଜୁଡୁ ବୁଡୁ ହୋଇଗଲା ।

ତୁମେ ଆସିଥିଲେ ମୋତେ ଭଲ ଲାଗିଥାନ୍ତା । ପାର୍କର କଣରେ, ତୁମର ସେଇ ପ୍ରିୟ ପୁରୁଣା କୃଷ୍ଣଚୁଡା ଗଛତଳେ, ସିମେଣ୍ଟ ବେଞ୍ଚରେ ସାଥିହୋଇ ଦେହକୁ ଦେହ ଲଗାଇ ବସିଥାଆନ୍ତେ। ଯେମିତି କେବେ ଅତିତରେ ବସୁଥିଲେ । ମୁଁ ତୁମ ହାତକୁ ମୋ ହାତରେ ଜାବୁଡି ଧରିଥାଆନ୍ତି । ଆମେ କଛି ଗପସପ କରି ଥାଆନ୍ତେ, ପୁରୁଣା ଦିନର ସ୍ମୃତିସବୁ ମନେ ପକେଇ ଥାଆନ୍ତେ ଆଉ କଛି ଭବିଷ୍ୟତର ଯୋଜନା ବି କରିଥାଆନ୍ତେ । ତୁମେ କଛି କହିଥାଆନ୍ତ ମୁଁ ଶୁଣିଥାଆନ୍ତି, ଆଉ ମୁଁ କଛି କହିଥାଆନ୍ତି, ତୁମେ ଶୁଣିଥାଆନ୍ତ । ଛୋଟ ଛୋଟ କଥାରେ ତୁମେ କେବେ ରୁଷି ଯାଇ ଥାଆନ୍ତ, ଯେମିତି ଆଗରୁ ରୁଷି ଯାଉଥିଲ ! ଆଉ ମୁଁ ଟିକେ ଗେହ୍ଲେଇ ଦେଲେ କୁନ ଝିଅଟିଏ ପରି ତୁମେ ଖିଲିଖିଲି ହସିଦେଇ ଥାଆନ୍ତ ଆଉ ମୋ ଦେହକୁ ଆଉଜି ପଡିଥାଆନ୍ତ । ହେଲେ ତୁମେ ଆସିଲନ । ମୋ ସ୍ୱପ୍ନସବୁ କଳ୍ପନାରେ ହିଁ ରହିଗଲା । କେବେ ମନେ ମନେ ଭାବେ ସେଠିକ ଯିଏ ଯାଏ ସେ କଣ ଆଉ କେବେ ଫେରେ? ସେଇ ଅଜଣା ଦେଶରେ ତାର ମନ ଲାଗିଯାଏ ବୋଧେ । ହେଲେ ମନକୁ ବୁଝେଇ ପାରୁନ ।

କିଛି କଥା ନାହିଁ, ଦୁଃଖ ବି ନାହିଁ ତୁମେ ଆସିଲନି ବୋଲି । ତୁମେ ସିନା ଆଖି ବୁଜିଦେଲ, ନିଶ୍ଚିନ୍ତରେ ଚିରନିଦ୍ରା ଶୋଇଗଲ ! କିନ୍ତୁ ଫଗୁଣ ଆସିଲା, ସମସ୍ତଙ୍କୁ ହୋଲିର ରଙ୍ଗରେ ରଙ୍ଗେଇ ଦେଲା । ପୋଷାକ ତ ପୋଷାକ, ଗଛର ପତ୍ର, ଘରର କାନ୍ଥରେ ବି ହୋଲିର ଛିଟା ଲାଗିଗଲା । ହେଲେ ମୋ ମନରେ ଟୋପିଏ ବି ରଙ୍ଗ ଲାଗିଲାନି । କେମିତି ଲାଗିଥାଆନ୍ତା କୁହନି? ଅପରାହ୍ନ ସୂର୍ଯ୍ୟର କିରଣ ମୋ ଦେହ ମନ ଆଉ ହୃଦୟରେ ତ କ୍ଲାନ୍ତିର ନାଲିମା ବୋଳି ସାରିଲାଣି, ହୋଲିର ରଙ୍ଗ ପାଇଁ ଜାଗା କାଇଁ ! ତୁମେ ମୋତେ ଏକୁଟିଆ କରି ଆଗ ଚାଲିଗଲ, ଟିକିଏ ଅପେକ୍ଷା କରିବାକୁ ତୁମର ମନ ହେଲାନି । ଏମିତି କିଏ କିଏ ଯାଏ ? ଯାହାକୁ ଏତେ ନିଜର ଭାବୁଥିଲ ଶେଷରେ ତାକୁଇ ଛାଡିଦେଲ ! ତୁମେ କଣ ବୁଝି ପାରୁଛ ତୁମ ବିନା ମୁଁ କେମିତି ବଞ୍ଚିଛି ! ଏବେ ସଂଜ ଘୋଟି ଆସିଲାଣି, ରାତି ହେବାକୁ ଆଉବା କେତେ ଡେରି ? ହୋଇପାରେ ପୁଣି ଥରେ ଦେଖା ହୋଇଯିବ ! ଆର ପୁରରେ ଅବା ଆର ଜନ୍ମରେ । ଦେଖା ହେଲେ ଦୁହିଙ୍କୁ ବହୁତ ଖୁସି ଲାଗିବ, ଦେଖା ନହେଲେ ବି କିଛି କଥା ନାହିଁ । ଜୀବନର ଏଇ ନିଃସଙ୍ଗତା ଏବେ ମୋର ଦେହସୁହା ହୋଇ ସାରିଲାଣି ।

( ଗଳ୍ପଟି ମୋ କବିତା "ତୁମେ ଆସିବ ବୋଲି"ର ଛାୟାରେ ଲିଖିତ) ।

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି, ତେବେ ଆମକୁ ସଂପର୍କ କରନ୍ତୁ ।

# ରଥ ଯାତ୍ରା

ଶ୍ରୀ ଡମ୍ବୁରୁଧର ବାଗ

ରଥ ଯାତ୍ରା ତୋ ପାଖେଇ ଆସୁଛି

ଯିବି ମୁଁ ଶ୍ରୀ କ୍ଷେତ୍ର ପୁରୀ ।

ଆନନ୍ଦରେ ତୋର ଯାତ୍ରା ଦେଖିବି

ମନ ମୋର ଯିବ ଭରି ।

ରତନ ବେଦୀରୁ ଓହ୍ଲାଇ ଆସିବୁ

ବଡଦାଣ୍ଡେ ଠିଆ ହେବୁ ।

କୋଟି କୋଟି ଭକ୍ତ ଦର୍ଶନ କରିବେ

ଗୁହାରି ତାଙ୍କ ଶୁଣିବୁ ।

ଶ୍ରୀ କ୍ଷେତ୍ର ମାଟିକୁ ଛୁଇଁ ଦେଲା ପରେ

ହୋଇଯିବି ମୁଁ ପବିତ୍ର ।

ସାର୍ଥକ ହେବ ମୋ ମଣିଷ ଜନମ

ଶୁଦ୍ଧ ହେବ ମୋ ଚରିତ୍ର ।

ଜଗତର ନାଥ ଆହେ ଜଗନ୍ନାଥ


ତୁମେ ତ କଳା କାଞ୍ଚନ ।

ମନ ଝୁରି ହୁଏ କାଳିଆ କାଳିଆ

କରିବି ତତେ ଦର୍ଶନ ।

ବୁଲିବି ଶ୍ରୀକ୍ଷେତ୍ର ହେବି ମୁଁ ପବିତ୍ର
ଅଭଡା ଟିକେ ପାଇବି ।
ବାଇଶି ପାହାଚେ ଗଡି ଗଡି ମୁଁ ଯେ
ପାପକୁ ଦୂର କରିବି ।
ଗାଉଥିବି ତୁଣ୍ଡେ ତୋର ଭଜନକୁ
ବଡ ଦାଣ୍ଡେ ନାଚ ନାଚ।
ଲୀନ ହୋଇ ଯିବି ତୋ ଶ୍ରୀ ଚରଣେ
ଆଉ ମାଗିବିନ କଛି ।

ଶ୍ରୀ ଡମ୍ବୁରୁଧର ବାଗ ଗ୍ରାମ
ଚପ୍ରିଆ ବ୍ଲକ - ଗୋଲ୍‌ମୁଣ୍ଡା
ଜିଲ୍ଲା - କଳାହାଣ୍ଡି



# ପ୍ରେମିକା



ଶୈଳଜା ମିଶ୍ର

ବହୁତ ମନେପଡ ତୁମେ

ଏ ଅବେଳା ପ୍ରହରେ

ଭୂଲିଯାଏ ଅସ୍ତିତ୍ୱ,  ହଜିଯାଏ ମାନେ

ଆପଣାକୁ ଘେରିଯାଏ ଅଭୂଲ୍ ସ୍ମୃତି

ନଛାଟିଆ,  ଖାଁ,  ଖାଁ,  ଚୁପ୍ ଗୁପ୍ ।

ନୁଶୁନ ର୍‌ତିରେ ।

ଆପଣା ର୍‌ଜ୍ୟରେ ବନଯାଏ

ଏକ ଗୁମ୍ ସୁମ୍ ପ୍ରେମିକା

ନଜର ଅନ୍ୟମନସ୍କତାରେ  ।

ପ୍ଲଟ୍ ନଂ – ୩୬୫,  ଶାସ୍ତ୍ରୀ ନଗର,  ଭୁବନେଶ୍ୱର

# କାଇଁ ତୁ କରିଦେଲୁ ପର.....



ସ୍ମିତା ତ୍ରିପାଠୀ

କାଇଁ କରି ଦେଲୁ ତୁ ମୋତେ ପର
ବାନ୍ଧି ଦେଇ ଛିଣ୍ଡେଇ ଦେଲୁ ସିନହ ଡୋର
କାଇଁ ତୁ ମୋତେ କରିଦେଲୁ ପର ଲୋ
କାଇଁ ତୁ ମୋତେ କରିଦେଲୁ ପର..... ॥

କାହିଁ ଲଗେଇ ଦେଲୁ ବନ୍ଧୁତ୍ୱ ରେ ନଜର
କାହିଁ ତୁ କରିଦେଲୁ ପର ଲୋ..
ଏତେ କରି ରଖି ଥିଲି କରି ନଜର
କାଇଁ ତୁ ମୋତେ କରିଦେଲୁ ପର ଲୋ...
କାଇଁ ତୁ ମୋତେ କରିଦେଲୁ ପର ॥

ସଜେଇ କ ରଖିଥିଲି ତୋ ସବୁ ଉପହାର
ସବୁ ସେଇ ମୋ ହୃଦୟରେ
ସବୁ ତୁ ଫିଙ୍ଗି ଦେଇ କରି ଦେଲୁ ଚୁରମାର
କାଇଁ ତୁ ମୋତେ କରିଦେଲୁ ପର ଲୋ....
କାଇଁ ତୁ କରିଦେଲୁ ପର... ॥

ବୁଝି ତ ପାରିଲୁନ ମନ ମୋର
ହୃଦୟର ବେଦନା
ସହି ସହି ସଜେଇଥିଲି ତୋ ଖୁସି ର ଘର

କାଇଁ ତୁ କରିଦେଲୁ ପର ଲୋ...
କାଇଁ ତୁ କରି ଦେଲୁ ପର.... ॥

ଜୀବନ କୁ ବୁଝିବା ଆଗରୁ ସହିଗଲି ଯାତନା କଷ୍ଟର
ଜୀବନ କୁ ପାଣି କରି କରିଲି ସେବା ତୋର
କାଇଁତୁ ମୋତେ କରି ଦେଲୁ ପର ଲୋ...
କାଇଁ ତୁ ମୋତେ କରିଦେଲୁ ପର... ॥

ସବୁ ଲୁହ ପିଇ ପିଇ ସମ୍ଭାଳ ଥିଲି ସଂସାର
ସବୁ କୋହ ଗୁପି ଗୁପି ହେଲି ମୁଁ ପଥର
କାଇଁ ତୁ ମୋତେ କରି ଦେଲୁ ପର ଲୋ
କାଇଁ ତୁ ମୋତେ କରି ଦେଲୁ ପର... ॥

ସବୁ ଦୁଃଖ ସହି ସହି କରିବାକୁ ନ ଦେଲି ଫୁଆର
ସୀମା ଟପି ଗୁଲିଗଲୁ ଲୋ ଶାନ୍ତ ସାଗର ରେ ଆଣି ଜୁଆର
କାଇଁ ତୁ ମୋତେ କରି ଦେଲୁ ପର ଲୋ
କାଇଁ ତୁ ମୋତେ କରିଦେଲୁ ପର... ॥

ଭଲ ପାଏ ବୋଲି କହି ଦେଲି ବୋଲି ନୁହଁ ମୁ କ୍ରୁର
ଭଲ ପାଇବାକୁ ନ ଗୁହିଁ ବି କାହିଁ ହେଲୁ ଆଗଭର
କାଇଁ ତୁ କରିଦେଲୁ ଆଜି ମୋତେ ପର ଲୋ..
କାଇଁ ତୁ ମୋତେ କରିଦେଲୁ ପର...

ଜୀବନ ର ଖୁସି ଜାଣିବା ଆଗରୁ ହେଇଗଲୁ ତୁ କାହା ସିନ୍ଦୁର
ହେଇଗଲି ମୁଁ ଅଲୋଡା ତୋର
କାଇଁ ତୁ କରିଦେଲୁ ମୋତେ ପର ଲୋ..
କାଇଁ ତୁ ମୋତେ କରିଦେଲୁ ପର... ।

ପ୍ରତିଶ୍ରୁତି ଦେଇ ତୁ ଆଜି
ଭୁଲିଗଲୁ ହେଇ କାହା ସିନ୍ଦୁର
ଆଜି ବି ତତେ ମୁଁ ଖୋଜେ
ତୁ ମୋର ତୁ ମୋର
ମୁଁ ତୁମର
କାଇଁ ତୁ ଭୁଲି ଗଲୁ...
କାଇଁ ତୁ ଭୁଲି ଗଲୁ...
କରି ମୋତେ ପର...
କାଇଁ ତୁ ଭୁଲି ଗଲୁ କରି ମୋତେ ପର... ॥

ରାମେଶ୍ୱର ସାହି, ଖଲରୀ
ହୁଲୁରିଶିଙ୍ଘା, ଅନୁଗୁଳ- ୭୫୯୧୨୨

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ନଦୀର ନାଁ ନର୍ମଦା

ପ୍ରିୟବ୍ରତ ପାତ୍ର

ଅମରକଣ୍ଟକରେ ଉଷାକାଳ ଅତୀବ ରମଣୀୟ। ବିଳାସପୁରଠାରୁ ମଧ୍ୟପ୍ରଦେଶର ଅମରକଣ୍ଟକ ପର୍ଯ୍ୟନ୍ତ ଥିଲା ୧୨୦ କ.ମି. ବ୍ୟାପି କ୍ଳାନ୍ତିକର ଯାତ୍ରା। ସବୁ କ୍ଳାନ୍ତି ଅପସରି ଯାଇଥିଲା।

ବଡିଭୋରରୁ ସ୍ନାନ ଉଦ୍ଦେଶ୍ୟରେ ବାହାରିପଡି ପହଞ୍ଚିଗଲୁ ନର୍ମଦା ଉଦଗମ ସ୍ଥଳରେ। ନର୍ମଦାକୁଣ୍ଡରେ କ୍ଷୀଣ ଧାରଟିଏ ଝରି ପଡୁଛି – ତାହା ହେଉଛି ନର୍ମଦା ନଦୀ। କୁଣ୍ଡର ଅନତିଦୂରରେ ରହିଛି ଅନ୍ୟ ଏକ ବଡ ଜଳାଶୟ ଯେଉଁଠାରେ ସ୍ନାନ ପାଇଁ ଅନୁମତି ଅଛି। ଲୋକଙ୍କର ଭିଡ ଆରମ୍ଭ ହୋଇନଥିଲା, ବଜାରହାଟ ଖୋଲି ନଥିଲା, ତେଣୁ ସ୍ନାନପରେ ନିରୁଦବିଗ୍ନ ମନରେ ବସିବା ସମ୍ଭବ ଥିଲା। କିଛି ଉତ୍ସାହୀ ଭକ୍ତ ପ୍ରଭର ପଥର ହାତୀର ପେଟତଳେ ପଶି ଆରପଟକୁ ବାହାରୁଥିଲେ। ପଥର ହାତୀ ଉପରେ ବସିଥିବା ପଥର ମାହୁନ୍ତର ମୁଣ୍ଡନାହିଁ। ହାତୀର ଉଚ୍ଚତା ଓ ମାହୁନ୍ତର ଉଚ୍ଚତା ସମାନ ହୋଇଯିବା ଯୋଗୁ, କୌଣସି ଜଣେ ଅବୁଝା ରାଜାର ନିର୍ଦ୍ଦେଶରେ ମାହୁନ୍ତକୁ କରାଗଲା ମସ୍ତକହୀନ। ସେବଠୁ ମାହୁନ୍ତ ହେଲେ ଛିନ୍ନମସ୍ତ ଯଦିଓ ଉଚ୍ଚତାରେ ହାତୀଠୁ ଛୋଟ ହୋଇଗଲେ।

ଖାଲି ନର୍ମଦା କାହିଁକି, ଭାରତର ସବୁ ନଦୀ ମୋ ପାଇଁ ଜଣେ ଜଣେ ଦେବୀ। ଏଇ ତଟରେ ଗୁରୁ ଭାରତ ପଦଙ୍କୁ ଆଦି ଗୁରୁ ଶଙ୍କରାଚାର୍ଯ୍ୟ ଭେଟିଥିଲେ। ଶଙ୍କରାଚାର୍ଯ୍ୟଙ୍କ ଲିଖିତ "ନର୍ମଦା ଅଷ୍ଟକମ୍" ର ଶ୍ଳୋକ ସବୁ କାନ୍ଥରେ ଲେଖାଯାଇଥିଲା। ନର୍ମଦାଙ୍କ ପ୍ରଶଂସାରେ ସବୁତକ ଶତମୁଖ। ତହିଁରୁ ଗୋଟିକର ଓଡିଆ ଭାଷାନ୍ତର ନିମ୍ନମତେ କରାଯାଇପାରେ।

"ଶିବାଜୀଙ୍କ ଜଟାରୁ ପ୍ରକଟ ହୋଇଥିବା ରେବା ନଦୀର କୂଳରେ ବାସ କରୁଥିବା ଭୀଲ, ଭାଟ, ବ୍ରାହ୍ମଣ, ବିଦ୍ୱାନ ଓ ଧୂର୍ତ୍ତ ନର୍ତ୍ତକୀଙ୍କ ମଧ୍ୟରେ ଆମେ ଯେଉଁମାନେ ବାସ

କରୁଛୁ, ଆମର ପାପତାପଙ୍କୁ ହରଣ କରି ନେଉଥିବା ହେ ଜନନୀ, ଆମେ ତୁମର ଅମୃତମୟ ଯଶୋଗାନ ଶୁଣିଛୁ । ପ୍ରାଣୀ ମାତ୍ରକେ ସୁଖ ପ୍ରଦାନକାରୀ ହେ ଦେବୀ ନର୍ମଦେ, ତୁମର ଚରଣ କମଳରେ ମୁଁ ନୈବେଦ୍ୟ ଅର୍ପଣ କରୁଛି ।"

ସପ୍ତମ ଶତାବ୍ଦୀର ଶେଷଭାଗରେ ଶଙ୍କରାଚାର୍ଯ୍ୟ ଅମରକଣ୍ଟକ ଆସିଥିଲେ ଏବଂ ନର୍ମଦାଙ୍କ ଉଦଗମ ସ୍ଥଳଭାବେ ଏକ ଛୋଟ ସରୋବରକୁ ଇଙ୍ଗିତ କରିଥିଲେ । ତାକୁ ଲାଗି ଏବେ ବି ଠିଆ ହୋଇଛି ସେ ସମୟର ପ୍ରାଚୀନ ପାତାଳେଶ୍ୱର ମନ୍ଦିର । କିନ୍ତୁ ବର୍ତ୍ତମାନ ଯେଉଁ କ୍ଷୁଦ୍ର କୁଣ୍ଡଟିକୁ ଉଦଗମସ୍ଥଳ ବୋଲି କୁହାଯାଉଛି ତା ଠାରୁ ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ସରୋବରଟି ଅଧା କିଲୋମିଟର ଦୂରରେ । ତେରଶହ ବର୍ଷ ଭିତରେ ସାମାନ୍ୟ ଜାଗା ପରିବର୍ତ୍ତନ କିଛି ବିଚିତ୍ର କଥାନୁହେଁ ।

ପୁରାଣ ଯୁଗରେ, ଏପରିକି ମଧ୍ୟ ଯୁଗ ପର୍ଯ୍ୟନ୍ତ ଜନମାନସ ଉପରେ କାହାଣୀ, କିମ୍ବଦନ୍ତୀ ଓ ଧାର୍ମିକ ଧାରଣାର ପ୍ରଚଣ୍ଡ ପ୍ରଭାବ ରହିଥିଲା । ଲୋକେ ବିଶ୍ୱାସ କରୁଥିଲେ ଯେ ସବୁକିଛିର ପଶ୍ଚାତରେ ବ୍ରହ୍ମା, ବିଷ୍ଣୁ ବା ଶିବଙ୍କ ଅନୁଗ୍ରହ, ରାଗରୋଷ ବା ସମର୍ଥନ ରହିଛି । ସେହି କ୍ରମରେ ନର୍ମଦାଙ୍କ ଉତ୍ପତ୍ତି ସମ୍ପର୍କରେ ମଧ୍ୟ ଢେର କିଛି ରୋଚକ ଖବର ରହିଛି ।

ରାଜା ପୁରୁରବା ନିଜ ପିତୃପୁରୁଷଙ୍କ ସ୍ୱର୍ଗଗମନ ତଥା ପୁଣ୍ୟବୃଦ୍ଧି ନିମନ୍ତେ ଭଗବାନଙ୍କୁ ପ୍ରାର୍ଥନା କଲେ । ନର୍ମଦା ପ୍ରଥମେ ଶିବଙ୍କ ଜଟା ଉପରକୁ ଓ ପରେ ବିନ୍ଧ୍ୟାଞ୍ଚଳର ମୈକାଲ ପର୍ବତ ଉପରକୁ ଅବତରି ଆସିଲେ । ଅନ୍ୟ ଏକ ପୁରାଣ କଥାରେ ପୁରୁରବାଙ୍କ ପିତା ହିରଣ୍ୟ ଦେବ ନର୍ମଦାଙ୍କୁ ତପସ୍ୟା କରି ପୃଥିବୀ ପୃଷ୍ଠକୁ ଅବତରଣ କରାଇଥିଲେ । ନର୍ମଦାଙ୍କ ଅନ୍ୟ ନାମ ରେବା । ବାୟୁ ପୁରାଣ ଓ ସ୍କନ୍ଦ ପୁରାଣରେ ରେବା ଖଣ୍ଡ ଏକ ସ୍ୱତନ୍ତ୍ର ଅଧ୍ୟାୟ, ଯେଉଁଠି ରହିଛି ରେବାଙ୍କ ଉତ୍ପତ୍ତି ଓ ମହିମା ଉପରେ ବିସ୍ତୀର୍ଣ୍ଣ ଆଲୋଚନା । ବର୍ଣ୍ଣନା ଅଛି ଥରେ ଶିବ ଘନଘୋର ତପସ୍ୟାରେ ମଗ୍ନ ଥିଲେ ଏବଂ ଦେହରୁ ଝରି ପଡୁଥିବା ସ୍ୱେଦ ବିନ୍ଦୁ କୌଣସି ଏକ କୁଣ୍ଡରେ ଜମା ହୋଇଗଲା । ସେଇ କୁଣ୍ଡରୁ ଜନ୍ମ ନେଲେ ରେବା ।

ରେବାଙ୍କ ଉତ୍ପତ୍ତି ସଂପର୍କରେ ଗୋଟେ ଗ୍ଲୁ ଗପ ମଧ୍ୟ ରହିଛି । ରେବା ନାୟକ ନାମରେ ଜଣେ ଦରିଦ୍ର ବ୍ୟକ୍ତି ଥିଲେ । ତା ସହ ତା ଝିଅ ମଧ୍ୟ ରହୁଥିଲା । ଦିନେବେଳା ବାପଝିଅ ମୈକାଲ ପର୍ବତରେ ଘୂରିବୁଲି ହରିଡା, ବାହାଡା, ଅଁଳା ଆଦି ସଂଗ୍ରହ କରି ଚଳୁଥିଲେ । ଝରଣା ବହୁଥିବା କୌଣସି ଏକ ବାଉଁଶ ବୁଦା ମୂଳରେ ବସି ସେମାନେ ଦିବସର ଭୋଜନ ସମାପନ କରୁଥିଲେ । ଦିନେ ଝିଅ, ଝରଣା ପାଖକୁ ପାଣି ଆଣିବାକୁ ଗଲା ଯେ ଆଉ ଫେରିଲା ନାହିଁ । କରୁଣ ଚତ୍କାର କରି ବାପା କେତେ ଖୋଜିଲେ, କନ୍ତୁ ନିରାଶ ହେଲେ । ଶୂନ୍ୟବାଣୀ ହେଲା – "ବିଳାପରୁ କ୍ଷାନ୍ତ ହୁଅ ପିତା । ମୁଁ ନଦୀ ହୋଇ ବାଉଁଶ ବୁଦା ମୂଳରୁ ବହିବାକୁ ଆରମ୍ଭ କରିଛି । ଯାଇ ଦେଖ, ସଂଗୃହୀତ ସମସ୍ତ ବନଫଳ ମୋତିମାଣିକରେ ପରିଣତ ହୋଇ ଯାଇଛି । ସେଇ ସମ୍ପଦରେ ମୋ ପାଇଁ ମନ୍ଦିର ନର୍ମାଣର ବ୍ୟବସ୍ଥା କର ।" ତା ପରଠୁ ତିଆରି ହେଲା ନର୍ମଦା ଦେବୀଙ୍କ ମନ୍ଦିର । ଶିବଙ୍କଠାରୁ ଜନ୍ମ ବୋଲି ତାଙ୍କ ନାଁ ହେଲା ଶଙ୍କରୀ । ମୈକାଲରୁ ନର୍ଗତ ହୋଇଛିବ ବୋଲି ମୈକାଲ ସୂତା, ରେଆ ନାୟକଙ୍କ କନ୍ୟା ବୋଲି ରେବା...ଏମିତି କେତେ ନାଁ ଏହି ନଦୀ ଦେବୀଙ୍କ । ନର୍ମଦାର ଅର୍ଥ ହେଲା ଆନନ୍ଦଦାୟିନୀ ବା ଆହ୍ଲାଦିନୀ ।"

ଅମରକଣ୍ଟକରୁ ବାହାରି କ୍ରହଶଃ ବହୁ ଉପନଦୀଙ୍କ ସଂଯୋଗରେ ନର୍ମଦାଙ୍କ କାୟା ବିସ୍ତାର ଘଟିଛି । ଗତିପଥରେ ମିଳୁଥିବା ସମସ୍ତ ଗୋଲାକାର ପଥରକୁ ବନଲିଙ୍ଗ କୁହାଯାଏ । ତାମିଲନାଡୁର ତାଞ୍ଜୁଭର ରାଜା ରାଜରାଜ ଚୋଳ ଏକଦା ସଂଗ୍ରହ କରିଥିଲେ ଏଭଳ ଏକ ବୃହତ୍ତମ ବନଲିଙ୍ଗ । ତାକୁ ନେଇ ତିଆରି ହୋଇଛି ବୃହଦେଶ୍ୱର ଶିବଲିଙ୍ଗ ।

ନର୍ମଦା କୂଳକୁ ଗଢି ଉଠିଛି କେତେ ପ୍ରାଚୀନ ନଗର ସଭ୍ୟତା, ଜନପଦ ଓ ମନ୍ଦିର । ଉପକୂଳରେ ଗଢି ଉଠିଥିବା ବାଜିରାଓ ପେଶୱାରଙ୍କ ଛତ୍ରୀ, କଛି ବିଖ୍ୟାତ ଦୁର୍ଗ, ଭୀମଭେଟକାରେ ଥିବା ପ୍ରାଗ୍ ଐତିହାସିକ ଯୁଗର ପ୍ରସ୍ତର ଚତ୍ର, ଡାଇନୋସରମାନଙ୍କ ଫସିଲକୁ ନେଇ ମ୍ୟୁଜିୟମ୍ ଆଦି ନର୍ମଦାର ପ୍ରସିଦ୍ଧି ବଢାଇଛନ୍ତି । କର୍ଣ୍ଣାଟକର ରାଜା ପୁଲକେଶିନ- ୨, କନୌଜର ହର୍ଷବର୍ଦ୍ଧନ ସେନାଙ୍କୁ ଏହି ନର୍ମଦା କୂଳରେ ପରାସ୍ତ

କରିଥିଲେ । ଓଁକାରେଶ୍ୱର, ମହେଶ୍ୱର, ଧୂଆଁଧାର, ମାର୍ବଲ ପର୍ବତ ଶ୍ରେଣୀ ଆଦି ଏହାର ଉପକୂଳବର୍ତ୍ତୀ ଦର୍ଶନୀୟ ଜାଗା । ସାରା ଭାରତରେ ଗୋଦାବରୀ ଓ କ୍ରିଷ୍ଣାକୁ ବାଦଦେଲେ ଏହା ହେଉଛି ତୃତୀୟ ବୃହତ୍ତମ ନଦୀ ଯାହା ଭାରତ ଭିତରେ ଆରମ୍ଭ ହୋଇ ଭାରତ ଭିତରେ ହିଁ ଶେଷ ହୋଇଛି । ସାତପୁରା ଓ ବିନ୍ଧ୍ୟ ପର୍ବତମାଳାର ମିଳନ ସ୍ଥଳରୁ ବାହାରି ଦୀର୍ଘ ୧୩୧୨ କ.ମି. ଗତିକରି, ଗୁଜରାଟର ଭାରୁଚ ସହରଠାରୁ ୩୦ କ.ମି. ଦୂରରେ ଥିବା ଖମ୍ବତ୍ ନଦୀ ମୁହାଣରେ ଏହା ଆରବ ସାଗରରେ ମିଶିଛି । ଏହାର ଗତିପଥ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ଭିତରେ ସୀମାରେଖା ପରି କାର୍ଯ୍ୟ କରିଥାଏ । ଏହି ନଦୀ ଉପରେ ତିରିଶଗୋଟି ସାନବଡ ନଦୀବନ୍ଧ ଯୋଜନା ନିର୍ମାଣାଧୀନ ରହିଛି । ତା ଭିତରେ ସର୍ଦ୍ଦାର ସରୋବର ନଦୀବନ୍ଧ ଯୋଜନା ଓ ତାକୁ ବିରୋଧ କରି ନର୍ମଦା ବଞ୍ଚାଅ ଆନ୍ଦୋଳନ ଗତ୍ କିଛି ଦଶନ୍ଧି ଭିତରେ ବହୁ ଚର୍ଚ୍ଚିତ ଘଟଣା ।

ପରିବେଶବିତ୍ ମାନଙ୍କ ମତ, ନଦୀବନ୍ଧ ଯୋଜନାରେ ଜଙ୍ଗଲ ଧ୍ୱଂସ ହେବ, ମୂଳ ଅଧିବାସୀମାନେ ବିସ୍ଥାପିତ ହେବେ, ନଦୀର ସ୍ୱାଭାବିକ ଗତିପଥରେ ପରିବର୍ତ୍ତନ ଆସିବ, ତେଣୁ ବିପର୍ଯ୍ୟୟ ଅବଶ୍ୟମ୍ଭାବୀ । ଜୈବ ବିବିଧତା ଧ୍ୱଂସ ହେବ, ଔଷଧୀୟ ଗୁଳ୍ମଲତା ବିଲୁପ୍ତ ହେବେ, ତା ସାଙ୍ଗେ ହେବେ ବଣ୍ୟପ୍ରାଣୀ ଓ କୀଟପତଙ୍ଗ । କିନ୍ତୁ ଦେଶର ଗ୍ରୁଲୁ ଅର୍ଥନୀତି କହେ – ପ୍ରଚୁର ଚାଷଜମିକୁ ପାଣି ଯୋଗାଯାଇ ପାରିବ, ମାଛଚାଷ, ବିଦ୍ୟୁତ ଉତ୍ପାଦନ ସାଙ୍ଗକୁ କଳକାରଖାନା ଚାଲୁ ରଖିବା ପାଇଁ ପ୍ରଚୁର ଜଳ ମଧ୍ୟ ଉପଲବ୍ଧ ହେବ । ଏହି ଦୁଇଟି ମତ ଭିତରେ ନର୍ମଦା ସତେକି ସମୁଦ୍ର ମନ୍ଥନରେ ବାସୁକୀର ଭୂମିକା ନଭାଇଛନ୍ତି ।

ଅମରକଣ୍ଟକ ବୁଲି ଆସୁଥିବା ସମସ୍ତ ଯାତ୍ରୀଙ୍କ ନିମନ୍ତେ ପ୍ରଧାନ ଆକର୍ଷଣ ହେଉଛି କପିଳଧାରା । ନର୍ମଦା ନଦୀର ପ୍ରଥମ ପ୍ରପାତ ହେଉଛି କପିଳଧାରା । ସବୁ ଯାତ୍ରୀ ଗାଡି ରିଜର୍ଭ କରି ସେଠାକୁ ଯିବା ଆସିବା କରୁଥିଲେ । ଆମେ ମଧ୍ୟ ପ୍ରସ୍ତୁତ ହେଲୁ । ଦୁଇଟି

ଘଟଣା ସେ ସମୟରେ ମତେ ଖୁବ ପ୍ରଭାବିତ କରିଥିଲା । କ୍ଷୁଦ୍ର ହେଲେ ମଧ୍ୟ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳାଇବାରେ ତାହା ସାହାଯ୍ୟ କରିବ ।

ହୋଟେଲରେ ଖାଉଥାଉ । ଉସୁନା ଭାତ ସାଙ୍ଗକୁ ଦରଶିଆ ତରକାରୀ ଓ ସାଗଭଜା । କୌଣସି ଜଣେ ଗ୍ରାହକ ଉତକ୍ଷିପ୍ତ ହୋଇ ଅଧାଖିଆରୁ ଉଠିଗଲେ । ଅଇଁଠା ବାସନ ଉଠାଉଥିବା ଗାଉଁଲି ବୃଦ୍ଧ ଜଣେ ପାଟିକଲେ – "ତମ ପକେଟ୍ ପଇସା ଉପରେ ତମର ଅଧିକାର । କିନ୍ତୁ ଖାଦ୍ୟ ନଷ୍ଟ କରିବାକୁ କିଏ ଅଧିକାର ଦେଲା । ସବୁ ଖାଇକରି ଯାଅ, ନହେଲେ ଦୁଇଗୁଣା ଜୋରିମାନା ଦେଇଯାଅ ।" ଆଶ୍ଚର୍ଯ୍ୟ ହୋଟେଲ୍ ଭିତରେ ସମସ୍ତେ ବୁଢାକୁ ସମର୍ଥନ କଲେ । କ୍ରୋଧୀ ଗ୍ରାହକ ବାଧ୍ୟ ହୋଇ ସବୁ ଖାଇକରି ଉଠିଲେ ।" ଆଜି ଭୋଜିଭାତ ଓ ପାର୍ଟି ନାମରେ ଯେତେବେଳେ ଖାଦ୍ୟର ଅମର୍ଯ୍ୟାଦା ହେଉଛି – ସେଇ ବୃଦ୍ଧଙ୍କର କଥା ମନେ ପଡିଯାଉଛି ।

ଶତାଧିକ ଜିପ୍, ସୁମୋ ଓ କାର୍ ଲୋକଙ୍କୁ ନେଇ କପିଳଧାର୍ ଦିଗେ ଛୁଟୁଥିଲେ । ଏଜେଣ୍ଟମାନେ ଲୋକ ଜୁଟାଇ ଏ ବାବଦରେ ରୋଜଗାର କରୁଥିଲେ । ଆମର ଉତ୍ସାହ, ଧୈର୍ଯ୍ୟ ଓ ଆଗ୍ରହ ଦେଖି ଜଣେ ଏଜେଣ୍ଟ ଆମକୁ ଚାଲି ଚାଲି ଯିବାକୁ ପରାମର୍ଶ ଦେଲେ । ଏହାଦ୍ୱାରା ସେ କମିଶନ ହରାଇଥିଲେ ସତ, କିନ୍ତୁ ଉପଯୁକ୍ତ ପରାମର୍ଶ ଦେଇଛନ୍ତି ବୋଲି ନିଜେ ବଡ ପ୍ରସନ୍ନ ହୋଇଥିଲେ । ସେ ହିଁ କହିଥିଲେ ଯେ ଚାଲି ଚାଲି ଗଲେ ନୀଳଗାଇ, ଉଡନ୍ତା ଗୁଣ୍ଡୁଚି, ବାଲିହରିଣ, ଘନଘୋର ଶାଳବଣ, ପାଇନ୍ ବଣ ଆଦି ଦେଖିହେବ । ତାଙ୍କ ପରାମର୍ଶକ୍ରମେ ସାତ ମାଇଲ୍ ବାଟ ଆମେ ଚାଲିବାକୁ ପ୍ରସ୍ତୁତ ହେଲୁ ।

ଜନପଦଠୁ ଯେତିକି ଦୂରେଇ ଯାଉଥିଲୁ, ଜଙ୍ଗଲ ପରିବେଶ ସେତିକି ପ୍ରେମରେ ଆମକୁ କୋଳାଗ୍ରତ କରି ନେଉଥିଲେ । ପଲେ ନୀଳଗାଇ କୌଣସି ଏକ ବନ ଝରଣାରେ ପାଣି ପିଉଥିଲେ । ଧାର୍ମିକ କାରଣରୁ ସେମାନଙ୍କ ଶିକାର ହୋଇନଥାଏ । ଡଜନେ ଖଣ୍ଡେ ବାଲି ହରିଣ ଆଖି ପିଛୁଳାକେ ଡିଆଁମାରି ରାସ୍ତା ପାରି ହୋଇ ଚାଲିଗଲେ । ଗାଢ କଳାରଙ୍ଗର

ଜଙ୍ଗଲି ଡାମର୍ କାଉମାନେ ବଡ ସନ୍ତର୍ପଣରେ ଆମର ଗତିବିଧି ଉପରେ ନଜର ରଖିଥିଲେ । ନଘଞ୍ଚ ଶାଳବଣ ଭିତରେ ବହି ଚାଲିଥିଲା ନଈଟିଏ । ତା କଡରେ ବସି ବିଶ୍ରାମ ନେଲୁ । ମୁଁ ପଢିଥିବା ଶ୍ରେଷ୍ଠତମ ଭ୍ରମଣ ଉପନ୍ୟାସ "ଆରଣ୍ୟକ" ରେ ବର୍ଣ୍ଣିତ ଲବଟୁଲିଆର ଘନଘୋର ଜଙ୍ଗଲ କଥା ମନେ ପଡିଯାଉଥିଲା । ସ୍ତ୍ରୀ ଲୋକଙ୍କ ଭଳି ଶାଢୀଚୁଡି ପିନ୍ଧି, ଲମ୍ବାବେଣୀ ପକାଇ ବାହାରିଥିବା ଦୁଇଜଣ ଶିକାରୀଙ୍କୁ ନଦୀପାର ହେଉଥିବା ଦେଖିଲୁ । ଏ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ହରିଣ ଦେଖିବାକୁ ମିଳନ୍ତି, ଯେଉଁମାନେ କି ପୁରୁଷଙ୍କୁ ଦେଖିଲେ କ୍ଷୀପ୍ର ଗତିରେ ଦୌଡି ପଳାନ୍ତି, ଅଥଚ ସ୍ତ୍ରୀ ଲୋକ ଦେଖିଲେ ଆଦର ସ୍ନେହ ପାଇଁ ପାଖରେ ଘୂରି ବୁଲନ୍ତି । ଧୂର୍ତ୍ତ ମଣିଷ ଏହାର ସୁଯୋଗ ନେଇ ସ୍ତ୍ରୀ ରୂପ ଧାରଣ କରି ଶିକାର କରନ୍ତି । ମଣିଷର ପ୍ରକୃତି ସତରେ କି ବିଭତ୍ସ! ହରିଣ ତା ନାରୀହପଣକୁ ଜଳାଞ୍ଜଳି ଦେଇନ, ମଣିଷ ତା ର ଧୂର୍ତ୍ତାମିକୁ ଛାଡିନ- ଉଭୟେ ଯୁଗପତ୍ ଚାଲିଛନ୍ତି ।

କ୍ରମେ ଆମେ ଘଞ୍ଚ ପାଇନ୍ ଜଙ୍ଗଲରେ ପ୍ରବେଶ କଲୁ । ଏହି ବନାଞ୍ଚଳ ଓ ବନଚାରୀଙ୍କ ଜୀବନୀକୁ ନେଇ ତିଆରି ହୋଇଥିଲା ସିନେମା "ନର୍ମଦାକୀ ଗୋଦ୍ ମେ" । ପଚାଶ ବର୍ଷର ପୁରୁଣା ପାଇନ୍ ଗଛସବୁ ପବନରେ ସନ୍ ସନ୍ ଶବ୍ଦ କରୁଥିଲେ । ଦେଶରେ **Pulp Wood** ସଂଗ୍ରହ କରିବା ପାଇଁ **Dehradun Forest Research Institute** ତରଫରୁ ବିଭିନ୍ନ ଜାଗାରେ **Tropical Pine** ଜଙ୍ଗଲ ସୃଷ୍ଟି କରା ଯାଇଥିଲା । ୧୯୬୭ରେ ଏ ଅଞ୍ଚଳରେ ବ୍ୟାପକ ଶାଳବଣ ନଷ୍ଟ କରାଯାଇ ଏହି ପାଇନ୍ ଗଛ ଲଗାଯାଇଥିଲା । ଏହି କ୍ରମରେ ଓଡିଶାର କୋରାପୁଟ, ଦାରିଙ୍ଗିବାଡି ଆଦି ଜାଗାରେ ମଧ୍ୟ ପାଇନବଣ ସୃଷ୍ଟି କରାଯାଇଛି । ପରିବେଶବିତ୍ ମାନଙ୍କ ପ୍ରବଳ ବିରୋଧ ଯୋଗୁଁ ସେ ପ୍ରୋଜେକ୍ଟ ବନ୍ଦ ହୋଇଗଲା ।

ଆମେ କପିଳଧାରାରେ ପହଞ୍ଚିଲା ବେଳକୁ କିଛି ଲୋକ ଫେରିବାକୁ ଆରମ୍ଭ କରୁଥିଲେ । ଦୁଇପଟେ କିଛି ପୁରୁଣା ଝାଟିମାଟିର ଘର, ଜଟାଜୁଟଧାରୀ ବାବାଜୀ ବୈଷ୍ଣବଙ୍କ ଆତଯାତ ଜାଗା । ଅଶୀଫୁଟ ତଳକୁ ନର୍ମଦା ଲମ୍ଫ ପ୍ରଦାନ କରି ବହି ଚାଲିଛନ୍ତି । ନିର୍ଦ୍ଦିଷ୍ଟ ଜାଗାରେ

ଠିଆହେଲେ କ୍ଷୀଣ ଇନ୍ଦ୍ରଧନୁ ଦେଖା ଯାଉଥିଲା । ଚିଲିକା ଖଣ୍ଡ କାବ୍ୟରେ ରାଧାନାଥ ରାୟଙ୍କ ପଂକ୍ତିଟିଏ ମନେ ପଡୁଥିଲା ।

ଭ୍ରମିଲି ଭୀଷଣ ବିନ୍ଧ୍ୟାଦ୍ରୀ କାନ୍ତାର
ଧୂଆଁଧାରେ ଯହିଁ ହୋଇ ଶତଧାର
ଭୈରବ ଆରବେ ରେବା ଦେଇ ଲମ୍ଫ
ଜନମାଏ ଜନ ମାନସେ ପ୍ରକମ୍ପ ।

ଏଠାରେ ରେବାଙ୍କ ଲମ୍ଫ ଦେବା ଜାଗାଟି କପିଳଧାର ନା ଧୂଆଁଧାର – ସେ କଥା କବି ସ୍ପଷ୍ଟ କରି ଲେଖି ନାହାନ୍ତି । ମତେ ଲାଗୁଛି କପିଳଧାର ଆସି କବି ଏହି ଶେଷ ଦୁଇଧାଡି ଲେଖିବାକୁ ଅନୁପ୍ରେରିତ ହୋଇଥିଲେ ।

ପ୍ରପାତ ତଳେ ସାମାନ୍ୟ ସମତଳ ଜାଗା ଦେଖି ଚଉତରାଟିଏ ଅଛି ଏବଂ କପିଳ ଗୁମ୍ଫା ବୋଲି ସୁନ୍ଦର ବାସପୋଯୋଗୀ ଗୁମ୍ଫା ଅଛି । ଗୁମ୍ଫା ଭିତରେ ପାଉଁଶବୋଳା ହୋଇ ବାଘଛାଲ ଉପରେ ସନ୍ୟାସୀ ଜଣେ ବସିଥିଲେ । ସେ ଦାବି କରୁଥିଲେ ଯେ ଏହା ହେଉଛି କପିଳମୁନିଙ୍କ ରହିବା ଗୁମ୍ଫା, ଏଠାରେ ଲେଖା ଯାଇଥିଲା ସାଂଖ୍ୟ ଦର୍ଶନ । ଭିତରେ ଦୁଇଟି ପୋଷା ଝିଙ୍କ ଶାବକ ଘୂରି ବୁଲୁଥିଲେ । ଝିଙ୍କ ଛୁଆଙ୍କ ପିଠିରେ କାଠି ସବୁ ଶକ୍ତ ଭାବରେ ଗଜୁରି ନଥିଲା । ସାଧୁ ଜଣକ ମଝିରେ ମଝିରେ ସେମାନଙ୍କ ପିଠି ଆଉଁଶି ଦେଉଥିଲେ ଏବଂ ଖାଇବାକୁ ବାରମଜା ଦେଉଥିଲେ । ଧୁନି ପାଖରେ ବସି ଆମେ ସାଧୁଙ୍କଠାରୁ କିଛି ଶୁଣିଲୁ । ଆଜକୁ ପଚାଶବର୍ଷ ଧରି ସାଧୁ ସେ ଭିତରେ ରହୁଛନ୍ତି ଏବଂ ଅନେକ ଅନେକ ବିଚିତ୍ର ଲୋକଙ୍କ ସମାଗମକୁ ଦେଖିଛନ୍ତି । ଷାଠିଏ ସତୁରୀ ଦଶକରେ ଅନେକ କୁଖ୍ୟାତ ଡାକୁ ଆତ୍ମସମର୍ପଣର ପ୍ରସ୍ତାବ ଧରି ଏଠାକୁ ଆଲୋଚନା ପାଇଁ ଆସୁଥିଲେ । ଜୟ ପ୍ରକାଶ ନାରାୟଣ ବା ବିନୋବାଜୀଙ୍କ ପ୍ରତିନିଧି ଆସୁଥିଲେ, ବେଳେବେଳେ ସାଧା ପୋଷାକରେ ପୁଲିସ ଅଫିସରମାନେ ଆସୁଥିଲେ । ଏଇ ଧୁନି ପାଖରେ କଥାବାର୍ତ୍ତା ଚାଲୁଥିଲା । ଡାକୁ ସର୍ଦ୍ଦାରଙ୍କୁ ପଚରା ଯାଉଥିଲା – ତାଙ୍କ ଦଳରେ କେତେ ଜଣ ଅଛନ୍ତି, ତାଙ୍କ ନାଁ ରେ

କେତେଟା ହତ୍ୟା ମାମଲା ରହିଛି ବା କେତେଟା ଡକାଏତି ମାମଲା ରହିଛି । ସରକାରଙ୍କ ନିର୍ଦ୍ଧାରିତ ସଂଖ୍ୟାଠାରୁ ଯଦି କମ ହେଉଥିଲା, ତେବେ ସର୍ତ୍ତ ପୂରଣ ହେବନାହିଁ କହି ଡାକୁ ସର୍ଦ୍ଦାରକୁ ଫେରେଇ ଦିଆ ଯାଉଥିଲା । ବିଚରା ଡାକୁକୁ ଆଉ କେତୋଟି ହତ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିଲା । ଚମ୍ବଲ ଡାକୁଙ୍କ ସହ ନିଶାର୍ଦ୍ଧରେ ଗ୍ଭଲିଥିବା ଏଭଳି ବହୁ ଆଲୋଚନାରେ ସାଧୁ ଥିଲେ ପ୍ରତ୍ୟକ୍ଷଦର୍ଶୀ । ବେଳେବେଳେ ମହିଳା ଡାକୁଦଳ ନିଜ ନିଜର ଘୋଡା ଓ ବନ୍ଧୁକ ନେଇ ପହଞ୍ଚି ଯାଉଥିଲେ । ସଙ୍କୀର୍ଣ୍ଣ ଗୁମ୍ଫା ଭିତରେ ଏକାଥରେ ଏତେ ଜଣ ମହିଳାଙ୍କୁ ନେଇ ସାଧୁବାବା ବଡ ହଇରାଣରେ ପଡୁଥିଲେ ।

ଡାକୁମାନଙ୍କୁ ନେଇ ଆମର ଅହେତୁକ ଉତ୍କଣ୍ଠା ଦେଖି ସାଧୁ ନିଜ ତରଫରୁ କହି ପକାଇଲେ ଯେ ଡାକୁରାଣୀ ଫୁଲନ୍ ଦେବୀଙ୍କୁ ଏଇ ପ୍ରପାତ ତଳେ ଗାଧେଇବା ସେ ଦେଖିଛନ୍ତି । କପିଳ ମୁନିଙ୍କ ସାଂଖ୍ୟ ଦର୍ଶନଠାରୁ ଫୁଲନଦେବୀଙ୍କ ଗାଧୁଆ ପର୍ଯ୍ୟନ୍ତ କେତେ କଥା – ସାଧୁ ବାବା ଆକର୍ଣ୍ଣ ହସିଲେ । ଆମେ କଥା ହେଉଥିବାବେଳେ ଗ୍ରାହକ ଜଣେ ହଠାତ୍ ବାଧା ଦେଇ ଧିମା ସ୍ୱରରେ କଛି ମାଗିଲେ ଏବଂ ସାଧୁବାବା ନିଜ ଆସନରୁ ଉଠି କଛି ଜଡିବୁଟି ଦେଇ ତାଙ୍କୁ ବିଦା କଲେ । କହିବା ବାହୁଲ୍ୟ ଆଜିକାଲି ଅଧିକାଂଶ ଲୋକ ଆୟୁର୍ବେଦ କହିଲେ କଛି କାମ- ବର୍ଦ୍ଧକ ଜଡିବୁଟିକୁ ବୁଝିଥାନ୍ତି ଏବଂ ତାକୁ ନେଇ ବୈଦ୍ୟ ଓ ସାଧୁମାନେ ନିଜର ଆୟୁର୍ବେଦିକ ଜ୍ଞାନକୁ ସୀମିତ ରଖିଛନ୍ତି ।

ଗୁମ୍ଫା ଭିତରେ କାଚ ବନ୍ଧେଇ ଫ୍ରେମ ଭିତରେ ସାଧୁଙ୍କ ନର୍ମଦା ପରିକ୍ରମାର ସାର୍ଟିଫିକେଟ୍ ଥିଲା । ଅମରକଣ୍ଟକରେ ସାଧୁସନ୍ଥଙ୍କୁ ନେଇ ଗୋଟିଏ କମିଟି ଅଛି ଯିଏକ ସାର୍ଟିଫିକେଟ୍ ଦେଇଥାଏ । ନର୍ମଦାଙ୍କ ଉଦଗମ ସ୍ଥଳରୁ ଯେଉଁମାନେ ଗ୍ଭଲିବା ଆରମ୍ଭ କରି ନର୍ମଦାର ଗୋଟିଏ କଡରେ ଆଗକୁ ଯାଇ ନର୍ମଦା ମୁହାଣରେ ( ଗୁଜୁରାଟ) ପୁଣି ଆରକଡକୁ ଯାଇ ଗ୍ଭଲି ଗ୍ଭଲି ପୁନଶ୍ଚ ନର୍ମଦାଙ୍କ ଉଦଗମ ସ୍ଥଳରେ ପହଞ୍ଚନ୍ତି ସେମାନଙ୍କୁ ନର୍ମଦା ପରିକ୍ରମାର ସାର୍ଟିଫିକେଟ୍ ମିଳଥାଏ । କପିଳଧାରାରୁ ଫେରିଲାବେଳେ ମୁଁ ଭାବୁଥିଲି ମଣିଷ ଜୀବନରେ ଫୁରୁସତ୍ କାହିଁ ଯେ ୨୬୦୦ କି.ମି. ଗ୍ଭଲିଗ୍ଭଲି ନର୍ମଦାକୁ ପରିକ୍ରମା କରିବ । ସେଥିପାଇଁ

ଲାଗିଯିବ ବର୍ଷାଧିକ କାଳ । ତେବେ, ଆମ ପରମ୍ପରାରେ ସବୁ କଷ୍ଟ କାମ ପାଇଁ ରିହାତିର ବ୍ୟବସ୍ଥା ଅଛି । ବସ୍ତ୍ର ଅଭାବରେ ସୂତା ଖଣ୍ଡେ ଦେଇ, ସୁବର୍ଣ୍ଣ ଅଭାବରେ ଦୁଇ ଟଙ୍କିଆ ସୁନା ପାରେକା ଦେଇ କାମ ଚଳେଇ ନେବା ବ୍ୟବସ୍ଥା ସବୁ ରହିଛି । ଅମରକଣ୍ଟକରେ ଏଭଳି ଆଠ କ.ମି. ଚାଲିବା ରାସ୍ତା ରହିଛି । ଯାହାକୁ ଅତିକ୍ରମ କଲେ ନର୍ମଦା ପରିକ୍ରମା ସହ ସମାନ ବୋଲି କଥା ରହିଛି । ସୁଲଭ ଶ୍ରମରେ ସୁଯୋଗର ବ୍ୟବହାର କଲୁ ।

ସେହି କ୍ଷୁଦ୍ର ପରିକ୍ରମା କାଳରେ ଅନେକ ଧାର୍ମିକ ପୀଠ ଦେଖା ହୋଇଗଲା । ଶ୍ରୀ ଭଗବତୀ ରାଜରାଜେଶ୍ୱରୀ ମନ୍ଦିର, ବା ଶଙ୍କରାଚାର୍ଯ୍ୟଙ୍କ ଆଶ୍ରମ, ଭୃଗୁ କମଣ୍ଡଳ, ମାଇ କୀ ମଣ୍ଡପ, ଶ୍ରୀ ଯନ୍ତ୍ରମହାଦେବ ମନ୍ଦିର, ଶ୍ରୀ ମହାମେରୁ ପୀଠମ୍ ମହାଶକ୍ତୀ ମଣ୍ଡଳ, ବର୍ଫାନୀ ମନ୍ଦିର, ମାର୍କଣ୍ଡେୟ ମନ୍ଦିର, ଶାନ୍ତିକୁଟୀର, ଜଳେଶ୍ୱର ମନ୍ଦିର ଇତ୍ୟାଦି । ଧାର୍ମିକତାରେ ରୁଚ ରଖୁଥିବା ଦର୍ଶନାର୍ଥୀଙ୍କୁ ନିଷ୍ଟୟ ଭଲ ଲାଗିବ । କିନ୍ତୁ ମତେ କେବଳେ ତିନଟି ଜାଗା ମନ୍ତ୍ରମୁଗ୍ଧ କରିଥିଲା । ସେଗୁଡିକ ହେଲେ - କର୍ଣ୍ଣଦେବ ମଠ, ମାଇ କୀ ବଗିୟା ଓ ସୋନମୁଦ ।

ଅମରକଣ୍ଟକ ଭିତରେ କଳାକୃତି ଦୃଷ୍ଟିରୁ ସବୁଠୁ ଆକର୍ଷଣୀୟ ଜାଗା ହେଲା କର୍ଣ୍ଣମଠ । ଏଥିରେ ଥିବା ପାତାଳେଶ୍ୱର ମନ୍ଦିରକୁ ଶଙ୍କରାଚାର୍ଯ୍ୟ ପ୍ରତିଷ୍ଠା କରିଥିଲେ ଏବଂ ସନ୍ନିକଟ ସୂରଜକୁଣ୍ଡକୁ ନର୍ମଦାଙ୍କ ଉଦଗମ୍ ସ୍ଥଳ ବୋଲି ଘୋଷଣା କରିଥିଲେ । ଚେଦି ରାଜା କନ୍ୟାର ବିବାହ ସମୟରେ ଏହି ଜାଗାଟିକୁ କଲଚୁରୀ ରାଜା କର୍ଣ୍ଣଦେବଙ୍କୁ ଯୌତୁକ ଆକାରରେ ଦେଇଥିଲେ । କର୍ଣ୍ଣଦେବ ୧୦୪୨ ରୁ ୧୦୭୨ ମଧ୍ୟରେ ସୂରଜକୁଣ୍ଡର ଚାରିପଟେ ସାତଟି ଚମତ୍କାର କ୍ଷୁଦ୍ର ମନ୍ଦିର ନିର୍ମାଣ କରିଥିଲେ । ବିଷ୍ଣୁମନ୍ଦିର, ରଙ୍ଗ ମହଲ, ମଚ୍ଛେନ୍ଦ୍ରନାଥ, ପାତାଳେଶ୍ୱର ଆଦି କାରୁକାର୍ଯ୍ୟ ଦୃଷ୍ଟିରୁ ପୃଥିବୀ ବିଖ୍ୟାତ । ସଯତ୍ନେ ବର୍ଦ୍ଧିତ ଓ ପ୍ରତିପାଳିତ ସବୁଜ ଘାସ ପଡିଆ ଭିତରେ ଏହିସବୁ ପ୍ରାଚୀନ ଐତିହ୍ୟ ସୂକ୍ଷ୍ମ କାରୁକାର୍ଯ୍ୟର ଅଳଙ୍କାର ପରି ଦିଶୁଥିଲେ । ଲାଗୁଥିଲା ସତେକି ସବୁଜ ରଙ୍ଗର ମଖମଲ କନା ଉପରେ ମୁଦି, ମଥାମଣି, କାନଫୁଲ, ଝୁଣ୍ଟିଆ ସବୁ ରହିଛି ।

ମା କ ବଗିୟାର ଅନୁଭୂତି ବିଚିତ୍ର । ଅଶୀ ମିଟର ଉଚ୍ଚର ଲମ୍ବାଲମ୍ବା ଗଛଙ୍କ ଗହଣରେ ଗ୍ଭଲୁଗ୍ଭଲୁ ଲାଗୁଥିଲା ଏକ ଘଞ୍ଚ ଅରଣ୍ୟ ଅଜଗର ଭଳି ଆଁ କରି ରହିଛି ଏବଂ ତା ପେଟ ଭିତରେ ଆମେ କ୍ରମଶଃ ପ୍ରବେଶ କରୁଛୁ । ବୃକ୍ଷରାଜିଙ୍କୁ ଭେଦି ସୂର୍ଯ୍ୟାଲୋକ ତଳକୁ ପ୍ରବେଶ କରି ପାରୁନଥିଲା । ଜନମାନବହୀନ ରାସ୍ତାରେ ସମ୍ପୂର୍ଣ୍ଣ ଏକାକୀ ପଥିକ ପରି ଆମେ ଗ୍ଭଲିଥିଲୁ । ମା କ ବଗିୟା ନର୍ମଦା ନଦୀର ଏପରି ଏକ ରମ୍ୟ ଜାଗା ଯେ ସାରାଦିନ ବସି ରହିଲେ ବି ମନ ଭରିବ ନାହିଁ । କୁଳୁକୁଳୁ ଶବ୍ଦ ସାଙ୍ଗକୁ ପକ୍ଷୀଙ୍କ କୁହୁତାନ- ଆଖି ବନ୍ଦ ହୋଇ ଆସୁଥିଲା, ସତେକ ଜୀବନଯାକର କ୍ଳାନ୍ତି ଉଭେଇ ଯାଉଛି । ନଦୀ ବହିଗ୍ଭଲିଛି, ଦୁଇକଡେ ବିଭିନ୍ନ ଜଙ୍ଗଲୀ ଲଟାବୁଦା । ହଳଦୀ ଗଛ ଭଳି ଦିଶୁଥିବା "ଗୁଲାବ କା ବଲୀ" ବୁଦା କେବଳ ଏହି ଜାଗାରେ ଦେଖାଯାଏ । ଗୁଲାବ କା ବଲୀ ର ଅର୍କ ଆଖି ପାଇଁ ଅବ୍ୟର୍ଥ ମହୌଷଧି – ଆଜି ଅମରକଣ୍ଟକ ଏଥିପାଇଁ ମଧ୍ୟ ପ୍ରସିଦ୍ଧ ।

କମ୍ବଦନ୍ତୀ ଅଛି ନର୍ମଦା ତାଙ୍କ ପିଲାଦିନର ସାଙ୍ଗ ସ୍ମିରା ଏହି ଜାଗାରେ ଖୁବ୍ ଖେଳାବୁଲା କରୁଥିଲେ । ନର୍ମଦା ନଦୀ ହୋଇ ବହିଗଲା ପରେ ତାଙ୍କ ସାଙ୍ଗ "ଗୁଲାବ କା ବଲୀ" ବୁଦା ହୋଇ ଏହି ଜାଗାରେ ରହିଗଲେ । ଦୁଇ ସହେଲୀଙ୍କ ଅତୁଟ ବନ୍ଧନ ଅତୁଟ ହୋଇ ରହିଗଲା ।

ସେଇ ଜାଗାରୁ ଆଉ ଦୁଇ କି.ମି. ଆଗକୁ ଗଲେ ପଡେ ସୋନମୁଦ ବା ସୋନନଦୀର ଉଦଗମ ସ୍ଥଳ । ଦୁଇଟି କ୍ଷୀଣ ଧାରା ସୋନ୍ ଓ ଭଦ୍ର ଗୋଟିଏ କୁଣ୍ଡରେ ଏକତ୍ର ହେବା ପରେ ସୋନଭଦ୍ର ନଦୀ ଭାବେ ବହିବାରେ ଲାଗିଛନ୍ତି । ମାତ୍ର ୧୫୦ ଫୁଟ ବହିବା ପରେ ତାହା ୩୦୦ ଫୁଟ ତଳକୁ ଲମ୍ଫ ଦେଇ ଘନ ଅରଣ୍ୟ ଭିତରେ ଅଦୃଶ୍ୟ ହୋଇଯାଇଛି । ସୋନଭଦ୍ରଙ୍କୁ ବ୍ରହ୍ମାଙ୍କ ପୁତ୍ରବୋଲି କୁହାଯାଏ । ପ୍ରାଚୀନ ପୁରାଣ କହେ, ଏହି ନଦୀରେ ସୁବର୍ଣ୍ଣରେଣୁ ମିଳୁଥିଲା, ତେଣୁ ନାଁ ତା ର ସୋନ୍ । ଉତ୍ତର ପ୍ରଦେଶରେ ଅଧୁନା ସୋନଭଦ୍ର ବୋଲି ଜିଲ୍ଲା ସୃଷ୍ଟି ହୋଇଛି । ଏହା ବିହାରରେ ଏକ ବିଖ୍ୟାତ ନଦୀ । ସେଠାରେ ସେ ଗଙ୍ଗା ସହ ମିଶି ବଙ୍ଗୋପସାଗରରେ ଲୀନ ହୋଇଛି ।

ମଜା ଲୋକକଥାଟିଏ ରହିଛି । ଶଙ୍କରକନ୍ୟା ନର୍ମଦାଙ୍କ ସହ ବ୍ରହ୍ମାପୁତ୍ର ସୋନଭଦ୍ରଙ୍କ ଭିତରେ ପ୍ରେମଭାବ ସୃଷ୍ଟି ହୋଇଥିଲା । ଉଭୟେ ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଯୋଜନା ହେଲା । ଦୁର୍ଗା ପ୍ରପାତ ବୋଲି ଗୋଟିଏ ଜାଗାରେ ବିବାହ ବେଦୀ ତିଆରି ହେଲା । ନର୍ମଦା ଅପେକ୍ଷା କରିଛନ୍ତି । ସୋନଭଦ୍ର ଲମ୍ଫ ମାରି ଜଙ୍ଗଲରେ ବୁଲୁଛନ୍ତି । ଲଗ୍ନ ଗଡିଗଲା । ବିବାହ ହେଲାନାହିଁ । ତାପରେ ନର୍ମଦା ଅଭିମାନ କରି ଚାଲିଗଲେ ଯେ ଆଉ ଫେରିଲେ ନାହିଁ । ନଦୀମାନଙ୍କ ଉପରେ ମାନବୀୟ ପ୍ରେମ, ବିରହ ଓ ଇର୍ଷା ଭଳି ଭାବନା ସବୁକୁ ରୂପଦେଇ ଯେଉଁ କମ୍ବଦନ୍ତୀ ଗଢା ଯାଇଥାଏ – ତାହା ବି ବେଳେବେଳେ ଏହି ମାନବକୁ ହସାଏ, କନ୍ଦାଏ ।

ସଂକୀର୍ଣ୍ଣ ରାସ୍ତାରେ ଚାଲିଥାଉ । ଆମେ ସାଥିରେ କଛି ନର୍ମଦୀୟ ବ୍ରାହ୍ମଣ ମଧ୍ୟ ଚାଲିଥିଲେ । ସେମାନଙ୍କ ମତରେ ନର୍ମଦା ହେଉଛନ୍ତି ସବୁ ଦେବଦେବୀଙ୍କ ମାତା । ଏପରିକ ସ୍ୱୟଂ ଗଙ୍ଗା ପୁଣ୍ୟ ଅର୍ଜନ ପାଇଁ କଳାଗାଇ ରୂପରେ ଆସି ନର୍ମଦାରେ ସ୍ନାନ କରିଥିଲେ । ସେମାନେ ନର୍ମଦା ଚାଳଶା ସହିତ ଶଙ୍କରାଚାର୍ଯ୍ୟଙ୍କ ନର୍ମଦା ଅଷ୍ଟକମ୍ ଆବୃତ୍ତି କରି ଚାଲିଥିଲେ । ସେମାନେ କୁଆଡେ ସତସତିକା ନର୍ମଦା ପରିକ୍ରମା କରି (୧୭୦୦ କ.ମି. ପଦବ୍ରଜରେ) ସଦ୍ୟ ଫେରିଥାନ୍ତି । ସମୂହ ଧ୍ୱନ ଶୁଭୁଥିଲା – ନର୍ମଦା ମୟା କ ଜୟ, ବାବା ଅମରକଣ୍ଟକ କୀ ଜୟ, ମୈକାଲ ସୂତା କୀ ଜୟ, ନର୍ମଦା କେ କଙ୍କର ସବ୍ ଶିବଶଙ୍କର.... । ମୁଁ ମଧ୍ୟ ଧ୍ୱନ ଯଜ୍ଞରେ ଆହୂତି ଦେଇ କହିଲି, "ନମୋ ନର୍ମଦେ, ନମୋ ନର୍ମଦେ" ।

ଭାରତୀୟ ଜୀବନ ବୀମା ନଗମ, କୋରାପୁଟ, ଓଡିଶା

# ନରବ ସ୍ୱଭ୍ବର ଠାକୁର

ପ୍ରଶାନ୍ତ କୁମାର ନାଥ

ହେ ନାଥ, ଜଗତ ନାଥ, ପଥିକର ପଥ
ଅଗତିର ଗତି, ରଙ୍କ ରତନ ତୁମେ;
କଏ ଅଭ୍ବରେ ତ କଏ ସ୍ୱଭ୍ବରେ ଡାକେ
ସବୁ ଶୁଣି କନ୍ତୁ
ର୍‌ଗ ନାହିଁ କ ଅଭିମାନ କରନାହିଁ
କ ଚୁପ୍ ରହି ସମ୍ମତି ଦିଅନାହିଁ;
ବରଂ ଭୁଜ ବଢେଇ କୋଳେଇ ନଅ
ଆପଣାର କରି ଜୀବ ଜୀବନୁ ଉଦ୍ଧାରି ଦିଅ ।

ଯୁଗ ଯୁଗରୁ ଅଛି କେତେ ଦୃଷ୍ଟାନ୍ତ
ପୁର୍‌ଣ ଇତିହାସରେ
ପୁଣି ମାଦଳା ପାଞ୍ଜିରେ;
କଏ ଭୁଲିଛି?
କଏ ମନେରଖିଛି?
କବି କନ୍ତୁ କବିତାରେ ଲେଖିଗ୍ଲିଛି;
ତା ନଜସ୍ୱ ଭ୍ଷାରେ
କେତେ ଆବେଗରେ
କେଡେ ସର୍‌ଗରେ
ଜାଣେନା, ଏହି କବିତାକୁ କଏ ପଢୁଛି?
କଏ ଚରୁଛି?

ତଥାପି ସିଏ ଭୂଷା ଖଞ୍ଜି ଚାଲିଛି
ସ୍ମୃତିମଧୁର କରି ଗଢୁଛି
ଠିକ୍ ତୋରି ପରି;
ଠିକ୍ ତୋରି ପରି ସ୍ୱଭାବେ
ସେ ନୀରବେ ବସିଛି ।
ନୀରବି ବସିଛୁ ବୋଲି
ପରମ୍ପରା ଆଉ ସଂସ୍କାର ନାଁରେ
ସେବକ ଓ ପ୍ରଶାସନେ ଚାଲିଛି ଛକାପଞ୍ଝା
କିଏ କହୁଛି ତୁ କେବଳ ତାର
କିଏ କହୁଛି ତୁ ସମସ୍ତଙ୍କର;
ଜଗତ କିନ୍ତୁ ତୋତେ ନୀରବେ ଚାହିଁଛି
କେବେ କହିବୁ ତୁ କେବଳ ଭକତର ।
କେବେ ଅପୂଜା ପୁଣି ଉପବାସ ତତେ ରଖିଚ
ତଥାପି ସେବକ ନିଜ ଅହମିକାର ଡିଣ୍ଡିମ ପିଟୁଛି;
ପ୍ରଶାସନ କିନ୍ତୁ ଗଭୀର ନିଦରେ ଶୋଇଛି
ମନ୍ଦିର ଛାତରୁ ପାଣି ଗଳୁଛି ପୁଣି ରତ୍ନଭଣ୍ଡାର ଚାବି ହଜୁଛି
ତଥାପି ନିଜକୁ ନିଜେ ପିଠି ଥାପୁଡେଇ କହୁଛି;
ଆମ ପରି ଆଉ କିଏ ଠାକୁରଙ୍କୁ
ସୁରକ୍ଷା ଦେଇପାରିବ ( ? ) ବୋଲି ପଚାରୁଛି ।

ସଂସ୍କାର ନାଁରେ ରାତି ପାହିଲାରୁ ଜନମୁଛି
କେତେ ତର୍କ ବିତର୍କ ନୂଆ ନୂଆ;
ସମ୍ବାଦପତ୍ରର ପୃଷ୍ଠା ପୂରୁଛି
ପୂରୁଛି ଟ୍ୱିଟର ଆଉ ଫେସବୁକ୍
ଟ୍ରୋଲ ଚାଲିଛି ଭାଇରାଲ ହେଉଛି
ନେତାଏ କହୁଛନ୍ତି କୋର୍ଟ କହୁଛି
ଭକତ କଥା ଯେ କିଏ ଶୁଣୁଛି?

ଏ ଡିଜିଟାଲ ଯୁଗରେ କୁଆଡେ
ସଂସ୍କୃତି ପରମ୍ପରା ସବୁ ପୁରୁଣା କାଳଆ ହୋଇଛି;
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ
ସବୁ ଭାଇ ଭାଇ ପୁଣି ପୁଅ ଝିଅ ଏକାକାର
ପଛରୁ ଦେଖିଲେ ଲାଗୁଛି ।

ବିଧର୍ମୀଙ୍କ ମଉନ ଚକ୍ରାନ୍ତରେ
ଅନେକେ କହନ୍ତି
ଏଠି ସଂସ୍କାର ଦର୍କାର! ସଂସ୍କାର ଦର୍କାର!
କିନ୍ତୁ ଭକତ ଚାହିଁଛି ତୋତେ
ତୁ ଚାହିଁଚୁ ଭକତକୁ;
ବଡ ବଡ ଆଖି ମେଲି ନିରବେ ଭାବୁଛୁ
ଏଠି ଆଉ ଗୋଟିଏ ମହାପ୍ରଳୟ ଦର୍କାର... ଦର୍କାର ।

ଗୋବିନ୍ଦପୁର, ଟାଙ୍ଗୀ, କଟକ- ୭୫୪୦୨୩



# ଜନ୍ମଦିନ ଶୁଭେଚ୍ଛା



ରାଜଶେଖର ସି. "ଚମା"

ହର୍ଷସହ ପାଳନ କରିଗଲ ପ୍ରତିବର୍ଷର ଜନ୍ମଦିନ,
ଯାହା ଜୀବନର ଅନନ୍ୟ ପର୍ବଦିନ।

ନିଜ ପରିଚୟର ଯାହା ଅମୂଲ୍ୟ ଦିନ,
ମାତାପିତାଙ୍କ ଅବଦାନ ମନେରହୁ ନିତିଦିନ।

ଏ ସୀମିତ ଜୀବନରେ ଖୁସିରେ ଅତିବାହିତ ହେଉ ପ୍ରତିଦିନ,
ମନୁଷ୍ୟ ଜନ୍ମର ପରମାର୍ଥ ଜ୍ଞାତରହୁ ସବୁଦିନ।

ବିଭିନ୍ନ ଅନୁଭବ ଦେଖିବାକୁ ମିଳବ ଦୈନନ୍ଦିନ,
ନୂତନ କଥା ଶିଖିବାକୁ ମିଳବ ଚିରଦିନ।

ମନେପଡିବ ବିଗତ ସମୟ,
କ୍ଷଣ ପରେ କ୍ଷଣରୁ ହୋଇଗଲେ ଜୀବନ ବ୍ୟୟ।

ସ୍ମରଣେ ରହିବ ପିଲାଦିନର ଅବସ୍ଥା,
ଶ୍ରୀଜୀଉଙ୍କ ପ୍ରତି ରହୁ ଅପାର ଆସ୍ଥା।

ମିଳବ ବନ୍ଧୁ ବାନ୍ଧବଙ୍କଠାରୁ ଶୁଭେଚ୍ଛା ପରେ ଶୁଭେଚ୍ଛା,
ନିଃସ୍ୱାର୍ଥ ସ୍ନେହର ଉପହାର ପାଇବାର ରହିବ ମନରେ ଇଚ୍ଛା।

ଆସ୍ୱାଦନ କରିବାକୁ ମିଳବ ମିଠା ପରେ ମିଠା,
ଆସ୍ୱାଦନ କରିବାକୁ ମିଳବ ପିଠା ପରେ ପିଠା।

ଜୀବିକା ହେତୁ ଯିବାକୁ ହେବ ଭିନ ଭିନ୍ନ ପ୍ରଦେଶ,
ପରଦେଶରେ ସର୍ବଦା ମିଳ ନପାରେ ଜନ୍ମଦିନର ପରିବେଶ।

ଆମ ଜୀବନରେ ସଦା ରହୁ ଆଶାଦୀ ପର ଆଲୋକ,
ପ୍ରତି ଜନ୍ମଦିନରେ ପ୍ରାପ୍ତିହୋଉ ପ୍ରଜ୍ଞାର ନୂତନ ମାଣିକ।

ମନଯେ ପଡିବ ସମସ୍ତେ ଜଣେଇଥିବା ହାର୍ଦ୍ଦିକ ଅଭିନନ୍ଦନ,
ଏହି ପାର୍ବଣ ସମୟ ଶୀତଳରହୁ ଯେମିତି ହରିଚନ୍ଦନ।

ଚରକାଳର ହୁଏହି ଉତ୍କୃଷ୍ଟ ଜୀବନରେ ପରମାନନ୍ଦର ସ୍ପନ୍ଦନ,
ନିତ୍ୟ ହରିତ ରହୁ ହୋଇ ନବ ପଲ୍ଲବିତ ନନ୍ଦନବନ।

chvrajasekhar@gmail.com

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ଯାଯାବର



ସରିତା ଷଡ଼ଙ୍ଗୀ ଦାଶ

ମଣିଷ ଦୋଳୁଛି ଛଳନା ଦୋଳରେ
ସବୁ ଜାଣି ଶୁଣି ସତେ,
ଆହାରେ ବିଧାତା ତୋତେ କ' ଅଜଣା
ମୁରୁଖ ଏ ନର କେତେ।

ହାତରେ ତାହାର ଲାଗିଛି ଶିକୁଳ
ଦୃରୁଶହୀନ ନୟନେ,
ଦେଖି ନଦେଖିବାର କରେ ଅଭିନୟ
ଦୋଷପାଏ ଅନ୍ୟଜଣେ।

ସମୟ ଡଙ୍ଗାରେ ନାଉରୀ ବେହାଲ୍
ଧିମେଇ ଯାଇଛି କାତ,
ତଥାପି ଖୋଲୁଛି ଗରବର ମୁଖା
ପାଣିରେ ବାଢୁଛି ମତ।

ବିଚଳତ ମନେ ଗୁଡ଼ାଏ ପ୍ରଶ୍ନୋକ୍ତି
ଚେତାଏଣ ବାରମ୍ବାର,
ଅଥଚ ମୋହ ଲାଲସାରେ ଭସି
କେତେ ନାଟ କରେ ନର।

ଯାଯାବର ହୋଇ ଫେରିଆ ବାଟକୁ
ଏବେ ବି ସମୟେ ଗୁହିଁ,
ସକାଳର ବୁଲା ସନ୍ଧ୍ୟାରେ ସାରିଣ
ଆ'ଆରେ ମନୁଆ ନଇ।

ଖାରୀ, ବଲାଙ୍ଗୀର ( ତୁଲସୀ ନଗର)

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ବାଟୁଳ



ଆଶା ସାହୁ ( ଆରତୀ)

"ଦେଖିଲ, ଦେଖିଲ, ଏ ଅଜଣା ନମ୍ବରରୁ Whatsapp ରେ କପରି ଏକଲମ୍ବା Message ଆସିଛି । Message ନୁହେଁ ତ, ଚିଠିଟିଏ ।" କହି କହି ଅନତା ଧାଇଁ ଆସିଲେ ବାଥ୍ ରୁମ୍ ଭିତରକୁ । ମୁଁ ବାଥ୍ ରୁମ୍ ଖୋଲା ରଖି ଶେଭିଂ ହୁଏ ।

"ହେଃ, ତୁମର ସବୁ କଛି କାମ ନାହିଁ, ଦିନସାରା Whatsapp, facebook, instagram ଜଣାନାହିଁ କେତେ କଣ । ତୁମର କୋଉ ସଙ୍ଗିନୀର ନମ୍ବର ହୋଇଥିବ ।"

"ଆରେ ନା, ଏଇଟା ସ୍ପାମ୍ ନା କଣ, Delete କରିଦେବି କ? "

"ଦେଖେ", କହି ତାଙ୍କ ହାତରୁ ଫୋନଟା ନେଲି ।

Messageଟିରେ, ପ୍ରଥମରୁ ଭାଇ ବୋଲି ସମ୍ବୋଧନ କରାଯାଇଥିଲା । ତା ପରେ ଏକ ନିଶ୍ୱାସରେ ଚିଠିଟି ପଢି ପକାଇଲି । Messageର ପ୍ରତ୍ୟେକଟି ଅକ୍ଷର ଭିତରେ ଜଣା ନାହିଁ କେତେ କେତେ ଘଟଣାବଳୀ ଦୃଶ୍ୟମାନ ହେଉଥିଲେ । ସେ ଚିଠିଟି ଭିତରେ ଭିତରେ ପହଞ୍ଚିଗଲି ମୁଁ ମୋର ପୈତୃକ ଗାଁ ରେ । ମୋ ସାନୁଭାଇ ପାଖରେ ।

ସାନୁଭାଇ, ଭାଇ ତ ନୁହେଁ, ମୋର ଅଭିନ୍ନ ସାଙ୍ଗ ( ମୋ ଠାରୁ ଅଳ୍ପ କଛି ମାସ ବଡ) ମୋର ଲୁଚ୍ଚେଇ ସାଙ୍ଗ । ଲୁଚ୍ଚେଇ ସାଙ୍ଗ ଏଇଥିପାଇଁ ଯେ ତା ସହ ସାଙ୍ଗ ହେବାକୁ ଆମ ଘରେ ଶକ୍ତଭାବରେ ବାରଣ କରୁଥିଲେ । ତା ସତ୍ତ୍ୱେ ମୁଁ ଲୁଚ ଛପି ଗଳିଯାଉଥିଲି ତା ପାଖକୁ ।

ସେ ମୋର second generation ବଡବାପାଙ୍କର ପୁଅ ଥିଲ୍ । ମୁଁ ଜାଣେନା ଆମ ଦୁଇ ପରିବାର ମଧ୍ୟରେ କ ଶତ୍ରୁତା ଥିଲ୍ ଯେ ପରସ୍ପର କଥାବାର୍ତ୍ତା ମଧ୍ୟ ନଥିଲ୍ ।

ଶୁଣିଥିଲି, କୁଆଡେ ମୋ ବୁଢାବାପାଙ୍କ ପାଦ ଉପରେ ସାନୁଭାଇର ବୁଢାବାପା ପଥରଟିଏ ପକାଇ ଛେଚ ପକାଇଥିଲେ ଯଦ୍ୱାର୍ ସେଇଟା ସେପ୍ଟିକ୍ ହୋଇ ତାଙ୍କର ଜୀବନ ନେଇଥିଲ୍ । କନ୍ତୁ ଗାଁରେ ଓଲଟା ପ୍ରକାର ଗୁଜବ ମଧ୍ୟ ଶୁଣାଯାଇଥିଲ୍ ଯେ ମୋ ବୁଢାବାପା କାଳେ ବଦନାମ କରିବା ପାଇଁ ନଜେ ନଜ ପାଦରେ ପଥର ପକାଇ ଦେଇଥିଲେ । ସମ୍ପତ୍ତି ଭାଗବଣ୍ଟର୍ ପାଇଁ ଏସବୁ ପ୍ରରୋଚନା । ସେଇ ଦିନଠାରୁ ଆମ ପରିବାର ତାଙ୍କର ଚର ଶତ୍ରୁ ପାଲଟିଗଲ୍ ।

ଆମର ସେଥିରେ କଣ ଯାଏ । ଆମେ ତ ପିଲ୍ । କନ୍ତୁ ମୁଁ ଦେଖୁଥିଲି ଆମ ପରିବାରରେ ଧନଧାନ୍ୟର ପ୍ରାଚୁର୍ଯ୍ୟ ଥିଲ୍‌ବେଳେ ସାନୁଭାଇ ପରିବାର ବେଳେ ବେଳେ ଖାଡା ଉପାସ । ପରିବାର ବୋଇଲେ ବଡ ବାପା, ବଡ ମାଆ ଓ ସାନୁଭାଇ । ମୁଁ ଦଶହରା ରଜରେ ନୂଆଜାମା ପିନ୍ଧିଥିଲ୍ ବେଳେ ଦୁର୍ବଳ ହାଡୁଆ ସାନୁଭାଇର ଦେହରେ ସେଇ କୋତର୍ ସାର୍ଟ ପେଣ୍ଟ ।

ତେବେ ଏଥିରେ ଭୁଲ କାହାର ଥାଇପାରେ । ମୋର ଟିକ ମସ୍ତିଷ୍କ ସେସବୁର ବିଶ୍ଳେଷଣ କରିବାକୁ ଯାଏନାହିଁ ।

ହେଲେ ସାନୁଭାଇକୁ ମୁଁ ଭାରି ଭଲ ପାଉଥିଲି ଓ ସେ ମଧ୍ୟ ମୋ ଠାରେ ଜୀବନ ଦେଉଥିଲ୍ । ମୁଁ ଲୁଚେଇ ପିଠାପଣା ଖୁଆଉଥିଲ୍ ବେଳେ, ସେ ଗଛରେ ଚଢି ଆମ୍ବ, ଆମ୍ବଡା, କୋଳ ଇତ୍ୟାଦି ଖୁଆଉଥିଲ୍ । ସାନୁଭାଇ ଅତିମାତ୍ରାରେ ଦୟାଳୁ ଥିଲ୍ । ବାଲି ଜହ୍ନା ଉପରେ କାଳେ ପାଦ ପଡିଯିବ, ସାଧବବୋହୁ କାଳେ ଗୁପି ହୋଇଯିବ, ଏସବୁ ଦିଗରେ ସେ ବହୁତ ନଘା ରହୁଥିଲ୍ ।

ମୋର ଗୋଟିଏ ସଉକ ଥିଲା ବାଟୁଳ ମାରିବା । ମୋର ଲକ୍ଷ୍ୟ ମଧ୍ୟ ଥିଲା ଅବ୍ୟର୍ଥ । ତେବେ ମୁଁ କେବେହେଲେ ପଶୁପକ୍ଷୀଙ୍କୁ ବାଟୁଳରେ ମାରି ନଥିଲି । କେବଳ ଲକ୍ଷ୍ୟ ଭେଦୁଥିଲି ଗଛର ଫଳ, ମାଇଲଖୁଣ୍ଟ, ଦୂରରେ ଦେଖାଯାଉଥିବା ପଥର, ପୋଖରୀର ମଧ୍ୟ ଭାଗ ଇତ୍ୟାଦି ।

ମୋର ବାଟୁଳ ଧରିବାର ସଉକକୁ ଦେଖି ବାପା ଥରେ ମୋ ପାଇଁ ପ୍ଲାଷ୍ଟିକ ବାଟୁଳଟିଏ କିଣି ଆଣିଥିଲେ । ସେ ନାଲିରଙ୍ଗର ବାଟୁଳ ଓ କଳା ଟାୟାରରେ ବନ୍ଧା ଫାଶ ମୋତେ ଏମିତି କମିଆ କଲା ଯେ ତାକୁ ମୁଁ ଶୋଇଲାବେଳେ ସୁଦ୍ଧା କରଛଡା କରୁନଥିଲି ।

ଥରେ ମୁଁ ବାଟୁଳ ମାରୁ ମାରୁ ଏଣ୍ଡୁଅଟିଏ ମାରିଦେଲି । ସାନୁଭାଇ ଭାରି ମନଦୁଃଖ କଲା ଆଉ ଜୀବହତ୍ୟା ନକରିବାକୁ ଉପଦେଶ ଦେଲା । ମୁଂ ମଧ୍ୟ ମନେମନେ ତା କହିଥିବା ବାକ୍ୟଟିକୁ ଦୋହରାଉଥିଲି – "ଜୀବହତ୍ୟା ମହାପାପ" ।

କିନ୍ତୁ ବାଘର ଜୀଭରେ ମଣିଷ ରକ୍ତର ସ୍ୱାଦ ବାଜିଲା ଭଳି, ପୁଣିଥରେ ବେଙ୍ଗଟିଏ ମୋ ବାଟୁଳରେ ଶିକାର ହେଲା । ସାନୁଭାଇ ପୁଣି ବୁଝାଇଲା । କେତେ ପ୍ରକାରେ । କିନ୍ତୁ ତା ମନ୍ତ୍ର ଆଉ କାଟୁ କଲାନାହିଁ । ପ୍ରତିଦିନ ମୁଁ ଶୀକାର ପରେ ଶୀକାର କରି ଗ୍ଲିଲି । କେତେ ନିରୀହ ଜୀବଙ୍କର ପ୍ରାଣ ନେଲି । ପାରା, ଶୁଆ, ବତଖ, ବଣୀ, ପାଣି କୁଆ, ଗୁଣ୍ଡୁଚ ଇତ୍ୟାଦି । ସାନୁଭାଇ ପ୍ରତିଥର ବୁଝାଇବା ସତ୍ତ୍ୱେ ।

ଦିନେ କଣ ହେଲା ନା, ମୋର ସାଇକଲ ହେଣ୍ଡଲରେ ବାଟୁଳଟିକୁ ଟାଙ୍ଗିଦେଇ ମୁଁ ଖେଳୁଥାଏ ବାଗୁଡି, ସାନୁଭାଇ ଓ ଅନ୍ୟ ପିଲାଙ୍କ ସହ । ଖେଳସାରି ଆସିଲା ବେଳକୁ ଖାଲି ସାଇକଲ ହେଣ୍ଡଲଟା ମୋତେ ଖତେଇ ହେଉଥିଲା । ବାଟୁଳଟି ନଥିଲା । ମୁଁ ସାନୁଭାଇକୁ ପଗ୍ଚରିଲି, ଅନ୍ୟ ପିଲାଙ୍କୁ ପଗ୍ଚରିଲି । କାନ୍ଦି କାନ୍ଦି ଗ୍ଚରିଆଡେ ଖୋଜିଲି, କିନ୍ତୁ ପାଇଲି ନାହିଁ । ମୋର ସଠିକ୍ ସନ୍ଦେହ ସାନୁଭାଇ ଉପରେ ଥିଲା । ତେଣୁ ଘରେ ଯାଇ କାନ୍ଦି କାନ୍ଦି ନୟାନ୍ତ ହୋଇ ପଡିଲି । ବୁଢା କାଳରେ ତିନି ଝିଅ ପରେ ଏକମାତ୍ର ପୁଅ ହୋଇଥିବାରୁ ମୋର ଲୁହ ଦେଖିଲେ ମାଆ ବାପା ପାଗଳ ହୋଇ ଯାଉଥିଲେ । ସେମାନେ ଯେତେବେଳେ ଏକଥା

ଜାଣିଲେ, ସାନୁଭାଇ ଘରକୁ ଯାଇ ଜେରା କରିବା ସହ ଅନେକ ଗାଳ ଗୁଲଜ କରିଥିଲେ । ସାନୁଭାଇ ସଫା ମନା କରିଦେଇଥିଲା, ସେ ବାଟୁଳ ନେଇନ ବୋଲି ।

ସେହିଦିନଠାରୁ ମୋ ଜୀବନର ବାଟୁଳ ସାଥେ ସାଥେ ସାନୁଭାଇର ଅଧ୍ୟାୟ ମଧ୍ୟ ବନ୍ଦ ହେଲା । ଘର ଲୋକଙ୍କ କଥା ମାନ, ସର୍ବୋପରି ମୋ ନିଜ କ୍ରୋଧର ବଶବର୍ତ୍ତି ହୋଇ ମୁଁ ଆଉ ସାନୁଭାଇ ସହ ମିଳାମିଶା କଲି ନାହିଁ । ଏବେ ମନେପଡୁଛି ବିଚରା କେତେ କାକୁସ୍ଥ ହୋଇ ଆଶାୟୀ ଦୃଷ୍ଟିରେ ସେ ମୋତେ ଅନେଇ ଥାଏ । କେତେ ହାତଗୋଡ ଯୋଡେ, ତା ସ୍ନେହକୁ ମୁଁ ନିଷ୍ଠୁର ଭାବରେ ଦଳ ଦିଏ ।

ଅଳ୍ପଦିନ ପରେ ମୋ ବାପା ସେଠାକାର ସମସ୍ତ ଚଳାଚଳ ସମ୍ପତ୍ତି ବିକ୍ରି କରିଦେଇ ଗାଁ ଛାଡି ଭୁବନେଶ୍ୱରରେ ଆସି କୋଠାବାଟି କରି ବସବାସ କରନ୍ତି । ସେହିଦିନଠାରୁ ବାପା ଗାଁକୁ ଫେରନ୍ତି ନାହିଁ କି ମୁଁ ମଧ୍ୟ । ମୁଁ ଧିରେ ଧିରେ ଗାଁ କୁ ଆଉ ସାନୁଭାଇକୁ ଭୁଲିଯାଏ । ଇତି ମଧ୍ୟରେ ମୋର ପଢା ସରେ । ଚାକିରୀ ହୁଏ । ବାପାମାଆଙ୍କର ତିରୋଧାନ ପରେ ଭଉଣୀମାନେ ଆସି ମୋର ବାହାଘର କରନ୍ତି । ମୋର ତିନି ବର୍ଷର ଝିଅଟିଏ ମଧ୍ୟ ଥାଏ । ଚଠିଟି ପୂରା ପଢିସାରିଲା ବେଳକୁ ମୋର ଦୃଷ୍ଟି ଧୂଆଁଳିଆ ହୋଇ ଯାଇଥାଏ ।

"କଣ ଲେଖାହୋଇଛି? କିଏ ଲେଖିଛି? "

ଅନିତା ପଚାରୁଥାଆନ୍ତି । ମୋବାଇଲଟି ଊଁ ତାଙ୍କ ହାତକୁ ବଢାଇଦିଏ । କିଛି ସମୟ ଗୁମ୍ ମାରି ବସି ହଠାତ୍ ମୁଁ ଠିଆ ହୁଏ ଓ କୁହେ, "ସାନୁଭାଇର ଶେଷ ସନ୍ତକ ଛୁଆଟିକୁ ମୋତେ ଆଣିବାକୁ ପଡିବ ।"

ଯଥା ଶୀଘ୍ର ମୁଁ ଗାଁ ଅଭିମୁଖେ ଯାତ୍ରା କରେ । ଏତେ ବର୍ଷ ପରେ ଗାଁ ମାଟି ମାଡି ମୋର ଦେହ ଶୀହରୀ ଉଠେ । ଗାଁ ଅନେକ ବଦଳ ଯାଇଥାଏ । ମୁଁ ଅନାୟାସରେ ଆମ ଭିଟାମାଟିରେ ଘର ପାରକରି ସାନୁ ଭାଇ ଘରେ ଯାଇ ଠିଆ ହୋଇଯାଏ । ଘର ସାମନାରେ ଖୁବ୍ ଗହଳ । ମୋତେ କେହି ଚିହ୍ନି ପାରୁ ନଥାନ୍ତି । ଲୋକଙ୍କ ପରସ୍ପର କଥାବାର୍ତ୍ତାରୁ ମୁଁ


ଜାଣିପାରେ ଯେ ସାନୁଭାଇର ସ୍ତ୍ରୀ ଶେଷ ନିଶ୍ବାସ ନେଇ ସାରିଥାନ୍ତି । ଛୁଆଟି ବାପ ଛେଉଣ୍ଡ ଥିଲା । ଏବେ ମାଆ ଛେଉଣ୍ଡ ମଧ୍ୟ ହୋଇଗଲା । ଏତେ ବଡ ଦୁନିଆରେ ତାର ଶେଷ ସାହାରା ମଧ୍ୟ ଗୁଲିଗଲା । କିଏ ତାର ଦାୟିତ୍ୱ ନେବ ।

କଷ୍ଟେ ମଷ୍ଟେ ଭିଡକୁ ଦିଫାଳ କରି ମୁଁ ଭିତରେ ପଶିଲି । ଭାଉଜଙ୍କ ଆଖି ଦୁଇଟି ଖୋଲାଥିଲା । ସେଥିରେ ଆଶା ଓ ବିଶ୍ୱାସ ଭରି ରହିଥିଲା, ଯେମିତି ମୋରି ଉଦ୍ଦେଶ୍ୟରେ ।

ପାଖରେ ପାଞ୍ଚବର୍ଷର ଶିଶୁ, ତାଙ୍କ ପୁଅ କାନ୍ଦୁଥିଲା ବିକଳ ହୋଇ, କିଛି ନବୁଝି, ମାଆର ଶବକୁ କୁଣ୍ଢେଇ ଧରି ।

ମୋର ଆଖି ବିସ୍ଫୋରିତ ହୋଇଗଲା । ଭାଉଜଙ୍କ ଡାହାଣ ହାତରେ ନାଲି ବାଟୁଳିଟି ଜୁଳୁଜୁଳୁ ଅନେଇଥିଲା କେବଳ ମୋତେ ।


ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ



# ତୁମେ ହିଁ ଠାକୁର

ବନ୍ଦିତା କର

ଚତୁର୍ଦ୍ଦିଗେ ଦୃଶ୍ୟମାନ ତୁମେ ହିଁ ଠାକୁର !
ହସ ତୁମେ, କାନ୍ଦ ତୁମେ
ସୁଖ ତୁମେ ଦୁଃଖ ତୁମେ,
ନିର୍ବାଣର ମରୀଚିକା
ଜୀବନର ଶେଷକ୍ଷଣେ
ଆଦିଅନ୍ତ ଭାବନାରେ, ତୁମେ ହିଁ ଠାକୁର !!!
ଚତୁର୍ଦ୍ଦିଗେ ଦୃଷ୍ୟମାନ ତୁମେ ହିଁ ଠାକୁର !!!
ନ କହିଲେ ଶୁଣ ତୁମେ
ନ ଦେଖିଲେ ଜାଣ ତୁମେ
ଜଳସ୍ଥଳ ଆକାଶରେ
ପରିବ୍ୟାପ୍ତ ପ୍ରତିକୋଣେ,
ନିଦ୍ରା ଆଉ ଜାଗ୍ରତରେ ତୁମେ ହିଁ ଠାକୁର!
ଚତୁର୍ଦ୍ଦିଗେ ଦୃଶ୍ୟମାନ ତୁମେ ହିଁ ଠାକୁର !!!
ଭାବଗ୍ରାହୀ ବୁଝୁଛତ, ମୋ ହୃଦର ଭାଷା,
କାହିଁକି ବା ଶୁଣେଇବି ଦୁଃଖ ଚଉତିଶା !
ନ ଡାକିଲେ ଆସ ତୁମେ
ନ ମାଗିଲେ ଦିଅ ତୁମେ,
ନିରନ୍ତର ବିଦ୍ୟମାନ
ତନ୍ତ୍ରେ ତନ୍ତ୍ରେ ପ୍ରାଣେ ପ୍ରାଣେ
ଆସ୍ଥା ଆଉ ବିଶ୍ୱାସରେ ତୁମେ ହିଁ ଠାକୁର !
ଚତୁର୍ଦ୍ଦିଗେ ଦୃଶ୍ୟମାନ ତୁମେ ହିଁ ଠାକୁର !!!



ଶିକ୍ଷୟିତ୍ରୀ, ନବରଙ୍ଗପୁର, ଓଡିଶା

# ରକ୍ଷକ



ସୌମ୍ୟ ରଞ୍ଜନ ପାଲ

ଗୃଦର ଘୋଡାଅ ଅମିରଙ୍କୁ ଏଠି ଗରିବଙ୍କୁ ଦଣ୍ଡ ଦିଅ
ସାଥେ ବିଦାକର ସଚ୍ଚୋଟଙ୍କୁ ଆତ୍ମା ଖଳଙ୍କୁ ଆଦରି ନିଅ ।
ଦିବାକର ଆଗେ ପ୍ରବଚନ ପୁଣି ଯାମିନୀରେ ସୁର୍ ପିଅ
ମଧୁଝର୍ ବାଣୀ ସମ୍ମୁଖେ ବତାଇ ଗରଳେ ଜୀବନ ନିଅ ॥

ରୋହିଣୀ ରକ୍ଷକ ଭ୍ରତରେ ଏବେ ମାନବଙ୍କୁ ମାରିଦ୍ୟନ୍ତି
ନିରୀହ ନର ଅପହରଣ ନାମେ ଯମପୁର ଖେଦିଦ୍ୟନ୍ତି ।
ପରିବେଶ ଆଜି ପ୍ରଦୂଷିତ ହେଲେ ଜ୍ଞାନୀ ସବୁ ଦେଖୁଛନ୍ତି
ଜାଣେନା ମନେ ଉପାୟ ଖୋଜନ୍ତି ନା ଚେଇଁ ଶୋଇରହିଛନ୍ତି ॥

ରଣାଙ୍ଗଣେ ନବ ବିବାହିତ ଧର୍ ନାମେ ଶୋଣିତ ବୁହାଏ
କାର୍ଗାରେ କେବେ ପରିବାରେ ଲୋଭେ ହାତକଡି ଲ୍ଞ୍ଜ ଖାଏ ।
ଧୋବ ଫରଫର କପା କନା ତଳେ କୁର୍ବର ରକତ ପିଏ
ଅବିଶ୍ୱାସୀ ଚୁପି ଆକର୍ଣ୍ଣକ ମନ ଅଙ୍ଗ ସାଥେ ଲୁଟିନିଏ ॥

କଳାକୋଟ୍ ଆଜି ମହାମାନ୍ୟ ଆଗେ ମଳମୁଣ୍ଡିଆଙ୍କୁ ଧରେ
କଳାପଟା ହାଏ କଳୁଷିତ ହାତେ ଲ୍ଜ ସରମରେ ମରେ ॥

ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା

# ସେମାନେ, ମୁଁ ଆପଣ

ମୂଳରଚନା ( ହିନ୍ଦୀ) : ସତୀଶ ନୂତନ
ଓଡିଆ ଭାଷାନ୍ତର: ସନାତନ ମହାକୁଡ


ସନାତନ ମହାକୁଡ

ଆମ ସଭିଙ୍କ ପାଇଁ

ଭୋକଲ୍ ଉତ୍ପନ୍ନ କରନ୍ତି ଶସ୍ୟ

ମୁଁ ଭୋକ ବିରୁଦ୍ଧରେ କବିତା

ଆଉ ଆପଣ ଭାଷଣ ।

ବେରୁଆଁବାରୀ, ନୟାଗଡ, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733

# ଅଷ୍ଟ୍ରିଆ - ଏକ ଅଭୁଲା ସ୍ମୃତି



ସୁଲୋଚନା ପଟ୍ଟନାୟକ

ଅଷ୍ଟ୍ରିଆ ଦେଖିବାକୁ ଅନେକ ଦିନରୁ ଇଛା ଥିଲା । କେବେଯେ ଦେଖି ପାରିବି ସେ ବିଶ୍ୱାସ ନ ଥିଲା । ମଣିଷ ଅନେକ ସ୍ୱପ୍ନ ଦେଖେ । ସବୁ ସ୍ୱପ୍ନ ସତ ହୁଏନ । କେତେ ଆଶା ଆଶାରେ ହିଁ ରହିଯାଏ । କେତେ ଆଶା ସ୍ୱପ୍ନରେ ସାକାର ହୁଏ । ମନ ଅନେକ କଛି ଚାହେଁ, ଚାହିଁଲେ ସବୁ ପାଇ ହୁଏନା । ସେଥିପାଇଁ ଚେଷ୍ଟା କରିବାକୁ ହୁଏ । ଭଲମନ୍ଦ ପରଖି ନେଇ, ପରସ୍ଥିତିକୁ ଆଗରେ ରଖି କାମ କରିବାକୁ ହୁଏ । ପିଲାବେଳରୁ ଏ ଯାବତ ମୁଁ ସ୍ୱପ୍ନ ଦେଖି ଚାଲିଛି । ସ୍ୱପ୍ନ ଦେଖିବାକୁ ପଇସା ପଡେନା । କନ୍ତୁ କଛି ସ୍ୱପ୍ନ ଥାଏ ଯାହାକୁ ସାକାର କରିବାକୁ ମଣିଷ ସର୍ବଦା ଅପେକ୍ଷାରତ ଥାଏ । ଭାରତରେ କଟିଥିବା ସମୟରେ, ପାଠ ପଢିବା, ପାଠ ପଢି ଚାକରି କରିବା ଆଉ ମନ ମୁତାବକ ଖର୍ଚ୍ଚକରିବା ହିଁ ମୂଳ କଥା, ମୂଳ ଚନ୍ତା, ମୂଳସ୍ୱପ୍ନ ଥିଲା । ସେସବୁ ପୂରା ହେବାପରେ ପୁଣି ଆଉ ଗୋଟିଏ ସ୍ୱପ୍ନ ମୁଣ୍ଡ ଟେକେ, ମନ ଆଉ କଛି ଚାହେଁ । ମନକୁ ସନ୍ତୁଷ୍ଟ କରିବା ଭାରି କାଠିକର ପାଠ ପରି ମନେ ହୁଏ । ମନେ ଅଛି, ଦାଦା ଦିନେ ପଚାରିଲେ, "ମନ କହୁଛି ରସଗୋଲା ଖାଇବାକୁ । ମନ ବୋଧ କରି ଖାଇ ସାରିଲା ପରେ ଆଉ କ'ଣ କରିବୁ ? କେତେବା ରସଗୋଲା ଖାଇବୁ ? ଶେଷକୁ ରସଗୋଲାରୁ ମନ ଛାଡିଯିବ"। ମନ ମୋର ବୁଝି ନଥିଲା ସେଦିନ । ମନ ବି ବୁଝିନାହିଁ ଏ ଯାଏ । ମନ ସବୁବେଳେ କଛି ନୂଆ କଥା ପାଇବାକୁ ଅବା କଛି ନୂଆ କଥା ଗଢିବାକୁ ଚାହୁଁଥାଏ । କେତେବେଳେ ସପନର ମିନାର ଗଢି ହୋଇଯାଏ ତ କେତେବେଳେ ଭାଙ୍ଗିଯାଏ । କେତେବେଳେ ଭଙ୍ଗାରୁଜା ସପନକୁ ଏକାଠି କରି, ମନ ବଳକୁ ଅଧିକା କରି

ଭଙ୍ଗା ମନ ଓ ଭଙ୍ଗା ହୃଦୟକୁ ଆଗକୁ ନେଇ, ନିଜର ମନବଳର ପରାକ୍ରମ ଦେଖାଇବାକୁ ଇଛା ହୁଏ ।

ମନ ପରିସ୍ଥିତିର ଦାସ ହୋଇ ଭିନ୍ନ ପ୍ରକାରର ସପନ ଦେଖିବାକୁ ବାଧ୍ୟହୁଏ ବେଳେବେଳେ। ମଧ୍ୟବିତ ପରିବାରରେ ବଢିଲାବେଳେ, ସ୍ୱପ୍ନକେବେ ନଥିଲା ୟୁରୋପ ଭ୍ରମଣରେ ଯିବା ପାଇଁ। ନିଜ ଛୋଟ ସହରରୁ ଯାଇ ବଡ ସହରରେ ପଢାପଢି କରି ଗୃହକର୍ତ୍ତୀ କଲାପରେ, ନିଜ ଦେଶରେ ବଡବଡ ସହର ଭ୍ରମଣର ଆନନ୍ଦ ପାଇବାକୁ ଇଛା ଥିଲା । ପ୍ରଥମେ ପ୍ରଥମେ ଓଡିଶାର ବଭିନ୍ନ ଦର୍ଶନୀୟ ସ୍ଥାନ ଦେଖିବାକୁ ଇଛା ଥିଲା । କିଛି ଦେଖିବାର ସୁଯୋଗ ମିଳଲା କିଛି ଅଦେଖା ହୋଇ ରହିଗଲା । ସମୟ କ୍ରମେ ଓଡିଶା ବାହାରକୁ ଯିବାର ସୁଯୋଗ ମିଳଥିଲା, ଦେଖିଥିଲି ମାନ୍ଦ୍ରାଜ, ନୂଆଦିଲ୍ଲୀ, କଲିକତା, ବିହାର, ପଣ୍ଡିଚେରୀ, ବନାରସ, କେରଳ, ମୁମ୍ବାଇ । ପୁରୀ, କୋଣାର୍କ, ଭୁବନେଶ୍ୱର, ଯାଜପୁର, ଇତ୍ୟାଦି ଧର୍ମସ୍ଥାନ ଦେଖି ଏବଂ ସେଇ ସ୍ଥାନ ମାନଙ୍କର ମନଲୋଭା ଦୃଶ୍ୟ ଦେଖି ମନ କହୁଥିଲା ଆହୁରି ଅଦେଖାକୁ ଦେଖିବାକୁ ଆଉ ସେଇ ଭ୍ରମଣର ଆନନ୍ଦ ନେବାକୁ । ଭଗବାନଙ୍କର ଅର୍ଶୀବାଦରେ ଅନେକ ସ୍ଥାନ ଦେଖିବାର ସୁଯୋଗ ମିଳଥିଲା । କିନ୍ତୁ ସମୟକ୍ରମେ ସବୁଥିରେ କିଏ ଯେମିତି ଗୁବି ପକାଇଦେଲା । କିଛିଦିନ ବିନା ସ୍ୱପ୍ନରେ, ବିନା ଆଶାରେ ବିତିଗଲା । ଜୀବନ ହୋଇଗଲା ଗତାନୁଗତିକ । ଖାଅ, ପିଅ, ଉଠ, ବସର ତଥାକଥିତ ଜୀବନ । ଦିନ ପରେ ଦିନ ବିତିଗଲା । ଏ ଭିତରେ ବାହାଘର, ସ୍ୱାମୀସନ୍ତାନର ଜୀବନ, କଷ୍ଟେ ମଷ୍ଟେ ଚଳବା ଅଭ୍ୟାସରେ ପଡିଗଲା । ସ୍ୱପ୍ନ କୁଆଡେ ଛପିଗଲା । ଦିନେ ଅଗ୍ରନକ ମନେ ହେଲା ନିଜର ଛୋଟ ପୃଥବୀରୁ ଦୂରକୁ ଯିବାକୁ ହେବ, ବାହାର ଦୁନିଆକୁ ଦେଖିବାକୁ ହେବ। ଆଖିର ଧର୍ମ ଆଖି ପାଳନ କରୁଥିବ ଆଉ ମୁଁ ଦେଖିବି ମୋ' ଆଖ ପାଖର ଦୁନିଆକୁ ।

ବାହାଘର ପରର ଜୀବନ ଆରମ୍ଭ ହେଲା ଉତ୍ତର ଆମେରିକାରେ । ପ୍ରଥମ ଦୁଇବର୍ଷ କାନାଡାରେ କଟିଲା । ଅନ୍ୟ ଭାଷାର ଦେଶ । ଶିଖିବାକୁ ପଡିଲା ଫ୍ରେଞ୍ଚ, ରହିବାକୁ ହେଲା ବରଫମୟ ଅଞ୍ଚଳରେ । ଅନେକ ନୂଆ ଅନୁଭୂତି । ଅନୁଭୂତି ଟିକିଏ ନିଜକୁ ସହଜ

କରାଇବା ପୂର୍ବରୁ ଆସିବାକୁହେଲା ଆମେରିକା । ମନ କହିଲା ଏଇ ହେଲା ଭଗବାନଙ୍କର ଆଦେଶ । ପୁଣି ଆଦରେଇବାକୁ ହେବ ନୂଆ ପରିସ୍ଥିତିକୁ । ବାହାହୋଇ ନୂଆ ଜୀବନ ସହିତ ଏ ନୂଆ ଦେଶ, ନୂଆ ଗ୍ଭଲିଚଳନ ସହିତ ଖାପଖୁଆଇ ଚଳବା ସହଜ ନୁହେଁ, କନ୍ତୁ ଅନ୍ୟ ଗତି ହିଁ ନଥିଲା । କଛି ଦୁଃଖକୁ ପାଶୋରିବାକୁ ସାହାଯ୍ୟ କରିଥିଲା ପୁଣି କଛି ନୂଆ ସ୍ଥାନ ବୁଲି ଦେଖିବାର ନୂଆ ଅନୁଭୁତି । ସମୟ ଗଡି ଗ୍ଭଲିଲା । ତିରିଶ ବର୍ଷ କଟିଗଲା ଗ୍ଭହୁଁଗ୍ଭହୁଁ । ଆଉ କଛି ଦେଖିବାର ଇଛା ଆକାଂକ୍ଷା ବଳବତ୍ତର ହେଉଥିଲା ଭିତରେ ଭିତରେ । କନ୍ତୁ ସମୟ, ସୁବିଧା ଆଉ ଆର୍ଥିକ ଅସ୍ୱଛଳତା ସେ ସୁଯୋଗ ଆଣି ପାରୁନଥିଲା । ଆଜି ଅନେକ ଦିନ ପରେ ସେ ଇଛାର କୟାଦଂଶ ପୂରଣ ହୋଇଛି । ୟୁରୋପ ଭ୍ରମଣ କରିବାର ସୁଯୋଗ ମିଳିଛି । ଦଶ ଦିନରେ ଗ୍ଭରି ପାଞ୍ଚଟି ଦେଶ ଯିବାର ଯୋଜନା ହୋଇଛି । ଆଗରୁ ୟୁରୋପର ଦୁଇ ତିନୋଟି ଏୟାରପୋର୍ଟ ଦେଇ ଯିବାଆସିବା ହୋଇଥିଲା କନ୍ତୁ ତାକୁ ତ ଦେଶ ଭ୍ରମଣ କୁହାଯାଇ ପାରିବ ନାହିଁ । ଏବେ ନଶ୍ଚିତ ଭାବରେ ରୋମ, ଇଟାଲି ଓ ଅଷ୍ଟ୍ରିଆ ଦେଖିବାର ପ୍ରବଳ ଆଗ୍ରହ ରହିଛି । ସାହିତ୍ୟ, ଇତିହାସ ଆଉ ଭୂଗୋଳରେ ପଢିଥିବା ଯାଗା ଗୁଡିକ ଦେଖିବାର ଏକ ଏହେତୁକ ଆକର୍ଷଣ ରହିଛି ମନରେ । ସେଇ ସ୍ୱପ୍ନ ସାକାର ହେବାକୁ ଯାଉଛି ବୋଲି ଭଗବାନଙ୍କୁ ଅଶେଷ ଧନ୍ୟବାଦ ଜଣାଇ ମୋର ସ୍ୱଳ୍ପ ଅନୁଭବକୁ ଆପଣ ମାନଙ୍କୁ ଶୁଣାଇବାର ପ୍ରୟାସକରୁଛି ।

ସେଦିନ ଥିଲା ମେ ମାସ ୨୩ ତାରିଖ । ଆମେ BWI ଏଆରପୋର୍ଟରୁ ନଉୟର୍କ ଦେଇ ଜୁରିକ ( Zurish) ଏଆରପୋର୍ଟରେ ପହଞ୍ଚିଗଲୁ । ସେଠାରୁ ଦୁଇ ଦିନପରେ ରୋମ ଯିବାର ବ୍ୟବସ୍ଥା ଥିଲା । ମୋ ଭାଇର କଥା ମତେ ଗୋଟିଏ ଦିନର ବିଶ୍ରାମ ନେଇ ଆମେ ରୋମ ଗଲୁ । ଗ୍ଭରିଦିନରେ ରୋମର Vertican City ଆଉ କଲୋସିୟମ ଆଉ ରୋମ ସହର ବୁଲିବାପରେ ପୁଣି ଫେରିଲୁ ଅଷ୍ଟ୍ରିଆ । ଭାଇ ଆଉ ତାଙ୍କର ଅଷ୍ଟ୍ରିଆନ ସ୍ତ୍ରୀ ଆମକୁ ଆସି ତାଙ୍କ ଘରକୁ ନେଇଆସିଲେ । ଗ୍ଭରିଘଣ୍ଟାର ରାସ୍ତା । ପାହାଡ ଘେରା ସହର । ପାହାଡ କାଟି କାଟି ଯାଉଥାଏ କଳା ପିଚୁରରାସ୍ତା । ଦୁଇ ପାଖର ଟ୍ରାଫିକ, ଗତିଶୀଳ । ଦୁଇ ବିପରିତ ଦିଗ ଦର୍ଶାଇବାକୁ ରାସ୍ତାରେ ଧଳା/ ହଳଦିଆ ଗାର ନଥାଏ । ରାସ୍ତାକଡରେ

ବିଜ୍ଞାପନର ଫଳକଟିଏ ନଥାଏ । ଭାରତରେ ଏହାର ପ୍ରାଚୁର୍ଯ୍ୟ ଦେଖାଯାଇଥାଏ । ଆମେରିକାରେଭାରତ ପରି ଏହାର ବହୁଳତା ନଥିଲେ ମଧ୍ୟ ବ୍ୟବସାୟମାନଙ୍କର ବିଜ୍ଞାପନ ରାସ୍ତାକଡରେ ଜଣାଇ ଦେଇଥାଏ କେଉଁଠି କଣ ମିଳପାରିବ । ଏଆରପୋର୍ଟରୁ ଡୋର୍ଣବିର୍ଣ ( Dornbirn) ପର୍ଯ୍ୟନ୍ତ କୌଣସି ଗୋଟିଏ ଫଳକ ଦେଖିବାକୁ ମିଳଲା ନାହିଁ, ଏପରିକି ପରବର୍ତ୍ତି ବିଶ୍ରାମଗାରର ସୂଚନାମଧ୍ୟ ।

ଦୁଇ କଡର ଘଞ୍ଚ ସବୁଜ ବନାନୀର ସୌନ୍ଦର୍ଯ୍ୟ ମୋ ମନକୁ ଆବୋରି ବସିଥାଏ । ମଝିରେ ଦେଖିଲୁ ଦାନ୍ୟୁବ ଆଉ ରାଇନ ନଦୀ । କେବଳ ଭୂଗୋଳରେ ପଢିଥିଲି ଏ ଦୁଇ ନଦୀର ନାମ କେବେ ସ୍ୱପ୍ନରେ ଭାବି ନଥିଲି ଏ ସବୁ ଦେଖିବାର ସୁଯୋଗ ମିଳବବୋଲି । ଦାନ୍ୟୁବର ବିରାଟ ବନ୍ଧ ଦେଇ ଗାଡି ଚାଲିଥାଏ । ରାସ୍ତାରେ ଚହ୍ଲା ଗଛଟିଏ ବି ଦେଖା ଯାଉ ନ ଥାଏ । ଆମେରିକା ପରି ରାସ୍ତାକଡର ମେପ୍ଲ ଗଛ ବି ଦେଖାଗଲା ନାହିଁ । ସବୁ ଅଚହ୍ଲା, ସବୁ ନୂଆ ଆଉ ସବୁ ସୁନ୍ଦର । ମଝିରେ ମଝିରେ ଦୂରରୁ ଖେତ ଆଉ ଗାଇ ଚରିବାର ଦେଖି ମୁଁ ଖୁସି ହୋଇଗଲି । ହୃଷ୍ଟ ପୃଷ୍ଟ ଗାଇ ମାନେ । ଖୋଲାମେଲାରେ ଖୁସିବାସିରେ ଚରୁଥିବା ପରି ମନେ ହେଲା । ଭାଉଜ କହିଲେ ଏଠି Farmland ଅନେକ ଅଛି ଏବଂ ସେମାନେ ଦୋକାନରୁ ଖୀର ନ କଣି ଚାଷିଙ୍କଠାରୁ ସିଧା ଖୀର ଆଉ ଅଣ୍ଡା କଣିଥାନ୍ତି । ଭାବିଲି ଏସବୁ ତ କେବଳ ଗାଁ ଗହଳରେ ଦେଖିବାକୁ ମିଳେ । କିନ୍ତୁ ସେମାନେ ତ ସହରରେ ରହୁଛନ୍ତି । ମନରେ ଏହିପରି ଅନେକ ପ୍ରଶ୍ନ ଆସୁଥାଏ, ଆମେ ଚାଲିଥାଉ । ଅନେକ ବାଟ ଯିବାପରେ ବିଶ୍ରାମଗାରଟିଏ ଦେଖି ରହିଲୁ । ଯାତ୍ରୀଙ୍କର ଯାହା ଆବଶ୍ୟକୀୟ ଜିନଷ ସେଠି ସଜାହୋଇ ରହିଥାଏ । କିନ୍ତୁ ବିଶ୍ରାମଗାରକୁ ଯିବାକୁ ପଇସା ଦେଇ ଯିବାକୁ ହୁଏ । ଏହାଦେଖି ଭାବିଲି ଏଇଥି ପାଇଁ ଏ ଦେଶ ଦେଖିବାକୁ ଏତେ ସୁନ୍ଦର ଓ ପରିଷ୍କାର। ଅଷ୍ଟ୍ରିଆର ସବୁସ୍ଥାନ ପ୍ରାୟ ଗୋଟିଏ ଯୋଜନାରେ ଗଢା ଯାଇଥିବା ପରିମନେ ହେଲା । ଏପରିକି ପାହାଡ କାଟି ଗାଡି ଯାଉଥିଲେ ମଧ୍ୟ ଗତିରୁ ମନେ ହେଉଥାଏ ସତେ ଯେମିତି ଆମେ ସମତଳ ଭୂମି ଦେଇ ଗତି କରୁଛୁ । ଇଞ୍ଜିନୟରିଂର ଚାତୁର୍ଯ୍ୟ ମନକୁ ଆଚମ୍ଭିତ କରୁଥାଏ । ପାହାଡ କଡେ ସୂର୍ଯ୍ୟ ଲୁଚୁକାଳି ଖେଳୁଥାଏ । ବାଦଲହୀନ ଆକାଶ

ସୂର୍ଯ୍ୟରଶ୍ମୀକୁ ବିଛୁରିତ କରୁଥାଏ ପୃଥିବୀକୁ । ସକାଳ ସୂର୍ଯ୍ୟର ନରମ ସ୍ପର୍ଶରେ ପୃଥିବୀ ନିଦ୍ରାଭଗ୍ନର ପ୍ରୟାସ କରୁଥାଏ । କଳା ପିଚୁ ରାସ୍ତା ଅସରନ୍ତି ମନେ ହେଉଥାଏ - ସତେ ଯେମିତି ଲମ୍ବି ଚାଲିଛି ଏକ ଅଜଣା ଦେଶକୁ । କେଉଁ ଅଚହ୍ନା ପାହାଡ ତଳେ ଛପିଯିବାର ଭ୍ରମ ଧାରଣାବି ସୃଷ୍ଟି କରୁଥାଏ ମଝିରେ ମଝିରେ । ଦୁଇ ବିପରିତ ଦିଗରେ ଗତି କରୁଥିବା ଧାବମାନ ଗାଡିଗୁଡିକ ନିଜ ସୀମା ଅତିକ୍ରମକରୁନଥାନ୍ତି । ପ୍ରାୟ ଶବ୍ଦହୀନ ହୋଇ ଚାଲିଥାନ୍ତି । କେଉଁଠି କେଁ କଟର ନାହିଁ । କେଉଠି ପକ୍ଷିଟିଏ ବି ଦେଖା ଯାଉନାହାନ୍ତି । ଚାରିଘଣ୍ଟା କଟିଗଲା କେତେବେଳେ ଜଣା ପଡିଲାନି । ଆମେ ପହଞ୍ଚିଗଲୁ ଡୋର୍ଣବିର୍ଣ ( Dornbirn) ରେ ।

କ୍ରମଶଃ.....

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଶୂନ୍ୟତା



ବିଭୁତି ରଞ୍ଜନ ପାଣିଗ୍ରାହୀ

ନାଲି ଶାଢ଼ୀ ପାଦେ ଅଳତା ସୁନେଲି ଆଖି
ଆଖିରେ କଜଳ ବଳତା
ହାତେ ଶଙ୍ଖା ଦିପଟ କାନେ ଝୁମୁକା
ମେହେନ୍ଦି ହାତେ ରଂଗା ସିଏ ଆଜି
କନ୍ତୁ ଓଠେ ତା ନୀରବତା

କେଶ ତା ଫୁଲରେ ସଜ୍ଜିତ
ମଥାରେ ତାର ସିନ୍ଦୁର ବିଭୂଷିତା
ପରନ୍ତୁ ନାହିଁ ତା ମନେ ସେଇ ନୂଆ ବୋହୁର ଖୁସି
କାହିଁ ସିଏ ଆଜି ଏତେ ଦୁଖିତା

କେବେ ସିଏ କାହାର ଝିଅ ଥିଲ୍
ଥିଲ୍ ପୁଣି କେବେ ସିଏ ପ୍ରେମିକା
କନ୍ତୁ ଆଜି ସିଏ କାହା ଆଗେ ସମର୍ପିତା

ବେଦଗ୍ନି ରେ ଜଳୁଛି ସେଇ ସ୍ମୃତି ଆଜି
ଯାହା କେବେ ଗଢିଥିଲୁ ଦୁହିଁ ମିଶି
ବଂଚିବୁ ସାଥେ ମୋଁ ଏହା ଆଜି ମିଛ
ଛାଡ଼ି ମତେ ଗ୍ଲି ଯିବୁ ଏହା ବାସ୍ତବତା

ଫେରି ଆଉ କେବେ ପାଇବୁ ନାହିଁ ମତେ
ଯେବେ ମୋଁଠୁ ହେବୁ ତୁ ଅଲଗା
ପାଦେ ଆଡେଇ ମୋ ପ୍ରେମକୁ ତୁ
କରିବୁ ମୋ ସାଥେ ବିଶ୍ଵାସଘାତକତା

କେବେ ପାଦ ସହ ପାଦ ମିଶେଇ
ଗ୍ଲୁ ଥିଲୁ ମୋ ସାଥେ
ଆଜି ମତେ ପଛେ ଆଗେଇଲୁ ତୁ
ଏ କପରି ତୋ ନଷ୍ଠୁରତା

କେବେ ଆଖିରେ ସଜେଇଥିଲୁ ମତେ ତୁ କଜଳ ପରି
ଆଜି କାଇଁ ନଇଁ ଯାଉଛି ମତେ ଦେଖି ତୋ ଆଖି ପତା

ହୁଏତ ମୋ ଭଲପାଇବା ରେ ଅଭାବ ଥିଲା
ସେଥିଲାଗି ତୁ ଗଲୁ ମୋ ଠୁ ଦୁରେଇ
କହି ତୁ ପାରି ଥାନ୍ତୁ ମତେ

ଅଛି ମୋ ଠାରେ କେଉଁ ଦୁର୍ବଳତା

ତୋ ଓଠରେ ମୋ ନାଁ ଥାଇବି
ଆଜି କାଇଁ ଏତେ ନୀରବତା

ଥରେ ସାହସ କରି କହିଦେ ମତେ ଭଲ ପାଉ ବୋଲି
ନହଲେ ହଜି ଯିବ ମୋ ସତ୍ତା

ଇଚ୍ଛା ମୋର ଖାଲି ଗୋଟିଏ
ପୂରଣ କରିଦେ ତୋ ଅଭାବର ଶୂନ୍ୟତା

ଗ୍ଭଲି ଆ ମୋଁ ପାଖକୁ ତୁ
ପୂରଣ କରିବି ସିନ୍ଦୁରେ ତୋ ମଥା

ମୋ ଠାରୁ ନିଜକୁ ଅଲଗା କରି
ଗ୍ଭଲିଯିବୁ ବହୁ ଦୁରକୁ
ସହି ପାରିବି ନାହିଁ ଏହି ବ୍ୟଥା
ସହି ପାରିବି ନାହିଁ ଏହି ବ୍ୟଥା.............

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

# ତୁମ ପାଇଁ



ଖଗେଶ୍ୱର ବାଗ

ତୁମ ପାଇଁ କେତେ ଯେ ରାତି ଉଜାଗରେ ବିତିଛି ସଞ୍ଜ ସକାଳ ଦିବସ ବି ଝୁରେ
ହେଲେ ସରିନି ମୋର ପ୍ରତୀକ୍ଷା ତୁମ ପାଇଁ କେବେ ॥
ତୁମ ପାଇଁ କେତେ ଯେ ଲେଖିଛି କବିତା କେବେ ନିର୍ଜନେ କେବେ ଜନସମାଗମେ
ଖୋଜିଛି ତୁମକୁ ହେଲେ ପାଇ ପାରୁନାହିଁ ସାଥୀ ତୁମରି ଠିକଣା ॥
ତୁମ ପାଇଁ କେତେ ଯେ ଦେଖିଛି ସ୍ୱପ୍ନ ଗଢ଼ିଛି ସୁଖର ସଂସାର ସାଇତିଛି ସ୍ମୃତି
ଦେଉଛି ଗଭୀର ବେଦନା ତୁମ ଅନୁପସ୍ଥିତି ॥
ତୁମ ପାଇଁ କେତେ ଯେ ବାନ୍ଧିଛି ଆଶା ଟିକିଏ ସାନ୍ନିଧ୍ୟର ଅଦମ୍ୟ ଲାଳସା
ଦେଇଛ ସାନ୍ତ୍ୱନା ତଥାପି କେବେ ଲୁହ କେବେ ଦରହସା ॥
ତୁମ ପାଇଁ ବଞ୍ଚିଛି ମୁଁ ଅନଚ୍ଛାର ସତ୍ତ୍ୱେ
କାଳେ ତୁମେ କହିଦେବ ମିଛୁଆ ଗୋ ମୋତେ
"ପରଦେଶୀ, ମୋ ପ୍ରତୀକ୍ଷା ତୁମ ପାଇଁ"
ଆସି ଥରେ ଦେଖିନଅ ସତେ ॥

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଆବିଷ୍କାର



ପୂର୍ଣ୍ଣଚନ୍ଦ୍ର ରଣା

ଆବିଷ୍କାରର ଶେଷ ଅକ୍ଷର
ର' ରେ ରହିଛି ସିନା
କନ୍ତୁ ରହିଯାଇଛି ଅନେକ ତଥ୍ୟ
ସେହି ଆବିଷ୍କାରରେ,
କଏ ଦିଏ ଆବିଷ୍କାରର
ଶେଷ ସିଦ୍ଧାନ୍ତ ତ
ଆଉ କଏ ରହିଯାଏ
ସେ ଆ' ମଧ୍ୟରେ
ଘାଣ୍ଟି ହୁଏ ତା ମନ ଭିତରେ
ଅସୁମାରି ଭ୍ବନା
ବଢ଼ିଗଲେ ଆଗକୁ ସେ
ନେଇ ନୂଆ ସମ୍ଭାବନା ॥୧॥

ସତେ କ'ଣ ଏ ଆବିଷ୍କାର
ଏତେ କଷ୍ଟସାଧ୍ୟ
କେମିତି ପାଇବି ତାର ପ୍ରକୃତ ପରିଚୟ

ଆଉ କଏ ମତେ ଚହ୍ନେଇ ଦେବ

ତା'ର ସେଇ ଅଦୃଶ୍ୟ ଶରୀରକୁ

ଏ ହୃଦୟର ଆଢୁଆଳରେ ରହି

ସତେ କ'ଣ ମୋ ହାତକୁ ଧରି

ସେ କହି ପାରିବ

ଦେଖ୍ ଏ ହେଉଛି ତୋ ସାଧନା

ତୋ ମନର ଅନାବନା ଭାବନା

ଆଜି ତତେ ପହଞ୍ଚାଇଛି

ତୋର ଶେଷ ସିଦ୍ଧାନ୍ତରେ ॥୨॥



ଏ ମନ ହଜିଯାଏ ଯେବେ

ଅନ୍ୟ ଏକ ଗ୍ରହରେ

ମସ୍ତିଷ୍କର ତିନ ରେଖାରୁ ବହିଯାଏ

ସ୍ୱେଦର ଅସୁମାରି ଧାର

ସେହି ସ୍ୱେଦକୁ ଦେଖି

ଏ ମନ କହେ,

ହେ ସଙ୍ଗାତ

ଚାଲ ଆଉ ଦୁଇ ପାଦ ଆଗକୁ

ବୋଧହୁଏ ତୋ ଲକ୍ଷ୍ୟ ପଥର

ଅନ୍ତିମ ଦୁଇ ପାଦ ବାକି ରହିଛି

ବହୁତ ଶୀଘ୍ର ପହଞ୍ଚିବୁ

ତୋ ଲକ୍ଷ୍ୟ ପଥରେ

ଅନ୍ତିମ ସୋପାନରେ ॥ ୩ ॥

କରିବୁ କଛି ନୂଆ "ଆବିଷ୍କାର

ପାଇବୁ ନୂଆ ପୁରସ୍କାର

ତୋର ସେହି ଅଙ୍ଗଭଙ୍ଗୀକୁ ଦେଖି

କହିବେ ସଭିଏଁ

ଧନ୍ୟ ତୁ ମଣିଷ

ଧନ୍ୟ ତୋର ସାହାସ

ଦିଅ ତମ ପାଦଧୂଳର

ଗୋଟିଏ ବାଲିକଣା

ସେହି ବାଲିକଣାକୁ ମୁଁ

ରୂପ ଦେବି ଦେବତା ସମ୍ମାନ

ପୂଜା କରିବି ତାକୁ ଆଜୀବନ

ଆଉ ଭଜି ହେବି

ଧନ୍ୟ ତୁ ମାନବ

ଧନ୍ୟ ତୋ "ଆବିଷ୍କାର" ॥ ୪ ॥

ହାଟସିଂହାପୁର, ଯାଜପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"



# ଅତଏବ

ସୁଧାଂଶୁ ଦ୍ୱିବେଦୀ

ତାଙ୍କର ବୟସ କେତେ ହେବ କେଜାଣି? ଅନୁମାନରୁ ଜଣାଯାଏ ଇମାଗୋର ବେଙ୍ଗ ଛୁଆଙ୍କ ପରି ପହିଲି ଆଷାଢର ଉଚ୍ଛୁଳା ଛାତି ଉପରେ ନାଚ ହାଲିଆ ହେବାର ବୟସ ଆଉ ତାଙ୍କର ନାହିଁ । ଅସଂଲଗ୍ନ କଥାବାର୍ତ୍ତା ଭିତରେ ଗୋଟିଏ ଉଶୃଙ୍ଖଳ ମନର ପ୍ରତିକ୍ରିୟା ଉପଲବ୍ଧି କରିବାର ସମୟ ଆସିଗଲାଣି ତାଙ୍କଠି ।

ବୟସର ମଧ୍ୟବର୍ତ୍ତୀ ପାହାଚରେ ଛିଡା ହୋଇ ନିଜ ମନର ଆଇନାକୁ ଗାଢ ଆଖିରେ ଦେଖୁଛନ୍ତି ଅଧ୍ୟାପିକା ଶୁଭଶ୍ରୀ ମହାପାତ୍ର । ଇସ୍....! ସତରେ କି ମଳିନ ଦିଶୁଛନ୍ତି ସେ, ବୋଧହୁଏ ଠିକ୍ ଭାବେ ଯତ୍ନର ଅଭାବରୁ ଧୂଳିମଳିର ଆସର ଜମିଯାଇଛି । ଭଲଭାବେ ମୁହଁ, ହାତ ଧୋଇ ମୁହଁରେ ପାଉଡର, ଲିପଷ୍ଟିକ୍ ଓ କଜ୍ଜଳର ରେଖା ଟାଣି ନିଜକୁ ସଜାଡି ନେଲେ ସେ । ନିଜ ପ୍ରତିଛବିକୁ ଆଉଥରେ ନିରିଖେଇ ଦେଖିନେଲେ ଆଇନାରେ । ନା- ସେଇ ଏକାପରି ଦିଶୁଛନ୍ତି । ଫୁଲ- ଫଗୁଣର ବସନ୍ତ ଗାଥା ଦର୍ପଣ ଭିତରେ ଶକ୍ତିହୀନ ହୋଇ ନିଥର ନିଦରେ ଶୋଇ ପଡିଛି । ଏସବୁ ସତ୍ତ୍ୱେ ନିଜକୁ ଆଉଥରେ ନୂଆ ରୂପରେ ଦେଖିବାପାଇଁ ତାଙ୍କର ସ୍ପୃହା ଜାଗ୍ରତ ହୋଇ ଉଠୁଥିଲା । ହେଲେ ସବୁ ଯେମିତି ତାଙ୍କପାଇଁ ଏକ କଳ୍ପନାର ବାଲିଘର ।

ଏକ ମହାବିଦ୍ୟାଳୟର ସେ ଜଣେ ନାମକରା ଅଧ୍ୟାପିକା । ଛାତ୍ର- ଛାତ୍ରୀଙ୍କ ଠାରୁ ଅଧ୍ୟାପିକା- ଅଧ୍ୟାପକ ମହଲ ପର୍ଯ୍ୟନ୍ତ ସବୁଠି ତାଙ୍କର ନାଁ ରହିଛି । ଜ୍ଞାନର ଅସରନ୍ତି ଉତ୍ସ ସେ । ଶିକ୍ଷା ଦାନରେ ମଧ୍ୟ ନିପୁଣା । ଏଇୟାକୁ ନେଇ ତାଙ୍କର ସମସ୍ତ ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ ଆଜିର ଏ ପହିଲି ଆଷାଢର ରିମ୍ ଝିମ୍ ବର୍ଷାର ପ୍ରାରମ୍ଭରେ ସେ

କାହିଁକି ନିଜକୁ ଖୁବ୍ ନିର୍ଜନ ମନେ କରୁଛନ୍ତି । ବୋଧହୁଏ ସେଇଥିପାଇଁ ପରିଚୟ ଇତିହାସର ପୁନରାବୃତ୍ତି ନକରି ନିଜକୁ ଏକାନ୍ତ ଗୋପନୀୟ ରଖିବାର ପ୍ରଚେଷ୍ଟାରେ ସନ୍ତୁଳିତ ହେଉଛନ୍ତି ବାରମ୍ବାର ।

ଅନେକ କଥା ଭାବି ହୁଏ । କିନ୍ତୁ କହି ହୁଏନାହିଁ । ଅନେକ କଥା ନଭାବି ମଧ୍ୟ ସଙ୍ଗେ ସଙ୍ଗେ କହିହୁଏ । ମନେପଡିବା ଆଉ ଭୁଲିଯିବାର ସେ ଜଣେ ବେମାପି ମଣିଷଟିଏ । ବେଳେ ବେଳେ ସେ ମଣିଷର ମନକୁ ପଶୁର ଖୋଳ ଭିତରେ ଦେଖି ଖୁବ୍ ଘୃଣା କରନ୍ତି । ଅନେକ ସମୟରେ ନିଜର ରୁମ୍ ବନ୍ଦ କରି ଭିତରେ ଶୋଇ ଫୁଲି ଫୁଲି କାନ୍ଦି ଉଠନ୍ତି । ତୁନି ତୁନି ସ୍ୱରରେ ନିଜେ ନିଜକୁ ପ୍ରଶ୍ନ କରି ଉତ୍ତର ଆଶାରେ ନିରାଶ ହୁଅନ୍ତି । କୋହ ମଧ୍ୟରେ ହଜି ଯାଇଥିବା ସ୍ମୃତିକୁ ସାଉଁଟିବାର ପ୍ରଚେଷ୍ଟା କରି ସବୁ ଭୁଲିଯାଆନ୍ତି ।

ଜୀବନଟା ତାଙ୍କପାଇଁ ନିହାତି ଅପମାନଜନକ ହୋଇଗଲାଣି । ତାଙ୍କ ପାଇଁ ଯୌବନ ଦିନେ ସୁଖମୟ ଥିଲା । ଏବେ କିନ୍ତୁ ସେ ଅତୀତର ଇତିହାସ ପୋଡିଯାଇଛି । ପୋଡିଗଲା ଡିଅଣରେ ଆଉ କଣ ବା ସ୍ୱାଦ ଥାଏ? ଶୁଖିଲା ଗଛରେ ପାଣି ମଡେଇଲେ ସେ ଗଛରେ ପତ୍ର କଅଁଳେ ନାହିଁ କି ଫଳ ପୁଷ୍ପ ହୁଏନାହିଁ ସତ....., ତଥାପି ତାଙ୍କୁ ଆଜି ଭାବିବାକୁ ପଡୁଛି ଆଦ୍ୟରୁ ଅନ୍ତଯାଏ.... ।

ସେ ଥିଲେ ବାପା – ମା' ର ଗୋଟିଏ ବୋଲି ଝିଅ । ଏମିତି ଶାଳରେ ଶୈଶବର ପହିଲି କୁଆଁ ରାବଠାରୁ ଆରମ୍ଭ କରି ମାମୁଁଙ୍କର ନାମକରଣ ଗାଁ ର ପ୍ରାଥମିକ ବିଦ୍ୟାଳୟ ଗୁରୁଜୀଙ୍କର ଖଡିଛୁଆଁ ପର୍ବ ପର୍ଯ୍ୟନ୍ତ, ଅନେକ ନିତ୍ୟ- ନୈମିତିକ ଧରାବନ୍ଧା ରୁଟିନ୍ ଅନୁସାରେ ପିଲାଦିନର ବାଲିଖେଳକୁ ଅତିକ୍ରମ କରି ଯୌବନର ପ୍ରଥମାବସ୍ଥାରେ ପଦର୍ପଣ କରିଥିଲେ ସେ ।

ତା ପରେ ବିବାହ ବୟସର ପରିସର ମଧ୍ୟରେ ବାପା- ଭାଇଙ୍କର ବର ଖୋଜା ଅଭିଯାନ । ଭାବି ଶ୍ୱଶୁର, ଶାଶୁ, ସ୍ୱାମୀ ଓ ସ୍ୱାମୀଙ୍କ ବନ୍ଧୁମାନଙ୍କ ପାଇଁ ମାଆଙ୍କ ତରଫରୁ ଆଦର ସମ୍ମାନ – ଅଭ୍ୟର୍ଥନାର ସମାବେଶ । ଶ୍ୱଶୁର ଘର ତରଫରୁ ଯୌତୁକ ଜନିତ ଲମ୍ବା ତାଲିକା

ବିରକ୍ତକରଣ । ଏଇମିତି ଅନେକ ଖୋଜା- ଖୋଜି ପରେ ଶେଷରେ ଜଣେ ଡକ୍ଟର ସ୍ୱାମୀଙ୍କର ସ୍ତ୍ରୀ ଭାବେ ଦିନ, ବାର, ତିଥି, ଲଗ୍ନ ଶିରିକୃତ ହୋଇ ବିବାହ ମଣ୍ଡପରେ ବସିଥିଲେ ସେ । ବାଜା- ତୁରୀ- ମହୁରୀ, ଶଙ୍ଖ- ହୁଳୁହୁଳିର ତାଳେତାଳେ ବ୍ରାହ୍ମଣର ମନ୍ତ୍ର ଉଚ୍ଚାରଣ ସହିତ ହାତଗଣ୍ଠି ପଡିଥିଲା ସ୍ୱାମୀ ଶୀତକଣ୍ଠଙ୍କ ସହିତ ।

ଅନେକ ପ୍ରତୀକ୍ଷାର ରାତି ବାସର ରାତିରେ ସ୍ୱାମୀଙ୍କର ମୃଦୁ ପରଶ ପାଇ ଶିତେଇ ଉଠିଥିଲେ ସେ । ପ୍ରେମର ଅନାବିଳ ଆଲିଙ୍ଗନରେ ଚୁମ୍ବକ ପରି ଲାଗିଯାଇଥିଲେ ସ୍ୱାମୀଙ୍କ ପ୍ରକୋଷ୍ଠ ଛାତି ମଧ୍ୟରେ । ଫଗୁଣର ଫଗୁ ଚହଟି ଯାଇଥିଲା ସାରା ରୁମ୍ ରେ । ଶାଶୁ, ଶ୍ୱଶୁର, ସ୍ୱାମୀ, ନଣନ୍ଦ, ଦେବରଙ୍କୁ ନେଇ ହସ ଖୁସିର ସଂସାରଟା ଆଗେଇ ଯାଇଥିଲା ଆଗକୁ । କିନ୍ତୁ ହଠାତ୍ ସେ ଦିନେ ଅନୁଭବ କଲେ କାଳ ବୈଶାଖୀ ଯେମିତି ମାଡି ଆସୁଛି । ବସନ୍ତର ନିର୍ଦ୍ଦିଷ୍ଟ ସମୟ ଶେଷ ନ ହେବା ପୂର୍ବରୁ ଝଡର ଆଗମନକୁ ଅଟକେଇ ପାରିଲେନି ସେ ।

ଶାଶୁ, ଶ୍ୱଶୁରଙ୍କର ତାଗିଦ୍ ଯୌତୁକ ବାବଦରେ ବାପା ଦେଇପାରିନଥିବା ଆଉ ଅବଶିଷ୍ଟ ଲକ୍ଷେ ଟଙ୍କା ଦେଇଯାଆନ୍ତୁ । ସ୍ୱାମୀଙ୍କର ହୁକୁମ୍ ଶ୍ୱଶୁର ଟଙ୍କା ନଦେଲେ ସ୍ତ୍ରୀ କୁ ଡାଇଭର୍ସ କରିବେ । ନଣନ୍ଦ, ଦେବରଙ୍କର ଅତ୍ୟାଚାର, ଜୁଲୁମ୍, ଅତି ଅମାନବିକ ଥିଲା ଶୁଭଶ୍ରୀର ଯୌତୁକ ନିର୍ଯ୍ୟାତନା ।

ବାପାଙ୍କ ନିକଟକୁ ଖବର ଗଲା । ଗରିବ ସଂସାର ବାପାଙ୍କର, ସେଥିରେ ପୁଣି ପାଞ୍ଚପ୍ରାଣୀ କୁଟୁମ୍ବ । ସ୍ୱଳ୍ପ ବେତନ ପାଉଥିବା ସରକାରୀ ଚାକିରୀକୁ ଭରଷା କରି ଦୁଃଖେ କଷ୍ଟେ ଚଳିଯାଉଥିବା ବାପା ଯେତେବେଳେ ମନ କରିଦେଲେ ଯେ ସେ ଆଉ ଆଦୌ ଟଙ୍କା ଦେଇପାରିବେନି, ତାପରଠୁ ଆରମ୍ଭ ହୋଇଗଲା ଶୁଭଶ୍ରୀଙ୍କ ପ୍ରତି ସଭିଙ୍କର ଅକଥନୀୟ ଅତ୍ୟାଚାର । ସବୁକୁ ତୁଠ ପଥର ପରି ସହି ସହି ପଡି ରହିଲେ ସେ । କାରଣ ସେ ଜାଣିଥିଲେ ସହିବା ଲୋକ ମହତ୍ । ହିନ୍ଦୁନାରୀର ସ୍ୱାମୀ ଘର ହିଁ ସ୍ୱର୍ଗ ।

ତଥାପି ତାଙ୍କ ଦୁଃଖର ସମାପ୍ତି ହେଲ୍‌ନାହିଁ । ଦିନେ ସ୍ୱାମୀ ଶୀତକଣ୍ଠ ଡାଇଭର୍ସ ପେପର ଆଣି ଜୋର- ଜବରଦସ୍ତ ଦସ୍ତଖତ୍ କରିନେଲେ । ଗୋଡରେ ଗୋଇଠା ମାରି ଗେଟ୍ ପାର କରିଦେଲେ । ସେଦିନ ସାର୍ ଦୁନଆଟା ନରବ- ନଥର ନଦରେ ଶୋଇପଡିଥିଲ୍ । ହେଲେ ଶୁଭଶ୍ରୀ ଅନେକ କାନ୍ଦିଥିଲେ । କାନ୍ଦି କାନ୍ଦି ପଣତ କାନ ଭିଜି ଯାଇଥିଲ୍ । ଗେଟ୍ ପାଖରୁ ଅନେକ ମିନତୀ କରିଥିଲେ । ହାତ ଯୋଡି ନେହୁରା ହୋଇଥିଲେ । କନ୍ତୁ ନର୍ଦ୍ଦୟୀ, ନର୍ମମମାନଙ୍କର ହୃଦୟ ପାଷାଣ ପାଲଟି ଯାଇଥିଲ୍ । ଜଙ୍ଗଲ ହିଂସ୍ର ପଶୁଙ୍କଠାରୁ ଆହୁରି ହିଂସ୍ର ହୋଇଯାଇଥିଲେ ସେମାନେ । ଶେଷରେ ସେ ବସ୍ତୁହରା ହୋଇ ଫେରିଆସିଥିଲେ ନଜ ବାପା, ମା ଙ୍କ ପାଖକୁ ।

ଅକ୍ଳାନ୍ତ ପରିଶ୍ରମ ଓ ନଜର ଅଧ୍ୟବସାୟ ବଳରେ ସେ ଏବେ ଜଣେ ଇତିହାସର ଅଧ୍ୟାପିକା । ଗତକାଲି ଥିଲେ ଜଣେ କୂଳବଧୂ, ମହାପାତ୍ର ଘରର ବଡବୋହୂ । କନ୍ତୁ ଆଜି ତାଙ୍କ ଆରିପାଖରେ ବହି ଖାତାର ଥାକ ଉପରେ ଥାକ । ସ୍ମୃତି ଇଲାକାଠାରୁ ସେ ଏବେ ବହୁଦୂରକୁ ଗୁଲିଯାଇଛନ୍ତି । ତାଙ୍କ ପରିଚୟ ଆଜି ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରେ ଅଗ୍ରଣୀ । ଦିନଠାରୁ ଦିନ ପର୍ଯ୍ୟନ୍ତ, ଘ୍ଡିଠାରୁ ଘ୍ଡି ପର୍ଯ୍ୟନ୍ତ, ପିରିୟଡ ଆରମ୍ଭଠାରୁ ଶେଷ ପିରିୟଡ ପର୍ଯ୍ୟନ୍ତ ଖାଲି ଜ୍ଞାନର କଥା । ସତେ ଯେମିତି ସେ ଗୋଟିଏ ଜ୍ଞାନର ଗନ୍ତାଘର!

ସେଦିନ ଏବେବି ତାଙ୍କର ମନେ ଅଛି । ତାଙ୍କ ସାଥିରେ ଅଛି । ହେଲେ ସେସବୁ ପୁରୁଣା ହୋଇଗଲ୍‌ଣି । କଛି ନୂଆର ସନ୍ଧାନ ନେବା ପୂର୍ବରୁ ସେ ଆଜି କାହିଁକ ଆଦିମାତା ଆଡକୁ ମାଡିଯାଉଛନ୍ତି । ମନଟା ତାଙ୍କର ଆପେ ଆପେ ଓଟାରି ଯାଉଛି । ହୁଏତ ପାହାଚ କେଇଟା ତଳକୁ ସେ ଓହ୍ଲେଇ ଆସନ୍ତେ କ? ଅତଏବ ଆଇନାରୁ ଧୂଳ- ମଳ ଯୋଗୁ ଫୁଲ- ଫଗୁଣକୁ ଅତି ଆପଣାର କରିପାରନ୍ତା...... ll

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

# ସମ୍ପର୍କ ଡୋର



ରମେଶ ଚନ୍ଦ୍ର ମଲିକ

ସଂସାର ପସରାରେ ଜୀବନ ସାର
ଆଶାର ଇଶାରାରେ ସମ୍ପର୍କ ଡୋର
ବିଶ୍ୱାସ ଭରଷାରେ ହୁଏ ମଧୁର
ଅସାର ସ୍ୱାର୍ଥରେ ପୁଣି ହୁଏ ମନ୍ଥର
ଆପଣାର ଲୋକ ଯେବେ ହୁଅଇ ପର
ଉପଭୋଗେ ମଜ୍ଜିଯାଏ ନ କରି ବିଚାର
ନା କହି ହୁଏ ନା ସହି, ଯନ୍ତ୍ରଣା ଛାତିର
ମନ ନେଇ ମାନନୀ ଯେ ହୋଇଯାଏ ଦୂର
ହସାଇ, ରସାଇ ପିଠିରେ ମାରଇ ଯେ ତୀର
ଖୋଜେ ଉତ୍ତର, ହୃଦ ଅସ୍ଥିର, କିଏ କାହାର
କ୍ରୁର କରତେ କୃତଘ୍ନ ଭାଙ୍ଗେ ସଂସାର
ଭାଇ ହୋଇ ପ୍ରୀତିକରେ ଭାଉଜ ସଙ୍ଗର
ଆଘାତ ଘାତାଙ୍କେ ବଢେ ଚନ୍ତାର ଭାର
ସିଜୁ ଶେଯେ ଶୋଇ ପ୍ରାଣ ହୁଏ ଅଧୀର
ଅର୍ଥ ଅନର୍ଥେ ମଳନ ମିଳନ ମନ୍ଦିର
ପାଚେରୀ କଚେରୀ, ଦେଖି ହୁଏ ନାରଖାର

ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, କଟକ

# ତୋ ବିନା



ସଚ୍ଚିଦା ନନ୍ଦ ବାରିକ

ଭ୍ବେ ତୋ କଥା ଭ୍ବିବିନ
ତୋତେ ଖୋଜିବିନ
କନ୍ତୁ ଆଖି ମୋର ଖୋଜେ
ମନ ମୋର ଭ୍ବେ
ଶହେରୁ ଊର୍ଦ୍ଧ୍ୱ ଅନଲାଇନ ଭିତରେ
କେବଳ ଜଣକୁ
କହିବି କହିବିନ ଭିତରେ କଟିଯାଏ ମୋର
ଅଧା ସମୟ
ଲେଖୁଥାଏ ଲିଭେଉଥାଏ
ତୁ ଜୀବନ ମୋ ଧନ
ତୋ ପ୍ରତି ମୋର ଏତେ କାଇଁ ସମ୍ମୋହନ
ରହି ପାରେନା କ କହି ପାରେନା
ତୋ ବିନା ମୋ ସମୟ ସରେନା

ଗ୍ରାମ/ ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା
vedantimagazine@gmail.com and editor.vedantimagazine@gmail.com

# ଖୁସି ତମ ଅସରନ୍ତି ହସରେ

ଗ୍ରାମ କଲତା

ଅଜାଣତେ ମଲମ ଭଳ
ଉପଶମ ଦିଏ ଅକସ୍ମାତ ଆଘାତରେ....
ଭାଗ୍ୟରେଖା ମୋ ବଦଳଯାଏ
ଖୁସି ତମ ଅସରନ୍ତି ହସରେ ॥

ତମ ପ୍ରେମର ଗୋଲାପି ଓଢଣୀ
ପରିପୂର୍ଣ୍ଣ ସ୍ନେହ ମମତାରେ....
ବାଜିଯାଏ ଯେବେ ଦେହରେ ମୋର
ହଜିଯାଏ ତମ ସ୍ମୃତିରେ ॥

କୋଇଲି ସାଜି ମନ ଫଗୁଣରେ
ବସନ୍ତର ମଳୟ ପ୍ରୀତିରେ....
ଆଜି ବି ଗାଉଛ ପ୍ରେମଭରା ଗୀତ
ମିଠା ମିଠା ରାଗୁରୁଷାରେ ॥

ମନଟା ଯେ କାହିଁ ଭାରି ଭଲ ଲାଗେ
ପ୍ରେମଭରା ତମ ସ୍ମୃତିରେ....
ସବୁ ଦୁଃଖ ମୋର ଉଭେଇ ଯାଏ
ଖୁସି ତମ ଅସରନ୍ତି ହସରେ ॥

ସୁବର୍ଣ୍ଣପୁର, ଓଡିଶା

# ଅଣୁ ଗଳ୍ପ - ଦେଶୀ କୁକୁଡା ଝୋଳ



ଶଶଧର ମହାପାତ୍ର

୧୯୭୩ ମସିହାରେ ମୁଁ କଲେଜରେ ପଢୁଥାଏ । ତୃତୀୟ ବର୍ଷ ବିଜ୍ଞାନ ଛାତ୍ର । ଛୁଟିରେ ଘରକୁ ଆସିଥାଏ । ବର୍ଷାଦିନ ହେଇଥାଏ । କଳାହାଣ୍ଡିଆ ମେଘ ତୁହାକୁ ତୁହା ଢାଳ ଦେଇଯାଉଥାଏ । ବସ୍‌ରୁ "ମଙ୍ଗଳପୁର' ରେ ଓହ୍ଲାଇ ସାଢେ ଚାରି ମାଇଲ୍ ଚାଲିଚାଲି ଯିବାକୁ ପଡେ ଆମ ଗାଁ । ଘରେ ପହଞ୍ଚିଲାବେଳକୁ ସଞ୍ଜବେଳ, ଓଦା ସରସର । ଦେହ ହାତ ଦରଜ । ମନ ହଠାତ୍ ହେଲା ରାତିରେ କୁକୁଡା ଝୋଳ ଖାଇବାକୁ । ସେ' ସମୟରେ ଫାର୍ମ କୁକୁଡା ଗାଁ ଗହଳରେ ମିଳୁ ନଥି । ଦେଶୀ କୁକୁଡା ମିଳେ । ସେ' ଗୁଡିକ ଦେଖିବାକୁ ଛୋଟ ଓ ଖୁବ୍ ସ୍ୱାଦିଷ୍ଟ । ମୁଁ ସେତେବେଳେ ମାଛ, ମାଂସ ଖାଇବାକୁ ବେଶ୍ ପସନ୍ଦ କରୁଥିଲି । ଆଜକୁ ୭ ବର୍ଷରୁ ଊର୍ଦ୍ଧ ହେବ ଆମିଷ ଖାଇବାର ନାହିଁ । କ ବଡ ପରିବର୍ତ୍ତନ! ସାନ ଭାଇ "ବୁଲୁ' କୁ କହିଲି କେଉଁଠି କୁକୁଡା ମିଳବ ? ସେ' ମୋତେ ମନେ ପକାଇଦେଲା ଯେ ଆମର ଦି'ଟା ମାଇ କୁକୁଡା ହରିଜନ ସାହିରେ ଜଣେ ପାଳଛି । ମୋ'ର ମନେ ପଡିଗଲା । ସତେତ । ସେ' ଆଉ ଏକ ଅଲଗା କାହାଣୀ ।

ଆମ ହରିଜନ ସାହିରେ "ନଖିଆ' ( ଭଲନାଁ "ଲକ୍ଷ୍ମୀଧର ଯେନା") କଥା କହି ଭୁଲେଇବାରେ ଧୃତ । ଆମ ବିଲ ବାଡିରେ କାମ କରେ । ଆମ ବାଡିରେ ସାରୁ ଲଗେଇଲା ବେଳେ ମୋତେ ଥରେ କହିଲା - ସାଆନ୍ତେ, ମାଇ କୁକୁଡା ଦି'ଟା ହାଟରୁ ଆଣନ୍ତି, ପଇସା ଦିଅ । ମୁଁ ପାଳନ୍ତି, ଅଣ୍ଡା ଦେଲେ ତୁମେ ଆଣି ଖାଆନ୍ତ । ହାଟରୁ ଅଣ୍ଡା ଆଉ କାହିଁକି ଏତେ ପଇସା ଦେଇ କଣିବ । ଆମ ସାହିରେ କେତେ ଜଣଙ୍କର ୪/ ୬ ଟା ଗଞ୍ଜା ଅଛନ୍ତି । ବାଡି ଘର ଆଉ ରଖେଇ ଥୋଇ ଦେଉନାହାଁନ୍ତି । ସେ' ରଖିଲେ, ମୁଁ କାହିଁକି ରଖିବିନ ! ଅଣ୍ଡା

ଦେବାକୁ କ ଛୁଆ କରିବାକୁ କଛି ସମସ୍ୟା ହେବନ । ପଲପଲ ହେଇ ଶୀଘ୍ରଶୀଘ୍ର ମାଡିଯିବେ । ଭଲ ଲାଭ ହେବ । ମୁଁ ତା' କଥାରେ ଭଳ ଗଲି । ସତେତ । ବୋଉକୁ କହିଲି । ବୋଉ ଶୁଣି ନାରାଜ ହେଲା । କହିଲା- ତା'' କଥା ତୁ ଜାଣିନୁ ? ତା' କଥାରେ ଶତକଡା ଅନେଶୋତ ମିଛ । ସେ' ପଇସା କୁଆଡେ ଉଡିଯିବ । ଅଣ୍ଡା ନା ଗେଣ୍ଡା ତୁ ପାଇବୁ ? ମୋ'ର ଗୋଟିଏ ଦୁର୍ବଳତା ଥିଲା, ମୁଁ ପିଲାବେଳୁ ଏଯାଏ ସମସ୍ତଙ୍କ କଥା ସହଜରେ ବିଶ୍ୱାସ କରିଯାଏ । ବୋଉର ନାରାଜ ସତ୍ତ୍ୱେ ମୁଁ ଜିଦ୍ ଧରିଲି, ନା, ତୋତେ ଟଙ୍କା ଦେବାକୁ ପଡିବ । ନଖିଆ ଆଉ ଯାହାକୁ ଠକୋଉ ପଛେ, ମୋତେ ସିଏ କେବେ ଠକେଇବ ନାହିଁ । ବୋଉର ଜିଦି "ନା" କୁ ମୋର ଜିଦି "ହଁ" । ତା' ପଛେପଛେ ଦୌଡିଲି, ସିଏ ଯେଉଁ କାମ କରୁଥିଲା ତାକୁ କରେଇ ଦେଲିନ । ଶେଷରେ ସେ' ବାଧ ହୋଇ ମୋ' କଥାରେ ରାଜି ହେଲା ଓ ଦି'ଟା ମାଈ କୁକୁଡା କଣିବାକୁ ପଇସା ଦେଲା । ମୁଁ ତାକୁ ନେଇ ନଖିଆକୁ ଦେଲି । ସେ' ଅଣ୍ଟାରେ ଟଙ୍କା ଖୋସିଦେଲା ।

ତା' ଦି' ଦିନପରେ ଶନବାର, ଉତ୍ତରକୂଳ ହାଟ । ହାଟରୁ ନଖିଆ ଦି'ଟା ମାଈ କୁକୁଡା କଣି ଆଣିଲା । ମୋତେ ବି ଭେଟି ଖବର ଦେଲା - ସାଆନ୍ତେ, କୁକୁଡା ଦି'ଟା କଣି ଆଣିଛି । ମୁଁ ଖୁସି ହେଇଗଲି । ମୁଁ ମଧ ତାଙ୍କ ସାହିରୁ ପଚାରି ବୁଝିଲି ସତ କ ମିଛ । ସେମାନଙ୍କ ସହ କଥା ହେବାରୁ ଜାଣିଲି ସେ' ସତ କଥା । ମୁଁ କଲେଜ ଚାଲିଗଲି । କୁକୁଡା କଥା ଭୁଲି ଗଲି । ଛ ମାସ ଗଲା, ବର୍ଷ ବି ବିତିଲା । ନଖିଆ ଘରୁ ଅଣ୍ଡା ମିଳଲାନ । ଘରେ ମଧ କୁକୁଡା କଥା ବୋଧେ ଭୁଲି ଯାଇଥିଲେ । ବୁଲୁ ମନେ ପକେଇ ଦେବାରୁ, ଭାବିଲି ଅଣ୍ଡା କଥା ଛାଡ, କୁକୁଡା ଗୋଟିଏ ଆଜି ଆଣି ଖାଇଦେବା, ନହେଲେ କଛି ମିଳବନ ।

ସଞ୍ଜ ହେଇଯାଇଥାଏ । କୁକୁଡାମାନେ ସେତେବେଳକୁ ଘରକୁ ଫେରିଲେଣି । ତା' ଘରୁ ତା' ସ୍ତ୍ରୀ ଓ ପିଲାଙ୍କୁ କହି ଗୋଟିଏ କୁକୁଡା ଅଣାଗଲା । ତାକୁ ମାରିବ କଏ ? ନଖିଆ ଚାରିଣିଟିଏ ନେଇ ମାରିଦିଏ ଓ ଡ୍ରେସିଂ, କଟାକଟି କରିଦିଏ । ବୁଝିଲା ବେଳକୁ ଖବର ମିଳଲା ଯେ ନଖିଆ ତା' ଘରେ ନାହିଁ, କୁଆଡେ ହାଟବାଟକୁ ଯାଇଛି, କେବେ ଫେରିବ ତା' ଘରେ କେହି ଜାଣିନାହାଁନ୍ତି । ବଡ ଝମିଲା ହେଲା । ବର୍ଷା ରାତି । ଗାଁରେ ବେଣୁସୁ ବେଣୁସୁ


ଗ୍ରନ୍ଧିବାଢି ଖାଇ ଶୋଇଯାଆନ୍ତି । ଗାଁ ସାର୍ ଚାଷୀ, ମୂଲିଆ ଲୋକ । ରାତିରେ ଶୀଘ୍ର ଟିକେ ବିଶ୍ରାମ ନେଲେ, ସକାଳୁ ଉଠି ଯିଏ ଯୁଆଡେ କାମରେ ଯିବେ । ଦିନେ ନୁହେଁ ଅଧେ ନୁହେଁ। ଏ' ତ ସବୁଦିନଆ କଥା । ଏଣେ ଯେତେ ଡେରି ହେଉଛି, କୁକୁଡା ଝୋଳ ଖାଇବାର ଇଚ୍ଛା ସେତେ ବଳବତ୍ତର ହେଉଛି । ଯେତେଥର ଖବର ପଠାଗଲା ନଖିଆ ଆସିଲାଣି କି ନାହିଁ । ସେତେଥର ଖବର ଆସିଲା "ନା" । ନଖିଆ ଉପରେ ରାଗ ସେତେବେଳକୁ ଚଢି ଗଲାଣି । କି ପ୍ରକାର ମଣିଷ ! ଠିକ୍ ଆଜିକୁ ତା'ର ଏତେ କାମ ପଡିଲା । ଆଜି ଯେତେବେଳେ ତା'ର ଉପସ୍ଥିତି ଦରକାର ହେଉଛି, ତାକୁ ଖୋଜା ଯାଉଛି, ସେତେବେଳେକୁ ତା'ର ଦେଖାନାହିଁ । ମନେମନେ ଖୁବ୍ ବିରକ୍ତ ହେଲି । ମନରେ ସାହସକରି ମୁଁ ନୀରିହ କୁକୁଡାଟିକୁ ଧରି ଆମ ବାଡି ଆଡକୁ ଗଲିଲି । ବୁଲୁକୁ କହିଲି "ତୁ କଟା ଓ ପନକ ଧରି ବାଡିକୁ ଆସେ" । ଆମେ ମାରିବା, ଆମେ କାଟିବା । ଆମକୁ କ'ଣ ବଳେଇ ଯିବ । ଯାହା ହେଉ ପଛେ ଆଜି ରାତିରେ କୁକୁଡା ଝୋଳ ଖିଆଯିବ । ମୋ' ପଛେପଛେ "ବୁଲୁ" କଟା ଓ ପନକ ଧରି ଗଲିଥାଏ । ଶୁଣିଲି ମୋ' ବୋଉ ଆମ ପଛେପଛେ କାନ୍ଦିକାନ୍ଦି ଦୌଡୁଛି । ଆମେ ଆଗକୁ ବୀର ସୈନକ ଭଳ ମାର୍ଚପାଷ୍ଟ କରି ଗଲିଛୁ, ସେ' ଆମ ପଛେପଛେ କାନ୍ଦିକାନ୍ଦି ଗଲିଛି । ସେ' କହୁଥାଏ- "ମୁଁ ତମ ଦିହିଁକୁ ନେହୁର୍ ହେଉଛି । ମୁଁ ମରିଯିବ, ମରିଯିବି । ତମେ ମାରନ, ତମେ ମାରନ । ତଥାପି ଆମେ ଦିହେଁ ନଶୁଣିଲାଭଳ ଗଲିଥାଉ ଓ ସେ' ଆମ ପଛେପଛେ ସେମିତି ଗଲିଥାଏ । ଶେଷରେ ମୋ' ଗୋଡ ଅଟକଗଲା । କଂସେଇ ଭୂମିକାରେ ସେତେବେଳେ ନଜକୁ ଏକ ଶକ୍ତିଶାଳୀ ମଣିଷ ଭାବି ମୁଁ ଯେଉଁ କୁକର୍ମ କରିବାକୁ ଦୌଡୁଥିଲି ଗର୍ବରେ ଠିକ୍ ସେତିକ ବେଳେ ମା' ଟିଏ ମୋତେ ପଛରୁ ରୋକଦେଲା । ମୁଁ ବୁଲିପଡି ତାକୁ କହିଲି - "ନା, ମୁଁ ଆଉ ମାରିବିନ, ବିଶ୍ୱାସ କର, ମୁଁ ଆଉ ମାରିବିନ । ତୁ ଆଉ କାନ୍ଦେନ !" ସେ' ତୁନ ହେଇଗଲା । କୁକୁଡାଟିକୁ ନେଇ ଗୋଟିଏ ସିଇଗ୍ ତଳେ ଘୋଡେଇ ପକେଇଲି । ବାୟୋଲଜି କ୍ଲାସରେ ବେଙ୍ଗ, ଜିଆ ଓ ଅସରପା କାଟିଥିଲି । ଭାବୁଥିଲି, କୁକୁଡା ବି କାଟି ଦେଇପାରିଥାନ୍ତି । ମନରେ ଅନେକ ଦୁଃଖ ଆସିଲା । ଭାବୁଥିଲି ନକାଟିଛି ଭଲ କରିଛି । ମନେମନେ ମୋ' ବୋଉକୁ ଧନ୍ୟବାଦ ଦେଉଥିଲି । ଜବରଦସ୍ତ ମାରିଦେଇଥିଲେ ସେ' ମା'

ମନରେ କେତେ କଷ୍ଟ ହେଇ ନଥାନ୍ତା ? ଆମେ କୁକୁଡା ଝୋଳ ଖାଇ ଆରାମରେ ଶୋଇଥାନ୍ତୁ । ସେ' ବୋଧହୁଏ ରାତିସାରା କଷ୍ଟରେ ଶୋଇପାରିନଥାନ୍ତା ।

ନଖିଆ ଡେରି ରାତିରେ ଘରକୁ ଫେରିଲା । ସେ' ଫେରିବା ପର୍ଯ୍ୟନ୍ତ ଘରେ ଅପେକ୍ଷା କରାଗଲା । ବୋଉ ଖବର ପଠେଇଲା । ଶେଷରେ ସେ' ଆସି ସବୁ କାମ କଲା । ରାତିରେ କୁକୁଡା ଝୋଳ ଖାଇଲାବେଳେ ପାଟିକୁ ଆଗଭଳ ସୁଆଦିଆ ଲାଗିଲାନି । ରାତିରେ ଶୋଇଲା ବେଳେ ଭାବୁଥିଲି - କୁକୁଡାଟିକୁ ନମାରିଛି ମୁଁ ଖୁବ୍ ଭଲ କରିଛି । ଆଉ ଜୀବନରେ ସେମିତି ଦୁଃସାହସିକ କାମ କେବେ କରିବିନି ବୋଲି ରାତିରେ ଶପଥ ନେଇଥିଲି ।

( ଏ' ଏକ ବାସ୍ତବ ଘଟଣା ଉପରେ ଆଧାରିତ )

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା



# ଦୁଃଖା



ଜୟପ୍ରକାଶ ଦୁରିଆ( ରମଣ)

ଯିଏ ଦିନେଛନେ ଭୂଖେ ମରେଛେ,
ସେ ସିନା ଜାନବା ପେଟର ଦୁଃଖା କେତେ
ଯିଏ ଦିନେ ଛନେ ଶୁଷେ ମରିଛେ,
ସେ ସିନା ଜାନବା ଟଁଟିର୍ ଦୁଃଖା କେତେ
ନାଇଁ ଜାନ ପାରନ୍ ସତେ....କେହି....ନାଇଁ....
କୁକର୍ ଘରକେ ଗ୍ବେର୍ ସମିଛେ
ବିଲେଇ ପଡିଛେ ଫାଁସେ.... ॥୧॥
ଯେନ୍ ବୁଆ ତାର ପୋ କେ ବୁହି, ନେଇଛେ ମଶାନ ଘାଟ୍,
ସେ ବୁଆ ସିଜା ଜାନ ପାରବା ପୋ ର ଦୁଃଖା କେତେ
ଯେନ୍ ଝୀ ର ବଏସ ଢଳ ଯାଉଛେ, ଦେଖି ଦେଖି ବନ୍ଧୁର ବାଟ୍
ସେ ମାଁ, ସିନା ବୁଝି ପାରବା ଝୀ ର ଦୁଃଖା କେତେ
ନାଇଁ ବୁଝି ପାରନ୍ ସତେ....କେହି....ନାଇଁ...
କୁକୁର୍ ଘରକେ ଗ୍ବେର୍ ସମିଛେ
ବିଲେଇ ପଡିଛେ ଫାଁସେ.... ॥୨॥
ଯିଏ ଦିନେ ଘଁଡେ ନଙ୍ଗଳ ଧରିଛେ,
ସେ ସିନ ଜାନବା ହଳ୍- ହଳଆର ଦୁଃଖା କେତେ
ଯିଏ ଦିନେ ଅଧେ ଡଙ୍ଗର ଯାଇଛେ,
ସେ ସିନ ଜାନବା ଦିହିର ଦୁଃଖା କେତେ

ନାଇଁ ଜାନ ପାରନ୍ ସତେ...କେହି...ନାଇଁ..
କୁକୁର୍ ଘରକେ ଗ୍ଲେର ସମିଛେ
ବିଲେଇ ପଡିଛେ ଫାଁସେ.... ॥୩ ॥

ଯିଏ ଆଶା କରି ନରାଶ ହେଇଛେ,
ସେ ସିନା ଜାନବା ନରାଶ୍ ର ଦୁଃଖା କେତେ
ଯିଏ ପିରତୀ କରି ଧୋଖା ଖାଇଛେ,
ସି ସିନା ଜାନବା ପିରତୀର ଦୁଃଖା କେତେ

ନାଇଁ ଜାନ ପାରନ୍ ସତେ....କେହି....ନାଇଁ
କୁକୁର୍ ଘରକେ ଗ୍ଲେର ସମିଛେ
ବିଲେଇ ପଡିଛେ ଫାଁସେ..... ॥୪ ॥

ନୂଆପଡା, ଓଡିଶା

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।**

www.editor.vedantimagazine@gmail.com




ସାଗର ପ୍ରଧାନ

# ଏକାକାର

ଏଇ ଦେଖ କେମିତି ଉଡି ଯାଉଛି
ଧୂଆଁ ସବୁ ନୀଳ ଆକାଶ ଉପରକୁ
ମିଶିବାକୁ ଦୂର ଦିଗବଳୟରେ
ହେବାକୁ ଏକାକାର ଆକାଶର
ଶୁଭ୍ର ବାଦଲ ଦେହରେ......

ଏଇ ଦେଖ କେମିତି ବହିଯାଉଛି
ଅମାନଆ ନଈ କୁଳୁକୁଳୁ ନାଦରେ
ମିଶିବାକୁ ସାଗର ତରଙ୍ଗ ସାଥିରେ
ହେବାକୁ ଏକାକାର ସାଗର ର
ନୀଳ ତରଙ୍ଗ ଦେହରେ......



ଏଇ ଦେଖ କେମିତି ଫୁଲଟି ଫୁଟିଛି
ନବ ପଲ୍ଲବୀତ ବୃକ୍ଷର୍ଜି ଡାଳରେ
ଢାଳୁଛି ସୁବାସ ତାର ଶୁଭ୍ର ତନୁରେ
ହେବାକୁ ଏକାକାର ସମୀରର
ଶୀତଳ ସ୍ରୋତ ଦେହରେ......

ପଦାଦିଗି, ଗଞ୍ଜାମ

# ନୀତି ଶିକ୍ଷା



କବି ପ୍ରସାଦ

ଆଖିରେ ସପନ ସପନରେ ଆଶା
ଆଶାରେ ବନ୍ଧା ଜୀବନ
ସମୟର ପଥେ ଜୀବନର ରଥେ
ଗଡି ଗଡି ଯାଏ ଦିନ ||

ସଂଚବାର ଆଶେ ବଂଚବାର ଆଶା
ଲିପ୍ତ ହୋଇ ଦୁଃଖେ ସୁଖେ
ଭଲ ଭେଲ ଭୁଲି କରେ ଯେ ଖିଆଲି
ଅନନ୍ତ ସମୟ ଲେଖେ ।।

ଘୋର ତମମୟ ସଂସାର ସାଗର
ମୂର୍ଖ ଅଳସୁଆ ପାଇଁ
କର୍ମ ଆଦରିଲେ ଭାଗ୍ୟ ଉଦେ ଭଲେ
ଅସାଧ ସାଧିତ ହୁଏ ||

ଅଧିର ନ ହୋଇ ଧର୍ଯ୍ୟକୁ କୋଳେଇ
କଲେ ସର୍ବ କାର୍ଯ୍ୟ ସିଦ୍ଧି
ହତାଶ ହୁତାସେ ପ୍ରାଣ କୁ ଯେ ଝାସେ
କଅବା କରିବ ବିଧି ।।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା

# ବିଶ୍ୱାସର ଭିନ୍ନ ପାର୍ଶ୍ୱ

ଲିନା ରାଣୀ ଧଳ ମଙ୍ଗରାଜ

୧. ଏତେ ଦୁଃଖକଷ୍ଟ, ବାଧାବିଘ୍ନ, ସଂଘର୍ଷ, ସହି ଗଢିଥିବା ଏହି ଜୀବନରେ ନିଜ ଛାଇକୁ ବି ବିଶ୍ୱାସ କରିପାରୁନଥିବା ସନ୍ତୋଷ ବାବୁ । ଆଜି କନ୍ତୁ, ପୁଅ ଯିଏକ ତାଙ୍କ ଜୀବନର ସବୁଠାରୁ ମୂଲ୍ୟବାନ ଅମୂଲ୍ୟ ଉପହାର ଭଗବାନଙ୍କ କୃପାରୁ, ସିଏ ଯେତେବେଳେ ଆଇ.ସି.ୟୁ. ଭିତରେ ଅଛି । ଚନ୍ଦନାଙ୍କ ମୁଣ୍ଡରେ ହାତ ଥୋଉ ଥୋଉ ଆଶ୍ୱସନା ଦେଉଥିଲେ, ଭଗବାନ ଅଛନ୍ତି, ବିଶ୍ୱାସ ରଖ, ସବୁ ଠିକ୍ କରିଦେବେ । ଡାକ୍ତରଙ୍କ ଉପରେ ବିଶ୍ୱାସ ରଖ, ସେମାନେ ତାକୁ ଭଲ କରିଦେବେ ।

୨. ମନ୍ଦିରରେ ସବୁବେଳେ ସନ୍ଧ୍ୟା ଆରତୀ ପରେ, "ଭଗବାନ ଙ୍କ ଉପରେ କପରି ଆସ୍ଥା ଓ ବିଶ୍ୱାସକୁ ଦୃଢ କରିହେବ" ପ୍ରବଚନ ଦେଉଥିବା ପୂଜାରୀ ବାବା ଆଜି କନ୍ତୁ ସନ୍ଧ୍ୟାବେଳେ ଲୋକମାନଙ୍କର ସବୁ ବିଶ୍ୱାସ, ଆସ୍ଥାକୁ ଚୂର୍ ମାର୍ କରିଦେଇଛନ୍ତି । ଯୋର୍ ରେ ବର୍ଷାହେଲାବେଳେ ମନ୍ଦିର ଝାଡୁ ମାରୁଥିବା ମାଳତୀର ଦଶ ବର୍ଷର ଝିଅ ମାଆକୁ ନପାଇ ମନ୍ଦିରକୁ ଖୋଜିଆସିଥିଲା ବେଳେ ପୂଜାରୀ ବାବା ତାକୁ ଏକା ପାଇ ତା ଭଳି କଢିଟିର ବିଶ୍ୱାସ, ଭରସାକୁ ଦଳଚକଟି ନଷ୍ଟ କରିବାକୁ ପଛେଇ ନଥିଲେ ।

୩. ସୁନନ୍ଦା ଦେବୀ ଏତେବର୍ଷ ପରିବାରର ବୋଝ ସମ୍ଭାଳଲା ପରେ ନିଜ ବିଶ୍ୱାସ ର ଗ୍ରବିକାଠିଟିକୁ ପୁଅ ବୋହୂଙ୍କ ଦାୟିତ୍ୱରେ ଦେଇ ଅବସର ନେବାକୁ ଗ୍ରହିଁଲା ବେଳକୁ କେତେବେଳେ ସେମାନେ ସେ ବିଶ୍ୱାସକୁ ଭଙ୍ଗିରୁଜି ନିଜେ ନୂଆଘରକୁ ଗଲାବେଳେ ଘରଟିକୁ ବିକଦେଇ ମା ଙ୍କର ରହିବାପାଇଁ ବୃଦ୍ଧାଶ୍ରମ ର ବ୍ୟବସ୍ଥା କରିଦେଇଛନ୍ତି ଟିକେ ବି ସୁରାକ ପାଇଲେନ । ନିଜ ହାତରେ ଘରର ପ୍ରତ୍ୟେକ କୋଣ ବିକୋଣକୁ ପରଖି ପରଖି ସଜାଡି ଥିଲାବେଳେ ଆଜି ଯେତେବେଳେ ଘରୁ ବାହାରୁଛନ୍ତି ଘରକୁ ସେମିତି ତନ୍ନ ତନ୍ନ କରି ଦେଖୁଛନ୍ତି । ଆଖିରୁ ଲୁହ ତ ବାହାରୁନଥିଲା, ଛାତିରୁ କୋହ ସବୁ ଲହୁ ହୋଇ ଫାଟିଗଲା ଭଳି ଲାଗୁଥିଲା ।

ତାଙ୍କର ଘରୁ ବାହାରିବା କଥା ଶୁଣି ଆସି ପାଖରେ ଛିଡା ହୋଇ ଯାଇଥିଲା ଶ୍ରେୟସ୍କର, ଯାହାକୁ ଦିନେ କାହାର କଥା ନଶୁଣି ନିଜ ଆତ୍ମାର ଡାକକୁ ବିଶ୍ବାସ କରି ବାଟରୁ ନିଜ କୋଳକୁ ଉଠେଇ ଆଣିଥିଲେ। ସିଏ ଆଉ ତା ସ୍ତ୍ରୀ ଶ୍ରଦ୍ଧା ଜିଦି କରି ବସିଛନ୍ତି ଯେ ତମେ ତମ ଘରେ ରହିବ ମା। ମୋ ଘର ସୁନନ୍ଦା କୁଟୀର ତମ ସ୍ପର୍ଶ ପାଇ ସୁଖଶାନ୍ତିରେ ପରିପୂର୍ଣ୍ଣ ହୋଇଯିବ। ସୁନନ୍ଦା ବିଶ୍ବାସ କରି ପାରୁନଥିଲେ। ଆନନ୍ଦାଶ୍ରୁ ଗଡିଯାଉଥିଲା। ସିଏ ଭାବୁଥିଲେ ସମାଜର ସବୁ ନିୟମ କଣ ବିଶ୍ବାସଯୋଗ୍ୟ। ଦଶମାସ ଗର୍ଭରେ ରହିଥିବା ସନ୍ତାନ ତାଙ୍କୁ ଘରୁ ବାହାରୁ କରୁଥିଲା ବେଳେ ଆତ୍ମାରୁ ଗଢିଥିବା ସନ୍ତାନ ଯେ ତାଙ୍କୁ ତାର ସମ୍ମାନର ସର୍ବୋଚ୍ଚ ଆସନରେ ବସେଇଚ।

୪. ଏଇଠୁ ଆସୁଛି କହି ରମେଶ ତାକୁ ସେଇଠି ବସେଇକି ଯାଇଛି। ଛ ଘଣ୍ଟା କାଳ ପ୍ଲାଟଫର୍ମରେ ଅପେକ୍ଷା କଲାପରେ ରୁଚକା ଯେତେବେଳେ ବର୍ତ୍ତମାନର ଶେଷ ଆଶ୍ରୟ ରମେଶ ର ଘର ଆଡକୁ ମୁହେଁଇଲା, କବାଟକୁ ବାଡେଇବାକୁ ଯାଉଛି, ରମେଶର ହସି ହସି ଗଡିଯିବାର ଶବ୍ଦ ଶୁଣି ଝରକା ଫାଙ୍କରୁ ଯାହା ଦେଖିଲା ବିଶ୍ବାସ କରିପାରିଲା। ରମେଶର ଭରପୂର ସଂସାର, ସ୍ତ୍ରୀ, ଦିଟା ପିଲା। ଖରାଛୁଟି ପରେ ବୋଧେ ଗାଁରୁ ଫେରିଆସିଛନ୍ତି। ତା ପାଦତଳୁ ସତେକି ମାଟି ଖସିଗଲା ପରିଲାଗିଲା। ଚାରିଆଡେ ଅନ୍ଧାର ଦିଶୁଥିଲା। ଯାହାକୁ ବିଶ୍ବାସ କରି ନିଜ ଘରଦ୍ୱାର, ବାପା ମା, ଇଜ୍ଜତ ମହତ ସମସ୍ତଙ୍କୁ ଛାଡିଦେଇ ରାତି ଅଧରେ ତା ସହିତ ପଳେଇଆସିଥିଲା ସିଏ କିନ୍ତୁ ତାର ନୁହେଁ, ଆଗରୁ ବିବାହିତ। ସିଏ ତ ବାସ୍ ବ୍ୟବହାର ପରେ ଫୋପାଡିବା ଭଳି ଜିନିଷ ଆଜି ପାଲଟିଯାଇଛି।

୫. ମନୋଜ ବାବୁ ପନ୍ଦର ଦିନ ହେଲା ଡାକ୍ତରଖାନାରେ ଚିକିତ୍ସିତ ହେଲାବେଳେ ମନେମନେ କେତେ ଯେ ଅନୁତାପ କରୁଛନ୍ତି ସିଏ ହିଁ କେବଳ ଜାଣିପାରୁଛନ୍ତି। ଅଚାନକ ତାଙ୍କର ଦେହ ଖରାପ ଆରମ୍ଭ ଜାଣିପାରି ସରିତା ଯେ ତାଙ୍କ ପାଖ ମାଡୁନି। କିନ୍ତୁ ସେହି ଦିନଠାରୁ ତାଙ୍କ ଗାଁ ର ଅଶିକ୍ଷିତା, ଅସୁନ୍ଦରୀ ସ୍ତ୍ରୀ ମମତା ତାଙ୍କ ସେବାରେ ଦିନରାତି ଏକ କରିଦେଇଛି। ଏହି ସରିତାକୁ ବିଶ୍ବାସ କରି ଜୀବନର ବହୁ ସମୟ, ପଇସା ତାଙ୍କ ପିଛା ଉଡେଇଲା ବେଳେ ଦିନେ ମଧ୍ୟ ମମତାର ଭଲମନ୍ଦ କଥା ପଚାରି ବୁଝି ନଥିଲେ।

ମାର୍ଫତ ଶ୍ରୀ ଏଲ.କେ. ମଙ୍ଗରାଜ, ୟୁନିଟ୍- ୮
ଶତାବ୍ଦୀ ନଗର, ଭୁବନେଶ୍ୱର

# ଡାକ ଡାକ ଗଲି ଥକ



ସନ୍ତୋଷ ପଟ୍ଟନାୟକ

ଆହେ ପ୍ରଭୁ ଚକାଆଖି,
ଜଗତ କରତା ଗତି ମୁକ୍ତି ଦାତା,
ଦୁଃଖ ହର ଦୟାବହିକ
ଡାକ ଡାକ ଗଲି ଥକ....

ତୁମ୍ଭେ ପର୍ କାଳେ ଦୁଃଖି ଗଳାମାଳ
ଦୁଃଖ କ ପାରୁନ ଦେଖି,
ଆହେ ଆର୍ତ୍ତତ୍ରାଣ ଶରଣ ରକ୍ଷଣ
ଡାକ ତଣ୍ଟି ଗଲ୍ ଶୁଖି .....

ବଡ଼ ବଡ଼ ବୋଲି ହୁରି ପଡୁଅଛି
ଦୁଃଖ ବଳଲ୍ ଦୁଃଖିକ
ନର୍ଦ୍ଦେଶେ ଯାହାର ବିଶ୍ୱ ଆତଯାତ
ଲଙ୍ଘି ନପାରେ ଜଳଧି
ତାକୁ ଡାକ ଗଲି ଥକ....

ପତିତପାବନ ଉଡେ ଫର ଫର
ପତିତ ଉଦ୍ଧାର ପାଇଁକ
ଆକୁଳତ ମନ ତୁମ୍ଭରି ଶରଣ
ଡାକ ଡାକ ଗଲି ଥକ.....

ଆହେ ପ୍ରଭୁ ଚକାଆଖି,
ତାକ ତଣ୍ଟି ଗଲା ଶୁଖି....
ଦୁଃଖକ ପାରୁନ ଦେଖି,
ତାକ ତାକ ଗଲି ଥକ....
ତାକ ତାକ ଗଲି ଥକ.....।।

ଗଞ୍ଜାମ, ଓଡିଶା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ମନର୍ ମାନସୀ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଆରୁ କାହାର୍ ସଂଗେ ଫୁନେକଥା ହେଲେ
ଦିହୁଁ ରକତ୍ ଝର୍ଯିବା,
ସୁଁଦରି ଗାଲରେ ନ ଲଗାବ ହଲଦି
ପାଚଲ୍ ଆମ୍ ଭଲିହେବା ।
ନାଇଁ ଦେଖବ୍ କାହାକେ ଉଲଟି
ଆରୁ ଭି ନାଇଁ କରବ୍ ଗୁଲିଖଟି
ଦିହୁଁ ପର୍‌ନ୍ ଛାଡିଯିବା ॥
ଆଜିର ସମିଆ କାଲକେ ନାଇଁରେ
ବଂଚଥିମା ଯେତେ ଦିନ୍,
ହଁସମା, କାଁଦମା, ଗାଏମା, ନାଚମା
ନାଇ ହେଇ କେଭେ ଭିନ୍ ।
ଆମର୍ ପ୍ୟାର୍ ତୁଲସୀ ପତର୍
ବାସୁଥିବା ମଗ୍ ମଗ୍,
କହେ କାହାକେ ନାଇ ଛାଡୁ ହାତ୍
କରୁଥିମା ଉପଭୋଗ୍ ।
ଆରୁ କାହାକେ ଦେଖି ନ ହଁସବ୍ ମୁଲକ
ଦିହୁଁ କଲଜା ଛିଡିଯିବା ॥
କାଁଏକର୍ ବା ଆମକେ ଟୁପୁର୍, ଫୁସୁର୍ କଥା
ଥିମା ଗୁଟେଛାତ୍ ତଲେ ରହି,

ବରଷା, କାକର୍ ଲାଜେଇ ଯିବେ ସବୁ
ପେରେମ୍ ନଏଦ୍ ଯିବା ବହି ।
କାଏଁ କରବେ ଆମକେ ନାଁଇ
ପାରଲେ କେହି ସହି,
ମୁଇଁ ତୁମର୍ ଲାଗି ତୁମେ ମୋର୍ ଲାଗି
ଗଢିଅଛେ ଇ ବିହି ॥
ଆରୁ କଏ ତୁମକୁ ଆଁଏଖ୍ ମାରିଦେଲେ
ହୁରଦେ ନଆଁ ଜଳିଯିବା ॥
ମୋର୍ ସାଂଗେ ତମେଥିଲେ ସବୁବେଲେ
ହେଇଥିବି ମୁଁଇ ଗୁଂଗା,
ଛାଡିଦେଲେ ହାତ୍ ନାଁଇ ପାରେ କହି
ହେଇଯିମି ସତେ ଘୁଂଗା ।
ତୁମେ ହେଲେ ନଏଦ୍ ମୁଇଁ ତ ଘାଟିଆ
ବଡା ସୁଁଦରେ ଗ୍ଲୁଥିବା ଡଂଗା,
ତୁମେ ମୋର୍ ଜୀବନ୍, ତୁମେ ମୋର୍ ସପନ୍
ତୁମେ ସରସତି, ଗଂଗା ॥
ଆରୁ କାହାର୍ ସାଂଗେ ଲାଡ, ଗେଲ ହେଲେ
ଦିହୁ ରକତ୍ ଶୁଖିଯିବା ॥
ହାଏ ମୋର୍ ଜାନୁ, ନାଇଁ ହୁଅ ଗୁମାନୁ
ତୁମକୁ ହୁରଗୁନ ମୋର୍ ପରାନ୍ ଛାଡିଯିବା ॥

ସୌଦାମିନୀ ନନ୍ଦ, ବଙ୍କିଆ, ବିରମହରାଜପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଝକେର୍ ପାଏନ୍



ଭରତ ମେହେର

ଇ ଝକେର ପାନର ବରଷାଥି
　　　　ନେଇ ବାହାରି ହେବାର ଘରୁ
କାଣା କରସିଁ କେନ୍ତା କରସିଁ
　　　　ନେଇ ମିଲୁଛେ  ମୁଠେ ଚରୁ,
ପାଏନଯେ ପାଏନଯେ ଅତାରତାଲ
　　　　ଧୁକା ସାଙ୍ଗେ ଘଡ୍ ଘଡି କେତେ
ଇଛିତକ କୁରିଆଥି ରହିନାଇ ହୁଏ
　　　　ଭାଙ୍ଗିଜିବା ବୋଲିଡର ଲାଗୁଛେ ମତେ,
ରୁଢେ ଗଲାନ ଆଁଠେ ପାଏନ୍
　　　　ଜିବାନ୍ ଗାଁ ଇଛନ ସତେ ଉହୁଲି
କେନକେ ଗଲା କେନ ରହେଲା
　　　　ଆମର ସୁରୁ ନନୀ ମହୁଲୀ ,
ନନୀର୍ ମାଁରେ ଗଁଠା ଚୁଗ୍ଭୁଜା
　　　　ପଲାମାନ ଆମେ ଜଲଦି
ଇ ଝକେର ପାଏନକେ ଭରଷା ନେଇ
　　　　ଜିବା ଛନେ ଘଢେକେ ବଲଦି,
କାଏଁ କରମ ସତେ କଲା ଝକେର
　　　　ମୋର ଗୃଷ ଗଲା ଉହୁଲି
କେଡେ ସୁନ୍ଦର ଧାନ ହେଇଥିଲା
　　　　ମୋର ଶିଫୋଗଛର ବେହେଲି ॥

ଯଏଁତରା, ବଲାଙ୍ଗିର

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

## ୬- ଭୌତିକ ଗାଥା

ଆମ ଘରକୁ ଲାଗି ଗୋଟିଏ ଆମ୍ବ ବଗିଚା । ବଗିଚା ଶେଷରେ ଗୋଟିଏ ଛୋଟ ପୋଖରୀ । ପୋଖରୀର ଅନ୍ୟ ପଟେ ଗୋଟିଏ ସରୁ ରାସ୍ତା ।

ରାସ୍ତା ପାଖକୁ ବିରାଟ ଏକ ବରଗଛର ତୋଟା । ଆମ ଗାଁର ପାଠଶାଳାଟି ସେଇଠି । ତେଣୁ ପାଠଶାଳାଟିର ପ୍ରକୃତ ନାମଟି ମାଁସଡା ବିଦ୍ୟା ସ୍କୁଲ ହେଲେ ମଧ୍ଯ ତାକୁ ତୋଟା ସ୍କୁଲ ବୋଲି କୁହାଯାଉଥିଲା । ତୋଟାଟିର ପ୍ରାଧାନ୍ୟ ହେଲା ସବୁଆଡେ ମୁଣ୍ଡଫଟା ଖରାଥିଲେ ମଧ୍ଯ ଏଠାକୁ ସୂର୍ଯ୍ୟ କିରଣ ଆସେନା । ସ୍ଥାନଟି ଅପେକ୍ଷାକୃତ ଥଣ୍ଡା । ତେଣୁ ତାହା ଦିନ ବେଳା ଗାୟାଳ ପିଲାମାନଙ୍କର ଶୟନ କକ୍ଷ । ଯାତାୟାତ କରୁଥିବା ବାଟୋଇ ମାନଙ୍କର ବିଶ୍ରାମ ସ୍ଥଳୀ । କାହିଁକି କେଜାଣି ତୋଟାକୁ ଯିବା ପାଇଁ ଗାଁ ଝିଅମାନଙ୍କୁ ବାରଣ କରାଯାଏ । ବହୁବାର ମୁଁ ଏ ବିଷୟରେ ଗାଁର ବହୁ ଜଣ ବଡ ବଡିଆ ମାନଙ୍କୁ ପ୍ରଶ୍ନ କରିଛି । ମାତ୍ର କାହାଠୁ ସଠିକ୍ ଉତ୍ତର ପାଇନ । ଦିପହରେ ପିଉସା, କକେଇମାନେ ବସି ତାସ୍ ଖେଳନ୍ତି, ବେଳେ ବେଳେ ମୁଁ ମଧ୍ଯ ସେମାନଙ୍କ ପାଖେ ବସିଥାଏ । ସେଦିନ ପିଉସା କହୁଥିଲେ ବରଗଛ ମାନଙ୍କରେ ବହୁ ବାସୁଳୀ ରହନ୍ତି । ଗୋଟିଏ ଗଛରୁ ଅନ୍ୟକୁ ଡେଉଁ ଥାଆନ୍ତି । ରାତିରେ ଆମ୍ବ ଗଛ ଉପରକୁ ମଧ୍ଯ ଡେଇଁ ଥାଆନ୍ତି । ଏଇ ବାସୁଳୀ ମାନଙ୍କୁ କେହି ଆଖିରେ ଦେଖି ନାହାନ୍ତି । ମାତ୍ର ସେ ଡେଉଁଥିବା ସମୟରେ ଯେ କେହି ତାଙ୍କ ଛାୟା ତଳକୁ ଆସିଯାଇଥାଏ ତାର ମୃତ୍ୟୁ ହୋଇଥାଏ । ତେଣୁ ରାତିରେ ସେ ଆମ୍ବ ବଗିଚା ରାସ୍ତାଦେଇ ମଧ୍ଯ କେହି ଯାଆନ୍ତି ନାହିଁ । ଏହା ଶୁଣିବା ପରେ ମୁଁ ଖୁବ୍ ଭୟ ପାଇଥିଲି । ମାତ୍ର କାହିଁକି କେଜାଣି ବରଗଛ ବିଷୟରେ ଜାଣିବା ପାଇଁ ମୋର ଉତ୍କଣ୍ଠା ବଢିଲା ।କାହାକୁ ପଚାରିବି! ବାପାଙ୍କୁ ଭୟ ।ନନା ଦୁହେଁ ସହରରେ ରହନ୍ତି, କେବେ କେମିତି ପର୍ବ ପର୍ବାଣୀରେ ଦିନେ

ଦୁଇଦିନ ପାଇଁ ଘରକୁ ଆସିଥାନ୍ତି । ଗୋଟିଏ ଉପାୟ ମନକୁ ଆସିଲା । ସଜନା, ଯାହାକୁ ମୋ ବାହାନ ବୋଲି କହି ସୁଶୀନାନୀ ଥଟ୍ଟାକରେ, ତାକୁ ଭୋଗ ଲାଞ୍ଚ ଦେଇ ମତେ ସ୍କୁଲରେ ଛାଡି ଆସିବାକୁ କହିଲି । ଅଗ୍ରନକ ମତେ ସ୍କୁଲରେ ଦେଖି ପଦସାର୍ ଆଚମ୍ବିତ ହେଲେ । ସେ ଦିନ କୌଣସି କାରଣରୁ ସ୍କୁଲ ଶୀଘ୍ର ଛୁଟୀ ହେଲା । ସାର୍ ମତେ ଆସିବାର କାରଣ ପଗ୍ଚରିଲେ, ମୁଁ ଥ- - ଥ- - ମ- - ମ ହୋଇ କହିଲି "ବରଗଛ"!

କଛି ନବୁଝି ସାର୍ ପଗ୍ଚରିଲେ "କଣ କହୁଛୁ ହୁଣ୍ଡୀ! ବରଗଛ କ'ଣ? ?

"ସେଇଟା ଏତେ ବଡ କେମିତି ହେଲା? " ଦମ୍ଭ ବାନ୍ଧି ଏକ ନଶ୍ୱାସରେ କହି ପକାଇଲି ।

"ଆଚ୍ଛା, ଆଚ୍ଛା, ତୁ ବରଗଛ ବିଷୟରେ ଜାଣିବାକୁ ଗ୍ଚହୁଁଛୁ? "

କଛି ନ କହି ମୁଁ ମୁହଁ ତଳକୁ ପୋତି ଛିଡା ହୋଇ ରହିଲି । ପଦସାର୍ ଜାଣନ୍ତି, ମୋର କଛି ଜାଣିବାର ଉତ୍ସାହ ହେଲେ ମୁଁ ସେଇ ପ୍ରଶ୍ନ ପଛରେ ନକୁଟି କରି ପଡିଥାଏ । ମତେ ତାଙ୍କ ଘରକୁ ନେବାକୁ କହି ସଜନାକୁ ବିଦାୟ ଦେଲେ ।

ସାର୍ ଆଗେ ଆଗେ ଗ୍ଚଲିଥାନ୍ତି । ମୁଁ ପଛେ ପଛେ,

"ଘରକୁ ଗ୍ଚଲ୍, ତୋ ଗୁରୁମା ଏ ବିଷୟରେ ତତେ ମୋ ଠାରୁ ଯଥେଷ୍ଟ ଭଲଭାବେ ବୁଝାଇ ଦେବେ ।"

ସାର୍ ଙ୍କ ଘର ବହୁ ଦୂର ନ ହେଲେ ମଧ ପାଖରେ ନୁହେଁ । ଧୋବା ସାଇ ପାର ହୋଇ ଆମେ ସାମଲ ଦେକାନ ପାଖରେ ପହଞ୍ଚିଲୁ ।ସେଇଠୁ ପଣ୍ଡା ସାହି ଆରମ୍ଭ । ଶେଷ ଘରଟା ପଦସାର୍ ଙ୍କର ସରସ୍ୱତୀ ପୂଜା ପରେ ଘର ଘର ସରସ୍ୱତୀ ବୁଲାଇବା ମାଧମରେ ମୁଁ ତାଙ୍କ ଘର ଦେଖିଥିଲି ।

ପାଞ୍ଚ ଖଣ୍ଡ ଗାଁରେ ଏଇ 'ସାମଲ' ଦୋକାନଟି ଦୈନନ୍ଦିନ ବ୍ୟବହୃତ ତେଲ, ଲୁଣ, ଡାଲି, ଗ୍ଚଉଳ ପ୍ରଭୃତି ପାଇଁ ଏକମାତ୍ର ଦୋକାନ । ତେଣୁ ଖୁବ୍ ପ୍ରସିଦ୍ଧ ଦୋକାନ ସାମ୍ନାରେ ସାମନା ସାମନ ଦୁଇଟି ବେଞ୍ଚ ପଡିଥାଏ । ପ୍ରାୟତଃ ଖରିଦଦାର୍ ମାନେ ବସିଥାନ୍ତି, ଶୀତଦିନେ ନ ସାମଲ ବୁଢା ନଜେ ବସି ଖରା ପୁଆଁନ୍ତି, ସେଇଥିରୁ ଗୋଟିଏ ବେଞ୍ଚ ଖାଲି ପଡିଥିଲା । ଲଥ୍ କରି ବସି ପଡିଲି ।

"କ'ଣ ହେଲା? " ପଦସାର୍ ପଛକୁ ବୁଲି ପ୍ରଶ୍ନକଲେ ।

ପ୍ରଥମତଃ କ୍ଲାନ୍ତ, ଉପରକୁ ସାର୍ ଙ୍କୁ ଡରି ପାଟି ଖନ ମାରିଯାଉଥାଏ । ଖନେଇ ଖନେଇ କହିଲି "ଗୋଡିରେ ଗୋଡ ପଶିଗଲା ସାର୍ ॥ ଆପଣ ଗ୍ଭଲନ୍ତୁ, ମୁଁ ପଛେ ପଛେ ଆସୁଛି ।"

"ଗୋଡିରେ ଗୋଡ ପଶିଗଲା ନା ଗୋଡରେ ଗୋଡି? ଚଟି ଦେଖାଇଲୁ ।" କହି ପ୍ରଶ୍ନବାଚୀ ଦୃଷ୍ଟିରେ ସାର୍ ମୋ ମୁହଁକୁ ଗ୍ଭହିଁଲେ ।

"ହଁ ସେଇଆ ସାର୍" ମୁଁ ବାହାର କରିଦେଇଛି । ଆଖି ପତା ନତ କରି କହିଲି ।ମୋ ଦୟନୀୟ ଅବସ୍ଥା ଦେଖି କଧି ସାମଲ ମଉସା ବଟ ହାତରେ ପାଣି ଗ୍ଲାସ୍ ଟିଏ ମୋ ପାଇଁ ପଠାଇଦେଇଥିଲେ ।

ଏକ ନିଶ୍ୱାସରେ ପାଣିତକ ଶେଷ କରି ସାର୍ ଙ୍କ ଆଡକୁ ଗ୍ଭହିଁଲି । ଖରିଦ୍‌ଦାର ମାନଙ୍କ ସଂଗେ ଅନ୍ୟ ବେଞ୍ଚ ଉପରେ ପଦସାର୍ ବସିଥିଲେ । ବେଞ୍ଚରୁ ଉଠିପଡି କହିଲେ, "ଖାଲି ଗ୍ଲାସ୍ ଟା ଦେଇ ଆ, ଏବେ ଯିବା ।"

"ଗେହ୍ଲୀକୁ କୁଆଡେ ନେଇ ଯାଉଛ ମାଷ୍ଟର ବାବୁ? (ମତେ ଗାଁ ଟା ସାରା ଗେହ୍ଲୀ କିଂବା ଗେହ୍ଲୀ ନାନୀ ଡାକଥାନ୍ତି) କହିଲେ ସାମଲ ମଉସା ।

ଆମ ଘରକୁ ।

ତୁମ ଘରକୁ ମାଷ୍ଟର ବାବୁ, ତା ଅବସ୍ଥା ଦେଖୁଛ ତ! ମୁହଁଟା ପୁରା ପୁରି ନାଲି ହୋଇଗଲାଣି ତୁମ ଘର ଯାଇ ଗାଁ ମୁଣ୍ଡରେ । ସେ ଆଉ ଏତେ ବାଟ ଗ୍ଭଲି ପାରିବ?

ମୁହଁ ଟାଣ କରି କହିଲି, "ନାଁ ଆଉ କେତେ ବାଟ ଯେ! ମୁଁ ସାର୍ ଙ୍କ ଘର ଦେଖିଛି, ଗ୍ଭଲି ପାରିବି ।"

"ହଉ ଉଠ୍" କହି ସାର୍ ମୋ ହାତ ଧରି ଗ୍ଭଲିବାକୁ ଆରମ୍ଭ କଲେ ।

ପଦସାର୍ ଙ୍କ ହାତ ଧରି ଗୋଟିଏ ଗୋଟିଏ ଗ୍ଭଲିଲି ।

ସାର୍ ଙ୍କ ପଦଗତି ମଧ୍ୟ ଶିଥୀଳ ହୋଇଗଲା । ମତେ ଦେଖେଇ ଦେଖେଇ କହୁଥାନ୍ତି । ଏଇଟା ଠାକୁରାଣୀ ମନ୍ଦିର । ତା ପଛକୁ ଟିକଏ ଉପରେ ହରି ବାରିକ ଘର । ଆମେ ସେ ସବୁ ଟପି ଏବେ ପଣ୍ଡା ସାହିରେ ପଶିଲେଣି । ଆଉ ଘର କେଇଟା ତ ।

ମନେ ମନେ ପ୍ରମାଦ ଗଣିଲି । ପଣ୍ଡାସାହି ଆରମ୍ଭ ହେଉଛି, ସାର୍ ଙ୍କ ଘରତ ଶେଷ ମୁଣ୍ଡରେ । ଏତେ ବାଟ ଗ୍ଲି ପାରି ବିତ ! ମାତ୍ର ନାଗ୍ଭର ।

ଏଇ ଦେଖିଲୁ, ସିଧା ଗଲେ ଜେନା ସାହି ବାଁ କୁ ଗଲେ ଆମଘର ବଡ ନିଶ୍ୱାସଟାଏ ଛାଡିଲି। ବାସ୍ ଆଉତ ମାତ୍ର କେଇଟା ଘର ।

ସାର୍ ମୋ ମନର ଉତ୍ସାହ ବଢାଇବାକୁ କହିଲେ, "ଆଉ କେତେଟା ଘର ରହିଲା କହିଲୁ?

ସେତେବେଳକୁ ମୋର ମନଟାଣ ଶରୀର ପାଖରେ ହାର ମାନି ସାରିଥିଲା । ମୋଠାରୁ କିଛି ଜବାବ୍ ନ ପାଇ ସାର୍ ମୋ ମୁହଁକୁ ଗ୍ହିଁଲେ । ବିନା ବାକ୍ୟରେ ସିଧା ପିଠିରେ ଲଦ । ମାତ୍ର ପାଞ୍ଚ ମିନଟ୍ ର୍ ସାର୍ ଙ୍କ ଘରେ ପହଞ୍ଚିଗଲୁ ।

ସାର୍ ଙ୍କ ପାଇଁ ଗୁରୁମା ଅପେକ୍ଷା କରିଥିଲେ । ହଠାତ୍ ମତେ ଦେଖି ଆଶ୍ଚର୍ଯ୍ୟ ହେଲେ ମୁଁ ତାଙ୍କ ପାଖରେ ଅପରିଚିତା ନୁହେଁ । ହାତ ମୁହଁ ଧୋଇବା ଭିତରେ ଗୁରୁମା ଆମ ପାଇଁ ଦୁଇଟି କାଚ ଥାଳଆରେ ଗରମ ଗରମ ଜଳଖିଆ ଆଣି ରଖିଲେ । ପଦସାର୍ ମୋ ଆସିବାର କାରଣ ଦର୍ଶାଇ ପୁଣି କୁଆଡେ ବାହାରିଗଲେ ।

"ସେ ଭୂତ ପ୍ରେତ ବାସୀ ଗଛ ବିଷୟରେ ତୁ କ'ଣ ଜାଣିବାକୁ ଗ୍ହୁଁଛୁ ଲେ୍ ମାଃ " କହି ଗୁରୁମା ମୋ ପାଖରେ ବସିଲେ ।

"ଏତେ ବଡ ଗଛଟା ଜନ୍ମ କେମିତି ହୁଏ ଗୁରୁମା? ଅନ୍ୟ ଗଛ ସବୁ ତ ଛୋଟରୁ ବଡ ହୋଇଥାଏ ।"

ଏ ଗଛ ମଧ୍ୟ ଛୋଟରୁ ବଡ ହୋଇଥାଏ।

ନାଁ ଗୁରୁମା, ଆମ ତୋଟାରେ ସବୁ ଗଛ ଗୁଡା ବଡ ବଡ ଜନ୍ମ ହୋଇଛନ୍ତି । ମୁଁ ପ୍ରଥମ ଶ୍ରେଣୀ ପାସ୍ କଲା ପରେ ଠାକୁର ଘର ପାଖରେ ଖୁସିରେ ଗୋଟିଏ ନଡିଆ ପୋତି ଦେଇଥିଲି । ସତ କହୁଛି ଗୁରୁମା ପ୍ରଥମେ ଏଡିକ ଟିକେ ଗଜା ବାହାରିଲା, ତା ପରେ

କେଡେ ସୁନ୍ଦର କଅଁଳଆ ଦୁଇଟି ପତ୍ର । ଏବେ ସେ ଗଛଟା ମୋ ଠାରୁ ଡେଙ୍ଗାରେ ବେଶୀ ହୋଇଗଲାଣି । ବିଦ୍ୟା ଗୁଣ, ସତ କହୁଛି ।

ତୁମ ତୋଟା ବରଗଛ ଶହେ ବର୍ଷର ପୁରୁଣା ଗଛ ହୋଇଥିବ । ତେଣୁ ତୁ ତାକୁ ଛୋଟ ଦେଖିନୁ ।ମନେ ରଖିଥା, ଗଛ ହେଉ, ପଶୁ ହେଉ, ପକ୍ଷୀ କିଂବା ମଣିଷ ସମସ୍ତେ ଜନ୍ମ ଅବସ୍ଥାରେ ଖୁବ୍ ସାନ ଥାଆନ୍ତି । ରହିଲା ଗଛ ଲତାଙ୍କ ଜନ୍ମ କଥା, କେହି ମଞ୍ଜିରୁ ଏବଂ ଅନ୍ୟ କେହି ଡାଳରୁ ଉତ୍ପନ୍ନ ହୋଇଥାଆନ୍ତି, ବରଗଛର ଉତ୍ପନ୍ନ ମଧ ମଞ୍ଜିରୁ ।

ତେବେ ସେ ମଞ୍ଜିଟା ବହୁତ ବଡ ହୋଇଥିବ?

ନାଁ ଖୁବ୍ ଛୋଟ ଛୋଟ, ତୁ ବରଗଛରେ ନାଲି ନାଲି ଫଳ ଦେଖିନୁ ।

ହଁ ଗୁରୁମା, ପେନ୍ଥା ପେନ୍ଥା ହୋଇ ବି ଥାଏ । ଭରି ସୁନ୍ଦର ଦେଖାଯାଏ ।

ସେଇ ଗୋଟିଏ ଗୋଟିଏ ଫଳ ଭିତରେ ଅନେକ ଛୋଟ ଛୋଟ ଷୋରିଷ ଭଳ ଅନେକ ମଞ୍ଜି ଥାଏ । ପକ୍ଷୀ ମାନେ ଏଇ ଫଳ ଗୁଡା ଖାଇବା ସମୟରେ ତାଙ୍କ ପାଦ ମାନଙ୍କରେ ଯାଇ ଯେଉଁଠାରେ ପଡିଥାଏ, ସେଇଠି ଗଛ ଉଠିଥାଏ ।ଘ ର ମାନଙ୍କ ଫାଟ କମ୍ବା ଫାଙ୍କା ଯାଗା ମାନଙ୍କରେ ତୁ କେବେ ଛୋଟ ଛୋଟ ବରଗଛ ଦେଖିନୁ?

ନାଁ ଗୁରୁମା- -

ଏବେ ଅନ୍ଧାର ହୋଇଗଲାଣି, ଦେଖା ଯିବନ, କାଲି ତତେ ଦେଖାଇ ଦେବି ।

ଏତେ ବଡ ଗଛଟାକୁ ଚେର କେମିତି ସମ୍ଭାଳେ ଗୁରୁମା?

ଗଛ ବଡ ହେବା ସଙ୍ଗେ ସଙ୍ଗେ ଯାର ବହୁ ଶାଖା ଚେର ଗଛରୁ ଓହଳ ପଡି ଥାଆନ୍ତି । ଯାହାକୁ ଆମେ ବର ଓହଳ କହିଥାଉ । ସମୟ କ୍ରମେ ସେଇ ଚେର ଗୁଡିକ ଭୂଇଁ ଭିତରେ ଖେଳ ଯାଇଥାଆନ୍ତି । ପରେ ପରେ ମୁଖ୍ୟ ଚେରଟି ଶୁଖି ଯାଇଥାଏ । ସେଇ ଯାଗାରେ ଏକ ଫାଙ୍କ ସ୍ଥାନ ରହିଯାଏ । ଏଇ ଫାଙ୍କ ଜାଗାକୁ ଆମେ କୋରଡ କହିଥାଉ । ସେଇ କୋରଡରେ ବିଷାକ୍ତ ସାପ, କଙ୍କଡା ବିଛା ଇତ୍ୟାଦି ଘର କରି ରହନ୍ତି । ସମୟେ ସମୟେ ଏଇ ସାପ ମାନେ ବାହାରି ଗଛରେ ଫଳ ଖାଉଥିବା ଚଢେଇ ମାନଙ୍କୁ ମଧ ଗିଳ ଦେଇ ଥାଆନ୍ତି ।

ହଁ ଗୁରୁମା, ସ୍କୁଲ୍ ରେ ପଢିବା ସମୟରେ ମୁଁ ଏଇ ଦୃଶ୍ୟ ଥରେ ଦି ଥର ଆଖିରେ ଦେଖିଛି। ଚଢେଇଟି ଅଧା ସାପ ପାଟିରେ ରହି କ ବିକଳ ଭାବେ ଚିଁ ଚିଁ କରୁଥାଏ ।

ହେଲେ ଭାରି ଉପକାରୀ ଗଛଟିଏ । ରାସ୍ତା ଚାଲି ଚାଲି ଥକ ଯାଉଥିବା ପଥିକୀ ମାନେ ଏହି ଗଛ ଛାଇରେ ବସି ବିଶ୍ରାମ କରନ୍ତି ।

ସତ କଥା ଗୁରୁମା ୟା ତଳେ ଗାୟାଳ ପିଲାମାନେ ମଧ୍ୟ ଆରାମ କରନ୍ତି । ଖେଳ ଛୁଟୀରେ ପୁଅପିଲାମାନେ ଯାଇ କେତେ ମଜାରେ ଖେଳନ୍ତି । ଝିଅମାନଙ୍କୁ ସାର୍ ଯିବାକୁ ଦିଅନ୍ତି ନାହିଁ।

ପୁଅ ମାନଙ୍କ ସଂଗେ ମିଶି ଖେଳଲେ ତୁମମାନଙ୍କୁ ଉର୍ଦ୍ଦଣ୍ଡୀ, ଅଣ୍ଡିରା ଚଣ୍ଡୀ ଆଖ୍ୟା ଦେବେ ବୋଲି ।

ନାଁ ଗୁରୁମା, ବଡ ବର ଗଛଟା ତଳେ ବାପା ଖୁବ୍ ସୁନ୍ଦର 'ଚଉତରା' ତିଆରି କରି ଦେଇଛନ୍ତି। ତାରି ଉପରେ ଯାଇ ବସିବା ପାଇଁ ମଧ୍ୟ ସାର୍ ପ୍ରତିରୋଧ କରନ୍ତି ।

କାହିଁକି କେଜାଣି, ମୋ କଥାର ଉତ୍ତର ନ ଦେଇ ଗୁରୁମା କହିଲେ ବରଗଛର ଓହଳ ଗୁଡିକ ଏତେ ସୁନ୍ଦର ଯେ, ଏଇ ଗଛକୁ 'ବନସାଇ' କରି ଘରେ ରଖିବାକୁ ବହୁଲୋକ ପସନ୍ଦ କରନ୍ତି ।

'ବନସାଇ' କ'ଣ ଗୁରୁମା?

ଏତିକ ଟିକଏ ମୁଣ୍ଡ, କେତେ କଥା ଜାଣିବାକୁ ଚାହୁଁଛୁ

'ବନସାଇ' ଅର୍ଥାତ ଗୋଟିଏ ବଡ ଗଛକୁ ଗୋଟିଏ କୁଣ୍ଡ ଭିତରେ ଛୋଟ ରୂପେ ପ୍ରତିଷ୍ଠିତ କରି ତାର ସୌନ୍ଦର୍ଯ୍ୟ ଉପଭୋଗ କରାଯାଇଥାଏ । ଏଇ 'ବନସାଇ' ତାଇବାନ୍ ର ଦୁଇଶହ ବର୍ଷ ଠାରୁ ଅଧିକରେ ଅଛି ବୋଲି କୁହାଯାଏ ।

ୟାକୁ ଆମେ ଦେଖି ପାରିବା?

ନାଁ, ଏହା ତାଇବାନ୍ ରେ, ଏସବୁ ବିଷୟରେ ବଡ ହୋଇ ପଢିଲେ ଜାଣିବୁ । ଆଜି କେବଳ ଗଛ ବିଷୟରେ ଜାଣିଥା । ଆଲୋ ମା, ଆଜି ଘିଅ ମାରି ଥିଲି, ତୋ ସାର୍ ଙ୍କୁ ଘର ମରା ଘିଅ ଖୁବ୍ ଭଲ ଲାଗେ । ତେଣୁ 'ଦୁଧସର' ଜମାଇ ପ୍ରତି ସପ୍ତାହରେ ଥରେ ଲହୁଣୀ ବାହାର

କରି ଘିଅ ମାରିଥାଏ । ପିଲ୍ ମାନଙ୍କୁ ଘିଅ କୋରୁଅ ଭଲ ଲ୍ଗେ । ଆମର ତ ପିଲ୍ ଝିଲ୍ ନାହାନ୍ତି । ତତେ ଘିଅ କୋରୁଅ ଭଲ ଲ୍ଗେ?

ବହୁତ ଭଲ ଲ୍ଗେ, ଟିକଏ କଞ୍ଚା ସେ ପୁଣି ଗରମ ଗରମ କେଡେ ସୁଆଦ ।

ରହ, ମୁଁ ଟିକଏ ଉଷୁମ କରି ଆଣୁଛି ।

ଏବେ ନାଇଁ ଗୁରୁମା, ଆଉ ଟିକଏ ଗଛ ବିଷୟରେ କୁହ ।

ସବୁତ କହି ସାରିଲିଣି, ହଉ ଶୁଣ୍ ।ଏଇ ଗଛକୁ 'ଜାତୀୟ ବୃକ୍ଷ' ବୋଲି କୁହାଯାଇଥାଏ । ଭଗବାନ୍ କୃଷ୍ଣ ଯ୍ବା ବିଷୟରେ ଆତ୍ମା ଏବଂ ଅପାର୍ଥିବ ବିଷୟ ଉପରେ ବହୁ ତୁଳନା ବର୍ଣ୍ଣନା କରିଛନ୍ତି, ସେ ସବୁ ତୁ ବଡ ହେଲେ ବୁଝି ପାରିବୁ । ତା ବ୍ୟତୀତ, ଏହା ବିଷୟରେ ବହୁ ବଡ ବଡ ଲେଖକ ସତ୍ୟ ବୋଲି ଧାରଣା କରି ବହୁ କାଳ୍ପନିକ ଗଳ୍ପ ଲେଖିଛନ୍ତି, ସେ ସବୁ ବୁଝିବା ପାଇଁ ତୋର ବୟସ ହୋଇନ । ହଁ ଏଇ ଗଛ ତଳେ ବସି ବୁଦ୍ଧଦେବ ନିର୍ବାଣ ପ୍ରାପ୍ତ କରିଥିଲେ, ଯେଉଁ ଗଛତଳେ ପ୍ରାଣତ୍ୟାଗ କରିଥିଲେ ସେଇ ଗଛଟିର ନାମ ବୋଧିଦ୍ରୁମ । ପ୍ରତ୍ୟେକ ବର୍ଷ ଡିସେମ୍ବର ଆଠ ତାରିଖ ଦିନ ବୁଦ୍ଧଧର୍ମ ଅବଲମ୍ବୀ ମାନେ ଏଇ ଗଛ ତଳେ ବସି "ବୁଦ୍ଧ ଶରଣଂ ଗଚ୍ଛାମି" କହି ପରସ୍ପରକୁ ଆଲିଙ୍ଗନ କରନ୍ତି ।

ଆଉ ଭୂତ?

ଭୂତ!!!

ବରଗଛରେ ବାସୁଳୀ- - - -

"ଏତେ କଅଁଳ ମନରେ ଏ ଭୂତ କଥା କଏ ପଶାଇଲ୍? " କଥାକାଟି କହିଲେ ଗୁରୁମା ।

ଆଉ କହନ୍ତି, ଏ ବାସୁଳୀ ଗୋଟିଏ ଗଛରୁ ଅନ୍ୟକୁ ଡେଇଁଥାଏ ।

ମିଛରେ ମନ ଭିତରେ ଏ ଭୂତ ପ୍ରେତ କାହାଣୀ ପଶେଇ ଦେଇଛୁ । ଆଜିଠୁ ମନେ ରଖ, ଆଉ କାହା ଠାରୁ ଏ ଭିତ୍ତିହୀନ ଭୂତ ପ୍ରେତ ଗପ ଶୁଣିବୁନ ।

ଆଜି କହିଦିଅ, ଆଉ କେବେ କାହାଠୁ ଶୁଣିବିନ, ବିଦ୍ୟାଗ୍ଣ ।

ଏ "ବିଦ୍ୟାଗ୍ଣ" କଥା କଥାକେ ପକାଇବା ମଧ୍ୟ ଛାଡିଦେ । ମା ସରସ୍ୱତୀଙ୍କୁ ଦୁଃଖ ହେବ ।

ଯୋଉ ସରସ୍ୱତୀ ମା ଆମ ଉପରେ ଏତେ ଜ୍ଞାନ ଅଜାଡି ଦେଉଛନ୍ତି, ତାଙ୍କୁ ଦୁଃଖ ହେବ! ଆଉ ଥରେ ବି "ବିଦ୍ୟାଗ୍ରଣ" କିଂବା ସେମିତି କିଛି ଗ୍ରଣ ନିଜେ ତ ପକାଏନି ଅନ୍ୟ କେହି କହିଲେ ମୁଁ ବିରକ୍ତ ହୋଇଯାଏ ।

ସାର୍ ଙ୍କର ପ୍ରିୟ ଛାତ୍ରୀ, ଗୁରୁମା କଥା ମାନିବନି!

ସତ ଗୁରୁମା, ବରଗଛରେ ଭୂତ ରହନ୍ତିନି?

ଏ ସବୁ ଗପ ଆମେ ପିଲାଦିନୁ ଶୁଣି ଆସିଛୁ । ବରଗଛ ରେ ଜୀବାତ୍ମା ବାସ କରେ । କେହି ତାକୁ ଉପହାସ କଲେ ସେ ପ୍ରତିଶୋଧ ନିଏ । ଭୂଲ୍ ବଶତଃ କେହି କେବେ ଯଦି ତାର ଆଡକୁ ଆଂଗୁଠି ଦେଖାଇ ଥାଏ ତେବେ ସେ ନିଶ୍ଚୟ ତାର ଶୀକାର ହେଇଥାଏ, ହେଲେ ଆମ ଭାରତୀୟ ସଂସ୍କୃତିରେ ସେମିତି କିଛି ନାହିଁ ।

ଫିଲିପାଇନ୍ସର ହେଉ ବା ଭାରତର ଭୂତ କଥା ହେଉ ମୋର ଖିଆଲ ବୋହିବା ଆରମ୍ଭ ହୋଇ ଯାଇଥିଲା । ପଣତ କାନିରେ ମୋ ଖିଆଲ ପୋଛି ଦେଇ ଗୁରୁମା ମତେ ରନ୍ଧାଘର ଆଡକୁ ନେଇଗଲେ ।

ଏଇ ଆଂଗୁଠି ଦେଖା ଶବ୍ଦଟି ମୋ ମନରେ ଏମିତି ବସା ବାନ୍ଧି ଦେଇଛି ଯେ କେହି ବି କାହାକୁ ଆଂଗୁଠି ଦେଖାଇ କଥା କହୁଥିଲେ ( ବଡ, ସାନ, ଗୁରୁଜନ, ପରିଚିତ, ଅପରିଚିତ ନିର୍ବିଶେଷରେ) ମୁଁ ତାଙ୍କୁ ଆଂଗୁଠି ତଳକୁ କରିବାକୁ କହେ ।

ଗୁରୁମାଙ୍କ ଠାରୁ ସବୁ କଥା ଶୁଣିବା ପରେ ମଧ୍ଯ ଭୂତ ପ୍ରେତରେ ଅବସ୍ଥିତ କଥାଟିକୁ ମୁଁ ମନରୁ ପୋଛି ଦେଇ ପାରି ନ ଥିଲି । ପୃଥିବୀରେ ଭୂତ ଅଛନ୍ତି ଯେଉଁମାନେ କେଉଁଠି ଟିକିଏ ଫାଙ୍କା ଯାଗା ପାଇଲେ ବାସ କରିଥାନ୍ତି, ଯେମିତିକି ବରଗଛ କୋରଡ ଗ୍ରାମ ଘର କାନ୍ଥ ଆଉ ଛପର ମଧ୍ଯରେ ଫାଙ୍କା । ରୁମ୍ ଭିତରକୁ ପଶିଲେ ମୁଁ ଆଗ ଭଲ କରି ଆଖି ବୁଲାଏ, ସେଇ ଫାଙ୍କରେ 'ଭୂତ' ବସିନି ତ ! ସତକୁ ସତ ଦିନେ ଭୂତକୁ ଦେଖିଥିଲି । ତାହା କେମିତି? ଏବେ ମନେ ପଡିଲେ ମୁଁ ନିଜକୁ ନିଜେ ଲଜ୍ଜିତା ହୁଏ ।

ଆମ ଘରକୁ ଲାଗି "ପୋକ ପିଉସା"ଙ୍କ ଘର, ସଂପର୍କରେ ସେ ମୋର 'ଜେଜେ ବାପା' ହେବେ ।ମାତ୍ର ସେ 'ୟୁନିଭରସାଲ୍' ପିଉସା ମୋ ଜନ୍ମ ପୂର୍ବରୁ କିଂବା ଜନ୍ମ ପରେ ପରେ

ତାଙ୍କର ଦେହାନ୍ତ ହୋଇଯାଇଥିଲା । କହନ୍ତି ସେ ଖୁବ୍ କଳା ଥିଲେ । ଅନ୍ଧାରରେ ଦେଖିଲେ ଜଣେ ଜାଣି ପାରିବନ । 'ଆଉ ବୋଉ'ଘର ( ଆମ ଶୋଇବା ଘର) କାନ୍ଥ ଉପରେ ପୋକ ପିଉସାଙ୍କ ଭୂତ । ଆଖି ଦିଟା ଦପ୍ ଦପ୍ କରି ଜଳୁଛି, ଏକ ଅଚଳ ପଥର ମୂର୍ତ୍ତୀ ସଦୃଶ । ଖୁବ୍ ଜୋର୍ ରେ ଚହ୍ଲାର କରି ଥରେ ବେହୋଶ୍ ହୋଇ ଯାଇଥିଲି । ହୋଶ୍ ଆସିବା ପରେ ମଧ୍ୟ ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ବିଛଣାରୁ ଉଠି ପାରି ନ ଥିଲି ।

ନାନୀ ର ଭିତ୍ତିହୀନ ଆକ୍ଷେପ ଏବେ ମନେ ପଡିଲେ ଖୁବ୍ ହସ ଲାଗେ । ପିଲାଟିର ସାହା ମାଆ । ଯୋଉ ପିଲାର ମା ନଥାଏ ଭୂତ ପ୍ରେତ ମାନେ ତା ଗୁରିପାଖେ ଭିନ୍ନ ଭିନ୍ନ ବେଶ ଧରି ବୁଲୁଥାନ୍ତି । ଆମ ପିଲାଟାକୁ ପ୍ରଭୁ ଲକ୍ଷ୍ମୀ ନାରାୟଣ ସାହା ବୋଲି ତାକୁ ଛୁଇଁ ପାରୁ ନାହାନ୍ତି। ମାତ୍ର କେବେ କୁକୁର, କେବେ ଶିଆଳ( ଶୃଗାଳ) କେବେ ବିଲେଇ ରୂପ ଧରି ତା ଆଗକୁ ଆସିଯାଇଥାନ୍ତି । ସେ ଦିନର ବିଲେଇ ମଧ୍ୟ ଗୋଟିଏ ପ୍ରେତାତ୍ମା ଥିଲା ।

୧୯୭୨ ମସିହାରେ ପୋଷ୍ଟ ଗ୍ରାଜୁଏଟ୍ କରିବା ପାଇଁ ଅଫ ଥାଲ୍ମିକ୍ ଫିଜିଓଲୋଜି ପଢିବା ସମୟରେ ଜାଣିଲି ଯେ ବିଲେଇ ଏବଂ କୁକୁର ମାନଙ୍କ ଆଖି ଭିତରେ "ଟାପେଟମ୍ ଲୁସିଡମ୍" ନାମକ ଗୋଟିଏ ଲେୟାର ଥାଏ, ଯାହା ସେମାନଙ୍କର 'ପିଉପିଲ୍' ମାଧ୍ୟମରେ ଲାଇଟ୍ ରିଫ୍ଲେକ୍ସନ୍ କରେ- - - -

୧୯୭୭ ମସିହାରେ ଆଉ ଏକ ଘଟଣା । ଯାହା ମତେ ପିଲାଦିନ ଭୂତ ପ୍ରେତ ମହିମା ବିଷୟରେ ମୋ ମନରେ ଥିବା ମହିମା କୁ ଦୂରୀ ଭୂତ କରିଥିଲା ।ମୋର ଗୋଟିଏ ମାତ୍ର ପୁଅ, ବହୁ ବାଧା କ୍ରମେ ଜନ୍ମ ହୋଇଥିଲା ।" ଲୋ ବାର୍ଥ ୱେଟ୍ ଏବଂ ଟପ୍ ଫିଡ୍" ବାରଂବାର ତାର ଇନେ୍ଫକ୍ସନର କାରଣ ହେଉଥିଲା । ମାତ୍ର କେଇଟା ସପ୍ତାହରେ ସେ ବହୁବାର ଶିଶୁ ବିଭାଗ ୱାର୍ଡ ରେ ଭର୍ତ୍ତି ହୋଇସାରିଥିଲା । ଶେଷରେ ସମସ୍ତେ ଆଶା ଛାଡି ଦେଇଥିଲେ, ଏଇ ଘଟଣାଟି ରେ ମୁଁ ମାନସିକ 'ସକ'ର ଆକ୍ରାନ୍ତ ହୋଇଥିଲି । ମୋର ଆତ୍ମୀୟାଙ୍କର ଟିପ୍ପଣୀ ଥିଲା ପିଲା ତ ଠିକ୍ ହେଉନ । ଇଏ ଯେମିତି ମାକୁ ହରାଇଥିଲା ଶିଶୁଟି ପାଇଁ ସେଇ କଥାର ପୁନରାବୃତ୍ତି କରାଇବ ବୋଧେ। ରୋଗଣା ଛୁଆଟାର ତତ୍ତ୍ୱାବଧାନ କିଏ କରିବ! ମୋର ଜଣେ ସିନୟର ଘରକୁ ଆସିବାକୁ ଅନୁରୋଧ କରିଥିଲି । ମୋ ସଂଗେ କଥାବାର୍ତ୍ତା କରି କହିଥିଲେ "ତୁମେ ପିଲାର ଅବସ୍ଥା ଦେଖି ସକ୍ ପାଇ ଯାଇଛ । ଯାହା ସାର୍କୁଲେଟୋରୀ ସକ୍ ନୁହେଁଯେ

ତୁମର ଜୀବନେ ନେବ, ଏହା ହେଉଛି "ଇମୋସନାଲ୍ ସକ୍" । ନିଜକୁ ଦୃଢ କର । ପିଲାକୁ ଭଲରେ ରଖି ପାରିବ । ସେଇ ଥିଲା ମୋର ଶେଷ "ଇମୋସନାଲ୍ ସକ୍ ।" ପିଲାଦିନ କଥା ମନେ ପକାଇ ମୁଁ ଏକ ସିଦ୍ଧାନ୍ତରେ ନିଶ୍ଚିତ ଭାବେ ଉପନୀତା ହୁଏ ଯେ, ସେଇ ଭୂତପ୍ରେତ ର ଭୟ ମତେ ପିଲାଦିନେ "ଇମୋସନାଲ୍ ସକ୍" ଦେଉଥିଲା ।

ସମୟ କ୍ରମେ "ଇମୋସନାଲ୍ ସକ୍" ତ ଆସିବ ଦୂରକଥା, ମୋ ଆଖିରେ ଲୁହ ଦେଖିବା ବି ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ଭବ ହୁଏ ନା ।

ପିଲାଦିନର ସେଇ 'ଭୂତ ଦର୍ଶନ' ଘଟଣା ପରେ ମୁଁ ରାତିରେ ଠାକୁର ଘରେ କିଂବା ଠାକୁର ଘର ବାରଣ୍ଡାରେ ( ଘରଟି ପକ୍କା ଏବଂ ଉପରେ କାଠ ଛାତ, ତେଣୁ ଭୂତ ବସିବା ପାଇଁ ଫାଙ୍କ ନଥାଏ) ଶୋଇବା ଆରମ୍ଭ କରିଦେଲି । "ଯିଏ ନିଜ ବିଛଣା ବ୍ୟତୀତ ଅନ୍ୟ କେଉଁଠି ରାତିରେ ଶୋଇ ପାରେନା, ତାର ଏ ବ୍ୟତିକ୍ରମ, ଅର୍ଥାତ ତାର ଆଧ୍ୟାତ୍ମିକତା ଉପରେ ଦୃଢ ବିଶ୍ୱାସ ଜାଗି ଉଠିଛି" କହି ବାପା ନିଜର ପ୍ରସନ୍ନତା ପ୍ରକାଶ କରିଥାନ୍ତି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

# କାଏଁଜେ



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ଅଧ୍ ରାତିଆ ଦେଖଲେ ଜେତେ ସପନ୍
ସତ୍ ନାଇଁ ହଏ  କାଏଁଜେ ?
ସପନ୍ ଜେତେ ଦୁଖ୍ ବୁହି ଆନସି
ସୁଖ୍ ନାଇଁ  ଆନେ କାଏଁଜେ ?
ବିଶ୍ୱାସୀ ବଲି ଭାବସୁ ଜାହାକେ ମନେ
ବିସ୍ ଦେସି ମୁହେଁ କାଏଁଜେ ?
ପିଠୁଆଁ ଅଠୁଆଁ ରକତ୍ ମିସା ଭାଇ
ଭଗାରୀ ହଇଜାଏସି କାଏଁଜେ ?
ପାଲି ପୁସି ବଡ଼ କରସି  ଜାହାକେ ଦିନେ
ସେ ବସା ଛାଡି ଭାଗସି କାଏଁଜେ ?
ଭଲ ପାଏସି ବଲି ଦୁନଆ ଥି  ସେ ଏକା
ପ୍ରେମ୍ ଠାନୁ ମମତା ହାରସି କାଏଁଜେ ?
ଝନେ କର୍ସି ନଜର କର୍ତବ୍ ତନ୍ ମନ୍ ଦେଇ
ଆର ଝନେ ଭୁଲି ଜାଏସି କାଏଁଜେ ?
ଏତେ ବଡ଼ ସଂସାରେ ଦୁର୍ଲ୍ଲଭ ଜୀବ ମୁନୁସ୍
ମୁନୁସପନ୍ ସ୍ୱାର୍ଥେ ହଜାସି କାଏଁଜେ ?

ପ୍ରଧାନପାଲି, ସମ୍ବଲପୁର

# ତମେ ଆଏତ କନ

ମୁରଲିଧର ଶିକା

ମାଏଟମାଁ ସତେ ଆଁ ଫାରିଛେ
ପାଏବାର୍ ଲାଗିର୍ ଟିକେ
ଗଛ୍ ପତର୍ ନୁ ସୁଖି ଯାଉଛନ୍
ରହେଲା ଆରୁ ତ ପଖେ

ପାଏନ୍ ବରଷିଲେ ଧରତୀ ରାନ
ପେସରେଇ ଦେବାନ୍ ପଁଏତ୍ ।
ସାଗୁଆ ଗଲ୍ ଗଲ୍ ଦେହେ ଦିସବା
ଦିସବା ହେତକ୍ ସଲଖ୍ ॥

ବେଙ୍ଗଲି ରାନୀ ଗରଯେଇ ଦେବା
ସବୁଆଡେ ହୁଲହୁଲି ।
ରୁଷିର୍ ମନ ବି ଗହଇ ଲାଗବା
ହଁସୁ ଥିବା ଧାନ୍ ଡୁଲି ॥
ଭିଯେଇ ଦେଗୋ ବରଷା ରାନୀ
ଆମର୍ ଦିହେଁ ଅଛରେ ।
ତମେ ପଲାବାର୍ ହେଇଗଲାନ୍
ଆମର୍ ଗାଁନୁ ବଛରେ ॥

ଖର୍‌ର୍ ମାଡକେ ଡହକ୍ ବିକଲ୍

ନାଇ ହେବାର୍ ନ ସହି ।

ତେମେ ଆଏଲେ କେଡେ ସୁନ୍ଦର୍

ପାରମୁନ ହେତ୍ କର୍ ରହି ॥

ଉଛୁର୍ ନାଇ କର୍ ଆମକୁ ଦେଖ

କରବ ଟିକେ ଦୟା ।

ସ୍ୱାଗତ୍ କରୁଛୁ ଫୁଲ୍ ଦୁବ୍ ଧରି

ନାଇଁ ଲଗନ ମାୟା ॥

କୁତୁର୍ଲା, ଲରମ୍ବା, ପାଟଣାଗଡ, ବଲାଙ୍ଗୀର

**ବେଦାନ୍ତୀର ଆଗାମୀ ସଂଖ୍ୟା ସେପ୍ଟେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଅଗଷ୍ଟ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।**

# ମା ର ଆର୍ତ୍ତଚତ୍କାର

ଶୁଭସ୍ମିତା ବେହେରା

ଧନରେ ତୁ କାନ୍ଦୁଛୁ
ମୁଁ କହୁଛି ଆହୁରି କାନ୍ଦ
ସେ ପର୍ଯ୍ୟନ୍ତ କାନ୍ଦି ଚ୍ଛଲ
ଯେ ପର୍ଯ୍ୟନ୍ତ ତୋ ନରୀହ ଆଖିକୁ ନଦ ନଆସିଛି ।
ନକାନ୍ଦିଲେ ତୁହି ଟାଣ ହେବୁ କେମିତି?
ଟାଣ ହେଲେ ସିନା ଜଗତ ଜିତା ହେବୁ ।
ଆଉ ତା ପରେ,
ତା ପରେ ନେବୁ ପ୍ରତିଶୋଧ
ତୋ ନସଙ୍ଗ ମା ର ଯନ୍ତ୍ରଣା ଭରା ଦୁର୍ଦ୍ଦଶା
କମ ସହିନାହିଁ କଷ୍ଟ
କମ ଖାଇନାହିଁ ଚ୍ଛବୁକ ର ପ୍ରହାର
ତଥାପି ବଞ୍ଚିଛି
ଖାସ ତୋ ସକାଶେ ॥

ଉଦୟନାଥ ଅଟୋନୋମସ କଲେଜ ( ଅଡଶପୁର)
ଜେନାପୁର, ଜାଜପୁର, ଓଡିଶା

ବେଦାନ୍ତୀ

# ସ୍ୱପ୍ନନାୟିକାର ଗପ



ରାଜେଶ ପୂଜାରୀ

ପ୍ରଶ୍ନ 'ସେ କବିତା କାହିଁକି ଲେଖେ? ଅନ୍ୟର ମନ ବୁଝିଲା ପରି ଉତ୍ତରଟିଏ ଦେଇ ନପାରି କବି ସ୍ୱପ୍ନର ନୀଳ ଉପତ୍ୟକାରୁ ବାସ୍ତବତାର କାଠଗଡାରେ ପହଞ୍ଚିବାକୁ ବାଧ୍ୟ ଯେମିତି, ସେ ପ୍ରକାର ସମ୍ପୂର୍ଣ୍ଣ ଅଣନିଃଶ୍ୱାସୀ ମୁଁ । କାହିଁକି ଆସୁନ, କାଇଁ ମତେ ଏତେ ହଇରାଣ କରୁଛ, ମତେ କାନ୍ଦେଇ ତୁମକୁ ମଜା ଲାଗୁଛି କି, କଉ ଅପରାଧରେ ମୁଁ ଏତେ ବଡ଼ ଦଣ୍ଡର ଭୁକ୍ତଭୋଗୀ, କେଉଠି ଅଛ, ଆଉ ଆସିବନି କି, ରାଗିଛ କି...ରୁଷିଛ କି... ଫୁଲେଇଛ କି? ଏମିତି ଅନେକ ପ୍ରକାରର ପ୍ରଶ୍ନବାଣରେ ମୁଁ କ୍ଷତାକ୍ତ ହୁଏ । ଉତ୍ତର ମିଳେନାହିଁ । କେବଳ ତର୍ଜମା ...!

ଆଜି ମୋ ସାଙ୍ଗରେ ଯାହା କିଛି ହେଉଛି ସବୁ ତୁମରି ପାଇଁ । ଆଗରୁ ତ ମୁଁ ଠିକ୍ ଠାକ୍ ଥିଲି । ତୁମକୁ କ'ଣ ଜଣା, ଖୋଜି ଖୋଜି ତୁମକୁ...ହଜେଇ ଦେଲିଣି ନିଜକୁ । କ୍ଷୁଧା- ତୃଷ୍ଣା ମରି ଗଲାଣି । ଏଥର ବହୁତ ଅସହ୍ୟ ହେଉଛି ଏସବୁ । ଅହରହ ଖାଲି ତୁମରି...କଥାକୁ ସୁମରି....ଗଲିଣି ଝୁମୁରି । ଆଉ ହେବନି ।

ମୁଁ ତୁମକୁ ନତମସ୍ତକ ହୋଇ ଦୟାଭିକ୍ଷା କରୁଛି, ଫେରି ଆସ ପୁଣି ଥରେ ମୋ ଜୀବନକୁ। ଆସ ଉଭୟ ମିଶି ଯିବା ବୁଲିବାକୁ...ଆମ ଗାଁ ନଈ କୂଳକୁ । ତୁମେ ମୁଁ ଓ ଶୁନଶାନ୍ ରାତି । ଖୁବ୍ ମଜା ଲାଗିବ । ତୁମେ ଯେବେ କହିଲ ମୁଁ କିଛି ନ ଭାବି ବିଗୁରି ଲମ୍ବିଲି ତୁମ ପଛରେ । ଆଉ ମୋ ବେଳକୁ କାଇଁ ଏତେ କୃପଣ ହୁଅ ଯେ ...ଆସନା...! ରାତି ପାହିଯିବ । ତୁମ ଆମ କଥା ଅଧୁରା ରହିଯିବ । ତୁମେ ଯଦି ଚାଲି ଆସ ମୋ

ହୃଦୟର ଶ୍ରାବଣ ପଖଳା ଗଜ୍ୟକୁ ତାହା ପୁଣି ରଙ୍ଗେଇ ଯିବ ଅଭୁଲା ଫଗୁଣର ଅବିରରେ । ତୁମେ ପଗ୍ଯରୁଥିବ । ମୁଁ କହୁଥିବି । ସମୟ ସମୟରେ ତୁମ କୃଷ୍ଣଚୂଡା ସମ ରକ୍ତାଭ ଓଷ୍ଠ ଯୁଗଳରେ ହସର ଜୁଆର ଉଠୁଥିବ । ଆଉ ମୁଁ ସେଥିରେ ଭାସିଯାଇ ବର୍ଷାଇବି ତୁମ ଉପରେ ହଜାର ହଜାର କବିତାଫୁଲ । ବାଟ ଗ୍ଯହିଁ ରହେ ମୁଁ ଅନଷ୍ଟିତ ଏକ ଆଶାରେ । କାଳେ ଆସିଯିବ । କାରଣ ତୁମ ହୃଦୟର ପାହାଚ ଅତିକ୍ରମ କରି ପଢ଼ି ସାରିଛି କେତେ ଅକୁହା କଥା । ଅନୁଭବି ସାରିଛି ଯୋଜନୁ ସାଇତା ବ୍ୟଥା । ଅନ୍ଧାରୀପଣର ଗଭୀରତା ମାପି ଲେପନ କରି ସାରିଛି ସାନ୍ତ୍ୱନାର ମଧୁର ମଲମ । କନ୍ତୁ ମୋ ପ୍ରତୀକ୍ଷା ଶେଷହୀନ । କ୍ଷଣଟିଏ ଗଲେ ମନ ଆନମନା ହୁଏ ଲାଗେ ବୋଧେ ଆଉ ଆସିବନ ! ଖାଲି ଝୁରୀ ହେବି ମୁହିଁ ! ପାଣି ପରି ବହି ଗ୍ଯଲିଥିବ ସମୟ ଲୁହର ପସରାକୁ ମୋ ଉପରେ ଅଜାଡି ଦେଇ ! ଆଉ ମୁଁ ତୁମକୁ ଏମିତି ଗ୍ଯହିଁ ରହିଥିବି ସମସ୍ତଙ୍କ ଅପ୍ରିୟ ଓ ଅଲୋଡ଼ା ହୋଇ !

ଫଗୁଣ ପୂର୍ଣ୍ଣିମା । ଅଳସୀ ଜହ୍ନର ଶୀତଳ ପରଶରେ ଆବୃତ ସମଗ୍ର ପୃଥିବୀ । ତାରକା ମାନେ ଦୂର ଆକାଶରେ ଚକ୍ ମିକ୍ କରୁଥାନ୍ତି କୌଣସି ଭବ୍ୟ ସମାରୋହର ଭ୍ରମ ସୃଷ୍ଟି କରି। ମୁଁ ଶୟନେ ମଗ୍ନ । ତୁମେ ନବବଧୂ ବେଶରେ ଭୂଷିତ ହୋଇ ଆସିଥିଲ ଅଳତା ସିନ୍ଦୂର ପିନ୍ଧି । ହାତରେ ଶଙ୍ଖା ପାଦରେ ପାଉଁଜି ଲଗାଇ । ମୁଁ ଶୋଇଥିବା ଶେଯ ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ମୋ ଆଡ଼କୁ ଝୁଙ୍କି ପଡ଼ି ମୋ ଗାଲରେ ଆଙ୍କି ଦେଲ ମଧୁର ଚୁମ୍ବନ ଟିଏ । ତୁମ ସ୍ପର୍ଶ ପାଇଁ ମୁଁ ଚେଇଁ ଉଠିଲି । ମୋର ଦେହ ମନ ତୁମ ସାନ୍ନିଧରେ ନବ ବସନ୍ତର ନବ ଉନ୍ମାଦନାରେ ଶିହରିତ ହେଲା । ଆଶ୍ଚର୍ଯ୍ୟ ଭାବରେ କେବଳ ତୁମକୁ ଗ୍ଯହିଁ ରହିଥିଲି । ବାକ୍ୟଶୂନ୍ୟ ହୋଇ । ତୁମକୁ ଦେଖିବା ପରେ ଲାଗିଲା ଅନେକ ଦିନରୁ ଖୋଜୁଥିବା ହଜିଲା ଦ୍ରବ୍ୟଟି ମୋ ଆଖି ଆଗରେ ଯେମିତି । ତମ ସୌନ୍ଦର୍ଯ୍ୟରେ ଅନ୍ଧାରୀ ଶୟନ କକ୍ଷଟି ଆଲୋକିତ ହୋଇ ଉଠିଲା । ସେ ରୂପ ସୁଷମା ମଦିରା ରସ ପରି ମାଦକ, ହୀରକ ପରି ଚୋଫା, ପ୍ରଶାନ୍ତ ମହାସାଗରର ଅସ୍ଥିର ଚପଳ ଊର୍ମିମାଳା ପରି ଯୌବନ ପୂର୍ଣ୍ଣ ଓ କୋମଳମତି ଶିଶୁର କୌତୁକ ପରି ସ୍ୱଚ୍ଛ । ତୁମ ଦିଗନ୍ତ ବ୍ୟାପି ସୌରଭରେ ମୋ ମନ କାନନ ନଆରା ଏକ ପୁଲକରେ ହଜିଯାଇ ସୀମାହୀନ ପାଲଟି ଯାଉଥାଏ । ମୁଁ ଆତ୍ମ ବିସ୍ମୃତ

ପ୍ରାୟ ଅନୁଭବର ବର୍ଷାରେ କଛି କ୍ଷଣ ପାଇଁ ତଲ୍ଲୀନ ହୋଇ ଭିଜିଲି । ପରେ ଗୋଟିଏ ମଧୁର ମୂର୍ଚ୍ଛନା ପରି ମନେ ହେଉଥିବା ତୁମ ମୃଦୁ ପୃଷ୍ଠାଘାତରେ ଭାବନାରୁ ଓହରିଲି ।

- ଏ ଶୁଣୁଛ ?

- ( .......)

- ଚୁପ୍ ରହିଲ୍ ଯେ...!

- ହଁ... କ'ଣ ହେଲ୍? ( ଆଂଶିକ ଅସାମାନ୍ୟ ହୋଇ)

- କ'ଣ ଭାବୁଛ ?

- କଛି ନାଇଁ ।

- ତାହେଲେ ଚାଲନା ସେପଟୁ ବୁଲି ଆସିବା ।ମୁଁ ପରା ଆସିଛି । ଏତେ ଦୂରୁ ଖାସ୍ ତୁମ ପାଇଁ । ଆଉ ପଚାରନ କଛି । ଆସ....ସଖା.. ସଅଁଳ ଆସ ।

ମୁଁ ଅବୋଧ ଶିଶୁଟିଏ ପରି ତୁମକୁ ଅନୁସରଣ କଲି । କ'ଏ ତୁମେ, ଦେବୀ ନା ମାନବୀ, ନା ଦାନବୀ, କ'ଣ ପାଇଁ ଆସିଛ, କଉଠୁ ଆସିଛ, ମୋ ପାଖରେ ତମ କାମ କ'ଣ ? ଏପରି ଅନେକ ପ୍ରଶ୍ନୋକ୍ତିର ଉଦ୍ବେଳନ ମତେ ବିବ୍ରତ କରି ପକଉଥାଏ । ଯାରି ଭିତରେ ଉଭୟ ପହଞ୍ଚି ସାରିଥିଲେ ସେଇ ଗନ୍ତବ୍ୟସ୍ଥଳକୁ, ତୁମେ ମତେ ଚାହୁଁଥିଲ ଯୁଆଡ଼େ ନେବାକୁ । ଆରେ ଇଏତ ମୋ ପରିଚତ ଜାଗା । ଆମ ଗାଁ ନଈକୂଳ । ମୁଁ ଉଲ୍ଲସିତ ହୋଇ କହିଲି । ପ୍ରଥମେ ନଈକୂଳେ ପୂଜା ପାଉଥିବା ମାଁ ମହାନେଶ୍ୱରୀଙ୍କ ପାଖରୁ ଜୁହାର ହୋଇ ଆସିଲେ । ତା'ପରେ ସେଠାକାର ବରତଳେ ତୁମେ ବସିଗଲ । ମତେ ତୁମ କୋଳେ ଶୁଆଇଦେଲ । ମୁଁ ତୁମକୁ କଛି କହିବାର ଉପକ୍ରମ କଲା ବେଳକୁ ମୋ ମୁହଁରେ ଆଙ୍ଗୁଠି ଚାପି ଆଦେଶ ଛଳେ କହିଲ, "କଛି ପଚାରନ । ତମେ ମତେ ଦେଖୁଥାଅ ଆଉ ମୁଁ ତୁମକୁ..। ଆଜି ଖାଲି ମୁଁ ପଚାରିବି ତୁମେ କହିବ ।" ମୁଁ ମୁଣ୍ଡ ହଲେଇ ସମ୍ମତି ଦେଲି ।

କେଜାଣି କେମିତି ମୁଁ ଅତ୍ୟନ୍ତ ଦୁର୍ବଳ ହୋଇ ପଡୁଥିଲି ତୁମ ପାଖରେ । ତୁମ କଥା ମାନିବା ଛଡ଼ା ଅନ୍ୟ କଛି ବିକଳ୍ପ ନଥିଲା ପରି । ତୁମେ ମୋ ମୁଣ୍ଡ ଆଉଁସି ଦେଲ ଧିରେଧିରେ । ମୁଁ ଅନୁଭବି ପାରୁଥିଲି ତମାମ କାଳର ଦୁଃଖ ଯନ୍ତ୍ରଣା ଅପନୋଦିତ ହୋଇ ଯାଉଛି ଯେମିତି । ମତୁଆଲା ଜହ୍ନର ଜୋଛନା ଯେତେବେଳେ ତୁମ ଦେହକୁ ସ୍ପର୍ଶ କରୁଥାଏ ତୁମେ ଦିଶୁଥାଅ ସତେଜରୁ ସତେଜ ଆହୁରି । ସତରେ ରମ୍ଭା ମେନକା ଇର୍ଷାନ୍ୱିତ ହେବେ । ଲାଗୁଥାଏ ଦେଖୁଥାନ୍ତି ଅପଲକେ । ଭାବୁଥାଏ ବିଧାତା ତୁମକୁ ଅତି ଯତ୍ନରେ ଗଢ଼ିଥିବ । ତୁମ ଆଖିରୁ କଜ୍ଜଳ ଟିକଏ ନେଇ ଲେପିଦେଲି କାହା ନଜର ନଲାଗୁ ବୋଲି । ହେଲେ ଡରୁଥାଏ କାଳେ ମୋ ନଜର ହିଁ ନ ଲାଗିଯାଉ ! ସୁଲୁସୁଲୁ ବାଆର ହିଲ୍ଲୋଳ, ନଈ ର କଳ କଳ, ଦୂର ଝାଉଁବଣ ର ରୁଣୁଝୁଣୁ ତାନ, ଝିଙ୍କାରି ମାନଙ୍କ ଚିଁ..ଚିଁ ଗୁଞ୍ଜରଣ ସହ ନିଶାଚର ମାନଙ୍କ ଫେଣ୍ଟାଫେଣ୍ଟି ଶବ୍ଦ, ନଈ ଆର ପାରି ଜଲୁହା ମାନଙ୍କ କମ୍ ଶୁଭୁଥିବା ବାର୍ତ୍ତାଳାପ, ଲାଉ-ଝୁଡଙ୍ଗ- କଳରା- ଜହ୍ନି ପରି ନିଦାଘ କାଳୀନ ଶସ୍ୟ ମାନଙ୍କର ହୃଦଜୟୀ ମହକ ଓ ଦୁଇଟି ଛାତିର ଦୀର୍ଘଶ୍ୱାସ ବାତାବରଣ କୁ ଖୁବ୍ ରୋମାଞ୍ଚିତ କରୁଥିଲା ।

ମୁଁ କହି ଚାଲିଥାଏ ଅନେକ କଥା । ସୁଖ ଦୁଃଖର କଥା । ପ୍ରେମ ପ୍ରତାରଣାର କଥା । ବନ୍ଧୁତା ଶତ୍ରୁତାର କଥା । ଠିକ୍ ଭୁଲ୍ ର କଥା । ତୁମେ ଶୁଣୁଥାଅ ମନପ୍ରାଣ ଦେଇ । ଆଉ ମତେ ପୋତି ପକାଉଥାଅ ଭୁରି ଭୁରି ପ୍ରଶଂସାରେ । ରାତିର ବୟସ ବଢ଼ି ବଢ଼ି ଯାଉଥାଏ । କଥା ଅସରା ସରୁନଥାଏ । ତୁମ ଚଗଲି ମନ ଭରୁନଥାଏ ।

ତାପରେ ଲାଗିଲା ନଈପଠା କରୁଛି ନୃତ୍ୟ... ଶୁଆଶାରୀ ସୃଜନ କରୁଛନ୍ତି ମଧୁର ସଙ୍ଗୀତ । ସେ ସଙ୍ଗୀତ ମଧୁମିଳନ ର । ଦୁଇଟି ମନ ମଞ୍ଜିଗଲେ ପରସ୍ପରର ନିକଟବର୍ତ୍ତୀରୁ ଆଉ ନିକଟତର ହେବାକୁ । ଦୁଇଟି ଦେହ ଜୁଟିପଡ଼ିଲେ ପରସ୍ପରର ବାସ୍ନା ଅନୁଭବିବାକୁ । ସମ୍ଭୋଗର ଗାଢ଼ ସ୍ୱର୍ଣ୍ଣାଭ ଉତ୍କର୍ଷତାରେ ସମସ୍ତ ଶିରାପ୍ରଶିରାରେ ଖେଳିଗଲା ଅସରା ଶାନ୍ତି ଓ ସରସତା । ପ୍ରେମର ଧାବମାନ ଲହରୀ ଓ ହୃଦୟ ସଙ୍ଗୀତର ମନମୁଗ୍ଧକର ଅନାବିଳ ଛନ୍ଦରେ ବହିଗଲେ ଉଭୟ । ବିଛୁରିତ ହୋଇଗଲା ରଜନୀଗନ୍ଧାର ମହକ । ମୁଁ ଥରି ଯାଉଥାଏ ଭୟ ଓ ରୋମାଞ୍ଚ ମିଶ୍ରିତ ଅନୁଭୂତିରେ । ତୁମର ମୁକ୍ତ ସମର୍ପଣ, ଅପ୍ରତିବାଦ

ମତେ ଠେଲି ଦେଉଥାଏ ଚନ୍ଦ୍ରାର ଗୃହରକୁ । ଲାଗୁଥିଲା ଜୀବନର ସକଳ ଇପ୍ସିତ ଅଭିପ୍ସା ଚରିତାର୍ଥ ହୋଇଗଲେ ସେଇ ମୁହୂର୍ତ୍ତରେ । ଆଉ କଛି ଲୋଡା ନାହିଁ ଜୀବନରେ । ଭାବୁଥିଲି, ଏବେ ଯଦି ମୃତ୍ୟୁ ମତେ କବଳିତ କରନ୍ତା କେତେ ମଧୁମୟ ହୁଅନ୍ତା ସତେ ! ସେତେବେଳେ ମୁଁ ସମ୍ପୂର୍ଣ୍ଣ ମାତ୍ରାରେ ବିଭୋରି ଯାଇଥିଲି ନଶ୍ବଳ ତନ୍ମୟତାର ସରଗି ମାୟାରେ ।

କଛିକ୍ଷଣ ପରେ ବସ୍ତ୍ର ପରିଧାନ କଲ ମୋ ବାହୁ ବନ୍ଧନରୁ ମୁକ୍ତ ହୋଇ । କହିଲ- ମତେ ଫେରିବାକୁ ହେବ । ମତେ ଜମା ଇଚ୍ଛା ହେଉ ନଥିଲା ତୁମେ ଯାଅ ବୋଲି । ଆମୃହବା ହୋଇ କହିଲି- ଯାଅନ ମତେ ଛାଡ଼ି । ସବୁଦିନ ପାଇଁ ରହିଯାଅ ମୋ ପାଖରେ । ହେଲେ ତୁମେ ପବନଉଡ଼ା ଚୁମ୍ବନଟିଏ ଫିଙ୍ଗି ଅଦୃଶ୍ୟ ହୋଇଗଲ ସେଠାରୁ ।

ରାତି ପାହିଲା । ମୁଁ ଆଖି ମଳ ମଳ ନିଦ୍ରା ତେଜିଲି । ମୋ ଆପାଦ ମସ୍ତକ କ୍ଲାନ୍ତି ଗ୍ରାସି ସାରିଥିଲା । ଉର୍ଦ୍ଧ୍ୱେ ହାତ ଛନ୍ଦି ଅଳସ ଭାଙ୍ଗିଲି । ମୋ ମୁହଁରୁ ସ୍ୱତଃ ସ୍ଫୁରିଲା- ଓଃ କ'ସ୍ୱପ୍ନ... । ମୁଁ କେବେ ଚନ୍ତା କରିନଥିଲି ଏପରି ସ୍ୱପ୍ନ ଆସେ ବୋଲି ।

ମୋ ଆଖିରେ ତୁମେ ଛବି ମୁଦ୍ରିତ । ଅଚହ୍ନା ଅଜଣା ଅନାମିକା ଜଣକ ପାଇଁ ଏପରି ଅନୁରାଗ ଯେ ମୋ ହୃଦୟରେ ସଞ୍ଜାତ ହେଉଛି ତାହା ମୋ ପାଇଁ ଅବିଶ୍ୱସନୀୟ । ଆଗ ପ୍ରେମ, ଭଲପାଇବା ପରି ଶବ୍ଦମାନେ ମୋଠୁ ସର୍ବଦା ଦୂରତା ରଖୁଥିବାବେଳେ ସେଇ ସ୍ୱପ୍ନ ଗୋଟାକ ପାଇଁ ଧସେଇ ପଶିଲେ ମୋ ଜୀବନର ବର୍ଣ୍ଣବୋଧକୁ ତାଙ୍କ ରଙ୍ଗରେ ବର୍ଣ୍ଣିଳ କରିଦେବାକୁ ।

ତୁମେ ମତେ ନତି ପ୍ରତି ସ୍ୱପ୍ନରେ ଆସିବାର କଥା ଦେଇଥିଲ । ଭାବିଲି ଆସିଲେ ସବୁ ପଗ୍ଭରିବି ତୁମ ବିଷୟରେ । ମୁଁ ଗ୍ଭତକ ପ୍ରାୟ ହୋଇ ଜଗି ବସିଲି । ଦିନ କ'ଣ ମାସ, ବର୍ଷ ବିତିଗଲା । ତୁମ ଦେଖା ଦର୍ଶନ ଦୁର୍ଲଭ । ଝୁରି ହେଲି ଖାଲି । ସଖି ଗୋ...ଯଦି ଟିଆ ଦେବାରଥିଲା - କଥା କଆଁ ଦେଲ, କାହିଁକି ଆସୁଥିଲ ଫେରିଯିବାକୁ ! କାହିଁକି ପଶୁଥିଲ ମୋ ମନର ଚୌହଦୀକୁ ?

ଯାରି ଭିତରେ ମୁଁ ତୁମକୁ ନିଜ ଜୀବନଠୁ ବେଶୀ ଭଲପାଇ ବସିଲିଣି । ଦିନକୁ ଦିନ ଦାମ୍ଭିକତାର ସୀମା ସରହଦ ଡେଉଁଛି । ଏବେ ଢ଼େର ଅସହ୍ୟ ହେଉଛି ଏକ ଅନ୍ତର୍ଜଳି ଯାତ୍ରା। ନା'କହି ପାରୁଛି...ନା'ସହି ହେଉଛି । କି'ଏ ବା ବିଶ୍ୱାସ କରିବ ବିଂଶ ଶତାବ୍ଦୀର ଏ ଆଧୁନିକ ଯୁଗରେ ଏ ସବୁ କଥାକୁ ! ସଭିଏଁ ମିଛୁଆ ବୋଲି ଅପବାଦ ଦେବେ । ନହେଲେ ପାଗଳ ବୋଲି ବିବେଚନା କରିବେ । ତୁମକୁ ଝୁରିହେବା ଛଡ଼ା ବାକି ସବୁ ନିଷ୍ପ୍ରୟୋଜନ । ତୁମପାଇଁ ମୋ ବେଦନା ସିକ୍ତ ହୃଦୟରୁ କରୁଣ ଭାବୋଚ୍ଛ୍ୱାସ ମାଧ୍ୟମରେ ନିଗିଡ଼ି ଆସୁଛି ଅନେକ କବିତା- କାହାଣୀ । ମୁଁ ଅତି ସାଧାରଣରୁ କାଳ୍ପନିକ ପାଲଟି ଯାଉଛି। ପୂର୍ବର ଦ୍ୱିଧାହୀନ ଜୀବନାୟନ ଏବେ ଉବୁଟୁବୁ ଦ୍ୱିଧାରେ ଦ୍ୱିଧାରେ । ନାଆଗକୁ ବଢି ହେଉଛି ନାପଛକୁ ଫେରି ପାରୁଛି । ଖାଲି ଜଳୁଛି ହୁ...ହୁ । ମୁଁ ଏବେ ସନ୍ଧାନରେ ସେଇ ଠିକଣାର ଯାହା ମତେ ବି ଅଜଣା !

ସ୍ୱପନାୟିକା ଗୋ...ସେ ଦିନକ ସ୍ମୃତି ମୋ ପାଇଁ ଭାରି ପଡୁଛି ବର୍ତ୍ତମାନରୁ ଭବିଷ୍ୟତ ପର୍ଯ୍ୟନ୍ତ। ଆଉ ସେ ସ୍ୱପ୍ନାତୀତ କରେ ମତେ ଅପମାନିତ ଲାଞ୍ଛିତ । ଆଦୌ ନକରି ବିରତ। ସ୍ମୃତିପଟେ ସଦା ଆତ ଯାତ ।

କୁଶମେଲ, ଝାରସୁଗୁଡା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ବର୍ଷାରେ ଭିଜୁଛି ମୋ ପ୍ରିୟା ପ୍ରକୃତି



ତିଳ ରାଉତ

ଆଜି ସକାଳରେ ଝରକା ଫାଙ୍କରେ
ଦେଖିଲି ମୁଁ ପ୍ରିୟା ତୋତେ
ବରଷା ଛୁଆଁରେ ତୋ ତନୁ ଉପରେ
ଲାଗିଥିଲା ଛିଟା କେତେ ॥
ଆନନ୍ଦରେ ତୁହି ଥିଲୁ ବସି ରହି
ଭାବନା ରାଇଜେ ହଜି
ସବୁଜ ରଙ୍ଗର ପାଟଶାଢୀ ତୋର
ଯାଇଥିଲା ସତେ ଭିଜି ॥
କୋଳରେ ତୋହର କାକଳି ପକ୍ଷୀର
କେତେ ସୁରେ ଶୁଭୁଥିଲା
ନାଲି ଗୁରୁ ଗୁରୁ ହଳଦୀ ବସନ୍ତ
ଡେଣା ଜାଡି ଉଡୁଥିଲା ॥
ପବନ ସତରେ ବହି ଧିରେ ଧିରେ
ଦେହ ତୋର ବିଂଛୁ ଥିଲା ॥
ଲାଗୁଥିଲା ସତେ ପରିଗ୍ରରିକାଟେ
ସେବା ତୋର କରୁଥିଲା ॥

ଗ୍ରାମ – ଜଡ଼ାମୁଣ୍ଡା, ବ୍ଲକ – କୋମନା, ଜି- ନୂଆପଡ଼ା

ବେଦାନ୍ତୀ

# ସ୍ୱପ୍ନ



ସିପୁନୁ ଜେନା

ସ୍ୱପ୍ନକୁ ସାଉଁଟି
ଅଣ୍ଡାଳ ଚାଲିଛି ବାଟ
ଦେହରୁ ନିଗିଡି ଯାଏ
କେତେ ଗମ୍ ଗମ୍ ଝାଳ.....

ଲୁଗାକାନିରେ ଝାଳକୁ ପୋଛି
କେହି ଦେବ ଟିକେ ସାନ୍ତ୍ୱନା
ନିଦା ଭାଗ୍ୟରେ
ପଥର ସାଜିଛି ହାତ !

ଲୁଗା ଚପୁଡି ଅଭ୍ୟସ୍ତ ହାତ
ଭାଗ୍ୟକୁ ଚପୁଡି ଦେବାର
ଦୁଃସାହସ ନାହିଁ ବୋଲି
କେତେ କେତେ ଜଞ୍ଜାଳ
କରୁଛି ବିଚଳିତ
ନିତ୍ୟ ନିୟମିତ ପ୍ରତିଟି ମୁହୂର୍ତ୍ତ.....

ସ୍ୱପ୍ନକୁ ନେଇ ଚାଲିବା
ଯେତିକି ସହଜ....
ତା ରୁ ବେଶ୍ୟ ବୋହିବା କଷ୍ଟ
ନିଜକୁ ନିଜେ ଛଟପଟ
ପ୍ରାପ୍ତି ଅପ୍ରାପ୍ତିର ଦ୍ୱନ୍ଦରେ.... ।

କଅଁଳ ପାଦରେ ଠୁକୁଠୁକୁ ଚାଲି
ପୁଣି କଣ୍ଟାର ଆଘାତ
ରକ୍ତ ବୋହିପାରେ
ପୀଡା ହୋଇପାରେ
ମଜଭୁତ୍ ହେବାଯାଏ ହାତ
ପଥର ବୋହିବାକୁ ପଡିପାରେ
ସହି କଣ୍ଟାର ଆଘାତ
କେହି ଦେବ ବୋଲି ଟିକେ ପ୍ରଲେପ !!!

ତର୍କାବେଡା, କଡଲା, ମେରାମଣ୍ଡଳୀ,
ଢେଙ୍କାନାଳ

# କାଲି ଭି ତୁମେ ଆଜି ଭି ତୁମେ



ନନ୍ଦନା ନାଗ

ମୋ ସପନ ର ନାୟକ
କାଲି ଭି ତୁମେ ଥିଲ
ଆଜି ଭି ତୁମେ ।
ମୋ ହୃଦୟ ରେ ପ୍ରେମ
କାଲି ଭି ତୁମ ପାଇଁ ଥିଲା
ଆଜି ଭି ତୁମ ପାଇଁ ଅଛି ।
ତୁମେ ମୋ ପାଇଁ ଜରୁରୀ
କାଲି ଭି ଥିଲ
ଆଜି ଭି ଅଛ ।
ମୁ ତୁମ ପ୍ରେମ ରେ ପାଗଳୀ
କାଲି ଭି ଥିଲି
ଆଜି ଭି ଆଛି ।
ମୋ ବଗିଚ୍ଚ ରେ ଥିବା
ଗୋଲାପ ଫୁଲ
କାଲି ଭି ତୁମ ପାଇଁ ଥିଲା
ଆଜି ଭି ତୁମ ପାଇଁ ।
ସାତ ଜନମ ର ଏହିପ୍ରେମ ବନ୍ଧନ
ତୁମେ ମୋ ପାଇଁ
ମୁଁ ତୁମ ପାଇଁ
କାଲି ଭି ଥିଲ
ଆଜି ଭି ଅଛ ।

କ୍ଷେତ୍ର ରାଜପୁର, ସମ୍ବଲପୁର

# ବାଘ ଶିକାର



ଅଶୋକ କୁମାର ସେଠୀ

ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାର ଘନ ଅନ୍ଧକାର ଘନେଇ ଆସୁଛି । ଗାଈ ଗୋଠ ଗୁହାଳକୁ ଫେରିଲେଣି । ପକ୍ଷୀମାନେ ଯିଏ ଯା ନୀଡ଼ମୁହାଁ ହେଲେଣି। ଏମିତ ମାଛି ଅନ୍ଧାର ମୁହୁର୍ତରେ ଆମେସଭିଏଁ ଭାଇ ଭଉଣୀ ଜେଜେଙ୍କ ପାଖେ ଘେରି ବସିପଡୁ, କାହଣୀ ଶୁଣିବା ପାଇଁ । ସବୁଦିନ ପରି ଜେଜେ ତାଙ୍କର କାହାଣୀ ପେଡି ଖୋଲିଲ।

ବହୁତଦିନ ତଳର କଥା। ମତେ ସେତେବେଳକୁ ୧୧ କ ୧୨ ବର୍ଷ ହେବକ କଣ । ସବୁଆଡେ ଘନ ବଣ ଜଙ୍ଗଲ ଘେର୍‌ ଥାଏ ଆମ ଏ ଛୋଟ ଗାଁ । ଯଦିଓ ଏବେ ସୁଦ୍ଧା ଆମ ଗାଁକୁ ଲ୍‌ଗି ବଡମୁଣ୍ଡିଆଟି ଲ୍‌ଗିଅଛି । ସେତେବେଳର କଥା ଥରେ ଭ୍‌ବିଲେ, କେତେ ଘଞ୍ଚ ଥିବ..! ସଞ୍ଜ ହେବା କ୍ଷଣି ତାଟି କବାଟ ସବୁ ପଡ଼ିଯାଏ। ସଞ୍ଜ ଗଡ଼ିଗଲ୍‌ ପରେ ବାହାରକୁ ବାହାରିବାକୁ କଏ ସାହସ କରନ୍ତି ନାହିଁ। ଏକପ୍ରକାର ର କୋକୁଆ ଭୟ ଖେଳ ଯାଇଥାଏ । ମଣିଷ ଖିଆ ବାଘର ଉପଦ୍ରବ ଗାଁ ଲୋ୍କ ସଭିଙ୍କର ମୁଣ୍ଡ ବ୍ୟଥାର କାରଣ । କେତେ କେତେ ଛେଳ, ମେଣ୍ଢା ଓ ମଣିଷ ମାନଙ୍କୁ ଝାମ୍ପିନେଇ ଗ୍ଳିଯାଏ ଜଙ୍ଗଲ ମଧ୍ୟକୁ । ତେଣୁ ମାଛି ଅନ୍ଧାର ହେଲେ କଏ ଆଉ ବାହାରକୁ ବାହାରନ୍ତି ନାହିଁ। ଗାଁଲୋ୍କଙ୍କ ମଧ୍ୟରେ ଭ୍‌ଳେଣି ପଡିଲ୍‌ ଏହାର ଆଶୁ ପ୍ରତିକାର ନହେଲେ ନଚଳେ ! ଶେଷରେ ଏହି ନିଷ୍ପତି ନିଆଗଲ୍‌ ବାଣୁଆ ଡାକ ମଣିଷଖିଆ ବାଘକୁ ମାରିବାକୁ ପଡିବ। ଟାଣୁଆ ଟାଣୁଆ ଗ୍ୱରି ଜଣ ବାଣୁଆ ଡକାଗଲ୍‌ । ଦଶ ପନ୍ଦର ଦିନ ଉତ୍ତାରୁ ଶିକାରୀ ମାନେ ମାରିବା ତ ଦୂରର କଥା ତାର ଠାବ ବି କରିବାକୁ ବିଫଳ

ହେଲେ, ଯଦିଓ ଏହା ଭିତରେ ଆଉ ୪ କି ୫ ଛେଳି କୁ ଝାମ୍ପି ନେବାରେ ସେ ସଫଳ ହୋଇ ପାରିଛି । କିନ୍ତୁ ଶିକାରୀ ମାନେ ତାର ଲେସ ମାତ୍ର ସୁରାକ ବି ପାଇବାକୁ ଅସମର୍ଥ । କଣ କରାଯିବ ଗାଁ ମୁଖିଆ ଖୁବ ଖୁବ ଚିନ୍ତିତ । ସଭିଏଁ ଯାଇ ଗୁହାରି କରୁଥାନ୍ତି ଆଜି ମୋର ଛେଳି ନେଇଗଲା, କାଲି ଅମୁକାର ..

ସେତେବେଳକୁ ଆମର ଗାଁ ମୁଣ୍ଡରେ ଫସଲ ଲଗାଯାଇଥାଏ। ଅମଳ ସମୟ, ଜଙ୍ଗଲ ପଶୁ ଆସି ଫସଲ ସବୁ ନଷ୍ଟ କରିଦେଉଥାନ୍ତି । ଫସଲ ଜଗିବା ପାଇଁ ବାପା ଏକ ମଞ୍ଚା କରିଥାନ୍ତି । ଯାହାର ଉଚ୍ଚତା ୨୦ ଫୁଟ କି କଣ ହେବ । ମୁଁ ବେଳେ ବେଳେ ବାପାଙ୍କ ସଙ୍ଗେ ଯାଏ ରାତିରେ । ସେଦିନ ଖୁବ ଶୀତ ପଡୁଥାଏ । ମୁଁ ବାପାଙ୍କ ସହ ଯାଇଥାଏ। ବାପା ସାଙ୍ଗରେ ରାତି ଖାଇବା ବି ନେଇ ଆସିଥାନ୍ତି । ମଞ୍ଚାରେ ଆମେ ବସିଥାଉ। ହାଡ ଭଙ୍ଗା ଶୀତ ଦାଉରୁ ବର୍ତ୍ତିବା ପାଇଁ ଏକ ଉହ୍ମେଇ ର କିଛି ରଡ ନିଆଁ ଦୂକ ଦୂକ ହୋଇ ଜଳୁଥାଏ ସେତିକି ଏ ଶୀତରେ ଯଥେଷ୍ଟ । ବାପା ସେଦିନ ରାତି ଖାଇବା ପାଇଁ ମାଂସ ତରକାରୀ ଆଣିଥାନ୍ତି। ହଠାତ ସେ କିଛି ଅଜବ ଶବ୍ଦ ଶୁଣି ପାରିଲେ ବୋଧେ, ତଳକୁ ଚାହିଁ ଦେଖିଲେ ପଶୁଟି ମଞ୍ଚା ଚାରି କଡ଼ ଚକର କାଟୁଛି । ବାପା ଚମକି ପଡିଲେ ଜନ୍ତୁଟିକୁ ଜାଣିପାରି । ଯେମିତି ବୁଦ୍ଧି ଶୂନ୍ୟ ହୋଇ ଗଲା । ମତେ ସେତେ ବେଳକୁ ନିଦଆସିଯାଇଥାଏ । ବାପା ମୋର ଗୋଟେ ଗୋଡ଼କୁ ଗାମୁଛାରେ ବାନ୍ଧିଦେଇଥାନ୍ତି । ମୁଁ ଯେମିତି ତଳକୁ ଖସି ନଯିବି ...!

ମୁହୂର୍ତ୍ତେ ନୀରବ ରହିଲେ; କିଛି ବି ଉପାୟ ପାଉନାହାନ୍ତି କଣ କରିବେ । ଏଠାରୁ ଗାଁ କୋଷେ ଦୂର । ଯେତେ ଜୋର ରେ ଚିତ୍କାର କରି ଡାକିଲେ ବି ଡାକ କାହା ପାଖେ ପହଞ୍ଚି ପାରିବ ନାହିଁ । ତା'ପରେ ସଭିଏଁ ତ ତାଟି କବାଟ ବନ୍ଦ କରି ଯେ ଯା ଘରେ ଥିବେ ଏ କୋକୁଆ ଭୟରେ କିଏ ବା କାହିଁକି ପଦାକୁ ବାହାରିବ..! ପାଖରେ ଅସ୍ତ୍ର ବୋଲି ଛୋଟ ଟାଙ୍ଗିଆ ଟିଏ। ଯଦି କିଛି ଅଘଟଣ ଘଟେ ଏ ଟାଙ୍ଗିଆ

ଟି ସେ ଶକ୍ତି ଆଗେ ସମ୍ପୂର୍ଣ୍ଣ ଦୁର୍ବଳ । ବାରମ୍ବାର ଭାବୁଥାନ୍ତି ଛୁଆଟିକୁ କାହିଁକି ଆଣୁଥିଲି! ମନେ ମନେ ତେତିଶ କୋଟି ଦେବତା ମଧ୍ୟରୁ ଯାହା ଯାହା ନାଁ ମନକୁ ଆସିଲା ସଭିଁକୁ ଅକୂଳରେ ଡ଼ାକୁଥାନ୍ତି । ଭୋକ ଶୋଷ ସବୁ ଭୁଲିଯାଇଥାନ୍ତି ।

ଯେମିତି ହେଲେ ଏକ ଉପାୟ ପାଞ୍ଚିବାକୁ ପଡିବ| ହଠାତ ବୋଧ ହୁଏ କଛି ବୁଦ୍ଧି ମନକୁ ଜୁଟିଛି । ସେ ଛୋଟ ଟାଙ୍ଗିଆରୁ ବେଣ୍ଟଟିକୁ କାଢ଼ିଦେଲେ ଏବଂ ସେ ଛୋଟ ଟାଙ୍ଗିଆ ର ଲୁହାଟିକୁ ଉହ୍ନେଇ ରେ ପକେଇ ଦେଲେ । ଏବେ ତାକୁ ଆଞ୍ଚ ଦେବାକୁ ଲାଗିଲେ ଲାଲ ହେବ ଯାଏଁ| ସେ ଆଣିଥିବା ଗୋଟିଏ ମାଂସ ଖଣ୍ଡିଏ ତଳକୁ ପକେଇ ଦେଲେ । ସେଇଟିକୁ ଖାଇ ସରିଲା ପରେ ବାଘ ଅନେଇ ରହିଲା ଆଉ ଗୋଟିଏ ପାଇଁ । ଏମିତି କଛି ମୁହୂର୍ତ ର ବିରତି ପରେ ଗୋଟିଏ ଗୋଟିଏ ପକାଉଥାନ୍ତି । ଏ ଭିତରେ ଲୁହା ଟାଙ୍ଗିଆ ଟି ଲାଲ ପଡିଯାଇଥାଏ । ସେ ଯେମିତ ଲୁହା ଖଣ୍ଡଟି ତଳକୁ ପକେଇଛନ୍ତି ବାଘ ବାଘ ଏକାବେଳେ ସେଇଟିକୁ ବି ଗିଳଦେଇଛି| କଛି ମୁହୂର୍ତ୍ତ ପରେ ବାଘର ବିକଟାଳ କର୍କଶ ଗର୍ଜନ ଚଉଦିଗ କମ୍ପାଉଥାଏ । ସେ ଗର୍ଜନରେ ମୋ ନଦ ଭାଙ୍ଗିଯାଇଥାଏ| ଆଉ କୋଉ ନଦ ହୁଏ ..? ବାଘଟି ଏଣେ ତେଣେ ଖାଲି ଦୌଡିବା ରେ ଲାଗିଥାଏ । ସକାଳକୁ ବାଘଟି ମଞ୍ଚା ଠାରୁ ଅନତି ଦୂରେ ମରି ପଡିଥାଏ । ଆଖ ପାଖ ଯେତେ ସବୁ ବୁଦା ଥିଲା ସବୁ ପଦା କରି ଦେଇଥାଏ । ଶଗଡ଼ରେ ଲଦାହୋଇ ବାଘଟିକୁ ଗାଁ ବୁଲା ହେଲା । ଗାଁର ସବୁ ଲୋକ ବାହା ବାହା କରୁଥାନ୍ତି । କେତେ ବଡ ସାହାସୀକ କାମଟିଏ କରିପାରିଲା ! ଗ୍ବରି ଗ୍ବରିଟା ବାଣୁଆ ଯାହା କରି ପାରିଲେ ନାହିଁ !! ଆଉ ଜଣେ ଲୋକ ପାଖରେ ଥାଇ ଆଉ ଗୋଟେ କଥା ଯୋଡିବାକୁ ତାକୁ ସୁଯୋଗ ଟିଏ ଯେମିତି ମିଳଗଲା । ହଁ, ପା ମୁଁ ବି ଦେଖିଛି ତା ଅଦମ୍ୟ ସାହସ !

ସେଦିନ ସକାଳେ ଆମେ ଝରଣା ବନ୍ଧ ଦେଇ ଜଙ୍ଗଲକୁ ଯାଉଥାଉ| ଝରଣା ବନ୍ଧ ତଳେ ଗୋଟେ ଜଙ୍ଗଲୀ ହାତୀ ତା ଶୁଣ୍ଢଟିକୁ ବରଗଛ ଡାଳକୁ ବଢ଼ାଇ ପେଁ ..କାଳ

ଛାଡୁଥାଏ । ସେ କର୍କଶସ୍ୱର ଏକ ଅସୁବିଧା ର ସୂଚନା ଦେଉଥାଏ ବୋଧେ । ଆମେ ଡରି ପଛଘୁଞ୍ଚା ଦେଇ ଫେରି ଆସିବାକୁ ନିଷ୍ପତି ନେଉଥିଲୁ ବେଳେ ସେ କହିଲା ଆରେ ରୁହ ସେ ହାତୀ ନିଶ୍ଚୟ କିଛି ଅସୁବିଧାରେ ଅଛି ...! ସେ ସାହସ କରି ତା' ନିକଟକୁ ଗଲା । ଯାଇ ଦେଖେ ତ ଏକ ବିରାଟକାୟ ଅଜଗର ହାତୀର ଶୁଣ୍ଢଟିକୁ ବର ଗଛ ର ଡାଳ ସହ ଗୁଡେଇ ଧରିଛି । ସେଥି ପାଇଁ ହାତୀ ବିକଳ ରେ ରଡି ଛାଡୁଛି । ହାତରେ ଥାଏ ସେଇ ଛୋଟଟାଙ୍ଗିଆ ଟି । ଟାଙ୍ଗିଆ ର ପଛ ପାଖେ ଦୁଇ ଦୁଇ ଦି ପ୍ରହାରରେ ସାପଟି ଦୁଇ କ ତଳେ ଖସି ପଡି ପ୍ରାଣ ବିକଳ ରେ ଗୋଟେ ଦିଗରେ, ହାତୀ ଯେମିତି ମୁକୁଳିଛି ଏକ ମୁହାଁ ହୋଇ ଧାଇଁଛି ଆଉ ଗୋଟେ ଦିଗରେ। ତିନେ ହେଁ ତିନ ଦିଗରେ ପ୍ରାଣ ମୁର୍ଚ୍ଛା ଧାଇଁଲେ । ସେ ଦିନଠୁ ତା ସାହସ କଥା ସବୁଠି ଚର୍ଚ୍ଚା । ବାଘ ନାଁ ଶୁଣିଲେ ଲୋକେ ଘରୁ ପଦାକୁ ବାହାରିବାକୁ ଡରନ୍ତି କିନ୍ତୁ ଗୋଟେ ମଣିଷ ଖିଆ ବାଘକୁ ମାରିବା...କେତେ ବଡ ସାହାସିକତା ର ପରିଚୟ ଦେଇଛି ...!!

ଶଗଡ଼ ପଛେ ପଛେ ଗାଁ ଯାକ ଲୋକ । ତା ବାଘ ଶିକାର କୌଶଳ କଣ ଏଇ କଥାଟି ଜାଣିବା ପାଇଁ । ଶିକାରୀ ମାନେ ତା ଫେରିବା ବାଟକୁ ଚାହିଁ ବସିଥାନ୍ତି ...

କଲ୍ୟାଣପୁର, ନୟାଗଡ



# ଆସହେ ଅଗଷ୍ଟ ପନ୍ଦର



ଅନାମ ଚରଣ ସାହୁ

ଆସହେ ଅଗଷ୍ଟ ପନ୍ଦର କରୁଅଛୁ ସ୍ୱାଗତ
ମନରେ ଅପାର ଆନନ୍ଦ ପଲ୍ଲବିତ ପ୍ରଭୃତ ।
ଦେଶ ସଂହତିର ଶପଥ ନେଲେ ପୂରୁବସୁରୀ
ବିତାଡିତ ଗୋର୍ ବଣିକ ଗାନ୍ଧୀ ମନ୍ତ୍ରକୁ ଡରି ।
ନାଉରୀ ହେଉଲୁ ନାଆର ନଜ ହିତେ ଆମରି
ଦରିଦ୍ର ନ ହଟେ ଦେଶରୁ ଶୁଣ କର୍ଣ୍ଣକୁ ଡେରି ।
ଧନୀ ହେଉଅଛି ଧନୀକ ଲକ୍ଷ୍ମୀ କରିଛି ବାସ
ଗରିବ ହୁଅଇ ଗରିବ ମୁଖୁ ଲିଭିଛି ହସ ।
ଚନ୍ଦ୍ର ମଣ୍ଡଳରେ ମାନବ ଆଜି ଥାପିଛି ପାଦ
ତଥାପି ତାସ୍ଥଲ୍ୟ କରଇ ଜାତି ଅଜାତି ଭେଦ ।
ଧର୍ମ ଅଧର୍ମର ଦ୍ୱନ୍ଦରେ ଦଶଦିଶେ ବିବାଦ
ଗୁମୁରୁ କାନ୍ଦଇ ମାଟି ମା ମନେ ଗଣି ପ୍ରମାଦ ।
ମୂଲ ନମିଳଇ ଶ୍ରମର ଭେ୍କେ କଟଇ ଦିନ
ସାଜିଅଛି ଶିଶୁ ଶରମିକ କେଡେ ନର୍ଦ୍ଦୟ ମନ ।
ନାରୀ ଭୃଣ ହତ୍ୟା ହୁଅଇ ନରନାରୀ ପିଶାଚ
ପିତାମାତା ଜର୍ଶ୍ରମରେ ପୂଜା ପାଉଛି ଖଚ ।

ଅନ୍ଧ ବିଶ୍ୱାସକୁ ଆଦରି ମାନବିକତା ଛାଡି
ପଶୁ ପାଲଟଇ ମଣିଷ ଅନ୍ଧ ଫାଶରେ ପଡି ।
ସତ୍ୟପଥ ଛାଡି ଅନେକ ଅସତ୍ୟକୁ ପ୍ରସାରି
ଦିଗହରା କରି ଦେଶକୁ ସୁଖ ନଅନ୍ତି ହରି ।
ନଜ ସ୍ୱାର୍ଥେ ଅନ୍ଧ ମଣିଷ କରି, ଆପଣା ପର
ବିଳାସେ ଦିବସ ବିତାଏ ଭାଙ୍ଗି ଆନର ଘର ।
ଦେଶ ପାଇଁ ନାହିଁ ସମୟ ଯେଝା କାମରେ ବାଇ
ଥୋକାଏ ମଣିଷ କଣନ୍ତି ମିଛ ସତକୁ କହି ।
ସହୁଛ ଏସବୁ କପରି ସତ କୁହ ଅଗଷ୍ଟ
କହି ପାରିବକ ସତରେ ବିଶ୍ୱେ ମୋ ଦେଶ ଶ୍ରେଷ୍ଠ?

ବିଭୁତିପୁର, କାକଟପୁର, ପୁରୀ



# ମନେପଡ



କାହ୍ନୁ ଚରଣ ସାହୁ

ତୁମ କଥା ଧୁମ ମିଠା ଲାଗେ ଭାରି ଭଲ
ହସ ତୁମ କୃଷ୍ଣ ଚୂଡା ଆଖି ଝଲ ମଲ ॥
ସରସୀରେ ଫୁଟୁଥିବା ତୁମେ ସଜ ଫୁଲ
ଭଅଁର ପାଗଳ ସଦା କରିବାକୁ ଗେଲ ॥
ଜହ୍ନଠାରୁ ସୁନ୍ଦର ତୁମ ସୁନା ନାକ ମୁହଁ
ହୃଦୟକୁ ଛୁଇଁ ଯାଏ କଥା ଯେବେ କୁହ ॥
ଚାଲିରେ ତୁମର ଗୋରି ଫୁଟେ ସତେ ଗୋଲାପ
ନଆଁ ଲାଗେ ହୃଦୟରେ ହସି ଦେଲେ ଅଳପ ॥
ଇଚ୍ଛା ହୁଏ ଗପିବାକୁ ସାରା ରାତି ଦିନ
ମନେପଡ ଯେବେ ତୁମେ ଅଥୟ ହୁଅଇ ମନ ॥
ବୁଝ ନାହିଁ କଆଁ ତୁମେ ମୋ ହୃଦୟର ଭାଷା
ଚାହାଣିରେ ମନ ମୋହ ଓଠ କହେ କଥା ॥
ରହି ଥାଏ ଚାହିଁ ମୁହିଁ ଆସି ବାର ବାଟ
ଆସନାହିଁ ତୁମେ ପ୍ରିୟା କରିବାକୁ ଭେଟ ॥
ଅସୁମାରି ଆଶା ମୋର ହୋଇଯାଏ ଭଙ୍ଗ
କ୍ଷଣିକରେ ଫିକା ପଡେ ଫଗୁଣର ରଙ୍ଗ ॥
ମନେମନେ ଭାବି ବସେ କେତେ କଥା ତୁମର
ସାଥୀରେ ମୋ ଥିଲ ଲାଗୁଥିଲ ନଜର ॥

ପଣ୍ଡକାମାଳ, ମ. ରାମପୁର, କଳାହାଣ୍ଡି

# ମୋ ମନକଥା



ପ୍ରକାଶ ଚନ୍ଦ୍ର ପଣ୍ଡା

ସବୁଦିନପରି ଆଜିବି ଲେଖୁଛି
ମନେମୋ ଆସୁଛି ଜାହା
ଜାଣେନ ଏ ଲେଖା ତୁମ ହୃଦୟକୁ
ଛୁଇଁପାରିବକ ନାଆଁ,
ନୁହେଁ ମୁଁ ଲେଖକ କବି କବା ଶିଳପୀ
ମୁଁ ଏକ ବିଜ୍ଞାନ ଛାତ୍ର
ନୁହେଁ ସାହିତ୍ୟିକ ନୁହେଁ ବି ଗାଳ୍ପିକ
ମୁଁ ତ ନମିତ୍ତ ମାତ୍ର,
ହୃଦୟର ଭାଷା ଜାହା ମନେ ଆସେ
ଲେଖେ ମୁଁ କଲମ ମୁନେ
ଦେଶପ୍ରେମ କବା ଜୀବନ ଯନ୍ତ୍ରଣା
ଯାହା ଛୁଇଁଲା ଏ ମନେ,
ନୁମେଁ ରାଧାନାଥ ନୁହେଁ ବଳଦେବ
ନୁହେଁ ଫକୀରମୋହନ
ଲେଖିବି ଓଡିଆ ଭାଷା ଜାତି କଥା
ମୋ ପାଇଁ ସାତ ଶପନ,
ମୋ ଦେଶର ମାଟି ପାଣି ପବନରେ
ଏ ଶରୀର ମୋର ଗଢା
ସେଇ ବରପୁତ୍ର ଅନୁପ୍ରାଣିତ ମୁଁ
ତାଙ୍କରି ଆଶିଷ ଲୋଡା, ତାଙ୍କରି ଆଶିଷ ଲୋଡା........

କଲ୍ୟାଣପୁର, ଭୁଇଁପୁର, ଯାଜପୁର, ପାଣିକୋଇଲି

# ଧର୍ମ ସହିତ ବିଜ୍ଞାନର ସଂଘର୍ଷ



ବାଲ୍ମୀକ ନାୟକ

ପଶ୍ଚିମ ଦେଶଗୁଡିକରେ ହିଁ ପ୍ରଥମେ ଧର୍ମ ସହିତ ବିଜ୍ଞାନର ସଂଘର୍ଷ ଘଟିଥିଲା । ସେଠିକାର ଚର୍ଚ୍ଚର ଧର୍ମଯାଜକମାନେ ମାନବ ସମାଜର ବିଜ୍ଞାନ ଆଡକୁ ଆଗେଇ ଯିବାଟା ସହ୍ୟ କରି ପାରିନଥିଲେ । ସେଥିପାଇଁ ସେହି ସମୟର ଅନେକ ପ୍ରତିଭାଶାଳୀ ଉଦୀୟମାନ ବୈଜ୍ଞାନିକ ଧର୍ମଧ୍ୱଜାଧାରୀ ମାନଙ୍କର ଶିକାର ହୋଇଥିଲେ । କୋପରନିକସଙ୍କ ଥିଓରିକୁ ବିରୋଧ କରାଯାଇଥିଲା । ମେଡିକାଲ ସାଇନ୍ସକୁ ବିରୋଧ କରାଯାଇଥିଲା । ଆଧୁନିକ ଶରୀର ବିଜ୍ଞାନର ଜନକ କୁହାଯାଉଥିବା ଡଃ. ଭେସେଲିୟସଙ୍କୁ ରୋଗୀର ଅଙ୍ଗ ବ୍ୟବଚ୍ଛେଦ କରିବାପାଇଁ ଚର୍ଚ୍ଚ ଅନୁମତି ଦେଇ ନଥିଲା । ସେମାନଙ୍କ ମତରେ ଶରୀର ହେଉଛି ଦୈବୀଜାତ ବସ୍ତୁ ଏବଂ ତାକୁ କାଟିବା ମଣିଷର କୌଣସି ଅଧିକାର ନାହିଁ । ଡଃ. ଭେସେଲିୟସଙ୍କୁ ତୀବ୍ର ବିରୋଧ କରି ଜବରଦସ୍ତ ହୋଲିଲ୍ୟାଣ୍ଡ ତୀର୍ଥସ୍ଥଳକୁ ପଠାଇ ଦିଆଗଲା । ଦୁଃଖର କଥା ଯେ, ସମୁଦ୍ରରେ ଯାତ୍ରା କରୁଥିବା ସମୟରେ ଏକ ପାଣିଜାହାଜ ଦୁର୍ଘଟଣା ଯୋଗୁଁ ସେ ପ୍ରାଣ ହରାଇଥିଲେ । ଚର୍ଚ୍ଚର ଏହିଭଳି ଅବୈଜ୍ଞାନିକ ଚିନ୍ତାଧାରା ଯୋଗୁଁ ପୃଥିବୀରେ ପ୍ରାୟ ଦୁଇଶହ ବର୍ଷ ପର୍ଯ୍ୟନ୍ତ ମେଡିକାଲ ସାଇନ୍ସ ଅବହେଳିତ ହୋଇ ବିକାଶ ଲାଭ କରିପାରିଲା ନାହିଁ ।

ସେହିଭଳି ଖଗୋଳ ଶାସ୍ତ୍ରୀ ଜ୍ୟୋତିର୍ବିଦ ବ୍ରୁନୋଙ୍କୁ ଚର୍ଚ୍ଚର ମତ ପାର୍ଥକ୍ୟ ଯୋଗୁଁ ଜିଅନ୍ତା ଜାଳି ମାରି ଦିଆଯାଇଥିଲା । ଗାଲିଲିଓଙ୍କୁ ଆଜୀବନ କାରାଦଣ୍ଡ ଭୋଗ କରିବାକୁ ପଡିଥିଲା । ଡାରୱିନଙ୍କ ବିବର୍ତ୍ତନବାଦକୁ ଚର୍ଚ୍ଚ ତୀବ୍ର ନିନ୍ଦା କରି ବିରୋଧ କରିଥିଲା ।

ଥୋମାସ ଏଡିସନଙ୍କ ମୁକ୍ତ ଚନ୍ତାଧାରାକୁ ବି ଚର୍ଚ୍ଚ ବିରୋଧ କରିଥିଲା । ପରବର୍ତ୍ତୀ କାଳରେ ସେ ଉଦ୍ଭାବନ କରିଥିବା ବିଜୁଳି ଶକ୍ତିକୁ କୌଣସି ଚର୍ଚ୍ଚ, ମସଜିଦ୍, ମନ୍ଦିର ଓ ଅନ୍ୟ ଧର୍ମସ୍ଥଳ ବିରୋଧ କରି ନଥିଲେ । ବିଜୁଳି ଦ୍ୱାରା ପରିଚାଳିତ ଅନେକ ଭୌତିକ ଯନ୍ତ୍ରପାତିକୁ ବ୍ୟବହାର କରି ସମସ୍ତେ ଉପକୃତ ହୋଇଛନ୍ତି । ଆଜିର ଯୁଗରେ ବୈଦ୍ୟୁତିକ ଗଣମାଧ୍ୟମର ସାହାଯ୍ୟରେ ଧର୍ମ ପ୍ରଚାର ବି ସହଜ ଓ ସୁବିଧା ହୋଇଯାଇଛି । ଅଧିକ ସଂଖ୍ୟାରେ ଭକ୍ତମାନଙ୍କୁ ନିଜ ଆଡକୁ ଆକର୍ଷିତ କରି ମାନସିକ ଓ ଆର୍ଥିକ ଶୋଷଣ କରିବା ସହଜ ହୋଇଯାଇଛି । ଧର୍ମର ବାରମ୍ବାର ବିରୋଧ ସତ୍ତ୍ୱେ, ବିଜ୍ଞାନ ପ୍ରଗତି କରିଚାଲିଛି । ସମର୍ଥନ କରୁଥିଲେ ହୁଏତ ଆହୁରି ଦ୍ରୁତ ଗତିରେ ପ୍ରଗତି କରିପାରନ୍ତା ।

ଭାରତରେ କିନ୍ତୁ ଧର୍ମ ସହିତ ବିଜ୍ଞାନର ସଂଘର୍ଷ ନ ଥିଲା । ଆମ ଦେଶର ବେଦ ଓ ଧର୍ମଶାସ୍ତ୍ର ଗୁଡିକରେ ବିଜ୍ଞାନ ଭରିରହିଛି ବୋଲି ଦାବି କରୁଥିବା ଶାସ୍ତ୍ରବିଶାରଦ ମନୀଷୀଗଣ ବିଜ୍ଞାନର ବିକାଶପାଇଁ ପାଦେ ବି ଆଗେଇ ପାରିଲେନାହିଁ । ଆମ ଧର୍ମଶାସ୍ତ୍ରର ମୂଳ ସଂସ୍କୃତ ଭାଷାକୁ ବୁଝିପାରୁ ନଥିବା ପଶ୍ଚିମ ଦେଶର ବୈଜ୍ଞାନିକମାନେ ଜ୍ଞାନ ଚୋରେଇ ନେଇ ଉଡାଜାହାଜ କପରି ତିଆରି କରିପାରିଲେ, ସେ କଥା ଆମେ ଆଜି ପର୍ଯ୍ୟନ୍ତ ବୁଝିପାରିଲୁନାହିଁ ।

ଜଣେ ଓଡିଆ ଲେଖକ ଲେଖିଛନ୍ତି, "ଆମ ଦେଶର ଜଗନ୍ନାଥ ମନ୍ଦିରର ରୋଷେଇଶାଳରେ ବହୁତ ଆଗରୁ ବାଷ୍ପ ଶକ୍ତି ପ୍ରୟୋଗ ହେଉଛି । ସେହି ଶକ୍ତି ବଳରେ ବିଦେଶର ବୈଜ୍ଞାନିକ ରେଳ ଇଞ୍ଜିନ ତିଆରି କରିପାରିଛନ୍ତି" ।

ଆମେ ଆଶ୍ଚର୍ଯ୍ୟ ହୋଇ ନିଜକୁ ନିଜେ ପ୍ରଶ୍ନ କଲୁ, ଜଗନ୍ନାଥ ମନ୍ଦିର ରୋଷେଇଶାଳରୁ ଆଜିଯାଏଁ ବାଷ୍ପଶକ୍ତିର କେଉଁ କୌଶଳଦ୍ୱାରା ଏତେ ପରିମାଣରେ ଖାଦ୍ୟାନ୍ନ ତିଆରି ହୋଇପାରୁଛି, ତାହା ସାର୍ବଜନୀନ ହୋଇପାରି ନାହିଁ । ଯଦି ସେହି କୌଶଳଟି (ଟେକନିକ୍) ଓଡିଶା ଲୋକମାନଙ୍କୁ ଜଣାପଡିଯାଆନ୍ତା, ତେବେ ଆମର ଜଳେଣି ସମସ୍ୟା ରହନ୍ତା ନାହିଁ । ସେହି ଟେକ୍ନିକାଲ ବିଦ୍ୟାଟି କିଏ କେଉଁ ମାର୍ଗରେ ବିଦେଶ ପର୍ଯ୍ୟନ୍ତ ନେଇଗଲା? ଅଥଚ

ଆମେ ଆଜିଯାଏଁ ସେହି ଜ୍ଞାନକୌଶଳରୁ ବଞ୍ଚିତ । ବିଦେଶର ବୈଜ୍ଞାନିକମାନେ ତିଆରି କରୁଥିବା ସମସ୍ତ ଆଧୁନିକ ଯାନବାହନ, ଚକସ୍ତା ଉପକରଣ, ଅସ୍ତ୍ରଶସ୍ତ୍ର, ଘରେ ବ୍ୟବହୃତ ଭୌତିକ ସାଧନ ବ୍ୟବହାର କରି ଆମେ ଆଜି ଦୁନିଆର ଅନ୍ୟାନ୍ୟ ଦେଶ ସହିତ ତାଳ ମିଳାଇ ଚାଲିପାରୁଛୁ । ତଥାପି ଧେଣ୍ଡୁରା ପିଟୁଛୁ – ଆଗରୁ ଆମର ଏଇଠି ଏସବୁ ଥିଲା । ହଁ, ହୁଏତ ଥିଲା, କିନ୍ତୁ କେବଳ ପୋଥିରେ ରହିଗଲା । ସେହି ବିଦ୍ୟାକୁ ଉପଯୋଗ କରିବାର କ୍ଷମତା କେହି ପାଇପାରିଲେ ନାହିଁ । ଶାସ୍ତ୍ର ବିଶାରଦମାନେ କେବଳ ଭାଷଣ ଝାଡୁଛନ୍ତି ।

ଆମ ଦେଶରେ କିନ୍ତୁ ଧର୍ମ ସହିତ ସମାଜ ସୁଧାରକଙ୍କ ସଂଘର୍ଷ ଥିଲା । ଆମ ଦେଶରେ ସାମାଜିକ ନୀତିନିୟମ ଗୁଡିକ ଅତି କଠୋର ଥିବାରୁ ସାଧାରଣ ଜନଜୀବନରେ ବିଶୃଙ୍ଖଳା ସୃଷ୍ଟି ହେଉଛି । ସମାଜ ନିର୍ଦ୍ଧାରିତ ନିୟମ ବାହାରକୁ ଯାଇ କେହି ବି କୌଣସି ସମୟ ଉପଯୋଗୀ ତଥା ଗଠନମୂଳକ କାମ କଲେ ବି ତାହା ଧର୍ମଗୁରୁମାନଙ୍କର ଅସହ୍ୟ ହେଉଛି । ସେଥିପାଇଁ ସମାଜର କେତେକ ବୁଦ୍ଧିଜୀବି ସମାଜକୁ ସୁଧାରିବା ପାଇଁ ବିଭିନ୍ନ ସମୟରେ ଆଗେଇ ଆସିଛନ୍ତି । ସେମାନେ ନିଜର ବଳିଷ୍ଠ ଯୁକ୍ତି ଓ ବିଜ୍ଞାନ ସମ୍ମତ ତର୍କ ଦେଇ ପରମ୍ପରାଗତ ଅନ୍ଧବିଶ୍ୱାସକୁ ଦୂର କରିବାପାଇଁ ପ୍ରୟାସ କରିଛନ୍ତି । ଆଦିମ ଯୁଗରୁ ସେମାନେ ପ୍ରଚଳିତ ପ୍ରଥା ବା ସିଦ୍ଧାନ୍ତଗୁଡିକ ଠିକ୍ କିମ୍ବା ଭୁଲ ବୋଲି ପ୍ରଶ୍ନ କରିବାର ଅଧିକାର ଦାବି କଲେ । ଏହା ଫଳରେ ସାଧାରଣ ଲୋକମାନଙ୍କ ମନରେ ବି କୌତୁହଳ ଜାତ ହେଲା ଏବଂ ଧୀରେ ଧୀରେ ଏକ ନୂତନ ହେତୁବାଦୀ ଚିନ୍ତାଧାରା ଜନ୍ମ ହେଲା । ବ୍ୟକ୍ତି ଓ ସମାଜକୁ ସ୍ୱାଧୀନଭାବେ ଜୀବନ ଅତିବାହିତ କରିବାପାଇଁ ଏକ ନୂଆ ରାସ୍ତା ଖୋଲିଗଲା ।

ମହର୍ଷି ଚାର୍ବାକ, ଗୌତମ ବୁଦ୍ଧ, ମହାବୀର ଜୈନଙ୍କ ଭଳି ସମାଜ ସୁଧାରକମାନଙ୍କ ମାନବିକତାବାଦୀ ବିଚାରକୁ ଆଜି କେହି ଅସ୍ୱୀକାର କରୁନାହାନ୍ତି । ସେମାନେ ମଣିଷମନରେ ଭିତ୍ତିହୀନ ବିଶ୍ୱାସ ଯଥା - : ପୁନର୍ଜନ୍ମ, ଭାଗ୍ୟ, ଆତ୍ମା, ସ୍ୱର୍ଗ, ନର୍କକୁ ଅସ୍ୱୀକାର କରିଥିଲେ । ପରବର୍ତ୍ତୀ କାଳରେ ହେତୁବାଦୀ ଦୃଷ୍ଟିକୋଣରୁ ଜ୍ୟୋତିଷ ବିଦ୍ୟା, ସାମୁଦ୍ରିକ ବିଦ୍ୟା ନୁହେଁ ବୋଲି ପ୍ରମାଣିତ କରାଗଲା । ଶୁଭ ଅଶୁଭ ମୁହୂର୍ତ୍ତ, ଅମୃତବେଳା, ବିଷବେଳା, ଦେବୀ ଦେବତା, ଧର୍ମଗୁରୁମାନଙ୍କର ବରଦାନ କିମ୍ବା ଅଭିଶାପକୁ ନେଇ ଯେଉଁ ଭ୍ରାନ୍ତ

ଧାରଣା ରହିଛି, ସେଥିପାଇଁ ଯୁଗଯୁଗ ଧରି ଗୋଟିଏ ବର୍ଗର ଲୋକ ଅନ୍ୟ ସମସ୍ତ ବର୍ଗର ଲୋକମାନଙ୍କୁ ଶୋଷଣ କରିଚାଲିଛନ୍ତି । କିଛି ହରେଇ ବସିବାର ଭୟ ଓ କିଛି ଚମତ୍କାର ଶକ୍ତି ଦ୍ୱାରା ପାଇବାର ଲୋଭଯୋଗୁଁ ସମସ୍ତେ ବିଶ୍ୱାସର ନାଗଫାଶରୁ ନିଜକୁ ମୁକ୍ତ କରିପାରୁ ନାହାନ୍ତି ।

ଚମତ୍କାର ଶକ୍ତି ପ୍ରାପ୍ତ କରିଥିବାର ଦାବି କରୁଥିବା କେତେକ ତଥାକଥିତ ବାବାମାନେ ଜନତାଙ୍କୁ ଦିନର ଆଲୁଅରେ, ସମସ୍ତ ଆଖି ଆଗରେ ଠକୁଛନ୍ତି । ସାଧାରଣ ଯାଦୁଗରମାନେ ଜନତାଙ୍କ ମନୋରଞ୍ଜନ କରିବାପାଇଁ ହାତ ସଫେଇ କମ୍ବା ବିଜ୍ଞାନ କୌଶଳ ଦ୍ୱାରା ଯେଉଁ କ୍ରିୟା କରିପାରୁଛନ୍ତି, ଠିକ୍ ସେହି କ୍ରିୟା କରି ବାବାମାନେ ଦୈବୀଶକ୍ତି ନାମରେ ଭକ୍ତଙ୍କୁ ପ୍ରଭାବିତ କରୁଛନ୍ତି । ଅନେକ ଦିନରୁ ବିଶିଷ୍ଟ ହେତୁବାଦୀ ଓ ବୁଦ୍ଧିଜୀବୀମାନେ ବାବା, ତାନ୍ତ୍ରିକମାନଙ୍କର ଚମତ୍କାର ବିଦ୍ୟାର ରହସ୍ୟ ପର୍ଦ୍ଦାଫାସ କରି ସାରିଲେଣି । ବିଶ୍ୱର ଏକ ବିଖ୍ୟାତ ଯାଦୁଗର "ହେଶହାଭଦିନ" ଚମତ୍କାର ପ୍ରଦର୍ଶନ କରୁଥିବା ବାବାମାନଙ୍କୁ ଖୋଲା ଚ୍ୟାଲେଞ୍ଜ କରିଥିଲେ । ସେହିଭଳି ଭାରତରେ ମଧ୍ୟ ଏ.ଟି. କୁଭୁର, ପ୍ରେମାନନ୍ଦ, ପ୍ରଫେସର ନରେନ୍ଦ୍ର ନାୟକ ବାବା, ତାନ୍ତ୍ରିକ, ଜ୍ୟୋତିଷମାନଙ୍କୁ ଚ୍ୟାଲେଞ୍ଜ କରି ଆସିଛନ୍ତି । ହରିୟାନାର ତର୍କଶୀଳ ସୋସାଇଟି ଏକକୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି । ଆଜି ପର୍ଯ୍ୟନ୍ତ ଜଣେବି ତଥାକଥିତ ବାବା ହେତୁବାଦୀଙ୍କ ଆଗରେ ଆସି ଚମତ୍କାର ପ୍ରଦର୍ଶନ କରି ପୁରସ୍କାର ଗ୍ରହଣ କରିବାପାଇଁ ସାହସ କରିନାହାନ୍ତି । ଏଇଥିରୁ ପ୍ରମାଣିତ ହେଉଛି ଯେ, ସେମାନେ ଜନତାଙ୍କ ଆଗରେ ଯାହା ଦାବି କରୁଛନ୍ତି ତାହା ସତ ନୁହେଁ ।

ଆଶ୍ଚର୍ଯ୍ୟ ଲାଗୁଛି ଯେ, ଶରୀର ବିଜ୍ଞାନ ଉପରେ ଗଭୀର ଅଧ୍ୟୟନ କରି ପ୍ରାଣୀର ଶରୀର ଏବଂ ମନକୁ ଆକ୍ରାନ୍ତ କରୁଥିବା ବିଭିନ୍ନ ରୋଗକୁ ସଫଳତାର ସହିତ ଚିକିତ୍ସା କରି ଆରୋଗ୍ୟ କରିପାରୁଥିବା ଅନେକ ବିଦ୍ୱାନ୍ ଡାକ୍ତର ମଧ୍ୟ ଶରୀର ଭିତରେ ଆତ୍ମାର ଅବସ୍ଥାନକୁ ନେଇ ସନ୍ଦେହରେ ପଡିଛନ୍ତି । ଆଜିର ବିକଶିତ ବିଜ୍ଞାନ ଶରୀର ଭିତରେ ଥିବା ଛୋଟବଡ ଅଙ୍ଗ ଏବଂ ସୂକ୍ଷ୍ମ ଜୀବାଣୁ ସଂପର୍କରେ ପ୍ରାମାଣିତ ତଥ୍ୟ ପ୍ରକାଶ କରିଥିବା ସତ୍ତ୍ୱେ, ଆତ୍ମା ନାମକ ବସ୍ତୁଟି କେଉଁ ସ୍ଥାନରେ ରହୁଛି ଆଣି ପାରୁନାହାନ୍ତି କାହିଁକି ବୋଲି କେତେକ ଡାକ୍ତର କ୍ଷୋଭ

ପ୍ରକଟ କରୁଛନ୍ତି । ଭବିଷ୍ୟତରେ ଦିନେ ନିଶ୍ଚୟ ବିଜ୍ଞାନ ଆତ୍ମାର ସ୍ଥାନ ଖୋଜିପାଇବ ବୋଲି ଦାବି କରୁଛନ୍ତି । ଆତ୍ମା ଏକ କାଳ୍ପନିକ ବସ୍ତୁ ବୋଲି ମାନିବାକୁ ସେମାନେ ପ୍ରସ୍ତୁତ ନୁହନ୍ତି । ମୋର ଜଣେ ଡାକ୍ତର ବନ୍ଧୁ କହିଲେ, "ମନୁଷ୍ୟର ସଂରଚନା, ଚେତନା ଶକ୍ତି, ମାନସିକ ଗ୍ରନ୍ଥି ସମୂହ, କୁଣ୍ଠା ଆଦି ବିଜ୍ଞାନର ଜ୍ଞାତସାରକୁ ଆଜିଯାଏଁ ଆସିପାରିନାହିଁ । ମନୁଷ୍ୟ ଶରୀର ମଧ୍ୟରେ ନିଜର ବ୍ୟକ୍ତିତ୍ୱର ଅଭିବ୍ୟକ୍ତି କରୁଥିବା ସେହି ଚୈତନ୍ୟ ସତ୍ତାଟି ପ୍ରକୃତରେ କଏ? ଚକସ୍ତା ବିଜ୍ଞାନର ଉତ୍କର୍ଷତା ସତ୍ତ୍ୱେ, କଣ ମନୁଷ୍ୟ ନିଜ ଶରୀରର କ୍ରିୟା ସମୂହକୁ ପୂର୍ଣ୍ଣଭାବେ ଜାଣିବାକୁ ସକ୍ଷମ ହୋଇପାରିଛି କି? "

ଆମେ କହିଲୁ, ଆମର ସାଧାରଣ ବୁଦ୍ଧିରେ ଆମେ କହିପାରିବୁ ଯେ, ବିଜ୍ଞାନର ଉତ୍କର୍ଷ ଗବେଷଣା ଦ୍ୱାରା ହିଁ ମଣିଷ ଓ ଅନ୍ୟାନ୍ୟ ପ୍ରାଣୀଜଗତର ଶରୀର ତଥା ମନ ବିଷୟରେ ଯଥେଷ୍ଟ ଜ୍ଞାନ ଉପଲବ୍ଧ ହୋଇସାରିଲାଣି । ଯଦି ବା କିଛି ବାକି ଅଛି, ସେସବୁ ଭବିଷ୍ୟତରେ ଆମେ ଜାଣିପାରିବା, କାରଣ ଗବେଷଣା ସରିଯାଇନି, ଚାଲିଛି । ଆମେ ଶରୀର ବିଜ୍ଞାନର ଉପଲବ୍ଧ ସମସ୍ତ ଜ୍ଞାନ ଓ ତଥ୍ୟ ନ ପଢିଲେ କେମିତି କହିପାରିବା ଯେ, ବିଜ୍ଞାନ ଖୋଜିପାଇନାହିଁ । ମାନବୀୟ ଗୁଣ ଯଥା - : ଦୟା, କ୍ଷମା, କ୍ରୋଧ, କାମ, କୁଣ୍ଠା, ଲୋଭ, ଭୟ ଆଦି ଉପରେ ବି ମନୋବୈଜ୍ଞାନିକମାନେ ଅନୁସନ୍ଧାନ ଓ ଗବେଷଣା ଜାରି ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ମନସ୍ତତ୍ତ୍ୱ ଜ୍ଞାନ ବଳରେ ମାନସିକ ବିକୃତି ଘଟିଥିବା ମଣିଷମାନଙ୍କୁ ସଫଳତାପୂର୍ବକ ଆରୋଗ୍ୟ କରାଯାଇପାରୁଛି ।

ଡାକ୍ତର ବନ୍ଧୁ ପୁଣି କହିଲେ, - "ଆଧ୍ୟାତ୍ମଜ୍ଞାନ ଦ୍ୱାରା ହିଁ ବିଜ୍ଞାନର ଦୁରୁପଯୋଗକୁ ରୋକା ଯାଇପାରିବ । ବିଜ୍ଞାନ ମନୁଷ୍ୟକୁ ଭୌତିକ ସୁଖସ୍ୱାଚ୍ଛନ୍ଦ୍ୟର ଉପକରଣ ସହିତ ବିନାଶକାରୀ ମାରଣାସ୍ତ୍ରରେ ସମର୍ଥ କରିଛି । ଆଧ୍ୟାତ୍ମଜ୍ଞାନ ତାକୁ ଶାନ୍ତି ପ୍ରାପ୍ତି ପାଇଁ ପରିଚାଳିତ କରିପାରିବ । କେତେକ ବୈଜ୍ଞାନିକ ବି ଏହି କଥା କହୁଛନ୍ତି ।"

ଆମେ କହିଲୁ, - ଆପଣଙ୍କ କଥା ଯଦି ସତ ବୋଲି ମାନିବା ତେବେ ପ୍ରଶ୍ନ ଉଠୁଛି ଯେ, ପୁରାଣ ଯୁଗରେ ଏତେ ବଡବଡ ମହାସମର କାହିଁକି ହୋଇଥିଲା? ସେତେବେଳେ ବି

ଆଗ୍ନେୟାସ୍ତ୍ର, ବ୍ରହ୍ମାସ୍ତ୍ର, ଶବ୍ଦଭେଦୀ ବାଣ ଭଳି ମାରଣାସ୍ତ୍ର କାହିଁକି ବ୍ୟବହାର ହେଉଥିଲା? ବିଗତ ଶତାବ୍ଦୀରେ ବି ଆଧ୍ୟାତ୍ମିକ ବ୍ୟକ୍ତିମାନଙ୍କ ସଂଖ୍ୟା ଅଧିକ ଥିବା ସତ୍ତ୍ୱେ, ପୃଥିବୀରେ ଦୁଇଥର ବିଶ୍ୱଯୁଦ୍ଧ ସଂଘଟିତ ହୋଇଥିଲା କାହିଁକି? ତା ପରବର୍ତ୍ତୀ ଆଧୁନିକ ଯୁଗରେ ବିଜ୍ଞାନର ଦ୍ରୁତ ବିକାଶ ଓ ନିରୀଶ୍ୱରବାଦୀ ଚିନ୍ତାଧାରା ବିକାଶଲାଭ କରିଥିବାରୁ ପ୍ରତ୍ୟେକ ଦେଶର ଶାସକ ମାରଣାସ୍ତ୍ର ପ୍ରୟୋଗ କ୍ଷେତ୍ରରେ ସଂଯମତା ରକ୍ଷା କରିଆସୁଛନ୍ତି । ସେଥିପାଇଁ ଅନେକ ରାଜନୈତିକ ଓ ଧାର୍ମିକ ମତାନ୍ତର ଘଟୁଥିବା ସତ୍ତ୍ୱେ, ଦୀର୍ଘ ବର୍ଷ ହେଲା ବିଶ୍ୱଯୁଦ୍ଧ (୩ୟ) ହୋଇନାହିଁ । ଏହି ସଂଯମତା ଆଧ୍ୟାତ୍ମିକ କାରଣରୁ ଜାଗ୍ରତ ହୋଇନାହିଁ ବରଂ ଧର୍ମାନ୍ଧତାରୁ ମୁକ୍ତ ରହି ମାନବିକତାର ବିକାଶ ହୋଇଥିବାରୁ ସଂଯମତା ଜାଗ୍ରତ ହୋଇଛି । ବୈଜ୍ଞାନିକମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ଚେତନା ସପକ୍ଷରେ ଦିଆଯାଉଥିବା ବକ୍ତବ୍ୟ ତାଙ୍କର ବ୍ୟକ୍ତିଗତ ଆସ୍ଥା ଓ ବିଶ୍ୱାସ ଉପରେ ନିର୍ଭର କରୁଛି । ବିଜ୍ଞାନ ପାଠ ପଢି ବୈଜ୍ଞାନିକ ହୋଇଯାଇଥିବା ବ୍ୟକ୍ତି ଭିତରେ ବୈଜ୍ଞାନିକ ଚିନ୍ତନ ଥାଇ ନପାରେ! ମନରେ ସେହି ସ୍ଥାନଟି ଆଧ୍ୟାତ୍ମିକ ଆସ୍ଥା ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ । ସେମାନେ ବିଶ୍ୱାସେ ମିଳଇ ହରି – ତର୍କେ ବହୁଦୂର" ର ସମର୍ଥକ । ବୈଜ୍ଞାନିକ ଚିନ୍ତନ କିମ୍ବା ହେତୁବାଦୀ ଚିନ୍ତାଧାରାପାଇଁ କୌଣସି ଶିକ୍ଷାଗତ ଡିଗ୍ରୀ ଆବଶ୍ୟକ ନାହିଁ; ଆବଶ୍ୟକ ହେଉଛି ଗୋଟିଏ ସ୍ୱାଧୀନ ତଥା ଜିଜ୍ଞାସୁ ମନ ।

କେ.ଆର. ପୂରମ, ବାଙ୍ଗାଲୋର

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଭିକ୍ଷା ନୁହେଁ ଶିକ୍ଷା



ଏମ୍. ବିଜୟ କୁମାର

ଶିକ୍ଷାରୁ ବଞ୍ଚିତ
ଯେତେ ଏକଲବ୍ୟ
ଅଫୁଟା କଢର
ବଳର ବକ୍ତବ୍ୟ
ଶିକ୍ଷା ବଦଳରେ
ମାଗୁଛନ୍ତି ଭିକ୍ଷା
ଉପହାସ କରେ
ତାଙ୍କୁ ସର୍ବଶିକ୍ଷା
ଭିକ୍ଷା ନୁହେଁ ଶିକ୍ଷା
ଦିଅ ନାରୀନର
ଶିକ୍ଷା ଖୋଲିପାରେ
ସବୁ ବନ୍ଧ ଦ୍ୱାର
ନାଳ- ନର୍ଦ୍ଦମାରେ
ମଇଳା ହୋଇରେ
ଫୁଥପାଥେ ସଢେ
ଖାଇବା ନପାଇ

ଆଜି ବି ରହିଛି
ପକ୍ଷପାତି ଦ୍ରୋଣ
ତାଜା ଖବରର
ଜ୍ୱଳନ୍ତ ଉଦାହରଣ
ପ୍ରଭୁବ ବିସ୍ତାର
ଏଲ୍.ପି.ଜି. ପାଇଁ
ପଢୁଛନ୍ତି ବଳ
ସୁଯୋଗ ନପାଇ

ଭିନ୍ନ ରୂପ ନାମେ
ଶିକ୍ଷା ଅବ୍ୟବସ୍ଥା
ଗଧ ହୋଇ ଶିଶୁ
ବୋହୁଛନ୍ତି ବସ୍ତା

ଲେଖି ନିଜ ଭାଗ୍ୟ
ଧନ୍ୟ କର୍ମବୀର
ସଂଘର୍ଷ କରୁଛି
ଜୀବନ- ଯୁଦ୍ଧର


ସାମର୍ଥ ବଳରେ
କେତେ ଏକଲବ୍ୟ
ନିଜେ ନିଜ ଗୁରୁ
ପାଳନ୍ତି କର୍ତ୍ତବ୍ୟ

ପ୍ରତିକୂଳରେ
ଲଢାଇ ତାଙ୍କର
ପାଇବାକୁ ନିଜ
ହକ ଅଧିକାର

ଉତ୍ତର ଶାସନ, ଗଙ୍ଗୋତ୍ରୀ ନଗର,
ଭୁବନେଶ୍ୱର

# ପୁସ୍ତକ ପରିଚୟ

## ଲେଖକ ଡଃ ଶଶଧର ମହାପାତ୍ରଙ୍କ ଲିଖିତ ପୁସ୍ତକ ସ୍ମୃତି ନୈବେଦ୍ୟ




# ବିଦେଶ ଖବର

## ବାହାରିନ୍ ଓଡିଆ ସମାଜ ତରଫରୁ ଅନୁଷ୍ଠିତ ହୋଇଥିବା ରଥଯାତ୍ରାର ଫଟୋ









# ଶିଶୁ ବିଭାଗ



# ମୋ ଦେଶ ହିନ୍ଦୁସ୍ତାନ



ପ୍ରକାଶ ସାହୁ

ବନ୍ଦେ ମାତରମ.....
ବିର ଙ୍କୁ ଦେଇଛି ଜନମ
ମା ତୋତେ ମୋ ସଲାମ
ତ୍ରିରଙ୍ଗା ର ପ୍ରତିଫଳକ
ଶାନ୍ତି, ମୈତ୍ରୀ ର ସୂଚକ
କେବଳ ମୋ ଦେଶ ଭାରତ
ତା ପାଦେ କୋଟି ପ୍ରଣାମ
ସେହି ମୋ ଦେଶ ହିନ୍ଦୁସ୍ତାନ
ତା ପାଇଁ ଦେବି ଜୀବନ
ତାରି କୋଳ ରେ ଜନମ
ତା ଚରଣେ ହେବ ମରଣ
ତା ମାଟି ପାଣି ପବନ
ମୋ ପାଇଁ ସରଗ ସମାନ
ତା ଶୀତ ଖରା ବର୍ଷା
ସବୁ ମୋର ଶୁଭ ଲଗନ
କେତେ ଯେ ବିର ଙ୍କ ରକତ
ଦେଖିଅଛି ତାର ନୟନ
ସେହି ବିର ଙ୍କ ର ଅବଦାନ
ହୋଇଛି ଭାରତ ସ୍ୱାଧୀନ
ସେହି ମୋ ଦେଶ ହିନ୍ଦୁସ୍ତାନ
ହିନ୍ଦୁ ହେଉ କ ମୁସଲମାନ

ସବୁ ଏଠି ଅଛି ସମାନ
ତା ସବୁଜ କ୍ଷେତ ର ଧାନ
ମୋ ପାଇଁ ଅବଢ଼ା ଅନ୍ନ
ବୃହତ ତାର ସଂଭିଧାନ
ରହିଛି ଦୋଷ ର ବିଧାନ
ସେହି ମୋ ଦେଶ ହିନ୍ଦୁସ୍ତାନ
ହେଉ କୁରାନ କ ରାମାୟଣ
ହେଉ ଆଲ୍ଲା କ ଶ୍ରୀକୃଷ୍ଣ
ସବୁ ଆମ ପୁରାଣ ର ମାନ
ସଭିଏଁ ପାଆନ୍ତି ଏକ ସମାନ୍ନ
ସେହି ମୋ ଦେଶ ହିନ୍ଦୁସ୍ତାନ

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ



# ରଥ ଯାତର୍



ସତ୍ୟବ୍ରତ ସାହୁ

ବରଷକେ ଥରେ ରଥ ଯାତର୍
ଜଗନ୍ନାଥଙ୍କର ବଡ ଯାତର୍
ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳନ ହୁଅଇ
ଦୁନଆ ସାର୍ ॥୧॥

ଆଷାଢ ଶୁକ୍ଳ ପହିଲ୍ ଦିନ
ନବଯଉବନ ହୁଏ ଦର୍ଶନ
ସେ ରୂପ ଦର୍ଶନ କରିବା ପାଇଁକ ଭକ୍ତମାନଙ୍କର
ଛୁଟଇ ଧାର୍ ॥୨॥

ର୍ତି ନପାହୁଣୁ ଯାତର୍ ଦିନ
ପଣ୍ଡା ପଡିହାରୀ ଦିଅନ୍ତି ଧ୍ୟାନ
ଯଥାବିଧି ଭୋଗ ନଇବେଦ୍ୟ ଦେଇ ମନାସନ୍ତି ସୁଖ
ଶାନ୍ତି ଯାତର୍ ॥୩॥

ଲକ୍ଷା ଲକ୍ଷା ଭକ୍ତ ହୁଅନ୍ତି ଭିଡ
ରଥ ଦେଖିବାକୁ ଯାତର୍ ଦିନ
ପହଣ୍ଡିରେ ବିଜେ କରନ୍ତି ଠାକୁରେ ଦେଖୁଥାନ୍ତି ଭକ୍ତ
ଜଗତ ସାର୍ ॥୪॥

ଦେବଦଳନରେ ସୁଭଦ୍ରା ମାତ
ତାଳଧ୍ୱଜ ରଥେ ଶ୍ରୀ ବଳଭଦ୍ର
ନନ୍ଦିଘୋଷେ ଜଗା ବିଜେ କଲାପରେ ରାଜା
କରିଥାନ୍ତି ଛେରା ପହଁରା ॥ ୫ ॥

ଭକ୍ତମାନେ ଧରି ରଥ ଦଉଡି
ରଥ ତିନଟିକୁ ନଅନ୍ତି ଭିଡି
ବଳଭଦ୍ରଙ୍କର ତାଳଧ୍ୱଜ ରଥ
ପ୍ରଥମେ ଚାଲଇ ଦେଇ ଡାକରା ॥ ୬ ॥



ତାପରେ ଚାଲଇ ଦେବଦଳନ
ପଛକୁ ଥାଣ୍ଟି କାଳୀୟ ଦଳନ
ନନ୍ଦିଘୋଷ ରଥ ଶେଷକୁ ଚାଲଇ
ପାଇ ଜଗନ୍ନାଥ କରୁଣା ଧାରା ॥ ୭ ॥

ଗୁଣ୍ଡିଚା ମନ୍ଦିରେ ଅଟକେ ରଥ
ମାଉସୀମା ନାମେ ଗୁଣ୍ଡିଚା ଖ୍ୟାତ
ନଅ ଦିନ ପାଇଁ ଗୁଣ୍ଡିଚା ମନ୍ଦିରେ
ହୁଏ ପ୍ରଭୁଙ୍କର ପୂଜା ନଆରା ॥ ୮ ॥

ଆଶାଢ ଶୁକ୍ଳ ଦଶମୀ ଦିନ
ମନ୍ଦିରେ ଫେରନ୍ତି ଜଗମୋହନ
ଶ୍ରୀକ୍ଷେତ୍ରେ ଜମଇ ଗହଳ ଚଳହ
ଛୁଟଇ ଅପାର ଆନନ୍ଦ ଧାରା ॥ ୯ ॥

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# କରିବା ଚଗଲ୍‌ମୀ



ପ୍ରଶାନ୍ତ କୁମାର ନାଥ

ଚଗଲ୍ ବୋଲିକ ପିଲ୍‌ଟିଏ ଥିଲ୍
ହେଉଥିଲ୍ ଭାରି ଦୁଷ୍ଟ
କାହାରି  କଥାକୁ ମାନୁସେ ନଥିଲ୍
ଦେଉଥିଲ୍ ଭାରି କଷ୍ଟ ।
ବାପା ମାଆ କଥା ଶୁଣୁସେ ନଥିଲ୍
ନଥିଲ୍ କାହାକୁ ଡର
ଗୁଲିଲ୍ ଶଗଡେ ହାତ ମାରିଦିଏ
ଦୁଷ୍ଟାମୀର ଗନ୍ତାଘର ।
ପାଠ ପଢେନାହିଁ କଥା ଶୁଣେ ନାହିଁ
ଦିଅଇ ଅଭଦ୍ର ଗାଳ
ସଭିଙ୍କ ସାଥିରେ ଅପଡ ତାହାର
ଯାଏନାହିଁ ଗୁଟଶାଳ ।
ମାଙ୍କଡକୁ ଟେକା ପଥର ମାରେସେ
ପୋଖରୀରେ ବୁଡ ମାରେ
ଗଛ ଚଢି ପୁଣି ତଳକୁ ଡିଅଁଇ
ବାପାଙ୍କ ମହତ ସାରେ ।
ଯାଉଥିଲ୍ ଦିନେ ଏକା ଏକ ସିଏ
ମାଙ୍କଡଟେ ବସିଥିଲ୍
ଟେକାଟିଏ ମାରି ଚଗଲ୍‌ଟା ସତେ
ଦାନ୍ତ ତାକୁ ଦେଖାଇଲ୍ ।

ରାଗରେ ମାଙ୍କଡ ପାଖକୁ ତାହାର
ଆସିଲା ଏମିତି ଧାଇଁ
ଜୀବନ ବିକଳେ ଚଗଲା ଟା ପରା
ଦୌଡେ ଏକ ମୁହାଁ ହୋଇ ।
ଧରିଲା ମାଙ୍କଡ ଚୁଟିକୁ ତାହାର
ଗ୍ଡପୁଡାଟେ ଦେଲା ଥୋଇ
ଚଗଲାର ଗାଲ ନାଲି ପଡିଗଲା
ଉଠିସେ ପାରିଲା ନାହିଁ ।
ହାତ ଯୋଡି ପୁଣି ନେହୁରା ହୋଇଲା
ଡରରେ ଗଲାସେ ଥରି
ଚଗଲାର ଡର ଦେଖିକ ମର୍କଟ
ଶୁଣିଲା ତାର ଗୁହାରୀ ।
ଛାଡି ଗ୍ଲିଗଲା ମାଙ୍କଡଟା ଯେବେ
ଚଗଲା ପାରିଲା ବୁଝି
ଦୁଷ୍ଟ ହେବ ନାହିଁ ମନେ ସ୍ଥିର କରି
ବାପାଙ୍କୁ କରିଲା ରାଜି ।
ସେହି ଦିନ ଠାରୁ ପାଠ ପଢିଗଲା
ପଢିଲାସେ ମନ ଦେଇ
ସଭିଙ୍କର ଭଲ ପାଇବା ମିଳଲା
ଖୁସିରେ ନାଚଲା ସେହି ।
ଚଗଲାମୀ କଲେ ଭଲ ପାଇବେନ
ଏହି ଦୁନଆଁରେ କେହି
ସୁନା ପିଲା ହୋଇ ରହିଥିଲେ ପରା
ସ୍ନେହ ଆଦର ମିଳଇ ।



ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର

# ରଥଯାତ୍ରା କୁ ଯିବି



ପ୍ରେମଶିଲା ରାଉତ

ରଥଯାତ୍ରା କୁ ଦେଖିବା ପାଇଁ ହେ
ମନ ବୋଲୁଉଛି ଆଜି
ତୁମ ଦୟା ଥରେ ହେଇଗଲେ ପ୍ରଭୁ
ଯିବାକୁ ହେବି ମୁଁ ରାଜି
ଦେଖିନ କେବେ ମୁଁ ତୁମରି ଶ୍ରୀମୁଖ
ଆତୁର ହେଉଛି ମନ
ରଥଯାତ୍ରା କୁ ଗଲେ ଦେଖିବି ନିଶ୍ଚୟ
ତୁମ କଳା ଶ୍ରୀମୁଖ ବଦନ
ଅନ୍ତରେ ଅନ୍ତରେ ଖୋଜୁଛି ତୁମକୁ
ପାଉନାହିଁ ଚଉପାଶେ
ଜଗତ ର ନାଥ ଆହେ ଜଗନ୍ନାଥ
ତୁମ ପାଇଁ ମନ ହସେ
ନୀଳାଚଳେ ତୁମେ ବିଜେ କରିଥାଅ
ଆହେ ପ୍ରଭୁ ଚକା ଆଖି
ଡାକଥାଏ ମୁଁହିଁ ପ୍ରଭାତେ ସଂଧ୍ୟା ରେ
ତୁମ ପାଦେ ମନ ଲାଖି
ଭାବବିନୋଦିଆ ଭାବ ବୁଝିଥାଅ
ସମସ୍ତ ଙ୍କ ହବେ ଥାଇ

ଛୁଇଁବି ତୁମ ନନ୍ଦିଘୋଷ ଦଉଡି କୁ
ଯଦି ଥିବ ତୁମ ଭାବ
ତୁମ କରୁଣା ରେ ଯିବି ସତେ ବାରେ
ଦେଖିବି ଚକାନୟନ
ବଡ ଦେଉଳ କୁ ପାଦ ଦେଲେ ପ୍ରଭୁ
ସାନନ୍ଧ ରେ ହେବି ଲିନ
ରଥଯାତ୍ରା ର ଭକତ ଙ୍କ ମେଳ ରେ
ତୁମେ ବସିଥିବ ନନ୍ଦିଘୋଷେ
ଟାଣୁଥିବେ ରଥ କୋଟି କୋଟି ଭକ୍ତ
ଆକାଶ ରୁ ବର୍ଷା ଖସେ
ରଥ ଦଉଡି କୁ ଛୁଇଁଦେଲେ ଧୋଇଯାଏ
ଜନ୍ମ ଜନ୍ମ ର ପାପ
ତୁମ ନାମ ତୁଣ୍ଡେ ଗାଇ ଦେଲେ ପ୍ରଭୁ
ମେଣ୍ଟି ଯାଏ ଅଭିଶାପ
ଖାଇନାହିଁ କେବେ ତୁମରି ଅଭଡ଼ା
ଜାଣିଛି ଏତିକ ଖାଲି
ତୁମ ମହା ପ୍ରସାଦ ଖାଇଦେଲେ ଥରେ
ଷୋକ, ରୋଗ ଯାଏ ଚାଲି
ରଥଯାତ୍ରା କୁ ଯିବି ପ୍ରଭୁ ଥରେ
ତୁମ ଦରଶନ ଆଶେ
ଅନୁମତି ତୁମ ହେବ ଯଦି ପ୍ରଭୁ
ଉପସ୍ଥିତ ହେବି ପାଶେ

ଗ୍ରାମ- ବୃନ୍ଦାବାହାଲ, ଜିଲ୍ଲା - କଳାହାଣ୍ଡି

# ଶିଖରେ ପିଲେ ଶିଖ



ରାଜେଶ ପୂଜାରୀ

ସଞ୍ଚୟ କରିବା ଶିଖିବରେ ପିଲେ
ଟିକ ପିପିଳକା ପାଶୁ,
ବର୍ଷା ଦିନ ପାଇଁ ସଞ୍ଚିଥାଏ ଖାଦ୍ୟ
ତପତ ନିଦାଘ ମାସୁ ।

ଟିକ ଚଢ଼େଇ ଠୁ ଶିଖିବରେ ପିଲେ
କପରି ଗଢ଼ନ୍ତି ଘର,
ଯେତେ ଭାଙ୍ଗୁଥାଏ ସେତେ ଗଢୁଥାଏ
ଜମାରୁ ନମାନେ ହାର ।

ମହୁମାଛି ଠାରୁ ଶିଖିବରେ ପିଲେ
ନିରଳସ ହେବା ଗୁଣ,
ଯେତେ ରଖିଥିଲେ ଫେଣାରେ ମହୁ ସେ
ସଂଗ୍ରହ କରି ପୁଣ ।

କୁକୁର ପାଖରୁ ଶୋଇବା ଶିଖିବ
କୁଆ ପାଖରୁ ତ ସ୍ନାନ,
ଟିକ ଜିଆ ଠାରୁ କର୍ମ ଆଚରଣ
ବଗ ପାଖରୁ ଯେ ଧ୍ୟାନ।

ଯାହା ପାଖୁ ଯାହା ସୁକର୍ମ ମିଳଇ
ଶିଖରେ ପିଲେ ଶିଖ,
ସେହି ଶିକ୍ଷା ଟିଂକୁ କରିଥିଲେ ଦୀକ୍ଷା
ପାଇବନ ଜମା ଦୁଃଖ।

କୁଶମେଲ, ଝାରସୁଗୁଡ଼ା



# କୁହୁ କୁହୁ କୋଇଲି



ରାଜଶେଖର ସି "ଚମା"

କୋଇଲି ଲୋ କୋଇଲି !
କୁହୁ କୁହୁ କୋଇଲି !

କୋଇଲି ତୁ ଆସିଲୁ,
ବସନ୍ତରେ ବୁଲିଲୁ
ଆମ୍ବ ଗଛ ଡାଳେ ବସିଲୁ,
କାଉ ପରି ଦିଶିଲୁ ।

କୁହୁ କୁହୁ ଗାଇଲୁ,
ଗାଇବା କେମିତି ଶିଖିଲୁ,
ମିଠା ସ୍ବର ଶୁଣେଇଲୁ,
ଆମ୍ଭେ ମଧୁନାଦ ଶୁଣିଲୁ ।

ତୋ ଅପେକ୍ଷାରେ ରହିଲୁ,
କର୍ଣ୍ଣରେ ମଧୁରସ ଭରିଲୁ,
ସକାଳ ସଞ୍ଜ ତୋ କଥା ଭାବିଲୁ,
ତୁ ଅଦ୍ଭୁତ ଜନ୍ମ ପାଇଲୁ ।

ଗାୟିକାଙ୍କୁ ତୋ ତୁଳନା ଦେଲୁ,
ତାଙ୍କୁ ଗାନ- କୋକିଳାର ଉପାଧି ଦେଲୁ,
ପୁଣି ଆମ୍ବ ଗଛରେ ଲୁଚଲୁ,
ତା ପରେ ଚୁପକିନା ଉଡ଼ିଗଲୁ ।

କୋଇଲି ଲୋ କୋଇଲି!
କୁହୁକୁହୁ କୋଇଲି!
ପୁଣି ଆସେ କାଲି !!

chvrajasekhar@gmail.com

# ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/ ୦୮/ ୨୦୧୮ | ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଖୁଦୁରୁକୁଣୀ ଓଷା ଆରମ୍ଭ |
| ୦୩/ ୦୮/ ୨୦୧୮ | ବୈଷ୍ଣବ ମତେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ |
| ୦୫/ ୦୮/ ୨୦୧୮ | ଗୁରୁ ଦିବସ |
| ୦୮/ ୦୮/ ୨୦୧୮ | ଶିବଚତୁର୍ଦ୍ଦଶୀ ଉପବାସ |
| ୦୯/ ୦୮/ ୨୦୧୮ | ସପ୍ତପୁରୀ ଅମାବାସ୍ୟା, ଚନ୍ଦ୍ରକ୍ଷୟ |
| ୧୧/ ୦୮/ ୨୦୧୮ | ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ |
| ୧୨/ ୦୮/ ୨୦୧୮ | ବାଲିତୃତୀୟା |
| ୧୩/ ୦୮/ ୨୦୧୮ | ଶ୍ରୀ ଗଣେଷ ପର୍ବ ଓ ଋଷି ପଞ୍ଚମୀ |
| ୧୫/ ୦୮/ ୨୦୧୮ | ଷଷ୍ଠୀ ଓଷା, ସୋମନାଥ ବ୍ରତାରମ୍ଭ, ଲଳତା ସପ୍ତମୀ ଓ କୁକକୁଟୀ ବ୍ରତ |
| ୧୬/ ୦୮/ ୨୦୧୮ | ଶ୍ରୀ ଦୁର୍ଗା ଶୟନୋତ୍ସବ ଓ ମାସାନ୍ତ |
| ୧୭/ ୦୮/ ୨୦୧୮ | କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା ରାଧାଷ୍ଟମୀ |
| ୧୮/ ୦୮/ ୨୦୧୮ | ତାଳ ନବମୀ ଓ ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ |
| ୨୦/ ୦୮/ ୨୦୧୮ | ପାର୍ଶ୍ୱ ପରିବର୍ତ୍ତନ, ଏକାଦଶୀ |
| ୨୧/ ୦୮/ ୨୦୧୮ | ମହରମ, ବାମନ ଜନ୍ମ, ସୁନିଆଁ |
| ୨୩/ ୦୮/ ୨୦୧୮ | ଅନନ୍ତ ବ୍ରତ, ଶିବ ଚତୁର୍ଦ୍ଦଶୀ ଉପବାସ |
| ୨୫/ ୦୮/ ୨୦୧୮ | ଚନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭଗବତ ଜନ୍ମ |
| ୨୯/ ୦୮/ ୨୦୧୮ | ଅଶ୍ୱ ପଞ୍ଚମୀ |
| ୩୦/ ୦୮/ ୨୦୧୮ | ଗଜଷଷ୍ଠୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com



ଆମ୍ବ ର ରୁଚ ନାନା ପ୍ରକାର,
ତାଙ୍କର ପୁଣି କେତେ ଯେ ଆକାର,
ଆମ୍ବ ଫଳଙ୍କ ମହାର୍‌ଜା ବୋଲି କର ସ୍ୱୀକାର,
ଆମ୍ବ ଯୋଗୁଁ ଗ୍ରୀଷ୍ମ ଋତୁ ର ବଢିଛି ଅହଂକାର
( ବିଜେତା: ର୍‌ଜଶେଖର ( ଚମା)

ଏବେ ଆସିଛି ବର୍ଷା, ନକର ଆଉ ଈର୍ଷା
ସେବେ ଥିଲ୍ ଖଟା, ଏବେ ଭ୍‌ରି ମିଠା
ଖାଅ ମନ ଭରି, ଆମ୍ବ ଏବେ ଶସ୍ତା
( ପ୍ରକାଶ ସାହୁ, ବିଶାଖାପାଟଣା)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲ୍ – **vedantimagazine@gmail.com**

## ଆପଣଙ୍କ ମତାମତ

ବେଦାନ୍ତୀର ସମ୍ପାଦକ ମଣ୍ଡଳୀଙ୍କୁ ଅଭିନନ୍ଦନ ଜଣାଉଛି । ପ୍ରତି ଥର ଭଳ ଏହି ସଂଖ୍ୟାରେ ବହୁ ଉପାଦେୟ, ଶିକ୍ଷଣୀୟ ଲେଖା ସ୍ଥାନ ପାଇଛି । ସମ୍ପାଦକୀୟ ପୃଷ୍ଠାରେ ଜଗନ୍ନାଥଙ୍କ ରଥଯାତ୍ରା ସମ୍ପର୍କିତ ଧାର୍ମିକ ତଥ୍ୟ ଗୁଡିକ ଧର୍ମବିଶ୍ୱାସୀ ବିଶେଷ କରି ଜଗନ୍ନାଥ ଭକ୍ତମାନଙ୍କ ମନକୁ ସୁହାଇଲା ଭଳ ହୋଇଛି । ଯଦିଓ ଏହି ସବୁ ତଥ୍ୟ ବହୁ ବିଦ୍ୱାନଙ୍କ ଦ୍ୱାରା ବାରମ୍ବାର ପୁନରାବୃତ୍ତି ହୋଇ ଆସୁଛି । ତଥାପି ଆଜିର ସମୟରେ ମନ୍ଦିର ଭିତରେ ଯେତେ ସବୁ ବିଭ୍ରାଟ ଘଟୁଛି ତାହା ଭକ୍ତ ମାନଙ୍କ ମନକୁ ଆହତ କରୁଛି । ଦୂର ଦୂରାନ୍ତରୁ ଠାକୁର ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ କ୍ଷୋଭ ପ୍ରକାଶ କରୁଛନ୍ତି । ଦେଶ ଓ ବିଦେଶରେ ଜଗନ୍ନାଥ ସଂସ୍କୃତି ବଦନାମ ହେଉଛି । ତେଣୁ ସେଥିରେ ସୁଧାର ଆଣିବା ପାଇଁ ସକାରାତ୍ମକ ଉପାୟ ଚନ୍ତା କରିବା ପ୍ରତ୍ୟେକ ସଚେତନ ନାଗରିକଙ୍କ କର୍ତ୍ତବ୍ୟ ହେବା ଉଚତ । ବିଶେଷ କରି ପ୍ରତ୍ୟେକ ଗଣମାଧ୍ୟମ ଏହି ସମସ୍ୟାର ସମାଧାନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ । ତର୍କ ବିତର୍କ ହେଉ । ଆଲୋଚନା ଓ ସମାଲୋଚନା ହେଲେ ହିଁ ଏକ ସ୍ଥାୟୀ ସମାଧାନ ହୋଇପାରିବ ।

ବାଲ୍ମିକୀ ନାୟକ
କେ.ଆର. ପୂରମ, ବାଙ୍ଗାଲୋର

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ- ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** ।ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**